

**ବାଣ କାରଖାନାରେ ବିସ୍ଫୋରଣ, ୨୩ ମୃତ** | ପୃଷ୍ଠା ୬

# ସଂଚାର
THE SANCHAR


Website: sanchar.live   mail Id: sancharodisha@gmail.com
RNI NO :ODIODI/2001/04811   Postal Regd No : BN/249/15-17



## ସହସମ୍ପାଦକ ଆବଶ୍ୟକ

ଦୈନିକ 'ସଂଚାର'' ପାଇଁ ସହ-ସମ୍ପାଦକ ଆବଶ୍ୟକ। ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତି କମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବା। ଏଥିସହ ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ। ଓଡ଼ିଆ ଟାଇପିଂ ସହ କମ୍ପ୍ୟୁଟରରେ ତାଙ୍କର ଦକ୍ଷତା ଥିବା ଅନିର୍ବାର୍ଯ୍ୟ। ଆଗ୍ରହୀ ପ୍ରାର୍ଥୀମାନେ ଆସନ୍ତା ୭ ଦିନ ମଧ୍ୟରେ ନିମ୍ନ ଠିକଣାରେ ଆବେଦନ କରିପାରିବେ।



ଯୋଗାଯୋଗ
Mail :- sancharodisha@gmail.com
Whatsapp :- +91 8093008776



Vol. 33 | ISSUE 337 ଭାଗ ୩୩ | ସଂଖ୍ୟା ୩୩୭ | Sunday 1 March 2026 | Page 8 Rs. 5.00 | ଭୁବନେଶ୍ୱର ରବିବାର ୧ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଏଚ୍‌ପିଭି ଟୀକାକରଣ ଅଭିଯାନ ଆରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ମାଗଣା ଟୀକାରେ ସର୍ଭିକାଲ୍ କ୍ୟାନ୍ସରରୁ ମିଳିବ ସୁରକ୍ଷା

- ଦେୟମୁକ୍ତ ଟୀକା ନେଇ ଉପକୃତ ହେବେ ୩.୩୬ ଲକ୍ଷ କିଶୋରୀ
- ୨୮ ନୂଆ ୧୦୮ ଆମ୍ବୁଲାନ୍ସ ମଧ୍ୟ ଲୋକାର୍ପିତ
- ସ୍ୱାସ୍ଥ୍ୟ ଓ ଭବିଷ୍ୟତ ସୁରକ୍ଷା ଦିଗରେ ଯୁଗାନ୍ତକାରୀ ପଦକ୍ଷେପ



**ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ):** ଆଜି ରାଜସ୍ଥାନର ଆଜମେରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବ୍ୟାପୀ ହ୍ୟୁମାନ ପାପିଲୋମା ଭାଇରସ୍ (ଏଚ୍‌ପିଭି) ସଂକ୍ରମଣର ନିରାକରଣ ପାଇଁ ଟୀକାକରଣ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି କ୍ରମରେ ସ୍ଥାନୀୟ କୃଷି ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ରାଜ୍ୟସ୍ତରୀୟ ଉତ୍ସବରେ ଏଚ୍‌ପିଭି ନିରାକରଣ ପାଇଁ ରାଜ୍ୟବ୍ୟାପୀ ଟୀକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରି କହିଛନ୍ତି ଯେ ଏହି ଟୀକାକରଣ ଅଭିଯାନ ଏକ ସାଧାରଣ କାର୍ଯ୍ୟକ୍ରମ ନୁହେଁ, ମହିଳାମାନଙ୍କୁ ସୁସ୍ଥ ଓ ସଶକ୍ତ କରିବା ଦିଗରେ ଏକ ବଳିଷ୍ଠ ପଦକ୍ଷେପ।

ପ୍ରଧାନମନ୍ତ୍ରୀଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଅଭିଯାନରେ ଓଡ଼ିଶାର ୧୪ରୁ ୧୫ ବର୍ଷ ବୟସ୍କା ପ୍ରାୟ ୩.୩୬ ଲକ୍ଷ କିଶୋରୀଙ୍କୁ ଏହି ଟୀକାର ଫାଇଦା ମିଳିବ। ଏହି ଟୀକାକରଣ ପାଇଁ ୩ ମାସ ସମୟ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହି ଟୀକା ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦିଆଯିବ। ଦ୍ୱିତୀୟ ମାସରେ ଏହାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବ। ଏହି ଟୀକା ସମ୍ପୂର୍ଣ୍ଣ ଦେୟମୁକ୍ତ। ଦେଶରେ ରୋଗ ନିବାରଣ ଓ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ ଓ ବ୍ୟାପକ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ନିରନ୍ତର ଚେଷ୍ଟା ଜାରି ରଖିଛନ୍ତି। ଏଚ୍‌ପିଭି ପାଇଁ ଏହି ଟୀକା ଆମ କନ୍ୟାମାନଙ୍କର ସ୍ୱାସ୍ଥ୍ୟ ଓ ଭବିଷ୍ୟତ ସୁରକ୍ଷା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆଜି ଦେଶର ବିଭିନ୍ନ କ୍ଷେତ୍ର ସହ ସ୍ୱାସ୍ଥ୍ୟ କ୍ଷେତ୍ରର ଉନ୍ନତି ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ପ୍ରଧାନମନ୍ତ୍ରୀ ଦେଶର ୧୪୦ କୋଟି ଲୋକଙ୍କ ପାଇଁ ଏକ ପୃଷ୍ଠା-୬



# ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ ଘନଘଟା

- ଦକ୍ଷିଣ ଇରାନ ଉପରେ ଇସ୍ରାଏଲର ବଡ଼ ଆକ୍ରମଣ
- ପ୍ରତିଜବାବରେ ଇରାନ୍ ମିସାଇଲ ମାଡ଼ରେ ୮୫ ଛାତ୍ରୀ ମୃତ
- ଜୀବନ ହରାଇଲେ ଇରାନ୍ ପ୍ରତିରକ୍ଷା ମନ୍ତ୍ରୀ
- ୟୁଏନ୍‌ଏସ୍‌ସିର ଜରୁରୀକାଳୀନ ବୈଠକ ଆହୂତ
- ମଧ୍ୟପ୍ରାଚ୍ୟକୁ ଏୟାର୍ ଇଣ୍ଡିଆର ସମସ୍ତ ଉଡ଼ାଣ ସ୍ଥଗିତ

**ନୂଆଦିଲ୍ଲୀ,୨୮।୨:** ଦୀର୍ଘଦିନ ଧରି ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ଚାଲିଥିବା ଉତ୍ତେଜନା ଆଜି ସମ୍ମୁଖ ଯୁଦ୍ଧର ରୂପ ନେଇଛି। ଉଭୟ ଦେଶ ପରସ୍ପର ଉପରେ ଆକ୍ରମଣ ପ୍ରତିଆକ୍ରମଣ କରିବା ଫଳରେ ଅନେକ ନିରୀହ ଲୋକଙ୍କ ଜୀବନ ଯାଇଛି। ଗୋଟିଏ ପଟେ ଦକ୍ଷିଣ ଇରାନ୍ ଉପରେ ଇସ୍ରାଏଲ୍ ବଡ଼ ଧରଣର ଆକ୍ରମଣ କରିଥିବା ବେଳେ ଏହାର ଜବାବ ଦେବାକୁ ଇରାନ୍ ଇସ୍ରାଏଲ୍‌ର ଏକ ବାଳିକା ବିଦ୍ୟାଳୟକୁ ଟାର୍ଗେଟ୍ କରିଥିଲା। କ୍ଷେପଣାସ୍ତ୍ର ମାଡ଼ରେ ଉକ୍ତ ସ୍କୁଲ୍‌ର ୮୫ ଜଣ ଛାତ୍ରୀ ନିହତ ହୋଇଥିବା ବେଳେ ୬୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଇରାନ୍ ପକ୍ଷରୁ ଦାବି କରାଯାଇଛି। ଏହି କ୍ଷେପଣାସ୍ତ୍ରଟି ନିକଟସ୍ଥ ପୃଷ୍ଠା-୬

# ମିଷ୍ଟର ଅନପ୍ରେଡିକ୍ଟେବ୍‌ଲଙ୍କ ଅପ୍ରତ୍ୟାଶିତ ଗୁଗ୍‌ଲି



**ରାଜ୍ୟସଭା ପାଇଁ ବିଜେଡି ଘୋଷଣା କଲା ଦୁଇ ପ୍ରାର୍ଥୀ**

**ତିନି ନମ୍ବର ପ୍ରାର୍ଥୀ ହେଲେ ଡ. ସନ୍ତୃପ୍ତ ମିଶ୍ର**

**ଡାକ୍ତର ଦତ୍ତେଶ୍ୱର ହୋତା ବିଜେଡିରୁ କମନ ପ୍ରାର୍ଥୀ**

**ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ):** ବିଜେଡି ସଭାପତି ନବୀନ ପଟ୍ଟନାୟକ ସବୁ ରାଜନୈତିକ ପଣ୍ଡିତଙ୍କ ଗଣିତକୁ ଭୁଲ କରି ପୁଣି ଥରେ ଖେଳିଛନ୍ତି ମାଷ୍ଟରଷ୍ଟ୍ରୋକ। ଅବଶ୍ୟକ ସଂଖ୍ୟା ନ ଥାଇ ମଧ ରାଜ୍ୟସଭା ନିର୍ବାଚନ ଲାଗି ଦୁଇ ଜଣ ପ୍ରାର୍ଥୀ ଦେଲା ବିଜେଡି। ଡ. ସଂତୃପ୍ତ ମିଶ୍ର ଓ ଡାକ୍ତର ଦତ୍ତେଶ୍ୱର ହୋତା ହେଲେ ବିଜେଡି ରାଜ୍ୟସଭା ପ୍ରାର୍ଥୀ। ଏନେଇ ଆଜି ଘୋଷଣା କରିଛନ୍ତି ବିଜେଡି ସୁପ୍ରିମୋ।

ଏହି ଘୋଷଣା ନବୀନ ନିବାସରେ ବିଜେଡିର ରାଜନୈତିକ ବ୍ୟାପାର କମିଟି ବୈଠକ ଓ ବିଧାୟକମାନଙ୍କ ଆଲୋଚନା ପରେ ହୋଇଛି। ରାଜ୍ୟରେ ୪ଟି ରାଜ୍ୟସଭା ଆସନ ଖାଲି ହେଉଛି, ଯେଉଁଥିପାଇଁ ଆସନ୍ତା ୧୬ରେ ନିର୍ବାଚନ ହେବ। ୪ଟି ଆସନ ମଧ୍ୟରୁ ଡ. ସଂତୃପ୍ତ ପୃଷ୍ଠା-୬

## ଅଡୁଆରେ ବିଜେପି ❯ ବୁମେରାଂ ହେଲା ନେତାଙ୍କ ବାହାସ୍ଫୋଟ

- ଚକ୍‌ମା ଦେଲା କଂଗ୍ରେସ
- ବିଜେପିର ତୃତୀୟ ପ୍ରାର୍ଥୀଙ୍କୁ ନେଇ ପ୍ରଶ୍ନବାଚୀ

**ଭୁବନେଶ୍ୱର,୨୮।୨ (ସଂଚାର ବ୍ୟୁରୋ):** ବିଜେଡି ଆଜି ତା'ର ଦ୍ୱିତୀୟ ପ୍ରାର୍ଥୀ (କମନ୍ କ୍ୟାଣ୍ଡିଡେଟ୍) ଭାବେ ଖ୍ୟାତନାମା ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ନାମ ଘୋଷଣା କରିବା ପରେ ବିଜେପି ନେତୃତ୍ୱ ଅଡୁଆରେ ପଡିଯାଇଛି। ବିଶେଷକରି ସ୍ୱତନ୍ତ୍ର ରଣନୀତି ଜରିଆରେ ବିଜେପି ନିଶ୍ଚିତ ତିନି ଜଣ ପ୍ରାର୍ଥୀଙ୍କୁ ରାଜ୍ୟସଭା ପଠାଇବ ବୋଲି ଯେଉଁମାନେ ବାହାସ୍ଫୋଟ ମାରୁଥିଲେ, ସେମାନଙ୍କୁ ଏବେ ଦଳୀୟ କର୍ମୀମାନେ ପ୍ରଶ୍ନ କରିବା ଆରମ୍ଭ କରିଦେଇଛନ୍ତି।

ରାଜ୍ୟସଭାର ୪ଟି ଆସନ ପାଇଁ ନିର୍ବାଚନ ହେବାକୁ ଯାଉଥିବା ବେଳେ ବିଜେପି ନିଶ୍ଚିତ ଭାବେ ୩ ଜଣ ପ୍ରାର୍ଥୀଙ୍କୁ ଜିତାଇବ ବୋଲି ଦଳର ରାଜ୍ୟ ପ୍ରଭାରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ନେତା ଗଣମାଧ୍ୟମକୁ କହିଆସୁଥିଲେ। ଯଦିଓ ୨ ଜଣ ପ୍ରାର୍ଥୀଙ୍କୁ ଜିତାଇବାକୁ ଦଳ ନିକଟରେ ବଳ ରହିଛି, ହେଲେ ରାଜନୈତିକ ଗୋଟି ଚଳାଇ ତୃତୀୟ ଆସନ ନେବାକୁ କହି ପୃଷ୍ଠା-୬

### ଅନୁଗୁଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ସଂଘର ସୁବର୍ଣ୍ଣ ଜୟନ୍ତୀରେ ଧର୍ମେନ୍ଦ୍ର

# ଯୁବପିଢ଼ିକୁ 'ୱେଲଥ୍ କ୍ରିଏଟର' ଭାବେ ଗଢ଼ିବା ଲକ୍ଷ୍ୟ

**ଅନୁଗୁଳ,୨୮।୨(ସଂଚାର ବ୍ୟୁରୋ):** ଅନୁଗୁଳର ଶିଳ୍ପ ସମୃଦ୍ଧିକୁ ଏକ ନୂତନ ଶିଖରରେ ପହଞ୍ଚାଇବା ସହ ଜିଲ୍ଲାରେ ଏକ ଅତ୍ୟାଧୁନିକ ବ୍ୟାବସାୟିକ ବାତାବରଣ ପ୍ରସ୍ତୁତ କରିବା ଓ ଯୁବପିଢ଼ିଙ୍କୁ 'ୱେଲଥ୍ କ୍ରିଏଟର' ଭାବେ ତିଆରି କରିବା ଆମର ମୂଳ ଲକ୍ଷ୍ୟ ହେବା ଦରକାର ବୋଲି ଶନିବାର ଅନୁଗୁଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ସଂଘ (ଏଡିସିସିଆଇ)ର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଏହି ଅବସରରେ ସେ ନିଜ ପିତାଙ୍କ ସ୍ମୃତିରେ 'ଡାକ୍ତର ଦେବେନ୍ଦ୍ର ପ୍ରଧାନ ବାଣିଜ୍ୟ ଭବନ'ର ଭୂମିପୂଜନ କରିବା ସହ ଏହା ଜିଲ୍ଲାର ବ୍ୟାବସାୟିକ କାରବାରକୁ ନୂତନ ଗତି ପ୍ରଦାନ କରିବ ବୋଲି ଆଶା କରିଛନ୍ତି। ସେ କହିଛନ୍ତି



**'ଡାକ୍ତର ଦେବେନ୍ଦ୍ର ପ୍ରଧାନ ବାଣିଜ୍ୟ ଭବନ'ର ଭୂମିପୂଜନ**

ଯେ ଅନୁଗୁଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ସଂଘର ୫୦ ବର୍ଷର ସଫଳ ଯାତ୍ରା ସମଗ୍ର ଜିଲ୍ଲାର ଅର୍ଥନୈତିକ ପ୍ରଗତିର ଏକ ଜ୍ୱଳନ୍ତ ପ୍ରତିଛବି। ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଅନୁଗୁଳ ଆଜି ଓଡ଼ିଶା ସମେତ ସମଗ୍ର ଦେଶର ଶିଳ୍ପ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଅନୁଗୋଳ ହେଉଛି ଏକ 'ଲଘୁ ଭାରତ'। ଏଠାରେ ଖଣି, ଖାଦାନ, କଳକାରଖାନା ସହ ବଡ଼ ବଡ଼ ବଜାର ମଧ ରହିଛି। କୋଇଲା, ଲୁହା, ଆଲୁମିନିୟମ ଓ କେମିକାଲ୍ ଶିଳ୍ପ କ୍ଷେତ୍ରରେ ଏହି ଜିଲ୍ଲା ଓଡ଼ିଶା ତଥା ଭାରତକୁ ସର୍ବାଧିକ ରାଜସ୍ୱ ପ୍ରଦାନ କରୁଛି। ବିଶେଷକରି ବିଦ୍ୟୁତ୍ ଉତ୍ପାଦନରେ ଅନୁଗୋଳ ଦେଶର ଅଗ୍ରଣୀ ଭୂମିକା ଗ୍ରହଣ କରିଛି, ଯାହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏଠାରେ ଶିଳ୍ପ ସହ କୃଷି ଓ ପର୍ଯ୍ୟଟନର ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ ଜିଲ୍ଲାର ବିକାଶ ପୃଷ୍ଠା-୬

### ଯାବତୀୟ ସଚେତନତା ସତ୍ତ୍ୱେ ବଦଳୁନି ମାନସିକତା

# ଗୁଣିଗାରେଡ଼ି ସନ୍ଦେହରେ ବୀଭତ୍ସ ହତ୍ୟା



## ଥାନାରେ ହତ୍ୟାକାରୀର ଆତ୍ମସମର୍ପଣ

**ରାଇରଙ୍ଗପୁର,୨୮।୨ (ସଂଚାର ବ୍ୟୁରୋ):** ରାଜ୍ୟରେ ବିଭିନ୍ନ ସମୟରେ ଅନଗ୍ରସର ଜିଲ୍ଲାଗୁଡ଼ିକରେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଲୋକେ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟାକାଣ୍ଡ ଭିଆଇବାର ଅନେକ ନଜିର ରହିଛି। ଲୋକଙ୍କ ମନରୁ ଏପରି ଭ୍ରାନ୍ତ ଧାରଣା ଦୂର କରିବା ସକାଶେ ସରକାରୀ ଓ ବେସରକାରୀ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ବି ହାତକୁ ନିଆଯାଉଛି। କିନ୍ତୁ ସମ୍ଭବତଃ ଏହା ଆଦିବାସୀ ଓ ଜନଜାତି ବର୍ଗର ଲୋକଙ୍କୁ ଆଦୌ ସଚେତନ କରିପାରିବା ଭଳି ଲାଗୁନାହିଁ। କାରଣ ଆଜି ରାଜ୍ୟର ଅନ୍ୟତମ ଆଦିବାସୀବହୁଳ ଜିଲ୍ଲା ମୟୂରଭଞ୍ଜରେ ଘଟିଛି ଏକ ବୀଭତ୍ସ ହତ୍ୟାକାଣ୍ଡ। ଗୁଣିଗାରେଡ଼ି ସନ୍ଦେହରେ ଜନୈକା ବୃଦ୍ଧାଙ୍କୁ ତାଙ୍କ ଘରେ ପଶି ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ପରେ ହତ୍ୟାକାରୀ ଜଣଙ୍କ ସ୍ଥାନୀୟ ଥାନାରେ ବି ଆତ୍ମସମର୍ପଣ କରିଛି।

ମିଳିଥିବା ସୂଚନାନୁସାରେ, ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା କୁମ୍ଭୀରଦା ଗାଁରେ ଜବା ଟୁଡୁ ନାମ୍ନୀ ଜନୈକା ଅବିବାହିତା ବୃଦ୍ଧା ରହୁଥିଲେ। ତେବେ ସେ ଘରେ ଏକୁଟିଆ ରହୁଥିବାରୁ ଏହାର ସୁଯୋଗ ନେଇ ଉକ୍ତ ଗ୍ରାମର ଜୁଗୁ ମାଣ୍ଡି ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଥିଲା। ପରେ ସେ ଉକ୍ତ ଅସ୍ତ୍ରକୁ ଧରି ଥାନାରେ ଆତ୍ମସମର୍ପଣ କରିଛି। ପୃଷ୍ଠା-୬

### ଗିନିସ୍ ବୁକରେ ସ୍ଥାନ ପାଇଲା ଏଆଇ ସଂକଳ୍ପ

# ଦାୟିତ୍ୱବାନ ଏଆଇ ଲାଗି ସଂକଳ୍ପ ନେଲେ ଅଢ଼େଇ ଲକ୍ଷ ଲୋକ



**ନୂଆଦିଲ୍ଲୀ,୨୮।୨(ସଂଚାର ବ୍ୟୁରୋ):** ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ୨୦୨୬ ଏକ ବଡ଼ ସଫଳତା ହାସଲ କରିଛି। ଦାୟିତ୍ୱବାନ ଏଆଇ ଅଭିଯାନ ପାଇଁ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ସଂକଳ୍ପ ସହ ଭାରତ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇଛି। ଗତ ୧୬ରୁ ୧୭ ମଧ୍ୟରେ ମୋଟ ୨,୫୦,୯୪୬ ବୈଧ ସଂକଳ୍ପ ରେକର୍ଡ କରାଯାଇଥିଲା, ଯାହା ପ୍ରାରମ୍ଭିକ ଲକ୍ଷ୍ୟ ୫ ହଜାରଠାରୁ ବହୁତ ଅଧିକ। ଏହା କେବଳ ଏକ ବିଶ୍ୱ ରେକର୍ଡ ନଥିଲା, ବରଂ ଏକ ଯୁବ ରାଷ୍ଟ୍ରର ସଂକଳ୍ପର ସ୍ପଷ୍ଟ ଘୋଷଣା ଥିଲା ଯାହା ଏକ ନୈତିକତା ସହ କୃତ୍ରିମ ବୁଦ୍ଧିମତ୍ତା ଗଠନ କରିବାକୁ ନିଷ୍ପତ୍ତି ନେଇଛି।

ଫେବୃଆରୀ ୧୬ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ସମ୍ମିଳନୀ ଭାରତ ଓ ବିଦେଶର ଛାତ୍ର, ଶିକ୍ଷକ, ଉଦ୍ଭାବକ ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ଆକର୍ଷିତ କରି ଚାଲିଛି। ଇଣ୍ଡିଆ ଏଆଇ ମିଶନ ଅଧୀନରେ ପୃଷ୍ଠା-୬

# ବିଭିନ୍ନ ସ୍ଥାନର ଅପଭ୍ରଂଶ ଇଂରାଜୀ ନାମ ବଦଳିବ

- ପ୍ରସ୍ତାବ ପାଇଁ ଜିଲ୍ଲାପାଳଙ୍କୁ ରାଜସ୍ୱ ସଚିବଙ୍କ ଚିଠି
- ବ୍ରିଟିଶ୍ ଅମଳରୁ ପ୍ରଚଳିତ ବନାନର ସଂଶୋଧନ ହେବ



**ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ):** ଓଡ଼ିଶାର ଯେଉଁ ସ୍ଥାନଗୁଡ଼ିକର ସରକାରୀ ଭାବେ ବ୍ୟବହୃତ ଇଂରାଜୀରେ ବନାନଗତ ଅଶୁଦ୍ଧି ରହିଛି ଅର୍ଥାତ୍ ଏହା ଓଡ଼ିଆ ଭାଷାର ଅପଭ୍ରଂଶ କରୁଛି, ସେସବୁ ସ୍ଥାନର ନାମ ବଦଳିବ। ଏ ସଂକ୍ରାନ୍ତରେ ପ୍ରସ୍ତାବ ଦେବ ସକାଶେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ବିଭିନ୍ନ ଜିଲ୍ଲାର ଜିଲ୍ଲାପାମାନଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନ ଯଥା ଜିଲ୍ଲା, ଜିଲ୍ଲା ମୁଖ୍ୟାଳୟ, ଉପଖଣ୍ଡ, ବ୍ଲକ୍ ଓ ତହସିଲ, ଯେଉଁଠି ବର୍ତ୍ତମାନ ସରକାରୀ ବ୍ୟବହାରରେ ଥିବା ଇଂରାଜୀ ନାମଗୁଡ଼ିକ ସେମାନଙ୍କର ପ୍ରାମାଣିକ ଓଡ଼ିଆ ନାମକରଣର ଅପଭ୍ରଂଶ ରୂପ, ସେସବୁ ସ୍ଥାନର ମୂଳ ଓଡ଼ିଆ ନାମଗୁଡ଼ିକୁ ରାଜ୍ୟ ସରକାର ପୁନରୁଦ୍ଧାର କରିବାକୁ ଚାହୁଁଛନ୍ତି। ଏହିପରି ବିକୃତି ରାଜ୍ୟର ପ୍ରକୃତ ଭାଷାଗତ ଓ ସାଂସ୍କୃତିକ ପରିଚୟକୁ ତ୍ରୁଟିପୂର୍ଣ୍ଣ ଭାବେ ପ୍ରତିପାଦନ କରୁଛି, ଯାହାଦ୍ୱାରା ଓଡ଼ିଆ ଅସ୍ମିତାର ସାର ମଧ କ୍ଷୁଣ୍ଣ ହେଉଛି। ଯେପରି 'ଆଳି' ତହସିଲର ସରକାରୀ ଇଂରାଜୀ ନାମ 'ଆଉଲ୍' ଅଛି, ଯାହାକି ବ୍ରିଟିଶ ଶାସନ ସମୟରେ ଉଚ୍ଚାରଣଗତ ସମସ୍ୟା ଯୋଗୁଁ ପ୍ରଚଳିତ ହୋଇଆସିଛି, ଏପରି ବନାନଗତ ଭୁଲ୍ ଶବ୍ଦଗୁଡ଼ିକର ସଂଶୋଧନ କରାଯିବାର ଆବଶ୍ୟକତା ରହିଛଉି ବୋଲି ଡ. ପାଢ଼ୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଏହି ପ୍ରସଙ୍ଗରେ ପୂର୍ବରୁ ସମସ୍ତ ଜିଲ୍ଲାପାଳଙ୍କଠାରୁ ଏକ ବିସ୍ତୃତ ରିପୋର୍ଟ ପୃଷ୍ଠା-୬



## କାନ ଡେରିଥା

କଥାଯେ କହିବ
ତଡ଼ା ସେ ଖାଇବ
ଏହା ନବୀନ ପଲିସି
ଯେଉଁ ନେତା ଏଠି
ଦଳ ଗଢ଼ିଥିଲେ
ସେଇନେତା
ହେଲେ ପେଷି
ବର୍ଷକିଆ ନେତା ଖୁସି...
ତଡ଼ାତଡ଼ି କରି ଦଳ
ଭାଙ୍ଗିଦେବେ
ଯିଏ ପଛେ ଯାଉ ରୁଷି ।

■ ଦେବାଶିଷ

### ନବୀନ ନିବାସରେ ହାଇଡ୍ରାମା

# ସାର୍ ୱାନ୍ ମିନିଟ୍, ଆଇ ୱାଣ୍ଟ୍ ଟୁ ସ୍ପିକ୍...

- ମୁଖିଆଙ୍କ ଉପରେ ଝାଡ଼ିଲେ ପୁଞ୍ଜିଭୂତ ଅସନ୍ତୋଷ
- କାମ କରିଥିବା ନେତାଙ୍କୁ ରାଜ୍ୟସଭା ପଠାଯାଉ
- ଦଳର ୪ ହଜାର କୋଟି କିଏ ହଡ଼ପ କରିଛି?
- ନିଲମ୍ବନ ନୁହେଁ, ଥରକେ ବିଦା ହେଲେ ପ୍ରଭାତ



**ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ):** ବିଜେଡି ରାଜ୍ୟସଭା ପ୍ରାର୍ଥୀ ଚୂଡ଼ାନ୍ତ ପାଇଁ ନବୀନ ନିବାସରେ ବୈଠକ ବସିଥିବା ବେଳେ ଆଜି ସେଠାରେ ହାଇଡ୍ରାମା ଦେଖିବାକୁ ମିଳିଛି। ବୈଠକ ଚାଲିଥିବା ବେଳେ ହଠାତ ବୈଠକ ରୁମକୁ ପଶିଯାଇଥିଲେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ। ସିଧାସଳଖ ନବୀନ ପଟ୍ଟନାୟକଙ୍କୁ କହିଥିଲେ, "ସାର ୱାନ ମିନିଟ୍, ଆଇ ୱାଣ୍ଟ୍ ଟୁ ସ୍ପିକ"। ନବୀନ କହିଲେ, "ଗୋ ଆଣ୍ଡ ୱେଟ୍, ଦିସ ଇଜ୍ ଅଫିସିଆଲ ମିଟିଂ"। ପୁଣି ପ୍ରଭାତ କହିଲେ, "ନୋ ସାର୍ ଆଇ ଆମ ହର୍ଟ, ଏଭଳି କରନ୍ତୁ ନାହିଁ। ଦଳ ପାଇଁ କାମ କରିଥିବା ନେତାଙ୍କୁ ରାଜ୍ୟସଭାକୁ ପଠାନ୍ତୁ। ମୁଁ ଦଳ ପାଇଁ ବହୁତ କିଛି କରିଛି। ମୋ ଘରବାଡ଼ି ବିକି ଦେଇଛି।"

ତାଙ୍କୁ ଏହି ବୈଠକକୁ ଡକାଯାଇ ନ ଥିବା ବେଳେ ସେ ରୁମ ଭିତରେ ପଶି ଗର୍ଜନତର୍ଜନ କରିଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ପ୍ରଭାତ ବିଶ୍ୱାଳ ସିଧାସଳଖ ନବୀନଙ୍କ ନେତୃତ୍ୱକୁ ଆକ୍ରମଣ କରୁଥିବା ବେଳେ ତାଙ୍କୁ କେହି ଜଣେ ହେଲେ ବିଧାୟକ ବିରୋଧ କରିଥିଲେ କି ତାଙ୍କୁ ଅଟକାଇବାକୁ ଚେଷ୍ଟା କରିନଥିଲେ। କେବଳ ନବୀନଙ୍କ ଜଣେ ସୁରକ୍ଷା କର୍ମୀ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ବାହାରେ ଗଣମାଧ୍ୟମର ଭିଡ଼, ତେଣୁ ବାହାରକୁ ନକାରାତ୍ମକ ବାର୍ତ୍ତା ଯିବା ଭୟରେ ଦୁଇ ଜଣ ବିଧାୟକ ତାଙ୍କୁ ଆଣି ଆଉ ଗୋଟିଏ ରୁମରେ ବସାଇଲେ। କିନ୍ତୁ ସେତେବେଳକୁ ପ୍ରଭାତ ବିଶ୍ୱାଳଙ୍କ ରାଗ ପଞ୍ଚମକୁ ଚଢ଼ିସାରିଥିଲା। ଉକ୍ତ ରୁମରେ କେହି ନ ଥିଲେ ବି ପ୍ରଭାତ କାହାକୁ ଗାଳି ଦେଉଥିଲେ ଜଣାନଥିଲା। କିନ୍ତୁ ରୁମ ଭିତରୁ କେବଳ ଆପତ୍ତିଜନକ ଭାଷା ବାହାରକୁ ଶୁଭୁଥିଲା।

ବାହାରକୁ ଆସି ଗଣମାଧ୍ୟମ ଆଗରେ ନିଜର ବିଷ ଉଗାଳିଛନ୍ତି ପ୍ରଭାତ। ସେ କହିଥିଲେ, ମୋ ମନରେ ଦୀର୍ଘ ସମୟ ଧରି ଅସନ୍ତୋଷ ରହିଛି। ବିଜେଡିର କର୍ମୀଙ୍କୁ ଦେଖି ଦଳରେ ଠିକ୍ ନିଷ୍ପତ୍ତି ନିଆଯିବାର ଆବଶ୍ୟକତା ରହିଛି। ଏ କଥା ମୁଁ ବହୁବାର କହିଆସିଛି। ହେଲେ ଆଜି ମୋତେ ବହୁତ ଦୁଃଖ ଲାଗୁଛି। ଦଳର ପ୍ରିୟ ଲିଡରଙ୍କୁ ଲାଗିଲା ଯେ ମୁଁ ଦଳର କାଚ ଭାଙ୍ଗି ଦେଇଛି। କେନ୍ଦ୍ର ମନ୍ତ୍ରୀ ଥିବା ବେଳେ ନବୀନଙ୍କ ପାଇଁ ସୋରଡ଼ାରେ ୧୬ ଦିନ ରହି ପ୍ରଚାର କରିଛି। କେନ୍ଦ୍ର ମନ୍ତ୍ରୀ ଥିବା ବେଳେ ନବୀନ ପଟ୍ଟନାୟକଙ୍କ ଯୋବ୍ରାରେ ଏକ କାର୍ଯ୍ୟକ୍ରମ ପାଇଁ ମୁଁ ଲୋକ ଯୋଗାଡ଼ କରିଥିଲି। ଓଲଟା ମାଡ଼ ଖାଇଥିଲି। ନବୀନ କହିଲେ, ମୁଁ ସୀସା ଭାଙ୍ଗିଦେଇଛି। ମୋ ପ୍ରତି ତାଙ୍କର ଧାରଣା ସର୍ବଦା ସେମିତି ରହିଲା। ସେ ଯାହା ବି ହେଉ କର୍ମୀଙ୍କ ପାଇଁ ଦଳ ନିଷ୍ପତ୍ତି ନେବା ଉଚିତ। ସଂତୃପ୍ତ ମିଶ୍ରଙ୍କ ପ୍ରାର୍ଥୀତ୍ୱକୁ ଖୋଲାଖୋଲି ବିରୋଧ କରିବା ପୃଷ୍ଠା-୬

# ସୁସ୍ଥ ପରମ୍ପରା ପାଇଁ ମିଳିତ ପ୍ରାର୍ଥୀ

### ଏହା ସ୍ଥାୟୀ ବୁଝାମଣା ନୁହେଁ: ଭକ୍ତ



**ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ):** ବିଜେଡିର ଚତୁର୍ଥ ପ୍ରାର୍ଥୀ ଅର୍ଥାତ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଘୋଷଣା କରିଛି କଂଗ୍ରେସ। ପିସିସି ସଭାପତି ଭକ୍ତ ଚରଣ ଦାସ ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସ ମୂଳରୁ କହୁଛି ଆସନ୍ତା ରାଜ୍ୟସଭା ନିର୍ବାଚନରେ ଚତୁର୍ଥ ଆସନ ପାଇଁ ତିନି ଦଳ ମଧ୍ୟରୁ କାହାର ବି ଆବଶ୍ୟକ ସଂଖ୍ୟକ ବିଧାୟକ ନ ଥିବାରୁ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଜଣେ ପ୍ରଖ୍ୟାତ ଓଡ଼ିଆଙ୍କୁ ମିଳିତ ପ୍ରାର୍ଥୀ କରାଯିବା ଦିଗରେ ପ୍ରୟାସ ହେବା ଆବଶ୍ୟକ। ଏହି କଥା ମଧ କହିଥିଲୁ, ଯଦି ସେଭଳି ଜଣେ ପ୍ରାର୍ଥୀଙ୍କୁ କଂଗ୍ରେସ ପ୍ରାର୍ଥୀ କରେ, ସମଭାବାପନ୍ନ ଦଳ ଭାବେ ବିଜେଡି ସମର୍ଥନ କରିବା ଉଚିତ କିମ୍ବା ବିଜେଡି ସେଭଳି ପ୍ରାର୍ଥୀ ଦେଲେ କଂଗ୍ରେସ ସମର୍ଥନ କରିବାରେ ଅସୁବିଧା ରହିବ ନାହିଁ।

ତିନି ଦଳ ମଧ୍ୟରୁ କାହାରି ବି ଆବଶ୍ୟକ ସଂଖ୍ୟା ନ ଥିବାରୁ ଚତୁର୍ଥ ପ୍ରାର୍ଥୀ ପାଇଁ ବ୍ୟାପକ ଘୋଡ଼ାବେପାର ହେବାର ଆଶଙ୍କା ରହୁଥିଲା। ବୁଝାମଣା ଜରିଆରେ ଏପରି ଆଶଙ୍କାକୁ ଦୂର କରାଯିବା ପାଇଁ ସ୍ୱନାମଧନ୍ୟ ୟୁରୋଲୋଜି ପୃଷ୍ଠା-୬

### ପାରାଦୀପରେ ପୁଣି ଲଜ୍ଜା

## ୭ ବର୍ଷର ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ



ପାରାଦୀପ,୨୮।୨ (ସଂଚାର ବ୍ୟୁରୋ): ବନ୍ଦର ନଗରୀରେ ପୁଣି ଲଜ୍ଜା। ତାରେଣୀଗଡ଼ା ଚାରି ମାହଲା କୋଠା ମଧ୍ୟରେ ଅପହରଣ ଓ ଦୁଷ୍କର୍ମର ଶିକାର ହୋଇ ହତ୍ୟା ହୋଇଥିବା ଯୁବତୀଙ୍କ ଘଟଣା ମାତ୍ର ମାତ୍ର ୬ ଦିନ ନପୁରୁଣୁ ଏବେ ପୁଣି ଆଉ ଏକ ସାଂଘାତିକ ଘଟଣା ସାମ୍ନାକୁ ଆସିଛି। ପାରାଦୀପ ସବଟେସନ ଛକରେ ଥିବା ଏକ ଚିକେନ ସେଣ୍ଟର ଭିତରେ ଗତ ତିନିଦିନ ହେବ ଜୈନିକା ୭ ବର୍ଷର ନାବାଳିକାକୁ ଥଣ୍ଡାରେ ମଦ ଦିଆଯାଇ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଯୁବକମାନେ ସମ୍ପୃକ୍ତ ଅଭିଯୁକ୍ତକୁ ବାନ୍ଧି ପ୍ରବଳ ମାଡ ମାରିବା ସହ ତାକୁ ପୋଲିସକୁ ହସ୍ତାନ୍ତର କରିଛନ୍ତି। ନାବାଳିକା କୌଣସି ମତେ ସୁଯୋଗ ପାଇ ଦୋକାନରୁ ଖସିଆସି ଥିବା ଓ ଘଟଣାକୁ ପାଖ ପଡୋଶୀଙ୍କ ଆଗରେ କହିବା ପରେ ଏହି ଘଟଣା ସାମ୍ନାକୁ ଆସିବା ପରେ ଏବେ ପାରାଦୀପରେ ଏଭଳି ଅମାନୁଷିକ କାର୍ଯ୍ୟ ବାରମ୍ବାର ଘଟୁଥିବାରୁ ଦୋଷୀ ମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଅଭିଯୁକ୍ତ ଯୁବକଙ୍କ ନାମ ରାଜା ଖାନ ଓ ତାର ଘର କେନ୍ଦ୍ରାପଡ଼ା ରାମନଗର ଛପାଲି ବୋଲି ଜଣାପଡିଛି।

### ମିଲରଙ୍କ ଯନ୍ତ୍ରଣା, ଚାଷୀ ଆଖି ବୁଜିବା ଘଟଣା

# ୪ ଜଣିଆ ଯୋଗାଣ ବିଭାଗ ଟିମର ତଦନ୍ତ

ରାଜନଗର,୨୮।୨ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଜୁଣଗଡି ଗାଁର ତ୍ରିଲୋଚନ ନାୟକ ( ୫୩ ବର୍ଷ ) ମିଲର ନିର୍ଯ୍ୟାତନା ସହିନପାରି ଚାଷୀ ଆଖି ବୁଜିଛନ୍ତି। ୩ ଦିନ କାଳ ମିଲ ସାମ୍ନାରେ ଖୋଲା ଆକାଶ ତଳେ ଅଖିଆ ଅପିଆ ପଡି ରହି ଅସୁସ୍ଥ ହୋଇ ଘରେ ପହଞ୍ଚିବା କ୍ଷଣି ତାଙ୍କର ମୃତ୍ୟୁ ଘଟିଛି। ଦୀର୍ଘ ୪୦ ଦିନ କାଳ ମଣ୍ଡି ଓ ମିଲକୁ ଦୌଡି ଦୌଡି ନିର୍ଯ୍ୟାତିତ ହେବା ପରେ ଶେଷରେ ଚାଷୀଙ୍କ ଜୀବନ ଅକାଳରେ ଝରି ପଡିଛି। ଚାଷୀ ମୃତ୍ୟୁ ଖବର ସାରା ଓଡିଶାରେ ଆଲୋଡନ ସୃଷ୍ଟି କରିଥିବା ବେଳେ ଗତକାଲି ମୃତ ଚାଷୀଙ୍କ ପତ୍ନୀ ଭାରତୀ ନାୟକ ମିଲର ଓ ସମବାୟ ସମିତି କର୍ମଚାରୀଙ୍କ ନିର୍ଯାତନା ପାଇଁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ନେଇ ଲିଖିତ ଭାବେ ରାଜନଗର ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ।



ଆଜି କେନ୍ଦ୍ରପଡା ଯୋଗାଣ ବିଭାଗର ସହକାରୀ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରୀତମ ଦାସଙ୍କ ନେତୃତ୍ୱରେ ସହକାରୀ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପୂର୍ଣ୍ଣମ ଜେନା, ଦେବଶ୍ରୀ ମାଥା ଡାଙ୍ଗମାଳ ସେବା ସମବାୟ ସମିତି, ରାମଚଣ୍ଡୀ ରାଇସ ମିଲ ଓ ମୃତ ଚାଷୀଙ୍କ ଘରେ ପହଞ୍ଚି ତଦନ୍ତ କରିଛନ୍ତି। ଏହି ତଦନ୍ତକାରୀ ଟିମ ପ୍ରଥମେ ଡାଙ୍ଗମାଳ ସେବା ସମବାଯ ସମିତିରେ ପହଞ୍ଚି ଧାନ କିଣା ଡାଇଟ୍‌ୱରେ ଥିବା ସହ ସମ୍ପାଦକ ବିଜଯ କୁମାର ସ୍ୱାଇଁଙ୍କ ସହ ଆଲୋଚନା କରିଥିଲେ। ଏହାପରେ ମୃତ ଚାଷୀ ତ୍ରିଲୋଚନଙ୍କ ଘରେ ପହଞ୍ଚିଥିଲେ। ମୃତ ତ୍ରିଲୋଚନଙ୍କ ପତ୍ନୀ ଭାରତୀ ନାୟକ, ଭାଇ ଦୁର୍ଯ୍ୟାଧନ ଓ ତାଙ୍କ ପୁଅଙ୍କ ସହ ଆଲୋଚନା କରିଥିଲେ। ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଆମେ ମିଲରେ ଧାନ ଦେଇଛୁ ବୋଲି ମୃତ ଚାଷୀଙ୍କ ପରିବାର ଲୋକେ ତଦନ୍ତକରି ଟିମ ଆଗରେ କହିଥିଲେ। ଏହା ପରେ ରାମଚଣ୍ଡୀ ରାଇସମିଲ ଯାଇ ତଦନ୍ତ କରିଥିଲେ।

ଏ ସମ୍ପର୍କରେ ସହକାରୀ ଯୋଗାଣ ଅଧିକାରୀ ପ୍ରୀତମ ଦାସଙ୍କୁ ପଚାରିବାରୁ ତଦନ୍ତ ରିପୋର୍ଟ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଦେବୁ , ଜିଲା ଯୋଗାଣ ଅଧିକାରୀ ଯାହା ପଦକ୍ଷେପ ନେବେ ବୋଲି କହିଛନ୍ତି।

## ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ଗିରଫ



ମହାକାଳପଡ଼ା,୨୮।୨(ସଂଚାର ବ୍ୟୁରୋ): ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ମହାକାଳପଡ଼ା ପୁଲିସ। ୨୮ ଫେବୃଆରୀ ଦିନ ମହାକାଳପଡ଼ା ଥାନା ଅନ୍ତର୍ଗତ ବାରଡାଙ୍ଗ ଗ୍ରାମର ନିରଞ୍ଜନ ମଲିକଙ୍କ ପୁଅ ସାଗର ମଲିକ (୪୨) ମହାକାଳପଡ଼ା ଥାନାରେ ଦେଇଥିବା ଲିଖିତ ଏତଲା ଅନୁଯାୟୀ ତାଙ୍କ ନାବାଳିକା ଝିଅକୁ ତକ୍ତିଆପାଳ ଥାନା ଅଧୀନ ପୋଟିଆ ଗ୍ରାମର ଭୀମସେନ ମଲିକଙ୍କ ପୁଅ ପ୍ରଦୀପ୍ତ ମଲିକ (୨୦) ନାବାଳିକା ପୀଡିତାଙ୍କୁ ବାରମ୍ବାର ପ୍ରେମ ପ୍ରସ୍ତାବ ଦେଉଥିଲେ। ନାବାଳିକା ଜଣକ ପ୍ରସ୍ତାବ ଗ୍ରହଣ କରିବାକୁ ବାରମ୍ବାର ମନା କରିବା ପରେ, ଅଭିଯୁକ୍ତ ତାଙ୍କୁ ଯୌନ ଶୋଷଣ କରିବାକୁ ସୁଯୋଗ ଖୋଜୁଥିଲେ। ୨୬ ଜାନୁଆରୀ ରାତି ପ୍ରାୟ ୧୨ ଟାରେ ନାବାଳିକା ପରିସ୍ରା କରିବାକୁ ଉଠିଥିବା ସମୟରେ ଅଭିଯୁକ୍ତ ଜଣକ ହଠାତ୍ ତାଙ୍କୁ ପଛରୁ ଧରି ପକାଇ ପାଟିକୁ ଏକ କପଡାରେ ବନ୍ଦ କରିଦେଇ ଜୋରଜବରଦସ୍ତି ତାଙ୍କୁ ଶୋଇଥିବା କୋଠରୀକୁ ନେଇ ତାଙ୍କ ହାତ ବାନ୍ଧି ଦେଲେ ଏବଂ ତାଙ୍କ ଇଚ୍ଛା ବିରୁଦ୍ଧରେ ଜବରଦସ୍ତି ଯୌନ ସମ୍ପର୍କ ସ୍ଥାପନ କଲେ। ଏନେଇ ପରଦିନ ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି

## ମାନସିକ ବିକାରଗ୍ରସ୍ତକୁ ଅମାନୁଷିକ ମାଡ଼ ଘଟଣା: ଥାନାରେ ଅଭିଯୋଗ



ପାରାଦୀପ,୨୮।୨ (ସଂଚାର ବ୍ୟୁରୋ): ମାନସିକ ବିକାରଗ୍ରସ୍ତ ଯୁବକକୁ ଅମାନୁଷିକ ଭାବେ ମାଡ ମାରିବା ଘଟଣା। ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜଟାଧାର ମୁହାଣ ଥାନାରେ ଅଭିଯୋଗ କଲେ ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ। ଏଭଳି ଘଟଣା ଘଟିଥିଲା ପାରାଦୀପ ଷଣ୍ଢକୁଦ ଅଞ୍ଚଳରେ। ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଛି।

ମାଡ ହେଉଥିଲା ଏକ ମାନସିକ ବିକୃତ ଭିନ୍ନକ୍ଷମ ଯୁବକଙ୍କୁ । ଭାଏଭଳି ଘଟଣା ବନ୍ଦର ନଗରୀ ପାରାଦୀପର ସଣ୍ଢକୁଦ ବସ୍ତିରେ ଥିବା ଦୁର୍ଗା ମନ୍ଦିର ପଛପଟେ ହୋଇଥିବା ଏକ ଭିଡିଓ ଏବେ ଭାଇରାଲ୍ ହେଉଛି। ଦୁଇ ଯୁବକ ଅସଭ୍ୟ ଭାଷାରେ ଗାଳି କରି ଗୋଟିଏ ଘର ଭିତରେ ଉକ୍ତ ମାନସିକ ବିକୃତ ଭିନ୍ନକ୍ଷମ ଯୁବକଙ୍କୁ ନିର୍ଦୟ ଭଳି ପିଟି ଚାଲିଛନ୍ତି । ମାନସିକ ବିକୃତ ଭିନ୍ନକ୍ଷମ ଯୁବକଙ୍କର ଭୁଲ ଥିଲା ଏତିକି ଯେ ସେ ଏକ ସାର୍ଟ ଶୁଖା ଯାଉଥିବା ବେଳେ ତାକୁ ଆଣି ପିନ୍ଧି ଦେଇଥିଲେ। ସାର୍ଟ କଣ ପାଇଁ ଆଣି ପିନ୍ଧିଲୁ ବୋଲି ଉତ୍କ୍ଷିପ୍ତ ହୋଇ ଦୁଇ ଯୁବକ ଏଭଳି ତାକୁ ମାଡ ମାରିଥିବା ଓ ଅନ୍ୟ ସହଯୋଗୀ ମାନେ ତାହାର ଭିଡିଓ ଉତ୍ତୋଳନ କରିବା ଭିଡିଓରେ ସ୍ପଷ୍ଟ ଦେଖିବାକୁ ମିଳିଛି ।

ଏହି ଘଟଣା ଦେଖି ଏବେ ସମାଜସେବୀ ତଥା ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ପାରାଦୀପ ଜଟାଧାର ମୁହାଣ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଦୁଇଜଣ ଯୁବକ ମାନସିକ ବିକୃତ ଭିନ୍ନକ୍ଷମ ଯୁବକଙ୍କୁ ପିଟିବା ଓ ଏହାକୁ ମୋବାଇଲରେ ଭିଡ଼ିଓ ରେକର୍ଡ କରିବା ଘଟଣାକୁ ସେ ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ ସନ୍ଧ୍ୟା ସୁଦ୍ଧା କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି ।

## ନିଶ୍ଚିନ୍ତକୋଇଲି ଥାନା ମେଳଣ ସମାପନ



ନିଶ୍ଚିନ୍ତକୋଇଲି, ୨୮।୨ (ସଂଚାର ବ୍ୟୁରୋ): ମହାସମାରୋହରେ ନିଶ୍ଚିନ୍ତକୋଇଲି ଥାନା ମେଳଣ ଉଦ୍‌ଯାପିତ ହୋଇଯାଇଛି। ଯଥାବିଧି ରୀତିନୀତି ପରମ୍ପରା ଅନୁଯାୟୀ ସ୍ଥାନୀୟ ଅଞ୍ଚଳର ବହୁ ବିମାନ ଥାନାରେ ପହଞ୍ଚିବା ପରେ ନିଶ୍ଚିନ୍ତକୋଇଲି ଥାନା ପକ୍ଷରୁ ପୂଜାର୍ଚ୍ଚନା କରାଯାଇଥିଲା। ନିଶ୍ଚିନ୍ତକୋଇଲି ଥାନା ଅଧିକାରିଣୀ ଶ୍ରୀମତୀ ଅନିତା ସାହୁଙ୍କ ସଭାପତିତ୍ୱରେ ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦାପ୍ରସାଦ ପ୍ରଧାନ, ଏସଡ଼ିପିଓ ବିରଞ୍ଚିନାରାୟଣ ପତି, ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର କୁମାର ସାହୁଙ୍କ ସମେତ ସମସ୍ତ ସମସ୍ତ ପୋଲିସ କର୍ମଚାରୀ, ସରପଞ୍ଚ, ସମିତିସଭ୍ୟ ସଭ୍ୟା, ଜିଲ୍ଲା ପରିଷଦ, ବହୁ ବିଭାଗୀୟ ଅଧିକାରୀ, ରାଜନୈତିକ ନେତୃବୃନ୍ଦ, ସମାଜସେବୀ, ବୁଦ୍ଧିଜୀବୀ ମାନେ ଯୋଗଦାନ କରିଥିଲେ।

## ପାପନାଶିନୀ ଏକାଦଶୀ ନୀତି ପାଳିତ



ଢେଙ୍କାନାଳଲି, ୨୮।୨ (ସଂଚାର ବ୍ୟୁରୋ): କୈବଲ୍ୟ ବଜାର ସ୍ଥିତ ସିଦ୍ଧ ବଳରାମ ଜୀଉଙ୍କ ମନ୍ଦିରରେ ଆଜି ଫାଲଗୁନ ମାସର ପାପନାଶିନୀ ଏକାଦଶୀ ନୀତି ପାଳନ କରାଯାଇଛି। ପ୍ରାତଃ ସମୟ ରୁ ମଙ୍ଗଳ ଆଳତି ମହାସ୍ନାନ,ବସ୍ତ୍ର, ତୁଳସୀ ହାର ଓ ଫୁଲହାର,ବଲ୍ଲଭ ଭୋଗ ଲାଗି କରାଯାଇଥିଲା, ସକାଳ ଦଶଟା ସମୟରେ ଖେଚୁଡ଼ି ଭୋଗ , ମଧ୍ୟାହ୍ନ ରେ ଅର୍ଣ୍ଣ ଧୂପ ,ସନ୍ଧ୍ୟା ବେଳେ ଆଳତୀ ରାତ୍ର ଧୂପ ପରେ ଏକାଦଶୀ ବେଢ଼ା ମହାଦୀପ ମନ୍ଦିର ଉପରକୁ ଉଠିବ ଓ ମନ୍ଦିର ପହଡ଼ ପଡିବ। ପୂଜକ ମଳୟ କର,ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜ ମୋହନ ମହାପାତ୍ର, କାହାଳିଆ ଟିକନ ବେହେରା , ଓ ମନ୍ଦିର ର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତ ରେ ଏହି ଆଜି ଫାଲଗୁନ ମାସର ପାପନାଶିନୀ ଏକାଦଶୀ ନୀତି ପାଳିତ ହୋଇଥଲା। ଗତ କାଲି ଫଗୁ ଲାଗି ହୋଇଥିଲା। ଆଜି ଠାରୁ ମଦନ ମୋହନ ଙ୍କ ଚାଞ୍ଚିରୀ ନଗର ପରିକ୍ରମା କରିବେ।

## ନୂତନ ବଜେଟ ଉପରେ ଆଲୋଚନାଚକ୍ର




କେନ୍ଦ୍ରାପଡା,୨୮।୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ଭାରତୀୟ ଜନତା ପାର୍ଟି ଅନୁସୂଚିତ ଜାତି ମୋର୍ଚ୍ଚା ତରଫରୁ ରାଜ୍ୟ ବଜେଟ ପରିଚର୍ଚ୍ଚା ଅନୁଷ୍ଠିତ ହୋଇଯାଇଛି। ଦୁହୁରିଆ ସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଅନ୍ତର୍ଯ୍ୟାମୀ ମଲ୍ଲିକଙ୍କ ସଭାପତିତ୍ୱରେ ରାଜ୍ୟ ତରଫରୁ ଜିଲ୍ଲାର ପ୍ରଭାରୀ ଗୁରୁ ଚରଣ ସେଠୀ, ଜିଲ୍ଲାର ବରିଷ୍ଠ କାର୍ଯ୍ୟକର୍ତ୍ତା ଅଭିମନ୍ୟୁ ଗୋଛାୟତ, ମାଧବାନନ୍ଦ ମଲ୍ଲିକ, ବିନୋଦ ବେହେରା, ପ୍ରବେଶନ ମଲ୍ଲିକ, ନରୋତ୍ତମ ଦାସ ପ୍ରମୁଖ ଆଲୋଚନାରେ ଯୋଗ ଦେଇ କହିଥିଲେ,ଚଳିତ ବର୍ଷର ରାଜ୍ୟ ବଜେଟ ଏକ ଯୁଗାନ୍ତକାରୀ ବଜେଟ। ଏଥିରେ ୨୦୩୬ ରେ ବିକଶିତ ଓଡିଶା ଗଠନ ପାଇଁ ରୋଡ଼ମ୍ୟାପ ପ୍ରସ୍ତୁତ କରାଯାଇଛି।

ବଜେଟରେ ଓଡ଼ିଶାର ବିକାଶ ପାଇଁ ପ୍ରତ୍ୟେକ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ଅନୁସୂଚିତ ଜାତି, ଜନଜାତି ବିକାଶ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପାଇଁ ମୋଟ ୬୬୪୯ କୋଟି ଟଙ୍କା, ମୁଖ୍ୟମନ୍ତ୍ରୀ ଛାତ୍ର ଉତ୍ସାହ ଯୋଜନା ପାଇଁ ୧୪୪୩ କୋଟି, ମାଧୋ ସିଂହ ହାତ ଖରଚ ପାଇଁ ୧୫୪ କୋଟି, ଅନୁସୂଚିତ ଜନଜାତି ଛାତ୍ର ଛାତ୍ରୀ ଶିକ୍ଷା ପାଇଁ ୪୦୭ କୋଟି ଟଙ୍କା ପ୍ରାକ- ମ୍ୟାଟ୍ରିକ ଏବଂ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ଇତ୍ୟାଦି ପ୍ରବଧାନ କରାଯାଇଛି ଯାହାକି ପୂର୍ବ ବଜେଟ ଅପେକ୍ଷା ଅତ୍ୟନ୍ତ ଉତ୍ସାହଜନକ। ବଜେଟରେ କେନ୍ଦ୍ରାପଡ଼ା ଜିଲ୍ଲାରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା, ଜାହାଜ ନିର୍ମାଣ କାରଖାନା, ମତ୍ସଜୀବୀ ମାନଙ୍କ ପାଇଁ ବିଶେଷ ଯୋଜନା, ଉପକୂଳ ଜାତୀୟ ରାଜପଥ ନିର୍ମାଣ,ଶ୍ରୀ ବଳଦେବଜୀଉଙ୍କ ରଥ ନିମନ୍ତେ ଏକ କୋଟି ଟଙ୍କା ଅନୁଦାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ପରିଶେଷରେ ସାଧାରଣ ସମ୍ପାଦକ ପ୍ରଦୀପ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାପାଳଙ୍କ ପୌରସଂସ୍ଥାର ନୂତନ କାର୍ଯ୍ୟାଳୟ ସ୍ଥାନ ପରିଦର୍ଶନ



କେନ୍ଦ୍ରାପଡା,୨୮।୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର ଶନିବାର ପୌରସଂସ୍ଥା ର ନୂତନ କାର୍ଯ୍ୟାଳୟ ସ୍ଥାନ ଓ ମହାଭୋଇ ପୋଖରୀ ପରିଦର୍ଶନ କରି ପୌର ଅଧ୍ୟକ୍ଷା ସରିତା ସାହୁ ଓ ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରିଙ୍କ ସହ ଆଲୋଚନ କରିଛନ୍ତି । ୭କୋଟି ୫୬ ଲକ୍ଷ ଟଙ୍କା ବ୍ୟୟରେ ପୌର କାର୍ଯ୍ୟାଳୟ ପରିସର ରେ ନିର୍ମାଣ ହେଉଥିବା ନୂତନ କାର୍ଯ୍ୟାଳୟ ଓ ୧କୋଟି ୧୭ଲକ୍ଷ ଟଙ୍କା ବ୍ୟୟରେ ମହାଭୋଇ ପୋଖରୀର ପୁନରୁଦ୍ଧାର ଓ ଅନ୍ୟାନ୍ୟ ଅସୁବିଧା ସଂପର୍କରେ ଆଲୋଚନା କରିଥିଲେ । ନୂତନ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ପ୍ରକଳ୍ପ ଗୁଡିକ ତୁରନ୍ତ ସମାପ୍ତ କରି ଜନ ସାଧାରଣଙ୍କ ହିତରେ ଲଗାଇବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ କାଉନସିଲର ନିରାକାର ସ୍ୱାଇଁ, ପ୍ରଦିପ୍ତ ଜେନା, ଚୌଧୁରୀ ସୁକୁମାର ଦାସ, ଉମେଶ ଚନ୍ଦ୍ର ନାୟକ, ରମେଶ ଦାସ, ଅଭୟ କୁମାର ବେହେରା, ହିରଣ୍ୟ ପଣ୍ଡା, ସୌମେନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରାସାଦ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ



ପଙ୍ଗାମୁଣ୍ଡାଇ, ୨୮।୨ (ସଂଚାର ବ୍ୟୁରୋ): ପଙ୍ଗାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡା. ରେ ପ୍ରଭୁ ବାସୁଦେବ ନୂତନ ପ୍ରାସାଦ, ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଗତ ୨୨ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଣ୍ଡିତ ପ୍ରସନ୍ନ କୁମାର ନନ୍ଦଙ୍କ ସମେତ ବହୁ ବେଦଜ୍ଞ ବ୍ରାହ୍ମଣ ପଣ୍ଡିତ ଯୋଗ ଦେଇ ପ୍ରଥମେ ଧାନ୍ୟାଧୀବାସ,ଅଙ୍କୁରାରୋପଣ,ଦେଦେବାଧୀବାସନ,କଳସ ଶୋଭାଯାତ୍ରା, ପୃଥିବୀ ପୂଜା, ଗୁରୁ ପୂଜା, ସୂର୍ଯ୍ୟ ପୂଜା, ଗୋ ପୂଜା, ମଣ୍ଡପ ପୂଜା, ବୈଷ୍ଣବାଗ୍ନି ସ୍ଥାପନ, ଦେବତା ମହାସ୍ନାନ,ଚଣ୍ଡି ଯାଗ, ଶାଳା ସଂସ୍କାର, ଦେବତା ଷୋଡ଼ାନ୍ୟାସ, ଗୀତା ଯଜ୍ଞ, ଦେବତା ଗ୍ରାମ ପ୍ରଦିକ୍ଷଣ, ରୁଦ୍ର ପୂଜା ପ୍ରାସାଦ ସ୍ନାନ, ପ୍ରାସାଦ ନ୍ୟାସ, ଦେବତା ପୀଠ ପ୍ରତିଷ୍ଠା ରୁଦ୍ରୀ ହବନ, ଦେବତା ପ୍ରାସାଦ ପ୍ରବେଶ, ମହାସ୍ନାନ, ରାଜୋପଷ୍ଟାର ପୂଜନ, ସହସ୍ର ହବନ ବିଷ୍ଣୁ ଶାନ୍ତି ମହାଯଜ୍ଞ ଆଦି କାର୍ଯ୍ୟକ୍ରମ ସମ୍ପନ୍ନ କରିଥିଲେ । ଏଥିରେ ଭରତ ଚନ୍ଦ୍ର ଦାଶ ଓ ସୂର୍ଯ୍ୟକାନ୍ତି ଦାଶ ପ୍ରମୁଖ କର୍ତ୍ତା ଭାବେ ଯୋଗ ଦେଇଥିଲେ ।

## ସଚେତନ ଓ ସକାରାତ୍ମକ ବାର୍ତ୍ତା ବାଣ୍ଟୁଛନ୍ତି ସୁନୀଲ



ମହାକାଳପଡ଼ା,୨୮।୨(ସଂଚାର ବ୍ୟୁରୋ): ମହାକାଳପଡ଼ା ଅଞ୍ଚଳର ଯୁବ ସମାଜସେବୀ ସୁନୀଲ ଗନ୍ତାୟତ ତାଙ୍କ ସକାରାତ୍ମକ ଚିନ୍ତାଧାରା ଓ ସଚେତନତାମୂଳକ କାର୍ଯ୍ୟଦ୍ୱାରା ସମାଜରେ ଏକ ନିଆରା ପରିଚୟ ସୃଷ୍ଟି କରିପାରିଛନ୍ତି। ଯଦିଓ କେନ୍ଦ୍ରାପଡ଼ା ଜିଲ୍ଲାରେ ଅନେକ ସମାଜସେବୀ ଓ ସଂଗଠନ କାର୍ଯ୍ୟରତ ଅଛନ୍ତି, କିନ୍ତୁ ମହାକାଳପଡ଼ା ୟୁଥ୍ ଗ୍ରୁପ ସହିତ ଜଡିତ ସୁନୀଲଙ୍କ କାର୍ଯ୍ୟଶୈଳୀ ତାଙ୍କୁ ଅନ୍ୟମାନଙ୍କଠାରୁ ଅଲଗା କରିଛି। ୨୦୧୭ ମସିହାରୁ ସାମାଜିକ ଗଣମାଧ୍ୟମରେ ସକ୍ରିୟ ହୋଇ ସେ ସାଧାରଣ ଲୋକଙ୍କ ସମସ୍ୟାକୁ ଆଗକୁ ଆଣିବା ସହ ତାହାର ସମାଧାନ ପାଇଁ ଲଗାତାର ପ୍ରୟାସ କରୁଛନ୍ତି। ନିଜ ଇଚ୍ଛାଶକ୍ତି, ମନୋବଳ ଓ ସମର୍ପଣଭାବରେ ସେ ଅନେକ ଲୋକଙ୍କ ଆଶାର କେନ୍ଦ୍ରବିନ୍ଦୁ ହୋଇପାରିଛନ୍ତି। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲା ଠାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ବିଭିନ୍ନ ସଭାସମିତିରେ ସମ୍ମାନିତ ମଧ୍ୟ ହୋଇଛନ୍ତି। ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଳିପାଳ ପଞ୍ଚାୟତର ବିଦ୍ୟାଧରପୁର ପଟଣା ଗ୍ରାମ ସୁନିଲ ରାଜନୀତି ବିଜ୍ଞାନରେ ସ୍ନାତକ ଶିକ୍ଷା ଗ୍ରହଣ କରି ଅଞ୍ଚଳର ସାଧାରଣ ଲୋକଙ୍କ ସମସ୍ୟା ସହ ନିଜକୁ ସଂପୃକ୍ତ କରାଇ ତାହାର ସମାଧାନରେ ସଦା ଚେଷ୍ଟିତ। ସମାଜସେବା, ସଚେତନତା ସୃଷ୍ଟି ଓ ସମାଜସଂସ୍କାର ମୂଳକ କାର୍ଯ୍ୟରେ ସେ ନିର୍ଭୀକ, ସ୍ପଷ୍ଟବାଦୀ ଓ ମିଳାପି ବ୍ୟକ୍ତିତ୍ୱରେ ଯୁବକମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ସାମାଜିକ ଗଣମାଧ୍ୟମରେ "କଥା ମୋର, ବିଚାର ଆପଣମାନଙ୍କର" ଭଳି ସେ ନିରନ୍ତର କରିଆସୁଥିବା ଭିଡିଓ ବାର୍ତ୍ତା ଜନମାନସରେ ବେଶ୍ ପରିଚିତ ହୋଇଛି। ସୁନୀଲଙ୍କ ଏହି ସେବାମୂଳକ ଯାତ୍ରା ଆଗାମୀ ଦିନରେ ଅଞ୍ଚଳର ଉନ୍ନତି ଓ ସମାଜର ସକାରାତ୍ମକ ପରିବର୍ତ୍ତନରେ ଅଧିକ ଗତି ଆଣିବ ବୋଲି ଆଶା କରାଯାଉଛି।

## ତୁଳସୀ ମହିଳା ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ



କେନ୍ଦ୍ରାପଡା,୨୮।୨(ସଂଚାର ବ୍ୟୁରୋ): ତୁଳସୀ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ାରେ ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ଏକ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ଅଧ୍ୟକ୍ଷ ତପନ କୁମାର ଦାସ ପୌରୋହିତ୍ୟ କରିଥିଲେ । ଏହି ସଭାରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଶ୍ରୀମତୀ ସବିତା ଦାସ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ବ୍ରହ୍ମାନନ୍ଦ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଜାତୀୟ ବିକାଶ ପାଇଁ ବୈଜ୍ଞାନିକ ଉଦ୍ଭାବନ ଏବଂ ଗବେଷଣାର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ । ଗଣିତ ବିଭାଗର ଅଧ୍ୟାପିକା ନିବେଦିତା ନାୟକ ଓ ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପିକା ଡ଼ ଏରିକା ମହାନ୍ତି, ବାଗ୍ମୀ ସାମଲ ଏହି ସଭାରେ ଯୋଗଦେଇ ବିଜ୍ଞାନର ଆବଶ୍ୟକତା ଓ ମହତ୍ୱ ବିଷୟରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ବିଜ୍ଞାନ ବିଭାଗର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ। ଏହି ସଭାରେ ଛାତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସଫଳ କରିଥିଲେ । ଶେଷରେ ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପିକା ଦିପ୍ତୀପ୍ରଭା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀମା ଉପ୍ରା ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ବୈଠକ




ମହାକାଳପଡ଼ା,୨୮।୨(ସଂଚାର ବ୍ୟୁରୋ): ମହାକାଳପଡା ବ୍ଲକ୍ ଗଡରୋମିତ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଛନ୍ଦା-ପୁରୁଷୋତ୍ତମପୁରର ଶ୍ରୀମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପରିସରରେ ଅଷ୍ଟମ ମାସିକ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ବୈଠକ ସି.ଆର୍. ସି.ସି. ଶୁଭକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ଶିକ୍ଷା ନୀତି ଆଧାରରେ ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ରେ ପାସ୍ ଫେଲ୍ ବ୍ୟବସ୍ଥା, ପ୍ରତିକାରାତ୍ମକ ଶିକ୍ଷା, ନିପୁଣ ଓଡିଶା, ଯାଦୁ ପେଡିର ଆବଶ୍ୟକତା ଉପରେ ଆଲୋଚନା କରା ଯାଇଥିଲା। ସହକାରୀ ଶିକ୍ଷକ ସର୍ବେଶ୍ୱର ବେହେରା ଧନ୍ୟୱାଦ ଅର୍ପଣ କରିଥିଲାବେଳେ ଭଗବାନ ବେହେରା, ସୁଶାନ୍ତ ମଳୟ ଜେନା ମଞ୍ଚ ପରିଚାଳନା କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ମଙ୍ଗତ ମାଝୀ, ଆଭାରାଣୀ ସ୍ୱାଇଁ, ମିନତୀ ମଲିକ, ସଲୀଳା ଦାଶ, ନିମାଇଁ ଚରଣ ରାଉତ, ପ୍ରଦୀପ୍ତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମା' ବୁଢ଼ୀ କନକାଇଙ୍କ ମନ୍ଦିର ପ୍ରତିଷ୍ଠା



ରାଜନଗର, ୨୮।୨ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାଯତ ବଡଆଡିଆ ଗାଁର ଗ୍ରାମଦେବତୀ ମା ବୁଢ଼ୀ କନକାଇ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ନୂତନ ମନ୍ଦିରକୁ ମାଙ୍କ ପ୍ରବେଶ ପ୍ରତିଷ୍ଠା ଉତ୍ସବ ଓ ଯଜ୍ଞ ଆଜି ଉଦଯାପିତ ହୋଇଛି। ୨୩ ତାରିଖରେ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ୧୫୦ରୁ ଉର୍ଦ୍ଧ ମହିଳା ଗାଁରୁ ଶୋଭାଯାତ୍ରାରେ ନଳିତାପାଟିଆସ୍ଥିତ ବୈତରଣୀ ନଦୀକୁ ଯାଇଥିଲେ। ନଦୀରୁ ପାଣି ଆଣି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ୨୪ ତାରିଖରେ ସୂର୍ଯ୍ୟପୂଜା , ଗୋ ପୂଜା , ମନ୍ଦିର ଶିକ୍ଷାର ସ୍ନାନ , ଦେବତା ସ୍ନାନ ନୀତି ସମାପନ ହୋଇଥିଲା। ୨୫ ତାରିଖରେ ମା ଙ୍କ ୩୨ ଉପଚାର ପୂଜା , ଦୁର୍ଗା ସପ୍ତଶତୀ ଚଣ୍ଡୀ ଆହୁତି , ୨୬ ତାରିଖରେ ଦେବତା ଜୀବନ୍ୟାସ , ମନ୍ଦିର ନ୍ୟାସ , ନଗର ପରିକ୍ରମା ସହିତ କନିକା ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ କରକମଳରେ ଦେବୀଙ୍କ ମନ୍ଦିର ପ୍ରବେଶ ନୀତି ଅନୁଷ୍ଠିତ ହୋଇଥିଲା। ଆଜି ନଗର ପରିକ୍ରମା ଓ ମହୋଷ୍ଟାବ ସହିତ ମନ୍ଦିର ପ୍ରତିଷ୍ଠା ଓ ମାଙ୍କ ମନ୍ଦିର ପ୍ରବେଶ ନୀତି ଶେଷ ହୋଇଛି। ଶ୍ରୀମନ୍ଦିରର ପ୍ରବୀଣ ପଣ୍ଡିତମାନଙ୍କ ଦ୍ୱାରା ସମସ୍ତ ଦେବ ନୀତି କରଯାଇଥିଲା। ରମେଶ ଚନ୍ଦ୍ର ବେହେରା ଓ ତାଙ୍କ ପତ୍ନୀ ଚନ୍ଦ୍ରିକା ବେହେରା ମୁଖ୍ୟ କର୍ତ୍ତା ଭାବେ ଦେବନିତି କରିଥିଲେ। ବଡଆଡିଆ ଗାଁର ସମସ୍ତ ଅଧିବାସୀ ମିଳିତ ଭାବେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସ୍କୁଲ ସାମ୍ନାରେ ବାଲି ଆସ୍ତରଣ, ପାଦେ ପାଦେ ବିପଦ



ରାଜକନିକା,୨୮।୨(ସଂଚାର ବ୍ୟୁରୋ): ସର୍ବ ସାଧାରଣ ରାସ୍ତାରେ ବାଲି ପକେଇବା ଉପରେ ନିଷେଧାଜ୍ଞା ଜାରି କରିଛି। ହେଲେ ନିୟମକୁ ଫୁଂରେ ଉଡାଇ ଏବେବି ଗାଡି ଚାଳକ ରାସ୍ତାରେ ବହଳ ବହଳ ବାଲି ଢାଳି ଚାଲିଯିବା ପରେ ଅଞ୍ଚଳବାସୀ ଯେ ଦୁର୍ଘଟଣାରେ ଶୀକାର ହେବେ ସେ ନେଇ ଚିନ୍ତା କରୁନାହାନ୍ତି। ଫଳରେ ତୀବ୍ର ହେଉଛି ଅସନ୍ତୋଷ। ଘଟଣାଟି ହେଉଛି ରାଜକନିକା-କଣ୍ଡିଆ ପୂର୍ତ୍ତବିଭାଗ ରାସ୍ତାର ନମତରା ସିହୋପଡା ରାସ୍ତାରେ। ଏହା ସହିତ ନମତରା ଗାଁ ଭିତର ଏକ ରାସ୍ତାରେ ପଡୁଛି ବାଲିର ଆସ୍ତରଣ। ପାଖରେ ପିଲାଙ୍କ ସ୍କୁଲ, ଗ୍ରାମ୍ୟ ଏହି ରାସ୍ତାର ଦୁଇ ପାଖରେ ଭରପୂର ଜନବସତି ରହିଛି। ଗାଁଲୋକଙ୍କ କହିବା କଥା ଖରସ୍ରୋତା ନଦୀରୁ ଏହି ବାଲି ଦୈନନ୍ଦିନ ଶହ ଶହ ଟ୍ରିପ୍ ରେ ହାଇୱା ଯୋଗେ ବୁହା ହେଉଛି।ଗାଡି ଯିବାର କମ୍ପନରେ ରାତିରେ ଶୋଇ ବି ହେଉ ନହି । ହେଲେ ସକାଳୁ ଦେଖିଲେ ବାଲିର ମୋଟା ଆସ୍ତରଣ। ଖରା ବଢ଼ିବା ପରେ ବାଲି ଶୁଖି ଯାଇ ଯାତାୟାତରେ ବାଧା ସୃଷ୍ଟି କରୁଛି। ସ୍କୁଲ ପାଖରେ ଏତେ ବାଲି ପଡି ରହୁଛି ଯେ ଦୁର୍ଘଟଣା ଘଟିବା ଥୟାବାଲି ଗାଡି ଉପରେ କୌଣସୀ ଆସ୍ତରଣ ପଡୁ ନ ଥିବାରୁ ବାଲି ଖସି ପଡୁଛି ବୋଲି ଅଭିଯୋଗ ହେଉଛି।ଏଭଳି ବାଲି ଖସିବା କେବଳ ଯେ ନମତରା ଗାଁ ରାସ୍ତାରେ ହେଉଛି ତାହା ନୁହେଁ ।ଦେଉଳତରା,ବରିପଡା,ସିହୋପଡା, ପେଗରପଡା,ଓଳାଭର ପ୍ରମୁଖ ରାସ୍ତାରେ ବି ବାଲିର ଆସ୍ତରଣ ଯାତାୟତ ରେ ବାଧା ଉପୁଜାଉଛି। ଶହ ଶହ ହାଇୱା ଏମିତି ବାଲି ବୋହୁ ଥିବାରୁ କଠୋର କାର୍ଯ୍ୟାନୁଷ୍ଠାନ ହେବାର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜିବୀ ମତ ରଖିଛନ୍ତି ।

## ବିଶ୍ୱବିଦ୍ୟାଳୟ ନିଷ୍ପତ୍ତିକୁ ବିଜେପି ନେତାଙ୍କ ସ୍ୱାଗତ

କେନ୍ଦ୍ରାପଡ଼ା,୨୮।୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାରେ ଏକ ସରକାରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସହ ଏଠାରେ ଏକ ବୃହତ ଜାହାଜ ନିର୍ମାଣ କାରଖାନା ଓ ଜିଲ୍ଲାର ଆରାଧ୍ୟ ପ୍ରଭୁ ସିଦ୍ଧ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ପାଇଁ ସରକାର ନୀତିଗତ ନିଷ୍ପି ନେଇଥିବାରୁ ବିଜେପି ଯୁବନେତା ଅକ୍ଷୟ କୁମାର ତରାଇ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଚଳିତ ବିଧାନସଭା ଅଧିବେଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଏହି ତିନୋଟି ପ୍ରକଳ୍ପ ଘୋଷଣା କରିଥିବାରୁ ସରକାର ଏହି ଜିଲ୍ଲାକୁ ଗୁରୁତ୍ୱ ଦେଉଛନ୍ତି । ଏହାଦ୍ୱାରା ଜିଲ୍ଲାବାସୀଙ୍କ ବହୁ ଦିନର ଆଶା ଓ ଆଙ୍କାକ୍ଷା ପୂରଣ ହୋଇଛି ବୋଲି ଶ୍ରୀ ତରାଇ କହିଛନ୍ତି। ଏଥିପାଇଁ ବିଜେପି ଯୁବନେତା ଶ୍ରୀ ତରାଇ ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ବିଭାଗୀୟ ମନ୍ତ୍ରୀମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ମୋହନଜୀଉଙ୍କ ପୀଠରେ ଦୋଳ ପର୍ବ



ମାହାଙ୍ଗା ,୨୮।୨(ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତ ସ୍ଥିତ ଶ୍ରୀ ଶ୍ରୀ ମଦନ ମୋହନଜୀଉଙ୍କ ପୀଠ ଖର୍ଡାଙ୍ଗ ଠାରେ ଦୀର୍ଘ ୬୯ ତମ ଦୋଳ ପର୍ବ ମହାଆଡମ୍ବରରେ ୫ ଦିନ ବ୍ୟାପୀ ପାଳନ କରାଯାଉଛି। ଏହି ଅବସରରେ ପ୍ରତି ଦିନ ଠାକୁରଙ୍କ ନୀତିକାନ୍ତି ପରେ ନୂର୍ତାଙ୍ଗ, ଖର୍ଡାଙ୍ଗ, ମଉଡା ମେଳଣ ସ୍ଥଳକୁ ଠାକୁର ବିଜେ କରିଥାନ୍ତି। ପ୍ରତିଦିନ ସନ୍ଧ୍ୟା ସମୟରେ ଶ୍ରୀ ଜୀଉଙ୍କ ପୀଠସ୍ଥଳୀରେ ଭଜନ, କୀର୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ସମାପନ ହୁଏ। ଚଳିତ ବର୍ଷ ଓଡ଼ିଶା ବିଖ୍ୟାତ "ଭାରତ ଲୀଳା" ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ କୁରୁଳା ଗଞ୍ଜାମ ଜିଲ୍ଲାର ବିଖ୍ୟାତ ଭାରତ ଲୀଳା ଦୂରଦର୍ଶନ ଶିଳ୍ପୀ ଧର୍ମେନ୍ଦ୍ର ବେହେରା ଓ ସାଥିମାନେ ପ୍ରଦର୍ଶନ କରିଥିଲେ।

## ବିଧାନସଭା ପରିସରରେ ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ): ମହାନ୍ ବୀର ପୁରୁଷ ଓ ସର୍ବଶ୍ରେଷ୍ଠ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ପଶ୍ଚିମ ଓଡ଼ିଶାରେ ୧୮୨୭ରେ ବୀର ସୁରେନ୍ଦ୍ର ସାଏ ସ୍ୱାଧୀନତା ସଂଗ୍ରାମର ଅଗ୍ନିଶିଖାକୁ ପ୍ରଜ୍ୱଳିତ କରି ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ। ତାଙ୍କର ପ୍ରଧାନ ଲକ୍ଷ୍ୟ ସମ୍ବଲପୁର ମାଟିରୁ ବ୍ରିଟିଶ ଶାସନ ଲୋପ କରିବା। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଅଧିକ ସୁସଙ୍ଗଠିତ, ସୁସଂହତ ତଥା ବୀରତ୍ୱପୂର୍ଣ୍ଣ ଥିଲା। ସୁରେନ୍ଦ୍ର ସାଏଙ୍କ କୌଶଳପୂର୍ଣ୍ଣ ଗରିଲା ଯୁଦ୍ଧ, ରଣସଜ୍ଜା, ଦୃଢ଼ ମନୋବଳ, ଅସୀମ ଧୈର୍ଯ୍ୟ ଓ ସାହସ ନିକଟରେ ଇଂରେଜମାନେ ହାର ମାନିଥିଲେ। ଓଡ଼ିଶାର ଏହି ବରପୁତ୍ର, ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ବିପ୍ଳବର ଜୟଗାଥା ଓଡ଼ିଶା ଇତିହାସରେ ଚିରଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ଆଜି ସୁରେନ୍ଦ୍ର ସାଏଙ୍କ ୧୪୨ତମ ଶ୍ରାଦ୍ଧ ଦିବସରେ ଅତିଥିଗଣ ମତ ବ୍ୟକ୍ତ କରିଛନ୍ତି। ବିଧାନସଭା ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଉତ୍କଳ ସମ୍ମିଳନୀର କାର୍ଯ୍ୟକର୍ତ୍ତା ଓ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଉପସ୍ଥିତ ରହି ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶାଶ୍ୱତୀ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ଲୋକସମ୍ପର୍କ ଅଧିକାରୀ ଅଂଶୁମାନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜ୍ୟ ଅଭିବୃଦ୍ଧିରେ ସହାୟକ ହେବ ସହରୀକରଣ



ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ): 'ବିକାଶ ମନ୍ଥନ ୧.୦ - ଗଭର୍ଣ୍ଣାନ୍ସ ଇନ୍ ଆକ୍ସନ'ର ଚତୁର୍ଥ ପ୍ଲେନାରୀ ଅଧିବେଶନ 'ସମୃଦ୍ଧ ଓଡ଼ିଶା'ରେ ରାଜ୍ୟକୁ ଏକ ଉଚ୍ଚ-ଅଭିବୃଦ୍ଧିଶୀଳ ଓ ଭବିଷ୍ୟତ-ପ୍ରସ୍ତୁତ ଅର୍ଥନୀତି ଦିଗରେ ଆଗେଇ ନେବା ପାଇଁ ଏକ ମହତ୍ୱାକାଂକ୍ଷୀ ତଥା ସମନ୍ୱିତ ରୋଡମ୍ୟାପ୍ ପ୍ରଦର୍ଶିତ ହୋଇଛି। ଏହି ଅଧିବେଶନରେ ବିଭିନ୍ନ ପ୍ରମୁଖ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ଶିଳ୍ପ ସମ୍ପ୍ରସାରଣ, ସେବା କ୍ଷେତ୍ରର ରୂପାନ୍ତରଣ, ସହରୀ ସଂସ୍କାର, ପରିବହନ (ଲଜିଷ୍ଟିକ୍ସ) ସୁଦୃଢ଼ିକରଣ ଏବଂ ଗ୍ରାମୀଣ ଅର୍ଥନୀତିର ପୁନରୁଦ୍ଧାର ଉପରେ ବ୍ୟାପକ ଆଲୋଚନା କରିଥିଲେ।

ଓଡ଼ିଶାର ବିକାଶଶୀଳ ଅର୍ଥନୈତିକ ପଥକୁ ନେଇ ଆଲୋଚନାରେ ଦୃଢ଼ ଆଶାବାଦ ପ୍ରକଟ ପାଇଥିବା ବେଳେ ପରିକଳ୍ପନାକୁ ବାସ୍ତବ ରୂପ ଦେବା ପାଇଁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟାନ୍ୱୟନ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅଧିବେଶନକୁ ସମ୍ବୋଧନ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ରାଜ୍ୟର ଅଭିବୃଦ୍ଧିର ଇଞ୍ଜିନ ଭାବେ ନଗରୀକରଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଓଡ଼ିଶାର ବର୍ତ୍ତମାନର ନଗରୀକରଣ ସ୍ତର ପ୍ରାୟ ୧୭ ପ୍ରତିଶତ ରହିଛି ଓ ଏହାର ସମ୍ପୂର୍ଣ୍ଣ ଅର୍ଥନୈତିକ ସାମର୍ଥ୍ୟକୁ ବ୍ୟବହାର କରିବା ପାଇଁ ଏକ ସନ୍ତୁଳିତ ତଥା ଦୂରଦୃଷ୍ଟିସମ୍ପନ୍ନ ସମ୍ପ୍ରସାରଣର ଆବଶ୍ୟକତା ରହିଛି।

ସହରୀ ରୂପାନ୍ତରଣର ବିଶ୍ୱସ୍ତରୀୟ ଉଦାହରଣ ଦେଇ ସେ କହିଥିଲେ ଯେ ରାଜ୍ୟ ଏବେ ପାରମ୍ପରିକ 'ସହର-କୈନ୍ଦ୍ରିକ' ବିକାଶ ମଡେଲରୁ ଏକ 'ସମନ୍ୱିତ ଅର୍ଥନୈତିକ-ଅଞ୍ଚଳ' ଢାଞ୍ଚାକୁ ପରିବର୍ତ୍ତିତ ହେଉଛି। ସହରୀ ଯୋଜନା ନିଶ୍ଚିତ ଭାବେ ଦୀର୍ଘକାଳୀନ ଅର୍ଥନୈତିକ ଅଭିବୃଦ୍ଧି, ଉତ୍ପାଦନ ବୃଦ୍ଧି ଓ ସମଗ୍ର ବିକାଶ ସହ ସଂଯୁକ୍ତ ହେବା ଉଚିତ ବୋଲି ସେ କହିଥିଲେ। ଏହି ପରିପ୍ରେକ୍ଷୀରେ ସେ ଆଗାମୀ 'ଲିଭେବୁଲ୍ ସିଟି ମିଶନ'ର ରୂପରେଖ ଉପସ୍ଥାପନ କରିଥିଲେ। ଏହାର ଲକ୍ଷ୍ୟ ହେଉଛି ଉନ୍ନତ ମୌଳିକ ସେବା, ସବୁଜ ସାର୍ବଜନୀନ ସ୍ଥାନ, ସୁଦୃଢ଼ ଭିତ୍ତିଭୂମି ଓ ନାଗରିକ-କୈନ୍ଦ୍ରିକ ଶାସନ ମାଧ୍ୟମରେ ସହରୀ ଜୀବନଶୈଳୀକୁ ଅଧିକ ସହଜ ଓ ସୁନ୍ଦର କରିବା। ଏହି ମିଶନ ସହ ନିରବଚ୍ଛିନ୍ନ ଗମନାଗମନ ବ୍ୟବସ୍ଥା ଓ ସମନ୍ୱିତ ସହରୀ ଭିତ୍ତିଭୂମିରେ ପୁଞ୍ଜି ନିବେଶ କରାଯିବ, ଯାହା ଫଳରେ ସହରଗୁଡ଼ିକ ଦକ୍ଷ, ସଂଯୁକ୍ତ ଓ ଅନ୍ତର୍ଭୁକ୍ତିମୂଳକ ହୋଇପାରିବ।

## ଭୂ-ରାଜସ୍ୱ ଓ ଜଳକର ଧାର୍ଯ୍ୟ ସମୟରେ ଆଦାୟ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ): ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଭୂ-ରାଜସ୍ୱ ଓ ଜଳ କରର ଧାର୍ଯ୍ୟ ଲକ୍ଷ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ଆଦାୟ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଅର୍ଥ ବିଭାଗ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୯୮୦ କୋଟି ଟଙ୍କାର ଭୂ-ରାଜସ୍ୱ ଓ ୨୫.୩୨ କୋଟି ଟଙ୍କାର ଜଳକର ଆଦାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ବକେୟା ଭୂ-ରାଜସ୍ୱ ଓ ଜଳକର ଆଦାୟକୁ ତ୍ୱରାନ୍ୱିତ କରିବା ଦିଗରେ ସମସ୍ତ ଜିଲ୍ଲାପାଳ ଯତ୍ନବାନ୍ ହେବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସମସ୍ତ ରାଜସ୍ୱ ଡିଭିଜନାଲ କମିଶନରମାନଙ୍କୁ ମଧ୍ୟ ବକେୟା ଭୂ-ରାଜସ୍ୱ ଓ ଜଳ କର ଆଦାୟ ସମ୍ବନ୍ଧରେ ସାପ୍ତାହିକ ବୈଠକ କରି ନିର୍ଦ୍ଧାରିତ ଲକ୍ଷ୍ୟକୁ ହାସଲ କରିବା ପାଇଁ ପ୍ରଚେଷ୍ଟା କରିବାକୁ ଏହି ଚିଠିରେ ନିର୍ଦ୍ଦେଶ ଦିଆଯାଇଛି।

## ବସ୍ତି ପିଲାଙ୍କ ପାଇଁ ସ୍ୱତନ୍ତ୍ର ଆଧାର ପଞ୍ଜିକରଣ ଶିବିର



କଟକ,୨୮।୨(ସଂଚାର ବ୍ୟୁରୋ): ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, କଟକ ମହାନଗର ନିଗମ ଓ କଟକ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ କଟକର ବ୍ରଜବିହାରୀପୁର, ବାଲ୍ମିକୀ ନଗର ଏବଂ ବାବା ତିଳକନଗରରେ ପିଲାମାନଙ୍କ ପାଇଁ ଦୁଇ ଦିନ ଧରି ସ୍ୱତନ୍ତ୍ର ଆଧାର ପଞ୍ଜୀକରଣ ଶିବିର ଆୟୋଜିତ ହୋଇଛି। ଶିଶୁ ଅଧିକାର ଓ ସାମାଜିକ ଅନ୍ତର୍ଭୁକ୍ତୀକରଣକୁ ଆଗକୁ ବଢ଼ାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏଭଳି ପଦକ୍ଷେପ ହାତକୁ ନିଆଯାଇଥିଲା। ବିଶ୍ୱବିଦ୍ୟାଳୟର ପ୍ରମୁଖ ପ୍ରକଳ୍ପ ଭାବେ ଜଣାଶୁଣା କୁଟୁମ୍ବ ପକ୍ଷରୁ ଗତ ୨୫ ଓ ୨୬ ଦୁଇଦିନ ଧରି ସିଡିଏ ସେକ୍ଟର-୧୩ସ୍ଥିତ ବାଲ୍ମିକୀ ନଗର ସମ୍ପ୍ରଦାୟ କେନ୍ଦ୍ରରେ ଏହି ଶିବିର ଆୟୋଜିତ ହୋଇଥିଲା।ସହରାଞ୍ଚଳ ବସତିର ୫୦ରୁ ଅଧିକ ପିଲାଙ୍କ ପାଇଁ ଏହି ସ୍ୱତନ୍ତ୍ର ଆଧାର ପଞ୍ଜୀକରଣ ଶିବିରର ଆୟୋଜନ କରାଯାଇଥିଲା। କଟକ ମହାନଗର ନିଗମ କମିଶନର କିରଣଦୀପ କୌର ସହୋତା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବେଦ କୁମାରୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସେ କହିଥିଲେ ଯେ ସ୍ଥାନୀୟ ବସ୍ତିପିଲାମାନେ ଯେତେବେଳେ ଏହି ଜାତୀୟ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିବେ, ସେତେବେଳେ ସେ ସବୁଠାରୁ ବେଶୀ ଖୁସି ହେବେ। ଏନଏଲୟୁରୁ ଡକ୍ଟର ସ୍ୱାଗତିକା ସାମଲ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ ଓ କୁଟୁମ୍ବ ପ୍ରୋଜେକ୍ଟ ସଂଯୋଜକ ଡକ୍ଟର ଅକ୍ଷୟ ବର୍ମା ଧନ୍ୟବାଦ ଦେଇଥିଲେ।

## ଟାଟା ଏସିଇ ଓଲଟି ୨ ମୃତ

ଚଣ୍ଡିଖୋଲ, ୨୮।୨ (ସଂଚାର ବ୍ୟୁରୋ) : ନଗର ସଂକୀର୍ତ୍ତନ ସାରି ଫେରୁଥିବା ସମୟରେ ଓଲଟିଲା ଟାଟା ଏସିଇ ଗାଡ଼ି। ଦୁର୍ଘଟଣା ଯୋଗୁ ଘଟଣାସ୍ଥଳରେ ଦୁଇ ଜଣକ ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଆହତ ହୋଇଛନ୍ତି। ଜଣକୁ ଗୁରୁତର ଅବସ୍ଥାରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁଯାୟୀ, ବଇରୀ ଗ୍ରାମରୁ ଅଷ୍ଟପ୍ରହରୀ ସାରି ଟାଟା ଏସିଇ ଗାଡ଼ିରେ ଫେରୁଥିବା ସମୟରେ ଉପୁଳା ଠାରେ ଗାଡ଼ି ଦୁର୍ଘଟଣା ଗ୍ରସ୍ତ ହୋଇଛି। ଗାଡ଼ିରେ ମୋଟ ୮ ଜଣ ଥିବା ବେଳେ ଦୁଇ ଜଣକର ମୃତ୍ୟୁ ଘଟିଛି। ମୃତକ ହେଲେ ଚନ୍ଦନ ମଲ୍ଲିକ ଓ ଉପେନ୍ଦ୍ର ମଲ୍ଲିକ। ଉଭୟ ଉପୁଳା ଗ୍ରାମର। ସେହିଭଳି ଗୁରୁତର ୫ ଆହତଙ୍କୁ ବଡ଼ଚଣା ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣକ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ସିଆଇଏସ୍ଏଫ୍ ପ୍ରତିଷ୍ଠା ଦିବସ ପରେଡ୍ ପ୍ରସ୍ତୁତି ସମୀକ୍ଷା



ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ): କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍ଏଫ୍) ଏହାର ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଛି। ଏହି ଅବସରରେ କଟକର ମୁଣ୍ଡଳିସ୍ଥିତ ଆଞ୍ଚଳିକ ତାଲିମ କେନ୍ଦ୍ରରେ ଆସନ୍ତା ୬ ତାରିଖରେ ଏହାର ବାର୍ଷିକ ପ୍ରତିଷ୍ଠା ଦିବସ ପରେଡ୍ ଆୟୋଜିତ ହେବ। ଏଥିନିମନ୍ତେ ସିଆଇଏସଏଫ ମହାନିର୍ଦ୍ଦେଶକ ପ୍ରବୀର ରଞ୍ଜନ ଏହାର ପ୍ରସ୍ତୁତି ତଦାରଖ କରିବା ସହ ମୁଣ୍ଡଳି ଓ ଭୁବନେଶ୍ୱରର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଦେଶବ୍ୟାପୀ ବିଭିନ୍ନ ତାଲିମ କେନ୍ଦ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ ଭାରତ ସରକାରଙ୍କ ନିର୍ଦ୍ଦେଶ କ୍ରମେ ମୁଣ୍ଡଳିସ୍ଥିତ ଆଞ୍ଚଳିକ ତାଲିମ କେନ୍ଦ୍ରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏହି ଗସ୍ତ ସମୟରେ ମହାନିର୍ଦ୍ଦେଶକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆଙ୍କୁ ସାକ୍ଷାତ କରିଥିଲେ। ସେମାନଙ୍କ ମଧ୍ୟରେ ସୁରକ୍ଷା ସମନ୍ୱୟ ଓ ପରେଡ୍ ସମ୍ପର୍କରେ ଆଲୋଚନା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ମଧ୍ୟ ଉଭୟଙ୍କୁ ସେ ଆମନ୍ତ୍ରିତ କରିଥିଲେ।

## ଘରକୁ ଫେରିଲେ ଥାଇଲାଣ୍ଡରେ ଫସିଥିବା ୬ ଓଡ଼ିଆ



ଭୁବନେଶ୍ୱର, ୨୮।୨ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଥାଇଲାଣ୍ଡରେ ଫସି ରହିଥିବା ୬ ଜଣ ଓଡ଼ିଆ ଯୁବକଙ୍କ ମଧ୍ୟରୁ ୪ ଜଣଙ୍କୁ ଗତ ୨୧ ତାରିଖରେ ଓଡ଼ିଶାକୁ ଫେରାଇ ଅଣାଯାଇଥିଲା। ଆଜି ଅନ୍ୟ ୨ ଜଣ ଯୁବକ ଥାଇଲାଣ୍ଡରୁ ଆସି ଓଡ଼ିଶାରେ ପହଞ୍ଚିଛନ୍ତି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଉପୁଳାଇ ଗ୍ରାମର ପ୍ରଶାନ୍ତ କୁମାର ରାଉତ ଓ କୁଜିପୁର ଗ୍ରାମର ଯଶୋବନ୍ତ ସାହୁ।

ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକର ୫ ଯୁବକ ବିଜୟ କୁମାର ସ୍ୱାଇଁ, ହେମନ୍ତ କୁମାର ବେହେରା, ଜୟନ୍ତ କୁମାର ମଲ୍ଲିକ, ଯଶୋବନ୍ତ ସାହୁ, ପ୍ରଶାନ୍ତ କୁମାର ରାଉତ ଏବଂ ଭଦ୍ରକ ଜିଲ୍ଲା ଚାନ୍ଦବାଲିର ମନୋରଞ୍ଜନ ସାହୁ ଗତ ବର୍ଷ ଅଗଷ୍ଟରେ ଥାଇଲାଣ୍ଡର ଏକ ପ୍ଲାଏଉଡ୍ କମ୍ପାନୀରେ କାର୍ଯ୍ୟ କରିବାକୁ ଯାଇଥିଲେ। ସେଠାରେ ଉକ୍ତ ପ୍ଲାଏଉଡ଼ କମ୍ପାନୀର ମାଲିକ ସେମାନଙ୍କୁ ଦରମା ଦେଉ ନ ଥିବାର ଅଭିଯୋଗ କରିବା ସହ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଓଡ଼ିଶାକୁ ଫେରି ଆସିବା ପାଇଁ ସେମାନେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ।ଏହି ସମ୍ବନ୍ଧରେ ଜାଣିବା ପରେ କେନ୍ଦ୍ର ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ, ନୂଆଦିଲ୍ଲୀସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଏବଂ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲା ପ୍ରଶାସନର ମିଳିତ ସହାୟତାରେ ୬ ଜଣଯାକ ଓଡ଼ିଆ ଯୁବକଙ୍କୁ ଓଡ଼ିଶାକୁ ଫେରାଇ ଅଣାଯାଇଛି।

## ବ୍ଲାକ୍ ଲିଷ୍ଟ କମ୍ପାନୀକୁ କାମ ଦେଲା କିଏ: କଂଗ୍ରେସ

- ଠିକାଦାର ଆନ୍ଦୋଳନ ଯୋଗୁଁ ନିର୍ମାଣ କାର୍ଯ୍ୟ ଠପ
- ଓଡ଼ିଆ ଅସ୍ମିତା ପ୍ରୀତି, ଅଣଓଡ଼ିଆ ଠିକାଦାରଙ୍କୁ କାମ




ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ): ଦୀର୍ଘ ୯ ଦିନ ହେଲା ରାଜ୍ୟର ୮୦ ହଜାର କଣ୍ଟ୍ରାକ୍ଟର ଧାରଣାରେ ବସିଛନ୍ତି। ରାଜ୍ୟର ବହୁ ଜିଲ୍ଲାରେ ନିର୍ମାଣ କାମ ସମ୍ପୂର୍ଣ୍ଣ ଠପ। ଆଉ ଅଳ୍ପ କେଇଟା ଦିନ ପରେ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ କରିବେ ବୋଲି ଠିକାଦାରମାନେ ଘୋଷଣା କରିସାରିଲେଣି। ରାଜ୍ୟର ଲକ୍ଷ ଲକ୍ଷ ଶ୍ରମିକ ଓ ଦିନମଜୁରିଆ ୯ ଦିନ ଧରି କାମ ନ ପାଇ ଘରେ ବସିଲେଣି। ପରିବାର ଚଳାଇବା ପାଇଁ ସେମାନଙ୍କ ପାଖରେ ପଇସାଟିଏ ନାହିଁ। କିନ୍ତୁ ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ପ୍ରଥମ ଥର ପାଇଁ ଆସିଥିବା ସରକାର ଓଡ଼ିଆ ଠିକାଦାରଙ୍କୁ ଜାଣିଶୁଣି କିଭଳି ଭାବେ ହଇରାଣ ହରକତ କରାଯିବ ଓ କିଭଳି ଭାବେ ସେମାନଙ୍କ ପାଖରୁ କୋଟି କୋଟି ଟଙ୍କା ଉତ୍କୋଚ ଆଦାୟ କରାଯିବାର ବାଟ ଏ ସରକାର ଫିଟାଇ ସାରିଛନ୍ତି।

ସରକାରଙ୍କର ଏତାଦୃଶ କାର୍ଯ୍ୟକୁ ବିରୋଧ କରି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି କହିଥିଲେ ଯେ ପୂର୍ବ ସରକାର ସମୟରେ ଟେଣ୍ଡର ବିଡିଂ ପ୍ରକ୍ରିୟାରେ ଠିକାଦାରମାନେ କୌଣସି ଠିକା କାମରେ ଧାର୍ଯ୍ୟ ମୂଲ୍ୟଠାରୁ ୧୪.୯୯ ପ୍ରତିଶତ କମ୍ କରି ଟେଣ୍ଡର ପକାଇବାର ନିୟମ ଥିଲା। କିନ୍ତୁ ବିଜେପି ସରକାର ଆସିଲା ପରେ ଏହି ନିୟମକୁ ବଦଳାଇ ଟେଣ୍ଡର ବିଡିଂ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ଠିକାଦାରମାନେ ଯେତେ କମ୍ ରେଟରେ ପକାଇପାରିବେ, ଏହାର କୌଣସି ସୀମା ରଖିଲେ ନାହିଁ। ଏହାଦ୍ୱାରା ଗୋଟେ ଠିକା କାମରେ ୪୦ ପ୍ରତିଶତରୁ ୫୦ ପ୍ରତିଶତ କମ୍‌ରେ ପକାଇ କାମ ନେଇପାରିବେ। ମୂଳତଃ ୪୦ ପ୍ରତିଶତରୁ ୫୦ ପ୍ରତିଶତ କମ ରେଟରେ ଟେଣ୍ଡରରେ କାମ ନେଲେ ରାଜ୍ୟରେ ଯେଉଁ ନିର୍ମାଣ କାମ ହେବ, ତା' ସଂପୂର୍ଣ୍ଣ ନିମ୍ନ ମାନର ହେବ ବୋଲି ଶ୍ରୀ ମହାନ୍ତି ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟରେ ୩୫ ହଜାର କୋଟି ଟଙ୍କାର ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ରାଜ୍ୟ ବାହାରର ସମସ୍ତ ଠିକାଦାରଙ୍କୁ ଦିଆଯାଇଛି ଯଥା ଏଲଏଣ୍ଡଟି, ସାପୁଜି ଆଣ୍ଡ ପ୍ୱାଲେଞ୍ଜି, ବେକନ, ମେଘା ଇଞ୍ଜିନିୟରିଂ, କେଇସି, ଜେଏମସି, ଜେଭିପିଆର, ଇଗଲ, ଏନସିସି ଓ ସିଙ୍ଗଲା ଆଦି କମ୍ପାନୀମାନଙ୍କୁ ଦିଆଯାଇଛି। ଗୋଟିଏ ବୋଲି ଓଡ଼ିଆ ଠିକାଦାରଙ୍କୁ ଏ କାମ ଜାଣିଶୁଣି ପୂର୍ବ ସରକାର ଓ ବର୍ତ୍ତମାନ ସରକାରର ଅଧିକାରୀମାନେ ଦେଇନାହାନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା, ଇଗଲ ମଧ୍ୟପ୍ରଦେଶର ଏକ କଳା ତାଲିକାଭୁକ୍ତ ଠିକା କମ୍ପାନୀ। ଏହି ଠିକା କମ୍ପାନୀକୁ ନିଜ ରାଜ୍ୟରେ କାମ ମିଳୁନାହିଁ। କିନ୍ତୁ ଓଡ଼ିଶା ସରକାର ଉକ୍ତ କମ୍ପାନୀକୁ କାହା ଦୟାରେ ୫୦୦ କୋଟି ଟଙ୍କାର ପାନୀୟଜଳ ପ୍ରକଳ୍ପର ଠିକାଦାରୀ ଦିଆଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି।

- ୫୦ ମୂଲ୍ୟାୟନ କେନ୍ଦ୍ରରେ ପହଞ୍ଚିଲା ଉତ୍ତର ଖାତା

## ୧୯ରୁ ମାଟ୍ରିକ ଖାତା ଦେଖା

କଟକ, ୨୮।୨ (ସଂଚାର ବ୍ୟୁରୋ) : ମାଟ୍ରିକ୍ ପରୀକ୍ଷାର୍ଥୀଙ୍କର ସାମାଜିକ ବିଜ୍ଞାନ(ସୋସିଆଲ୍ ସାଇନ୍ସ) ବିଷୟ ପରୀକ୍ଷା ଶେଷ ହୋଇଛି । ଆସନ୍ତା ୨ ତାରିଖ ଦିନ ଶେଷ ପରୀକ୍ଷା ଗଣିତ ବିଷୟ ରହିଛି । ମାଟ୍ରିକ୍ ସହ ଏସ୍‌ଓଏସ୍‌ସି ଏବଂ ମଧ୍ୟମାର ଓଡ଼ିଆ, ଇଂରାଜୀ ଓ ହିନ୍ଦୀ, ସଂସ୍କୃତ ବିଷୟର ଉତ୍ତରଖାତାଗୁଡ଼ିକ ରାଜ୍ୟର ୩୧୨ଟି ଯାକ ନୋଡାଲ୍ ସେଣ୍ଟର୍ରୁ ସଂଗ୍ରହ ହୋଇ ପୁଲିସ ସୁରକ୍ଷା ବଳରେ ଆସି ୫୦ଟି ମୂଲ୍ୟାୟନ କେନ୍ଦ୍ରରେ ପହଞ୍ଚି ସାରିଛି । ମାର୍ଚ୍ଚ ୧୯ ତାରିଖରୁ ଖାତା ଆରମ୍ଭ ହେବ । ମୂଲ୍ୟାୟନ ପ୍ରକ୍ରିୟା ଏପ୍ରିଲ୍ ୨ ସୁଦ୍ଧା ଶେଷ କରିବା ପାଇଁ ବୋର୍ଡ ପକ୍ଷରୁ ସମୟ ଧାର୍ଯ୍ୟ କରାଯାଇଛି ।

## ଏପଷ୍ଟିନ ଫାଇଲ୍ ସମ୍ପର୍କରେ ବାମ ଦଳର ଆଲୋଚନଚକ୍ର




ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ): ଆଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଓଡ଼ିଶା ରାଜ୍ୟ ପରିଷଦ ଆହ୍ୱାନରେ ଭୁବନେଶ୍ୱରରେ ଏପଷ୍ଟିନ ଫାଇଲ ସମ୍ପର୍କରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଛି। ଏଥିରେ ଆନ୍ତର୍ଜାତିକ ବ୍ୟାପାର ବିଶେଷଜ୍ଞ ପ୍ରଫେସର ମାନସ ବେହେରା, 'ଛାଇ' ଓଡ଼ିଶାର ସମ୍ପାଦକ ସତୀଶ ମିଶ୍ର, ସିପିଆଇର ରାଜ୍ୟ ସହସମ୍ପାଦକ ଜୟନ୍ତ ଦାସ, ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଦୁଷ୍ମନ୍ତ ଦାସ ଯୋଗ ଦେଇ ଏହି ବହୁଚର୍ଚ୍ଚିତ ଘଟଣାରେ ସେମାନଙ୍କ ମତାମତ ଦେଇଛନ୍ତି। ସମଗ୍ର ବିଶ୍ୱର ରାଜନେତା, ବ୍ୟବସାୟୀ, ଶିଳ୍ପପତି, ପୁଞ୍ଜିପତି, ସମାଜଶାସ୍ତ୍ରୀ, ଧର୍ମଗୁରୁମାନଙ୍କୁ ବୀଭତ୍ସ ଯୌନ ବ୍ୟଭିଚାରରେ ସାମିଲ କରାଇ ସାରା ପୃଥିବୀରୁ ଅଳ୍ପ ବୟସର ଝିଅମାନଙ୍କୁ ନେଇ ପାଶବିକ ଯୌନ ଉତ୍ପୀଡ଼ନ ପରେ ତାଙ୍କୁ ଜୀବନରୁ ମାରିଦେଇ ପ୍ରଚୁର ଅର୍ଥ ଓ ସମ୍ବଳ ହାତେଇବାରେ ସଫଳ ହୋଇଥିଲା ସ୍କୁଲ୍ ଶିକ୍ଷକରୁ ବୃହତ୍ କମ୍ପାନୀ ମାଲିକଙ୍କ ଅର୍ଥନୈତିକ ପରାମର୍ଶଦାତା ଭାବେ ଉଭା ହୋଇଥିଲା ଜେଫ୍ରି ଏପଷ୍ଟିନ୍। ବିଂଶ ଶତାବ୍ଦୀର ନବେ ଦଶକରୁ ଏହି ଜଘନ୍ୟ କାର୍ଯ୍ୟରୁ ପ୍ରଚୁର ଅର୍ଥ ହାତେଇ ଆମେରିକାର ଲିଟଲ ସେଣ୍ଟ ଜେମ୍ସ ଓ ଗ୍ରେଟ୍ ସେଣ୍ଟ ଜେମ୍ସ ଦ୍ୱୀପ ଖରିଦ କରି ୨୦୦୮ ବେଳକୁ ବିଶ୍ୱ ଦରବାରରେ ଏକ ନାମୀ ଧନାଢ୍ୟ ବ୍ୟକ୍ତିରେ ପରିଣତ ହୁଏ ଜେଫ୍ରି ଏପଷ୍ଟିନ୍। ଏହି ଆଲୋଚନାଚକ୍ରରେ ବକ୍ତାମାନେ ସଂସଦରେ ସ୍ୱତନ୍ତ୍ର ଆଲୋଚନା ସହ ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କରେ ଜେଫ୍ରି ଏପଷ୍ଟିନ ଫାଇଲରେ ନାମ ଥିବାରୁ ସଂସଦରେ ପକ୍ଷ ରଖିବା ସହ କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂହ ପୁରୀ ମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ଦାବି କରାଯାଇଛି। ଏଥିସହ ମନ୍ତ୍ରୀ ଓ ଅନୀଲ ଅମ୍ବାନୀଙ୍କୁ ଗିରଫ କରିବା ଓ ସମଗ୍ର ଘଟଣାର ତଦନ୍ତ ପାଇଁ ସରକାର ସଂସଦରେ ଘୋଷଣା କରିବାକୁ ଆଜିର ଆଲୋଚନାଚକ୍ରରେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି।

## ଜାତୀୟ ବିଜ୍ଞାନ ଦିବସରେ ଗବେଷଣାକୁ ଅଗ୍ରାଧିକାର ଦେଇଛି ବେଦାନ୍ତ



ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ): ଜାତୀୟ ବିଜ୍ଞାନ ଦିବସରେ ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ଏହାର କାର୍ଯ୍ୟରେ ଗବେଷଣାଚାଳିତ ଉତ୍ପାଦନ, ଡିଜିଟାଲ୍ ନବସୃଜନ ଓ ପ୍ରାୟୋଗିକ ଇଞ୍ଜିନିୟରିଂ ମାଧ୍ୟମରେ ଦେଶର ବୈଜ୍ଞାନିକ ଓ ପ୍ରଯୁକ୍ତିବିଦ୍ୟା ପ୍ରଗତିକୁ ଆଗକୁ ବଢ଼ାଇବା ପାଇଁ ଏହାର ପ୍ରତିବଦ୍ଧତାକୁ ଉଜ୍ଜ୍ୱଳ କରିଛି। କମ୍ପାନୀର ସମନ୍ୱିତ ବୈଜ୍ଞାନିକ କର୍ମଶକ୍ତି, ଧାତୁବିଜ୍ଞାନୀ, ରସାୟନବିଦ୍, ପ୍ରକ୍ରିୟା ଇଞ୍ଜିନିୟର, ଡାଟା ବିଜ୍ଞାନ ଓ ଡିଜିଟାଲ୍ ବିଶେଷଜ୍ଞଙ୍କ ସମେତ ମୁଖ୍ୟ ବୈଜ୍ଞାନିକ, ବୈଷୟିକ, ଡିଜିଟାଲ୍ ଓ ଇଞ୍ଜିନିୟରିଂ ଭୂମିକାରେ କାର୍ଯ୍ୟ କରୁଥିବା ୮୦୦ରୁ ଅଧିକ ମହିଳା ପେସାଦାରଙ୍କ ସହ ବୈଜ୍ଞାନିକ ଓ ବୈଷୟିକ ପଦବୀରେ ଏହାର ମୋଟ କର୍ମଶକ୍ତିର ୨୦ ପ୍ରତିଶତ ଓ ସେମାନେ ଭାରତର ବର୍ଦ୍ଧିତ ନବସୃଜନ ଇକୋସିଷ୍ଟମରେ ଅବଦାନ ଦେଉଛନ୍ତି।

ଏହି ପେସାଦାରମାନେ ସମ୍ବଳ ଦକ୍ଷ ବିଶୋଧନ, ସାମଗ୍ରୀ ବିଜ୍ଞାନ, ଶକ୍ତି ଅପ୍ଟିମାଇଜେସନ୍, ସ୍ଥାୟୀ ଖଣି ଅଭ୍ୟାସ, ଶିଳ୍ପ ଏଆଇ ଓ ଡିଜିଟାଲ୍ ଉତ୍ପାଦନରେ ପ୍ରମୁଖ ଭୂମିକା ନେଉଛନ୍ତି। ଏକ ଉଲ୍ଲେଖନୀୟ ସଫଳତା ହେଉଛି କମ୍ପାନୀର ମାଲିକାନା ବିଶୋଧନ ପ୍ରକ୍ରିୟା ଯାହା ବକ୍ସାଇଟ୍ ଅବଶିଷ୍ଟ ଉତ୍ପାଦନକୁ ୩୦ ପ୍ରତିଶତ ହ୍ରାସ କରେ, ଆଲୁମିନା ପୁନରୁଦ୍ଧାରକୁ ବୃଦ୍ଧି କରେ ଓ ସ୍ଥାୟୀ ବିଶୋଧନ ଅଭ୍ୟାସକୁ ସୁଦୃଢ଼ କରେ। କମ୍ପାନୀ ଆଇସିଏଆର-ସିଟିସିଆରଆଇ ସହ ଏକ ଅଗ୍ରଣୀ ଗବେଷଣା କାର୍ଯ୍ୟକ୍ରମ ମଧ୍ୟ ପରିଚାଳନା କରୁଛି, ଯାହାଦ୍ୱାରା ଭୂମି ପୁନରୁଦ୍ଧାର ଓ ପରିବେଶଗତ ପୁନରୁଦ୍ଧାର ପାଇଁ ଲାଲ କାଦକୁ ଏକ ପୁଷ୍ଟିକର ସମୃଦ୍ଧ ବୃଦ୍ଧି ମାଧ୍ୟମ ଭାବରେ ପରିଣତ କରାଯାଇପାରିବ। ଏଆଇ ସକ୍ଷମ ପ୍ରକ୍ରିୟା ଅପ୍ଟିମାଇଜେସନ୍, ଭବିଷ୍ୟବାଣୀ ରକ୍ଷଣାବେକ୍ଷଣ, ଦୂରବର୍ତ୍ତୀ କାର୍ଯ୍ୟ ଓ ମେସିନ୍-ଶିକ୍ଷଣ-ଚାଳିତ ମନିଟରିଂ ସମେତ ଡିଜିଟାଲ୍ ରୂପାନ୍ତରଣ ପଦକ୍ଷେପଗୁଡ଼ିକ ଏହାର ବୈଜ୍ଞାନିକ ଅଭିଯାନର କେନ୍ଦ୍ରବିନ୍ଦୁ। ଏହି ପ୍ରୟାସ ମୂଳରେ ବେଦାନ୍ତ ଆଲୁମିନିୟମର ଉତ୍ସର୍ଗୀକୃତ ଗବେଷଣା ଓ ବିକାଶ ଇକୋସିଷ୍ଟମ ରହିଛି। ବେଦାନ୍ତ ଆଲୁମିନିୟମ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକରେ ମହିଳାଙ୍କ ଅଂଶଗ୍ରହଣକୁ ନିୟମିତ ବିସ୍ତାର କରିଛି। ସେମାନେ ସମ୍ପୂର୍ଣ୍ଣ ସ୍ମେଲଟର ଲାଇନ, ଲୋକୋମୋଟିଭ୍ ଅପରେସନ୍, ପାୱାର ପ୍ଲାଣ୍ଟ ୟୁନିଟ୍, ଅଗ୍ନି ନିର୍ବାପକ ଦଳ, ସୁରକ୍ଷା ଦଳ, ଉପକରଣ ଦଳ ଓ ପ୍ରକ୍ରିୟା ଇଞ୍ଜିନିୟରିଂ ଏବଂ ଶିଳ୍ପ ସ୍ୱୟଂଚାଳିତକରଣରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି।

# ସ୍ମାର୍ଟ ସିଟିକୁ ରାଜସ୍ୱ ଭରସା



ଭୁବନେଶ୍ୱର,୨୮।୨: ସ୍ମାର୍ଟ ସିଟିକୁ ଏବେ ନିଜସ୍ୱ ରାଜସ୍ୱ ଭରସା। କାରଣ ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ସ୍ମାର୍ଟ ସିଟିର ରାଜସ୍ୱରୁ ବେତନ ପ୍ରଦାନ କରାଯାଉଛି। ତେବେ ରାଜସ୍ୱ ବୃଦ୍ଧି ପାଇଁ ଉଚ୍ଚସ୍ତରୀୟ ବୈଠକରେ ହୋଇଥିବା ନିଷ୍ପତ୍ତି କିନ୍ତୁ ଅଧାବାଟରେ ଅଟକିଯାଇଛି।

ଭୁବନେଶ୍ୱର ସ୍ମାର୍ଟ ସିଟି ଗଠନଠାରୁ ଏପର୍ଯ୍ୟନ୍ତ କେନ୍ଦ୍ର ସରକାର ୪୯୦ କୋଟି ଟଙ୍କା ଯୋଗାଇ ଦେଇଛନ୍ତି। ରାଜ୍ୟ ସରକାର ମଧ୍ୟ ତାଙ୍କର ଅଂଶ ପ୍ରଦାନ କରିଛନ୍ତି। ଏହି ଅର୍ଥରେ ହାତକୁ ନିଆଯାଇଥିବା ବହୁ ପ୍ରକଳ୍ପ ସମ୍ପୂର୍ଣ୍ଣ ବି ହୋଇଛି। ଏଥିରୁ କିଛି ପ୍ରକଳ୍ପରୁ ରାଜସ୍ୱ ଆଦାୟ ହେଉଥିବା ବେଳେ ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକରୁ କିଭଳି ଅଧିକ ପରିମାଣରେ ରାଜସ୍ୱ ଆସିପାରିବ, ସେଥିପାଇଁ ନଗର ଉନ୍ନୟନ ବିଭାଗ ଦ୍ୱାରା ଆୟୋଜିତ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ହୋଇଥିଲା।

ଏହି ନିଷ୍ପତ୍ତିଗୁଡ଼ିକ ମଧ୍ୟରେ ଥିବା ଅଚଳ ହୋଇଥିବା ସ୍ମାର୍ଟ କିଓସ୍କଗୁଡ଼ିକୁ ବିଜ୍ଞାପନ ଖୁଣ୍ଟ ଭାବେ ବ୍ୟବହାର କରିବା, ବହୁତଳୀୟ ପାର୍କିଂ ସ୍ଥଳୀରେ ଅଧିକରୁ ଅଧିକ ବିଜ୍ଞାପନ ହୋର୍ଡିଂ ଲଗାଇବା, ସ୍ମାର୍ଟ ଜନପଥରେ ଥିବା କିଓସ୍କରୁ ରାଜସ୍ୱ ଆଦାୟ କରିବା ଆଦି। ତେବେ ବୈଠକକୁ ଦୀର୍ଘଦିନ ବିତିଯାଇଥିଲେ ବି ଏ ଦିଗରେ ସେଭଳି କୌଣସି ପଦକ୍ଷେପ ନିଆଯାଇନାହିଁ। ସ୍ମାର୍ଟ କିଓସ୍କ ସେଭଳି ଅବ୍ୟବହୃତ ହୋଇ ପଡ଼ିଥିବା ବେଳେ ବହୁତଳୀୟ ପାର୍କିଂସ୍ଥଳରେ ବି ରାଜସ୍ୱ ଆୟକାରୀ ବିଜ୍ଞାପନ ଫଳକ ଦେଖିବାକୁ ମିଳୁନାହିଁ।

ଅନ୍ୟ ପକ୍ଷରେ ସ୍ମାର୍ଟ ସିଟି କର୍ତ୍ତୃପକ୍ଷ ନିର୍ମାଣ କରିଥିବା ଆଉ କିଛି ପ୍ରକଳ୍ପ ମଧ୍ୟ ଭାଙ୍ଗିରୁଜିଗଲାଣି। ଏଥିମଧ୍ୟରେ ବାଉଁଶରେ ତିଆରି ମେଡିଆନ, ସ୍ମାର୍ଟ ଶୌଚାଳୟ ଆଦି ରହିଛି। ବାଉଁଶ ବଦଳରେ ଷ୍ଟିଲ୍ ମେଡିଆନ ପାଇଁ ଯୋଜନା ଚାଲିଥିବା ବେଳେ ସ୍ମାର୍ଟ ଶୌଚାଳୟର ପାଣି ଟ୍ୟାପ୍‌ଠାରୁ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ସବୁକିଛି ଚୋରି ହୋଇଗଲାଣି। ଏଗୁଡ଼ିକ ଏବେ ରାଜଧାନୀ ନିଶାଡ଼ିଙ୍କ ଆଡ୍ଡାସ୍ଥଳୀ ପାଲଟିଛି।

ରାଜ୍ୟ ସରକାର ନିକଟରେ ବିଧାନସଭାରେ ଦେଇଥିବା ସୂଚନାନୁଯାୟୀ, ଭୁବନେଶ୍ୱର ସ୍ମାର୍ଟ ସିଟିରେ ଏବେ ମୋଟ ୩୪ ଜଣ କର୍ମଚାରୀ ରହିଛନ୍ତି। ଏମାନଙ୍କ ମଧ୍ୟରେ ସାଧାରଣ ପ୍ରବନ୍ଧକଙ୍କଠାରୁ ଆରମ୍ଭ କରି ସୁରକ୍ଷା ପ୍ରହରୀ ରହିଛନ୍ତି। ତେବେ ଅଧିକାରୀ ପାହ୍ୟାରେ ଥିବା ଅଧିକାଂଶ ବାବୁ ଏଠାରେ କ'ଣ କରୁଛନ୍ତି, ତା'କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବାରେ ଲାଗିଛି। କେନ୍ଦ୍ର ସରକାର ଇତିମଧ୍ୟରେ ସ୍ମାର୍ଟ ସିଟି ଯୋଜନାକୁ ବନ୍ଦ କରିଥିବା ବେଳେ କେନ୍ଦ୍ରୀୟ ଅନୁଦାନ ମଧ୍ୟ ବନ୍ଦ ହୋଇଗଲାଣି। ଏବେ କେବଳ ନିର୍ମାଣ ହୋଇଥିବା ପ୍ରକଳ୍ପରୁ ଆୟ ରାଜସ୍ୱ ହିଁ ସ୍ମାର୍ଟ ସିଟିକୁ ଭରସା ପାଲଟିଛି। ଏଭଳି ସ୍ଥିତିରେ ସ୍ମାର୍ଟ ସିଟି କର୍ତ୍ତୃପକ୍ଷ ଆୟ ସୃଷ୍ଟି ପାଇଁ ହୋଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ ନ କରିବା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। (ତଥ୍ୟ)

## ପର୍ବପର୍ବାଣୀ ପାଇଁ ଆଇଜିପିଙ୍କ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା




ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ): ଆଗାମୀ ସପ୍ତାହଗୁଡ଼ିକରେ କେନ୍ଦ୍ରାଞ୍ଚଳ ଅନ୍ତର୍ଗତ ୭ଟି ଜିଲ୍ଲାରେ ପାଳନ ହେବାକୁ ଥିବା ବିଭିନ୍ନ ପ୍ରମୁଖ ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କେନ୍ଦ୍ରାଞ୍ଚଳ ପୁଲିସ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାଞ୍ଚଳ ପୁଲିସ ଆଇଜି ଡଃ ସତ୍ୟଜିତ ନାୟକଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଆଗାମୀ ଦିନରେ ଦୋଳ ପୂର୍ଣ୍ଣିମା, ହୋଲି, ଇଦ୍-ଉଲ୍-ଫିତର, ରାମ ନବମୀ, ହନୁମାନ ଜୟନ୍ତୀ ଓ ମହାବିଷୁବ ସଂକ୍ରାନ୍ତି ପରି ଉତ୍ସବରେ ବହୁ ସଂଖ୍ୟାରେ ଜନସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ଆଇଜିପି ସମସ୍ତ ଜିଲ୍ଲାର ଏସପିମାନଙ୍କୁ ଜନସାଧାରଣଙ୍କ ସୁରକ୍ଷା ଓ ସାମ୍ପ୍ରଦାୟିକ ସଦଭାବନା ରକ୍ଷା ଉପରେ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବେଦନଶୀଳ ଅଞ୍ଚଳ ଓ ଶୋଭାଯାତ୍ରା ମାର୍ଗରେ ପାଟ୍ରୋଲିଂ ବୃଦ୍ଧି ସହ ପର୍ଯ୍ୟାପ୍ତ ପରିମାଣର ପୁଲିସ ମୁତୟନ, ଗୁଜବ ଓ ଉତ୍ତେଜନାମୂଳକ ପୋଷ୍ଟ ରୋକିବା ପାଇଁ ଜିଲ୍ଲା ସାଇବର ସେଲ୍ ୨୪ ଘଣ୍ଟିଆ କାର୍ଯ୍ୟ, ମଦ୍ୟପାନ କରି ଗାଡ଼ି ଚଳାଇବା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ଉତ୍ସବ ସମୟରେ ଡିଜେ ଶବ୍ଦ ପ୍ରଦୂଷଣ ଉପରେ କଟକଣା, ପୁରୀ ସମୁଦ୍ରକୂଳ ଓ ଅନ୍ୟ ଜଳାଶୟ ନିକଟରେ ଲାଇଫଗାର୍ଡ ମୁତୟନ, ସ୍ଥାନୀୟ ଶାନ୍ତି କମିଟି ସହ ଆଲୋଚନା ଏବଂ ଅଗ୍ନିଶମ ଓ ସ୍ୱାସ୍ଥ୍ୟ ବିଭାଗ ସହ ସମନ୍ୱୟ ରକ୍ଷା, କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିର ମୁକାବିଲା ପାଇଁ ସର୍ବଦା ସଜାଗ ରହିବାକୁ ଡଃ ନାୟକ ନିର୍ଦ୍ଦେଶ ଦେଇଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ରବିବାର ୧ ମାର୍ଚ୍ଚ ୨୦୨୬, ଭୁବନେଶ୍ୱର
Sunday 1 March 2026, Bhubaneswar



# ଯୁଦ୍ଧ ବ୍ୟବସାୟୀ ଆମେରିକା

ଆଜିର ବିଶ୍ୱ ରାଜନୀତିରେ ଯୁଦ୍ଧ ଏକ ବ୍ୟବସାୟ ହୋଇଯାଇଛି। ଏହି ବ୍ୟବସାୟର ମୁଖ୍ୟ ନିର୍ଦ୍ଦେଶକ ହେଉଛି ଆମେରିକା ଯୁକ୍ତରାଷ୍ଟ୍ର। ଇରାକ, ଆଫଗାନିସ୍ତାନ, ଲିବିୟା, ସିରିଆ, ଇଉକ୍ରେନ ଏବଂ ମଧ୍ୟପ୍ରାଚ୍ୟର ପ୍ରତ୍ୟେକ ଯୁଦ୍ଧର ପଛରେ ଆମେରିକାର ଅଦୃଶ୍ୟ



ହାତ ସ୍ପଷ୍ଟ ଦେଖାଯାଏ। ଏହା କୌଣସି ଷଡ଼ଯନ୍ତ୍ର ନୁହେଁ, ବରଂ ଏକ ପ୍ରାୟୋଜିତ ରଣନୀତି। ଆମେରିକା ନିଜର ଅର୍ଥନୈତିକ ଓ ରାଜନୈତିକ ସ୍ୱାର୍ଥ ପାଇଁ ବିଶ୍ୱର ବିଭିନ୍ନ ଦେଶକୁ ଯୁଦ୍ଧର ଆଗନରେ ଠେଲି ଦେଉଛି। ଏହା କେବଳ ମାନବୀୟ ଦୁର୍ବିପାକ ନୁହେଁ, ବରଂ ଏକ ବୃହତ୍ତମ ଅପରାଧ।

ଆମେରିକାର ଯୁଦ୍ଧ କୌଶଳ ଅତ୍ୟନ୍ତ ଚତୁର। ପ୍ରଥମେ ସେ ଏକ ଦେଶରେ ଅସ୍ଥିରତା ସୃଷ୍ଟି କରେ। ଗଣତନ୍ତ୍ର, ମାନବାଧିକାର ଓ ସ୍ୱାଧୀନତାର ନାଁରେ ପ୍ରଚାର ଚଳାଏ। ତା'ପରେ ସେଠାରେ ବିଦ୍ରୋହୀ ଗୋଷ୍ଠୀକୁ ଅସ୍ତ୍ରଶସ୍ତ୍ର ଯୋଗାଏ। ଯେପରି ଇଉକ୍ରେନ ଯୁଦ୍ଧରେ ରୁଷିଆର ବିରୋଧରେ ନାଟୋ ମାଧମରେ ଆମେରିକା ଯୁଦ୍ଧ ପ୍ରରୋଚନା ଦେଇଛି। ଫଳତଃ ଲକ୍ଷ ଲକ୍ଷ ନିରୀହ ନାଗରିକ ମୃତ୍ୟୁବରଣ କରୁଛନ୍ତି। ଗାଜା ଓ ଲେବାନନ୍ ଯୁଦ୍ଧରେ ଇସ୍ରାଏଲକୁ ଅସଂଖ୍ୟ ଅସ୍ତ୍ର ଯୋଗାଇ ଆମେରିକା ମଧ୍ୟପ୍ରାଚ୍ୟରେ ଅଶାନ୍ତି ବଜାୟ ରଖୁଛି। ଏହାର ପଛରେ ଥିବା ଉଦ୍ଦେଶ୍ୟ କେବଳ ଏକ- ତୈଳ ନିୟନ୍ତ୍ରଣ, ଅସ୍ତ୍ର ବ୍ୟବସାୟ ଓ ଡଲାରର ଆଧିପତ୍ୟ। ଆମେରିକାର ଅସ୍ତ୍ର କମ୍ପାନୀଗୁଡ଼ିକ ଯେପରି ମାର୍ଟିନ୍, ରେଥିଓନ୍ ଓ ବୋଇଙ୍ଗ ପ୍ରତିବର୍ଷ ହଜାର କୋଟି ଡଲାର ଲାଭ କରୁଛନ୍ତି। ଯୁଦ୍ଧ ନହେଲେ ଏହି ଲାଭ କେଉଁଠାରୁ ଆସିବ?

ଇତିହାସ ସାକ୍ଷୀ ଯେ ଆମେରିକା କେବଳ ଆତ୍ମରକ୍ଷା ପାଇଁ ଯୁଦ୍ଧ କରି ନାହିଁ। ଭିଏତନାମ ଯୁଦ୍ଧରୁ ଆରମ୍ଭ କରି ଆଧୁନିକ ଇଉକ୍ରେନ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ସେ ନିଜର ସାମ୍ରାଜ୍ୟବାଦୀ ନୀତି ଲାଗୁ କରିଛି। ୨୦୦୩ ଇରାକ ଆକ୍ରମଣରେ ସାଦାମ ହୁସେନ ଉପରେ ଆଣବିକ ଅସ୍ତ୍ର ଅଭିଯୋଗ ଲଗାଇ ଦେଶକୁ ଧ୍ୱଂସ କରିଦେଲା। ପରେ ଜଣାପଡ଼ିଲା ଯେ ସେହି ଅଭିଯୋଗ ମିଥ୍ୟା ଥିଲା। ଲିବିୟାର ଗଦ୍ଦାଫିଙ୍କୁ ହତ୍ୟା କରି ଦେଶକୁ ଅରାଜକତାରେ ଠେଲି ଦେଲା। ଆଜି ସିରିଆରେ ଆଇଏସ୍‌ଆଇଏସ୍ ଗୋଷ୍ଠୀକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ସମର୍ଥନ ଦେଇ ଆମେରିକା ନିଜର ସ୍ୱାର୍ଥ ରକ୍ଷା କରୁଛି। ଏହି ସମସ୍ତ ଯୁଦ୍ଧରେ ଲକ୍ଷ ଲକ୍ଷ ଶିଶୁ, ମହିଳା ଓ ବୃଦ୍ଧ ପ୍ରାଣ ହରାଉଛନ୍ତି। କେବଳ ଆମେରିକାର ଅର୍ଥନୀତି ବଢ଼ୁଛି।

ଆମେରିକାର ଏହି ନୀତି ବିଶ୍ୱ ଶାନ୍ତିକୁ ବିପନ୍ନ କରୁଛି। ରୁଷିଆ ଓ ଚୀନ୍ ପରି ଦେଶଗୁଡ଼ିକ ଏହାର ବିରୋଧ କରୁଛନ୍ତି ବୋଲି ଆମେରିକା ସେମାନଙ୍କୁ 'ଅପରାଧୀ' ଭାବେ ଚିତ୍ରିତ କରୁଛି। କିନ୍ତୁ ପ୍ରକୃତ ଅପରାଧୀ ହେଉଛି ଆମେରିକା ନିଜେ। ତା'ର ଡଲାର ଆଧିପତ୍ୟ ଓ ଆଣ୍ଟି-ଟେରର ନାଁରେ ଚାଲୁଥିବା ଯୁଦ୍ଧ ବିଶ୍ୱକୁ ଏକ ଅସ୍ଥିର ମଞ୍ଚ କରିଦେଇଛି। ଭାରତ ପରି ଦେଶଗୁଡ଼ିକ ଏହି ପରିସ୍ଥିତିରେ ନିରପେକ୍ଷ ରହିବା ଆବଶ୍ୟକ। ଆମେ ଆମେରିକାର ସହିତ ବାଣିଜ୍ୟ କରୁଥିବା ସମୟରେ ମଧ ତା'ର ଯୁଦ୍ଧ ନୀତିର ବିରୋଧ କରିବା ଉଚିତ୍। ବିଶ୍ୱର ସମସ୍ତ ଦେଶ ଏକତ୍ରିତ ହୋଇ ଆମେରିକାର ଏହି ଷଡ଼ଯନ୍ତ୍ରକୁ ପ୍ରତିରୋଧ କରିବା ଆବଶ୍ୟକ। ୟୁନାଇଟେଡ ନେସନ୍ସକୁ ଆହ୍ୱାନ ଦେବା ଉଚିତ୍ ଯେ ଆମେରିକାର ଏକତରଫା ନୀତିକୁ ବନ୍ଦ କରାଯାଉ। ଯୁଦ୍ଧ କେବଳ ମୃତ୍ୟୁ ଓ ଧ୍ୱଂସ ଆଣେ, ଶାନ୍ତି ଆଣେ ନାହିଁ। ଆମେରିକା ଯଦି ପ୍ରକୃତ ବିଶ୍ୱନେତା ହେବାକୁ ଚାହୁଁଛି, ତେବେ ଯୁଦ୍ଧ ନୁହେଁ, ଶାନ୍ତିର ପଥ ବାଛୁଅନ୍ତୁ। ନହେଲେ ଇତିହାସ ତାକୁ କେବଳ ଏକ 'ଯୁଦ୍ଧ ବ୍ୟବସାୟୀ' ଭାବେ ମନେ ରଖିବ।

# ଯଜ୍ଞ ହିଁ ଜୀବନର ଉତ୍ସ

**ହୃଷିକେଷ ପୁହାଣ**



ବେଦ ହିଁ ଭାରତୀୟ ସଂସ୍କୃତିର ମୂଳଧାରା। ଆଜିକାଲି ଏହି ଆଧୁନିକ ଯୁଗରେ ଯଦି କୌଣସି ଠାରେ କିଞ୍ଚିତ ମାତ୍ରା ଆଲୋକର ସନ୍ଧାନ ମିଳୁଥାଏ ତେବେ ତାହା କେବଳ ବେଦ ମାନଙ୍କ ଯୋଗୁଁ। ଏହା ସମସ୍ତ ଧର୍ମନୀତିର ଉତ୍ସ। ଭାରତୀୟ ମୁନିଋଷିମାନେ ସମଗ୍ର ବିଶ୍ୱ ତଥା ମାନବ ଜାତିର କଲ୍ୟାଣ ନିମନ୍ତେ ଏବଂ ସମସ୍ତ ଲୋକର ସୁଖ, ଶାନ୍ତି ଓ ଉତ୍ତରୋତ୍ତର ସମୃଦ୍ଧି ନିମନ୍ତେ ନିରନ୍ତର ପ୍ରାର୍ଥନା କରୁଥିଲେ। କେବଳ ସେତିକି ନୁହେଁ ଯେଉଁଥିପାଇଁ ପ୍ରାର୍ଥନା କରୁଥିଲେ ତାହାର ଉପାୟ ମଧ୍ୟ ନିର୍ଦ୍ଧାରଣ କରି ଜଗତକୁ ଦେଖାଇଥିଲେ। ତାହା ହେଉଛି 'ଯଜ୍ଞ କର୍ମ'। ଯଜୁର୍ବେଦରେ ଯଜ୍ଞ ବିଷୟରେ ବିଶଦ ଭାବେ ବର୍ଣ୍ଣିତ। ଯଜୁର୍ବେଦରେ ଦିବ୍ୟ ଶକ୍ତି ତଥା ଦେବତା ମାନଙ୍କୁ ସ୍ତୁତି କରାଯାଇଛି। ତାହାଫଳରେ ସ୍ୱର୍ଣ୍ଣ, ଶସ୍ୟ, ଶୁଭ ଓ ସମ୍ପତ୍ତି, ପ୍ରାଚୁର୍ଯ୍ୟ ପ୍ରାବଲ୍ୟ ମାନବ ଜାତିକୁ ଉପଲବ୍ଧ ହୋଇଥାଏ। ଯଜ୍ଞ ମୁଖ୍ୟତଃ ଅଗ୍ନି ଉପାସନା। ମାନବର ଜୀବନ ଯାତ୍ରା ସହ ଅଗ୍ନିର ଉପାଦେୟ ଓ ଆବଶ୍ୟକତା ଓତଃପ୍ରୋତ ଭାବେ ଜଡ଼ିତ। ଅଗ୍ନିରୁ ମିଳୁଥିବା ଉଷ୍ମତା ଯୋଗୁଁ ବୌଦ୍ଧିକ ଉନ୍ନତି ପରିଲକ୍ଷିତ ହୁଏ। ତାହା ସମ୍ବୋଧିକୁ ମଧ୍ୟ ତୀକ୍ଷ୍ଣ କରାଏ। ଯଜ୍ଞରେ ଦିଆଯାଉଥିବା ଆହୁତି ଫଳରେ ଆବଶ୍ୟକ ପରିମାଣର ବର୍ଷା ହୁଏ ଓ ଧରିତ୍ରୀ ଶସ୍ୟଶ୍ୟାମଳା ହୁଏ। ଜନ ମାନସରେ ନିରାପତ୍ତା ଓ ସୁରକ୍ଷିତ ଭାବ ଦେଖାଦିଏ। ଶାସ୍ତ୍ର ମତରେ ସମୁଦ୍ର ଗର୍ଭରେ ମଧ୍ୟ ଅଗ୍ନି ଅଛି। ଭଗବାନ ନିଜେ ମଣିଷ ଦେହରେ ବୈଶ୍ୱାନର ଅଗ୍ନି ରୂପେ ଦିବ୍ୟମାନ।

ମାନବ ଶରୀରରେ ସବୁକିଛି ଥାଏ ବୋଲି ଶାସ୍ତ୍ରମାନେ କହନ୍ତି। ତୁଳନା କରି କୁହାଯାଇଛି ମଣିଷର ହୃଦୟ ହେଉଛି ଯଜ୍ଞମଣ୍ଡପ, ଦେହ ଯଜ୍ଞକୁଣ୍ଡ, କେଶଣାଶି ଦୁର୍ବାଦଳ, ଇଚ୍ଛାଗୁଡ଼ିକ ସନଥ ଯାହା ସାହାଯ୍ୟରେ ଅଗ୍ନିକୁ ଜଳାଇ ରଖାଯାଏ। କାମନାବାସନା ହେଉଛି ଘୃତ, ଆମଠାରେ ଥିବା କ୍ରୋଧ ବଳି ପଶୁର ପ୍ରତୀକ। ପ୍ରଜ୍ୱଳିତ ଅଗ୍ନି ଆମ ତପସ୍ୟାର ଫଳ। ଲୋକେ ଭାବନ୍ତି ଏକ ଗୋଡ଼କିଆ ବା ମୁଣ୍ଡତଳକୁ ଓ ଗୋଡ଼ ଉପରକୁ ରଖି ଦଣ୍ଡାୟମାନ ହେବା ତପସ୍ୟା। କୌଣସି ପ୍ରକାର ଦୈହିକ କ୍ରିୟା ତପସ୍ୟା ପଦବାଚ୍ୟ ନୁହେଁ। ଭଗବାନ ସତ୍ୟସାଇ ବାବାଙ୍କ ମତରେ, ମଣଷର ଭାବନା, ବଚନ ଓ କର୍ମ ଭିତରେ ଯଦି ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରାଯାଇପାରିଲା ସେଠାରେ ହିଁ ଅଗ୍ନିର ଉଜ୍ଜଳତା ପ୍ରକଟିତ ହୋଇଥାଏ, ତାହା ହିଁ ତପସ୍ୟା।

ଶାସ୍ତ୍ର ଉପନିଷଦରେ ଉଲ୍ଲେଖ ରହିଛି ଯଜ୍ଞ ଏପରି ଏକ ସାଧନ, ତାହା ହେଉଛି 'ପ୍ରତ୍ୟୁଷରୁ ନିଦ୍ରାତ୍ୟାଗ ବେଳଠାରୁ ରାତ୍ରିରେ ଶଯ୍ୟାକୁ ଯିବା ପର୍ଯ୍ୟନ୍ତ କରାଯାଉଥିବା ପ୍ରତ୍ୟେକଟି କର୍ମକୁ ଯଦି ନୀତି ଓ ନିୟମାନୁସାରେ କରାଯାଏ, ତେବେ ତାହାକୁ ମଧ୍ୟ ଏକ ଯଜ୍ଞ କୁହାଯାଇପାରିବ। ପରିଶେଷରେ ଯେଉଁ ଯଜ୍ଞ (କର୍ମ) ନିଃସ୍ୱାର୍ଥଭାବ ସହ ଲୋକ କଲ୍ୟାଣ ଉଦ୍ଦେଶ୍ୟରେ କରାଯାଏ, ଯେଉଁଥିରେ ସଂସାରର ଶାନ୍ତି ଓ ସମୃଦ୍ଧି ନିହିତ ଥାଏ ତାହା କେବଳ ଭଗବାନଙ୍କ ଦ୍ୱାରା ଗୃହିତ ହୋଇଥାଏ। କାରଣ ସେ ହିଁ ଯଜ୍ଞ। ଯଜ୍ଞଭୃତ୍ତ ଓ ସେହି ଯଜ୍ଞକୃତା ସେ ସବୁକିଛି, ସେ ସବୁ କିଛି ବୋଲି ସଚେତନ ଥାଇ ଯାହାସବୁ କରାଯାଏ ତାହା ଯଜ୍ଞ ପାଲଟିଯାଏ। ମହାଭାରତ ଯୁଦ୍ଧ ଏହି ସଚେତନତାର ସହ ହୋଇଥିଲା ତାହା ଏକ ଯଜ୍ଞରେ ପରିଣତ ହୋଇଗଲା। ଅଥଚ ଦକ୍ଷ ଯଜ୍ଞରେ ଈଶ୍ୱରକୁ ଯଥାଯୋଗ୍ୟ ସମ୍ମାନ ଦିଆଯିବାରୁ ଯଜ୍ଞଟା ଯୁଦ୍ଧରେ ପରିଣତ ହୋଇଗଲା। ବଡ଼ ଖୁସିର କଥା ନିକଟରେ ବିଶ୍ୱ ଶାନ୍ତି ମହାଯଜ୍ଞ ଓ ନବମତମ ଚବିଶ ପ୍ରହର ନାମଯଜ୍ଞ ଜଗତସିଂହପୁର ଜିଲ୍ଲା ଥାଇଲୋ ଗ୍ରାମର ଆରାଧ୍ୟ ଦେବତା ଚମ୍ପେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ନାମଯଜ୍ଞ ଜଗତସିଂହପୁର ବାଲିକୁଦା ଅଞ୍ଚଳରେ ପ୍ରଥମଥର ଭାବେ ଆୟୋଜିତ ହେବାସହ ସ୍ଥାନୀୟ ଥାଇଲୋ, ଅଲିକଣ୍ଠା, କୋରଣିଆ, ଟୁଟୁଣା ଗ୍ରାମର ଶ୍ରଦ୍ଧାଳୁ ମାନଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ହେଉଛି। ଏଥିରେ ପଇଁତିରିଶଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଉଛନ୍ତି। ସୂଚନାଥାଉକି ଧର୍ମପ୍ରାଣ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିଲା। ଛଅ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଯଜ୍ଞ କାର୍ଯ୍ୟରେ ଅଙ୍କୁରାରୋପଣ, କଳସ ଯାତ୍ରା, ମହାଦୀପ ଉତ୍ତୋଳନ, ଶୁଭାଅଧିବାସ, ପୂର୍ଣ୍ଣାହୂତି, ଅହରାତ୍ର ମହାମନ୍ତ୍ର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେଉଛି। କାର୍ଯ୍ୟକ୍ରମରେ ଯୁବନେତା ଓ ବିଜେପି ବିଧାୟକ ପ୍ରାର୍ଥୀ ବାଲିକୁଦା ଏସମା ସତ୍ୟସାରଥି ମହାନ୍ତି ମୁଖ୍ୟ ଅତିଥି ଓ ନାରୀନେତ୍ରୀ ରାଜଶ୍ରୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଆୟୋଜକ କମିଟି ଓ ଗ୍ରାମବାସୀ ବୃନ୍ଦ ପରିଚାଳନା କରୁଛନ୍ତି। ଏହି ଅବସରରେ ବିଭିନ୍ନ ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଯଜ୍ଞ ପ୍ରତି ଶ୍ରଦ୍ଧା ଓ ଆଗ୍ରହ, ଏହି ମନୋବୃତ୍ତି ଯଦି ଆମର ପ୍ରତ୍ୟେକ କର୍ମକୁ ଆର୍ଦ୍ର କରି ରଖନ୍ତା, ଜୀବନ ପବିତ୍ର ହୋଇଯାଆନ୍ତା। ଜୀବନଯାପନ ପଦ୍ଧତିକୁ ଗୋଟିଏ ଯଜ୍ଞ ବୋଲାଯାଇ ପାରନ୍ତା। 'ଅସ୍ମାତ୍ ଭବନ୍ତିଂ ଭୂତାନି ପର୍ଜନ୍ୟାତ ଅନ୍ନ ସଂଭବଃ, ଯଜ୍ଞାତ୍ ଭବନ୍ତି ପର୍ଜନ୍ୟଃ ଯଜ୍ଞଃ କର୍ମ ସମୁଭବଃ'।

ଥାଇଲୋ, ଜଗତସିଂହପୁର
ମୋବାଇଲ୍: ୭୦୦୮୪୩୮୯୫୯

# ମାଗଣା ବଣ୍ଟନ ସଂସ୍କୃତି ପ୍ରଗତିର ବାଧକ



**ଡକ୍ଟର ଲକ୍ଷ୍ମଣ ସାହୁ**

ଫେବୃଆରୀ ୧୯ ତାରିଖରେ ମାଗଣା ଉପହାର ପ୍ରସଙ୍ଗରେ ଶୁଣାଣି ସମୟରେ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ କଡ଼ା ଭର୍ତ୍ସନା କରିଥିଲେ। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ତାମିଲନାଡୁ ବିଦ୍ୟୁତ ବଣ୍ଟନ ନିଗମ ଲିମିଟେଡ୍ ସହିତ ଜଡିତ ଏକ ମାମଲାର ଶୁଣାଣି ସମୟରେ ଗମ୍ଭୀର ପ୍ରଶ୍ନ ଉଠାଇଥିଲେ। କୋର୍ଟ ପଚାରିଥିଲେ, "ଆମେ କି ପ୍ରକାରର ସଂସ୍କୃତି ବିକଶିତ କରୁଛୁ ?" କୋର୍ଟ ପଚାରିଥିଲେ, "ରାଜ୍ୟର କାମ କେବଳ ଦରମା ଦେବା ଓ ମାଗଣା ଉପହାର ବଣ୍ଟନ କରିବାରେ ସୀମିତ କି ?" ଖଣ୍ଡପୀଠ କହିଛନ୍ତି ଯେ ଏପରି ନୀତି ଲୋକଙ୍କ କାମ କରିବାର ଇଚ୍ଛାକୁ ନଷ୍ଟ କରୁଛି ଓ ଦେଶର କାର୍ଯ୍ୟ ସଂସ୍କୃତିକୁ ପ୍ରଗତିକୁ କ୍ଷତି ପହଞ୍ଚାଉଛି।

ରେୱାଡି ସଂସ୍କୃତି ଦେଶର ରାଜନୀତିର କେନ୍ଦ୍ରବିନ୍ଦୁ ପାଲଟିଛି। ୧୯୫୬ ମସିହାରେ ମାଗଣା ସାମଗ୍ରୀର ଉତ୍ପତ୍ତି ଦେଖିବାକୁ ମିଳେ, ଯେତେବେଳେ ତାମିଲନାଡୁ ମୁଖ୍ୟମନ୍ତ୍ରୀ କେ. କାମରାଜ ପ୍ରଥମ ଥର ପାଇଁ ମଧ୍ୟାହ୍ନ ଭୋଜନ ଯୋଜନା ଆରମ୍ଭ କରିଥିଲେ। ଆନ୍ଧ୍ରପ୍ରଦେଶରେ ଏନ.ଟି. ରାମା ରାଓଙ୍କ ୨ କିଲୋଗ୍ରାମ ଚାଉଳ ଯୋଜନା ଆଜିର ଜାତୀୟ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମର ମୂଳଦୁଆ ପକାଇଥିବା ବିଶ୍ୱାସ କରାଯାଏ। ତେଲେଙ୍ଗାନାର ରାୟାଧୁ ବନ୍ଧୁ ଓ ଓଡ଼ିଶାର କାଳିଆ ଯୋଜନା କୃଷକମାନଙ୍କୁ ସମର୍ଥନ କରିବା ପାଇଁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ-କିଷାନ) ଯୋଜନାର ପୂର୍ବସୂରୀ ଭାବରେ କାର୍ଯ୍ୟ କରିଥିଲା।

ଦକ୍ଷିଣ ଭାରତରେ ଆରମ୍ଭ ହୋଇଥିବା ଏହି ପ୍ରଥାକୁ ଅରବିନ୍ଦ କେଜରିୱାଲ ନୂତନ ଉଚ୍ଚତାରେ ପହଞ୍ଚାଇଛନ୍ତି। ପରବର୍ତ୍ତୀ ସମୟରେ ଅନ୍ୟ ଦଳଗୁଡ଼ିକ ମଧ୍ୟ ଏହାକୁ ଅନୁସରଣ କରିଛନ୍ତି। ଅର୍ଥନୀତିଜ୍ଞ ଓ ନୀତି ବିଶେଷଜ୍ଞମାନେ ଏହି ପ୍ରଥାକୁ ସମାଲୋଚନା କରୁଥିବାବେଳେ, ଅନେକ ରାଜନେତା ଭୋଟରଙ୍କ ପାଇଁ ମାଗଣାର ସମର୍ଥନ କରନ୍ତି। ମାଗଣା ଓ ନିର୍ବାଚନର ପ୍ରତିଶ୍ରୁତି ପ୍ରାୟତଃ ଜଡିତ ଥାଏ। ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ଘୋଷଣାପତ୍ରରେ ଏହାକୁ ଉଲ୍ଲେଖ କରନ୍ତି। ମାଗଣା ବିଦ୍ୟୁତ୍ ଓ କୃଷି ଋଣ ଭଳି ମାଗଣା ଭୋଜନ ଆଦି ଛାଡ଼ ପାଇଁ ସେମାନେ ପ୍ରତିଶ୍ରୁତି ଦିଅନ୍ତି। ଶାସକ ଦଳ ପ୍ରାୟତଃ ନିର୍ବାଚନ ପୂର୍ବରୁ ସେଗୁଡ଼ିକୁ ବଣ୍ଟନ କରନ୍ତି। ଦୀର୍ଘକାଳୀନ ଭାବରେ ଏହା ଜୀବନର ଭଲ ଗୁଣବତ୍ତା ସହିତ ବିପଦ ସୃଷ୍ଟି କରେ। କାରଣ ମାଗଣା ସଂସ୍କୃତି ସ୍ୱାସ୍ଥ୍ୟସେବା, ଶିକ୍ଷା, ଭିତ୍ତିଭୂମି, ଗବେଷଣା ଏବଂ ବିକାଶ ଇତ୍ୟାଦି ଅନ୍ୟାନ୍ୟ ଅତ୍ୟାବଶ୍ୟକ ଆବଶ୍ୟକତା ଉପରେ ପୁଞ୍ଜି ଖର୍ଚ୍ଚକୁ ହ୍ରାସ କରିଥାଏ। ଏହା ବ୍ୟତୀତ, ଏହା ବଜେଟ୍ ସଙ୍କଟ ମଧ୍ୟ ସୃଷ୍ଟି କରେ। ୨୦୧୯ ରେ, ଦିଲ୍ଲୀର ଏକ ଏନଜିଓ ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ ଦ୍ୱାରା ଭାରତର ୫୪୩ ସଂସଦୀୟ ନିର୍ବାଚନମଣ୍ଡଳୀରେ ଏକ ସର୍ଭେ କରାଯାଇଥିଲା। ସେହି ସର୍ଭେ ଅନୁଯାୟୀ ୪୨ ପ୍ରତିଶତରୁ ଅଧିକ ଭୋଟର ପ୍ରାର୍ଥୀଙ୍କ କଲ୍ୟାଣକାରୀ ଯୋଜନା ପରିବର୍ତ୍ତେ ନଗଦ, ମଦ ଓ ମାଗଣା ବଣ୍ଟନକୁ ଏକ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ଭୋଟ ଦେବାର ଏକ ପ୍ରମୁଖ କାରଣ ଭାବରେ ବିବେଚନା କରିଥିଲେ।

ସଦ୍ୟତମ ମାମଲାରେ କୋର୍ଟ ଚିନ୍ତା ପ୍ରକାଶ କରିଛନ୍ତି ଯେ ଅଧିକାଂଶ ରାଜ୍ୟ ପୂର୍ବରୁ ରାଜସ୍ୱ ନିଅଣ୍ଟରେ ଅଛନ୍ତି ତଥାପି ସେମାନେ ମାଗଣା ବିଦ୍ୟୁତ୍, ରାସନ୍ ଓ ନଗଦ ବଣ୍ଟନ କରୁଛନ୍ତି। କୋର୍ଟ କଡ଼ାକଡ଼ି କହିଛନ୍ତି ଯେ ଏହା ଭିତ୍ତିଭୂମି ବିକାଶ ପାଇଁ "ଏକ ଟଙ୍କା ମଧ୍ୟ ଛାଡିବ ନାହିଁ" - ରାସ୍ତା, ସ୍କୁଲ ଓ ହସ୍ପିଟାଲ ଆବଶ୍ୟକ ରହିଛି। ପ୍ରଧାନ ବିଚାରପତି ସ୍ପଷ୍ଟ କରିଛନ୍ତି ଯେ "ଅସହାୟ ଓ ଗରିବଙ୍କୁ ସାହାଯ୍ୟ କରିବା ବୁଝିବାଯୋଗ୍ୟ ହେବ। କିନ୍ତୁ ଭେଦଭାବ ବିନା ସମସ୍ତଙ୍କୁ ମାଗଣା ସେବା ପ୍ରଦାନ କରିବା ହେଉଛି ତୁଷ୍ଟିକରଣ ରାଜନୀତି।"

ପ୍ରଧାନ ବିଚାରପତି କହିଛନ୍ତି ଯେ ମାଗଣା ବଂଟନର ଭାର ଶେଷରେ କରଦାତାଙ୍କ ଉପରେ ପଡ଼ିବ। ଯଦି ମାଗଣା ବଂଟନ ଜାରି ରହେ, ତେବେ କିଏ କାମ କରିବ ? ଆମେ କି ପ୍ରକାରର ସଂସ୍କୃତି ସୃଷ୍ଟି କରୁଛୁ ? ସରକାରମାନେ "ମାଗଣା" ବଦଳରେ ନିଯୁକ୍ତି ସୃଷ୍ଟି ଉପରେ ଅଧିକ ଧ୍ୟାନ ଦେବା ଉଚିତ। ଯଦି କେହି ଶିକ୍ଷା ଓ ମୌଳିକ ଜୀବନଯାପନ ଖର୍ଚ୍ଚ ବହନ କରିପାରିବେ ନାହିଁ, ତେବେ



ସେମାନଙ୍କୁ ଆବଶ୍ୟକୀୟ ସୁବିଧା ଯୋଗାଇବା ସରକାରଙ୍କ ଦାୟିତ୍ୱ।

ତଥାପି ସୁପ୍ରିମକୋର୍ଟ ଏକ ମୌଖିକ ମନ୍ତବ୍ୟ ଦେଇଛନ୍ତି। ରାଜନୈତିକ ଦଳର ମୁଖପାତ୍ରମାନେ କହୁଛନ୍ତି ଯେ ସେମାନେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଦ୍ୱାରା ଆବଦ୍ଧ ନୁହଁନ୍ତି। ଏଗୁଡ଼ିକ କଲ୍ୟାଣକାରୀ ଯୋଜନା। ଆମେ ଏକ କଲ୍ୟାଣକାରୀ ଗଣତନ୍ତ୍ର, ଓ ଜନସାଧାରଣଙ୍କୁ ସାହାଯ୍ୟ କରିବା ଆମର କର୍ତ୍ତବ୍ୟ। ତେଣୁ କ୍ଷମା ପ୍ରାର୍ଥନା ସହିତ, ଆମେ ସୁପ୍ରିମକୋର୍ଟକୁ ଏହା ମଧ୍ୟ ପଚାରୁଛନ୍ତି: ଏହା ମୌଖିକ ମନ୍ତବ୍ୟ କାହିଁକି ଦେଉଛନ୍ତି ? କେବଳ ଚିନ୍ତା ପ୍ରକାଶ କରିବାର କ'ଣ ଲାଭ ? ସମ୍ବିଧାନ ସୁପ୍ରିମକୋର୍ଟକୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରିଛି। କୋର୍ଟ ସେଗୁଡ଼ିକୁ ରାୟ ଜାରି କରିବା ପାଇଁ ବ୍ୟବହାର କରିଛି। ତେଣୁ ମାଗଣା ସାମଗ୍ରୀ ବିରୁଦ୍ଧରେ କାହିଁକି ନିର୍ଦ୍ଦେଶ ଜାରି କରାଯାଇପାରିବ ନାହିଁ ? ନିର୍ବାଚନ ପୂର୍ବରୁ କେବେ ଯୋଜନା ଘୋଷଣା କରାଯିବ ସେ ବିଷୟରେ କୋର୍ଟ ସରକାରଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେବା ଉଚିତ ? ସରକାରୀ ରାଜସ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଟିକସରୁ ଆସିଥାଏ। ଯାହା ସରକାରୀ ଋଣ, ପ୍ରତିରକ୍ଷା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଉପରେ ସୁଧକୁ ଅନ୍ତର୍ଭୁକ୍ତ କରେ। ଅ-ପୁନରାବୃତ୍ତି ଖର୍ଚ୍ଚ ସରକାରୀ କର୍ମଚାରୀଙ୍କ ଦରମା, ସବସିଡି ଓ ସାର୍ବଜନୀନ ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ ସୁରକ୍ଷା ଯୋଜନା ପାଇଁ ସାହାଯ୍ୟ କରେ। ଏହି ଯୋଜନାଗୁଡ଼ିକ ସ୍ଥିର ଓ ସରକାରଙ୍କ ମୋଟ ଖର୍ଚ୍ଚର ଏକ ଅଂଶ। ବାସ୍ତବତା ହେଉଛି ଦେଶର ରାଜ୍ୟଗୁଡ଼ିକର ମୋଟ ଋଣ ୧୦୪ ଲକ୍ଷ କୋଟିରୁ ଅଧିକ। ଦେଶ ନିଜେ ମଧ୍ୟ 200.50 ୨୦୦. ୫୦ ଲକ୍ଷ କୋଟି ଋଣରେ ବୁଡ଼ି ରହିଛି। କିଛି ବିଶେଷଜ୍ଞ ଏହା ୨୨୫ ଲକ୍ଷ କୋଟି ପାଖାପାଖି ବୋଲି ଆକଳନ କରୁଛନ୍ତି। ଏହା ସତ୍ତ୍ୱେ ମାଗଣା ବଣ୍ଟାଯାଉଛି। ପ୍ରଧାନମନ୍ତ୍ରୀ ମୋଦି ଅନେକ ଥର କହିଛନ୍ତି ଯେ ସାଧାରଣ ଲୋକ ମାଗଣା ବଣ୍ଟା ଖୋଜନ୍ତି ନାହିଁ। ମାଗଣା ବଣ୍ଟା ଦେଶର ବିକାଶ ପାଇଁ ବିପଜ୍ଜନକ ଓ ଅର୍ଥନୀତିକୁ ନଷ୍ଟ କରିପାରେ। ଏହି ବକ୍ତବ୍ୟ ସତ୍ତ୍ୱେ ପ୍ରତ୍ୟେକ ଦଳ ମାଗଣା ବଣ୍ଟା ପାଇଁ ପ୍ରତିଯୋଗିତାରେ ନିୟୋଜିତ ଅଛନ୍ତି।

ସୁପ୍ରିମକୋର୍ଟରେ ଆବେଦନ ଦାଖଲ ହୋଇଥିବା ତାମିଲନାଡୁର ଋଣ ପରିମାଣ ୧୦.୪୨ ଲକ୍ଷ କୋଟି। ବଙ୍ଗଳାର ଋଣ ପରିମାଣ ୭.୯୦ ଲକ୍ଷ କୋଟି ଓ କେରଳର ଋଣ ପରିମାଣ ୫.୦୪ ଲକ୍ଷ କୋଟି। ଏହି ବର୍ଷ ଏପ୍ରିଲ ପରେ ଏହି ରାଜ୍ୟଗୁଡ଼ିକରେ ନିର୍ବାଚନ ହେବାକୁ ଯାଉଛି। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ନିର୍ବାଚନ ପୂର୍ବରୁ ମାଗଣା ଉପହାର ଘୋଷଣାକୁ ରୋକିବା ଜରୁରୀ। କିନ୍ତୁ ବାସ୍ତବରେ ଏହା ସହଜ ନୁହେଁ। ଭୋଟ ବ୍ୟାଙ୍କ ଚିନ୍ତା ଯୋଗୁଁ ରାଜନୈତିକ ଦଳଗୁଡ଼ିକ ବିପଦ ନେବାକୁ ଅନିଚ୍ଛୁକ। ୨୦୨୨ ଅଗଷ୍ଟ ୪ ରେ ସୁପ୍ରିମକୋର୍ଟ ରେୱାଡି ସଂସ୍କୃତି ଉପରେ ମତ ଦେଇ କୋର୍ଟ କହିଥିଲେ ଯେ ଯଦି ନିର୍ବାଚନ କମିଶନ ଏହି ମାମଲାରେ ସମୟୋଚିତ ପଦକ୍ଷେପ ନେଇଥାନ୍ତେ, ତେବେ ହୁଏତ କୌଣସି ରାଜନୈତିକ ଦଳ ଏହା କରିବାକୁ ସାହସ କରିନଥାନ୍ତେ।

ନିର୍ବାଚନ ସମୟରେ ଘୋଷଣା କରାଯାଇଥିବା ମାଗଣା ଉପହାରଗୁଡ଼ିକର ପ୍ରଭାବଶାଳୀ ତଦାରଖ ଓ ନିୟନ୍ତ୍ରଣ ଭାରତର ନିର୍ବାଚନ କମିଶନଙ୍କୁ ନିଶ୍ଚିତ କରିବାକୁ ପଡିବ। ନାଗରିକମାନଙ୍କୁ କ୍ଷଣସ୍ଥାୟୀ ଲାଭ ଦ୍ୱାରା ପ୍ରଭାବିତ ହେବା ପରିବର୍ତ୍ତେ ରାଜନୈତିକ ଦଳଗୁଡ଼ିକର ଦୀର୍ଘକାଳୀନ ବିକାଶ ଏଜେଣ୍ଡା ଆଧାରରେ ଭୋଟ ଦେବା ସମୟରେ ଜାତୀୟ ସ୍ୱାର୍ଥରେ ନିଷ୍ପତ୍ତି ନେବା ପାଇଁ ଶିକ୍ଷିତ କରାଯିବା ଆବଶ୍ୟକ। ନିର୍ବାଚନ ଜିତିବା ପାଇଁ ମାଗଣା ଉପହାର ଉପରେ ଅତ୍ୟଧିକ ନିର୍ଭର କରିବା ପରିବର୍ତ୍ତେ, ରାଜନୈତିକ ଦଳଗୁଡ଼ିକୁ ସାମାଜିକ-ଅର୍ଥନୈତିକ ଅସମାନତାର ମୂଳ କାରଣଗୁଡ଼ିକୁ ପ୍ରଭାବଶାଳୀ ଭାବରେ ସମାଧାନ କରିବା ପାଇଁ ଚେଷ୍ଟା କରିବା ଉଚିତ। ବିଶେଷକରି ଗୁଣାତ୍ମକ ସ୍ୱାସ୍ଥ୍ୟସେବା, ଦୃଢ଼ ଶିକ୍ଷା ବ୍ୟବସ୍ଥା, ନିଯୁକ୍ତି ସୃଷ୍ଟି ଓ ବ୍ୟାପକ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟ କ୍ରମ ଭଳି ସାମାଜିକ ସୁରକ୍ଷା ଜାଲକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେବାକୁ ପଡିବ।

ବାସ୍ତବରେ"ରେୱାଡି ସଂସ୍କୃତି" ଏକ ନିର୍ବାଚନୀ ଚାଲ। ଯାହା ଦୀର୍ଘକାଳୀନ ଭାବରେ ଦେଶର ଆର୍ଥିକ ପ୍ରଗତିକୁ ବାଧା ଦିଏ। ତେଣୁ ରାଜନୈତିକ ଦଳଗୁଡ଼ିକୁ ମାଗଣା ସାମଗ୍ରୀଠାରୁ ଆଗକୁ ନବଢ଼ି ବରଂ ଦୀର୍ଘକାଳୀନ ବିକାଶ ଯୋଜନା ଦିଗରେ କାମ କରିବା ଆବଶ୍ୟକ ରହିଛି...!!!

**ତାରା ନିଳୟ, ପ୍ଲଟ;୮୫୪/ଏ, ଲକ୍ଷ୍ମୀନାରାୟଣ ବିହାର, ମୁକୁନ୍ଦପ୍ରସାଦ, ଖୋର୍ଦ୍ଧା-୦୫୫, ମୋବାଇଲ୍:୯୦୪୦୧୫୧୪୭୫**

# ଆଧୁନିକ ସାହିତ୍ୟର ପିତାମହ ଭୀଷ୍ମ ମନୋଜ ଦାସ

**ଅକ୍ଷୟ କୁମାର ରାଉତ**

ସାହିତ୍ୟ ସତ୍ୟ-ଶିବ-ସୁନ୍ଦର କଥା କହେ। ସାହିତ୍ୟ ଗୋଟିଏ ଦେଶ, ଜାତି ଓ ସମାଜର କଥା କହେ। ମଣିଷଙ୍କୁ ଅସତ୍ ପଥରୁ ସତ୍ପଥକୁ, ଅନ୍ଧାରରୁ ଆଲୋକକୁ, ଅନୀତି କାର୍ଯ୍ୟରୁ ନୀତି ଓ ଆଦର୍ଶକୁ, ଅବାଟରୁ ବାଟକୁ, ଅବିଦ୍ୟାରୁ ବିଦ୍ୟାକୁ, ବିଶୃଙ୍ଖଳାରୁ ଶୃଙ୍ଖଳାକୁ, ଅସୁନ୍ଦରରୁ ସୁନ୍ଦର ଆଡକୁ ନେବାରେ କାଳଜୟୀ ସ୍ରଷ୍ଟା ତାର ସାହିତ୍ୟ ମାଧ୍ୟମରେ ସଫଳ ହୁଏ। ମାଟି ମା' ଓ ମାନବିକ ମୂଲ୍ୟବୋଧର ଭାବ ଭାଷା ଶବ୍ଦ ଏବଂ ଶୈଳୀକୁ କଲମ ମୁନରେ ଯିଏ ସମ୍ମାନ ଦିଏ, ସେ ହେଉଛନ୍ତି ଆନ୍ତର୍ଜାତିକ ଲେଖକ, କଥାକାର, ସାଧକ ପଦ୍ମଭୂଷଣ ମନୋଜ ଦାସ। ଭାରତୀୟ କଥା ସାହିତ୍ୟର ନାୟକ ୧୯୩୪ ମସିହା ଫେବୃଆରୀ ମାସ ୨୭ ତାରିଖରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଶଙ୍ଖାରୀ ଗ୍ରାମରେ ପିତା ମଧୁସୂଦନ ଦାସ ଓ ମାତା କାଦମ୍ବିନୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ତାଙ୍କ ଜ୍ୟେଷ୍ଠ ଭାଇଙ୍କ ନାମ ଥିଲା ଐତିହାସିକ ଡ.ଃ ମନ୍ମଥନାଥ ଦାସ। ତାଙ୍କ ତିନି ଭଉଣୀଙ୍କ ନାମ ସୁରବାଳା, ସ୍ନେହବାଳା ଓ ଶାନ୍ତିବାଳା ଥିଲା।

ନିଜ ଗାଁ ଶଙ୍ଖାରୀ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଖଡିଛୁଆଁ ହୋଇଥିଲା। ଜମାଳପୁରସ୍ଥିତ ବିଶ୍ୱନାଥ ଏକାଡେମୀ, ଜଳେଶ୍ୱରପୁର ହାଇସ୍କୁଲ ଓ ବାଲେଶ୍ୱର ଜିଲ୍ଲା ହାଇସ୍କୁଲରୁ ପାଠପଢ଼ା ଶେଷକରି ୧୯୫୧ ମସିହାରେ ମାଟ୍ରିକ ପାସ୍ କରିଥିଲେ। ପାଠ ପଢ଼ିବା ସମୟରେ ସେ ତାଙ୍କର ବଡଭାଇ ମନ୍ମଥନାଥ ଦାସଙ୍କ ସାଙ୍ଗରେ ଯେଉଁ ଭଡାଘରେ ରହୁଥିଲେ ସେ ଘରଟି ଥିଲା କଥାସାହିତ୍ୟର ସମ୍ରାଟ ଫକୀର ମୋହନଙ୍କର। ସେ ଫକୀରମୋହନ ମହାବିଦ୍ୟାଳୟରୁ ଇଣ୍ଟର ମିଡିଏଟ୍ ପାସ୍ କରିଥିଲେ। ୧୯୫୩-୫୪ ମସିହାରେ ସେ ଏଫ୍.ଏମ୍.କଲେଜ ଛାତ୍ର ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ନିଖିଳ ଉତ୍କଳ ଛାତ୍ର ସଂଘର ସମ୍ପାଦକ ଭାବେ ସେ ନିର୍ବାଚିତ ହୋଇଥିଲେ। ୧୯୫୬ ମସିହାରେ ସେ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ବି.ଏ. ପାସ୍ କରିଥିଲେ। ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ପାସ୍ କରିଥିଲେ। ସେ ମଧ୍ୟ ଆଇନ କଲେଜ୍ ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଇଣ୍ଡୋନେସିଆଠାରେ ଅନୁଷ୍ଠିତ ଏସିଆ-ଆଫ୍ରିକା ଛାତ୍ର ସମ୍ମିଳନୀରେ ସେ ଭାରତୀୟ ଛାତ୍ର ସମାଜର ପ୍ରତିନିଧି ଭାବେ ଯୋଗଦେଇଥିଲେ। ୧୯୫୯ ମସିହାରେ ରେଭେନ୍ସା କଲେଜରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତର ପାସ୍ କରି କଟକର ଖ୍ରୀଷ୍ଟ କଲେଜରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ।



କୁଜଙ୍ଗ ରାଜ୍ୟର ରାଜକନ୍ୟା ରତ୍ନମାଳି ଜେମା ଓ କୁଜଙ୍ଗ ଗାନ୍ଧି, ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ଜ୍ୟେଷ୍ଠ କନ୍ୟା ପ୍ରତିଜ୍ଞା ଦେବୀଙ୍କ ସହ ମନୋଜ ଦାସଙ୍କ ୧୯୫୯ ମିସିହାରେ ବିବାହ ହୋଇଥିଲା। ୧୯୬୩ ମସିହାରେ ସେ ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କ ଦର୍ଶନ ପ୍ରତି ଆକୃଷ୍ଟ ହୋଇ ପଣ୍ଡିଚେରୀର ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ। ଶେଷ ପର୍ଯ୍ୟନ୍ତ ସେ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ରହିଥିଲେ। ପିଲାଦିନୁ ତାଙ୍କ ମା କାଦମ୍ବିନୀ ଦେବୀଙ୍କ ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା। ସେଥିପାଇଁ ସେ ସାହିତ୍ୟ ଆଡକୁ ମନ ବଳାଇଥିଲେ। ପରେ ସେ ଫକୀର ମୋହନଙ୍କ କୋଠାରେ ରହି ପଢ଼ିବା ଯୋଗୁଁ ତାଙ୍କର ଲେଖନୀ ଚାଳନା ସମସ୍ତଙ୍କୁ ବିସ୍ମିତ କରିଥିଲା। ଛୋଟ ଅବସ୍ଥାରୁ ସେ ହାରମୋନିୟମ ଧରି ଗୀତ ଗାଇବା ସହିତ ବଂଶୀବାଦନ କରୁଥିଲେ। ସେ ନିଜେ ସଙ୍ଗୀତ ନିର୍ଦ୍ଦେଶନା ଦେଉଥିଲେ। ସ୍କୁଲରେ ପଢ଼ିବା ସମୟରୁ ସେ ମାର୍କସବାଦ ପ୍ରତି ଆକୃଷ୍ଟ ହୋଇଥିଲେ। ଜଣେ ବିପ୍ଳବୀ ଛାତ୍ର ନେତା ଭାବରେ ୧୯୫୫ ମସିହାରେ ସେ କାରାବରଣ କରିଥିଲେ। ମନୋଜ ଦାସ ବିଶ୍ୱ କଥା ସାହିତ୍ୟର ଜଣେ ନାୟକ। ତାଙ୍କ କବିତା ଓ ପ୍ରବନ୍ଧ ଗଭୀର ଆତ୍ମିକ ଅନ୍ୱେଷାବୋଧ ଏବଂ ଛାନ୍ଦମୟ। ଉପନ୍ୟାସରେ ସମାଜର ସବୁ ଦିଗନ୍ତ ଓ ପରିଧିର ଭାବକୁ ରୂପାୟନ କରି ସମସ୍ତ ପାଠକ ମହଲରେ ସେ ବିଜୟ ଲାଭ କରିଛନ୍ତି ହୃଦୟର ଭଲ ପାଇବା। ଏହି ସାହିତ୍ୟ ସନ୍ନ୍ୟାସୀ ବହୁ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, କବିତା ଓ ଇତିହାସ ସଂସ୍କୃତି ରଚନା କରି ପ୍ରଜ୍ଞାପୁରୁଷ ଭାବେ ସାମଜରେ ପ୍ରଶଂସିତ ହୋଇଛନ୍ତି। ଉପନ୍ୟା ଗୁଡିକହେଲା - ଗୋଧୂଳିର ବାଘ (୧୯୯୫), ବୁଲଡୋଜର୍ସ (୧୯୮୯), ଅମୃତ ଫଳ (୧୯୯୭), ଆକାଶର ଇସାରା (୧୯୯୭), ଚନ୍ଦ୍ରାଲୋକର ପ୍ରହରୀ (୨୦୦୦), ଦ ଏସ୍କେପିଷ୍ଟ, ଏ ଟାଇଗର ଆଟ୍ ଟ୍ୱିଲାଇଟ୍, କନକ ଉପତ୍ୟକାର କାହାଣୀ, ଶେଷ ତାନ୍ତ୍ରିକର ସନ୍ଧାନରେ। ଗଳ୍ପ ସଙ୍କଳନ ସମୁଦ୍ରର କ୍ଷୁଧା (୧୯୫୨), ଜୀବନର ସ୍ୱାଦ (୧୯୫୩), ବିଷକନ୍ୟାର କାହାଣୀ (୧୯୫୪), ଆରଣ୍ୟକ (୧୯୭୦), ଶେଷ ବସନ୍ତର ଚିଠି (୧୯୬୫), ମନୋଜ ଦାସଙ୍କ କଥା ଓ କାହାଣୀ (୧୯୭୧), ଲକ୍ଷ୍ମୀର ଅଭିସାର (୧୯୭୪), ଆବୁ ପୁରୁଷଓ ଅନ୍ୟାନ୍ୟ କାହାଣୀ (୧୯୭୭), ମନୋଜ ପଞ୍ଚବିଂଶତି (୧୯୮୩), ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ (୧୯୮୭), ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ (୧୯୯୦), ଅବୋଲକରା କାହାଣୀ (୧୯୯୧), ମନୋଜ ଦାସଙ୍କ ଗଳ୍ପ (୧୯୯୨), ସମୁଦ୍ରକୂଳର ଏକ ଗ୍ରାମ। ଭ୍ରମଣ କାହାଣୀ - ଇଦୋନେସିଆ ଅନୁଭୂତି (୧୯୫୭), ଦୂର ଦୂରାନ୍ତର (୧୯୭୩), ଅନ୍ତରଙ୍ଗ ଭାରତ; ପ୍ରଥମ ଭାଗ (୧୯୯୨), ଦ୍ୱିତୀୟ ଭାଗ (୧୯୯୬), କବିତା ସଙ୍କଳନ - ଶତାବ୍ଦୀର ଆର୍ତ୍ତନାଦ (୧୯୪୯), ବିପ୍ଳବୀ ଫକୀର ମୋହନ (୧୯୫୦) ପଦଧ୍ୱନି (୧୯୫୪), ନନ୍ଦାବତୀର ମାଝୀ (୧୯୫୭), ଉପନିବେଶ (୧୯୬୬) ତୁମ୍ଭ ଗାଁ ଓ ଅନ୍ୟାନ୍ୟ କବିତା (୧୯୯୨), ଏହିପରି ଅନେକ ସାହିତ୍ୟର ସ୍ରଷ୍ଟା ଭାବରେ ଶ୍ରଦ୍ଧା ଓ ସମ୍ମାନ ଅର୍ଜନ କରିଛନ୍ତି ତାହା ଆଉ କୌଣସି ଆଧୁନିକ ଓଡିଆ ଗଳ୍ପ ନାୟକଙ୍କ ପକ୍ଷରେ ସମ୍ଭବ ନୁହେଁ। ସାଧନା, ଚେଷ୍ଟା, ପରାକାଷ୍ଠା ଓ ନିପୁଣତା ଯୋଗୁଁ ଏହି ମହାନ୍ ସାରସ୍ୱତ ସାଧକ ଅନେକ ପୁରସ୍କାରର ଅଧିକାରୀ ହୋଇଥିଲେ। ମନୋଜ ଦାସ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଅତିବଡି ପୁରସ୍କାର ୧୯୭୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ୧୯୮୦ରେ ଶାରଳା ପୁରସ୍କାର, ୨୦୦୧ ମସିହାରେ ପଦ୍ମଶ୍ରୀ ଓ ୨୦୨୦ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ। ସେ ତାଙ୍କର ଉପନ୍ୟାସ ଅମୃତ ଫଳ ପାଇଁ ସରସ୍ୱତୀ ସମ୍ମାନ ଲାଭ କରିଥିଲେ।

ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖକ ବିଶିଷ୍ଟ କଥାକାର, ସାଧକ, ପଦ୍ମଭୂଷଣ ମନୋଜ ଦାସ ୮୭ ବର୍ଷ ବୟସରେ ୨୦୨୧ ମସିହା ଏପ୍ରିଲ୍ ୨୭ ତାରିଖ ମଙ୍ଗଳବାର ଦିନ ଶ୍ରୀ ଅରବିନ୍ଦ ଆଶ୍ରମ ନର୍ସିଂହୋମ୍ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ଆବର୍ତ୍ତମାନରେ ଭାରତୀୟ ସାହିତ୍ୟ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଏହି ବିଶିଷ୍ଟ ସାହିତ୍ୟ ସାରଥି ଆମ୍ଭମାନଙ୍କ ମଧ୍ୟରେ ସର୍ବଦା ଅମର ହୋଇ ରହିବେ।

**ପାରାଦ୍ୱୀପଗଡ଼, କୁଜଙ୍ଗ
ଜଗତସିଂହପୁର, ମୋବାଇଲ୍:୯୯୩୭୬୯୧୪୭୫**



# ଘନଉଛି ଆଫଗାନ୍-ପାକ୍ ଯୁଦ୍ଧ

## ଦିନକରେ ବଦଳିଯିବ ପାକିସ୍ତାନର ମାନଚିତ୍ର: ସିରାଜୁଦ୍ଦିନ

## ଆଫଗାନିସ୍ତାନ ସହ ସଂଘର୍ଷ ପାଇଁ ଆମେରିକାର ନିର୍ଦ୍ଦେଶ !



ନୂଆଦିଲ୍ଲୀ, ୨୮।୨: ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ପୁଣି ଉତ୍ତେଜନା ବୃଦ୍ଧି ପାଇଛି। ଦୁଇ ଦେଶ ମଧ୍ୟରେ କ୍ଷେପଣାସ୍ତ୍ର, ମୋର୍ଟାର ଏବଂ ଘାତକ ଗୁଳି ବିନିମୟ ଜାରି ରହିଛି। ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ କହିଛନ୍ତି, ତାଙ୍କ ଦେଶର ଧୈର୍ଯ୍ୟ ସରିଯାଇଛି। ସେ ତାଲିବାନ ସହିତ ଖୋଲା ଯୁଦ୍ଧ ଘୋଷଣା କରିଛନ୍ତି। ଗତ ସପ୍ତାହରେ ପାକିସ୍ତାନ ଆଫଗାନିସ୍ତାନରେ ବୋମା ପକାଇଥିଲା, ତା'ପରେ ପାକିସ୍ତାନୀ ଅଞ୍ଚଳରେ ତାଲିବାନ ବୋମା ମାଡ଼ କରିଥିଲା। ଫଳରେ ଦୁଇ ଦେଶ ପରସ୍ପରକୁ ଟାର୍ଗେଟ କରିବା ଆରମ୍ଭ କରିଥିଲେ। ପାକିସ୍ତାନର ଏକ ଶକ୍ତିଶାଳୀ ସାମରିକ ବାହିନୀ ଅଛି।

ଅପରପକ୍ଷରେ ତାଲିବାନର ଯୁଦ୍ଧ ପାଇଁ ସମ୍ବଳର ଅଭାବ ଅଛି। ବିଶେଷଜ୍ଞମାନେ ପ୍ରଶ୍ନ ଉଠାଇବା ଆରମ୍ଭ କରିଛନ୍ତି ଯେ, ପାକିସ୍ତାନର ଆଫଗାନିସ୍ତାନ ଉପରେ ଆକ୍ରମଣ ଏକ ସୁଚିନ୍ତିତ ରଣନୀତିର ଅଂଶ। ଅସୀମ ମୁନାରି ଓ ଶାହବାଜ ସରିଫ ଆମେରିକାର ନିର୍ଦ୍ଦେଶରେ ଆଫଗାନିସ୍ତାନ ଉପରେ ଆକ୍ରମଣ କରୁଛନ୍ତି କି। ଆଫଗାନ ସାମ୍ବାଦିକ ବିଲାଲ ସରୱାରୀ ଆକ୍ରମଣର ସମୟ ବିଷୟରେ ପ୍ରଶ୍ନ ଉଠାଇଛନ୍ତି, କାରଣ ଶାହବାଜ ସରିଫ ଗତ ସପ୍ତାହରେ ଡୋନାଲ୍ଡ ଟ୍ରମ୍ପଙ୍କ ସହ ସାକ୍ଷାତ କରିଥିଲେ। ଏହା ପରେ ପରେ ଏଭଳି ଘଟଣା ଘଟିଛି। ଏହି ଆକ୍ରମଣର ପରଦା ପଛର ନାୟକ କିଏ ବୋଲି ସେ ପ୍ରଶ୍ନ କରିଛନ୍ତି।

ବିଲାଲ ସରୱାରି କହିଛନ୍ତି, ପାକିସ୍ତାନୀ ସେନା କାବୁଲ, କାନ୍ଦାହାର, ପାକଟିଆ, ନିଙ୍ଗାର ଏବଂ କୁନାର ସମେତ ଆଫଗାନିସ୍ତାନର ଅନେକ ସ୍ଥାନକୁ ଟାର୍ଗେଟ କରିଥିଲା। କାବୁଲରେ, ୱାଜିର ଆକବର ଖାନ, ଆରଜାନ କାମାଡ, ଦାରୁଲ ଅମାନ, ଖୁଶାଲ ଖାନ ଏବଂ କାବୁଲ ବିମାନବନ୍ଦର ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକରେ ବୋମା ମାଡ଼ କରାଯାଇଥିଲା। କୁନାରରେ, ମାରାୱାରା ଏବଂ ଶୁଲତାନ ଜିଲ୍ଲା ଉପରେ ଆକ୍ରମଣ କରାଯାଇଥିଲା, ଯେତେବେଳେ ଗାର୍ଦେଜ୍ ଏବଂ କାନ୍ଦାହାର ସହରକୁ ମଧ୍ୟ ଟାର୍ଗେଟ କରାଯାଇଥିଲା। ବୋମା ବିସ୍ଫୋରଣ ଅଭିଯାନ ତାଲିବାନକୁ ଦଣ୍ଡ ମିଳୁନି ଏହା କେବଳ ଆର୍ଥିକ ଅବନତି ଓ ବିସ୍ଥାପନ ସହିତ ଜଡ଼ିତ ସାଧାରଣ ପରିବାର ପାଇଁ ଭୟ ତଥା ଅନିଶ୍ଚିତତାକୁ ବୃଦ୍ଧି କରୁଛି। ଶରଣାର୍ଥୀଙ୍କ ପ୍ରତି ପାକିସ୍ତାନର ନୀତି ଓ ଡୁରାଣ୍ଡ ଲାଇନ୍ ଦେଇ ଚାପ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ପ୍ରଭାବିତ କରିନାହିଁ। ଏହା ବଞ୍ଚିବାକୁ ସଂଘର୍ଷ କରୁଥିବା ଲକ୍ଷ ଲକ୍ଷ ଆଫଗାନଙ୍କ ଜୀବନକୁ କଷ୍ଟକର କରିଛି। ଏହି ପ୍ରଶ୍ନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ କାରଣ, ରାଷ୍ଟ୍ରପତି ହେବା ପରେ, ଟ୍ରମ୍ପ ତାଲିବାନକୁ କାବୁଲର ବାଗ୍ରାମ ଏୟାରବେସ୍ ଆମେରିକାକୁ ହସ୍ତାନ୍ତର କରିବାକୁ କହିଥିଲେ, କିନ୍ତୁ ତାଲିବାନ ତାହା କରିବାକୁ ମନା କରିଦେଇଥିଲା। ଚୀନ୍‌କୁ ଘେରିବା ପାଇଁ ଟ୍ରମ୍ପ ବାଗ୍ରାମ ଏୟାରବେସ୍‌କୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରନ୍ତି। ସେ ଯୁକ୍ତି ଦେଇଛନ୍ତି, ୨୦୨୧ରେ ଏହି ଘାଟି ପରିତ୍ୟାଗ କରିବା ଆମେରିକୀୟ ଇତିହାସର ସବୁଠାରୁ ବଡ଼ ମୂର୍ଖତା ଥିଲା। ଆଫଗାନିସ୍ତାନ-ପାକିସ୍ତାନ ଉତ୍ତେଜନା ପଛରେ ଆମେରିକା ମାଷ୍ଟରମାଇଣ୍ଡ ରହିଥିବା ପ୍ରଶ୍ନ ଉଠୁଛି ବୋଲି ବିଲାଲ ସରୱାରି କହିଛନ୍ତି।

ଆଫଗାନିସ୍ତାନର ଗୃହମନ୍ତ୍ରୀ ସିରାଜୁଦ୍ଦିନ ହକ୍କାନି ପାକିସ୍ତାନରେ ଆତ୍ମଘାତୀ ଆକ୍ରମଣ କରିବାକୁ ଧମକ ଦେଇଛନ୍ତି। ଏହା ପାକିସ୍ତାନ-ଆଫଗାନିସ୍ତାନ ଯୁଦ୍ଧର ଏକ ବିପଜ୍ଜନକ ମୋଡ଼ରେ ପହଞ୍ଚିବାର ସମ୍ଭାବନାକୁ ସୂଚିତ କରୁଛି। ନାଟୋ ବିରୋଧରେ ତାଲିବାନର ଲଢ଼େଇର ଉଲ୍ଲେଖ କରି ସିରାଜୁଦ୍ଦିନ ହକ୍କାନି କହିଛନ୍ତି, ଯଦି ପାକିସ୍ତାନ ସହିତ ତାଲିବାନ ଲଢ଼ିବ ତେବେ ଗୋଟିଏ ଦିନରେ ପାକିସ୍ତାନର ମାନଚିତ୍ର ବଦଳିଯିବ।

## ଧରାପଡ଼ିଛି ଶାନ୍ତିଦୂତଙ୍କ ଅସଲ ଚେହେରା



ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତେହେରାନର କ୍ଷେପଣାସ୍ତ୍ର ଅସ୍ତ୍ରାଗାରକୁ ନଷ୍ଟ କରିବା ଏବଂ ଏହାକୁ ପରମାଣୁ ଅସ୍ତ୍ର ବିକାଶ କରିବାରୁ ରୋକିବା ପାଇଁ ପ୍ରତିଶ୍ରୁତି ଦେଇଥିବାରୁ ଇସ୍ରାଏଲ ଓ ଆମେରିକା ଇରାନ ଉପରେ ଆକ୍ରମଣ ଆରମ୍ଭ କରି ମଧ୍ୟପ୍ରାଚ୍ୟକୁ ଏକ ଅବାଞ୍ଛିତ ଯୁଦ୍ଧକୁ ଠେଲି ଦେଇଛନ୍ତି। ଏନେଇ ରୁଷିଆ କଡ଼ା ପ୍ରତିକ୍ରିୟା ଦେଇଛି। ରୁଷିଆ ସୁରକ୍ଷା ପରିଷଦର ଡେପୁଟି ଚେୟାରମ୍ୟାନ୍ ତଥା ପୂର୍ବତନ ରୁଷ ରାଷ୍ଟ୍ରପତି ଦିମିତ୍ରି ମେଦଭେଦେବ କହିଛନ୍ତି,ଶାନ୍ତି ସ୍ଥାପନକାରୀ ଶାନ୍ତିଦୂତ ପୁଣି ଥରେ ନିଜର ଅସଲ ଚେହେରା ଦେଖାଇ ଦେଇଛନ୍ତି। ଇରାନ ସହିତ ସମସ୍ତ ଆଲୋଚ ଏକ କଭର ଅପରେସନ ଥିଲା। ପ୍ରକୃତରେ କେହି କିଛି ଆଲୋଚନା କରିବାକୁ ଚାହୁଁନଥିଲେ। ତାହା ଏବେ ଜଣାପଡ଼ିଛି।

## ରାଜ୍ୟସଭା ପାଇଁ ପ୍ରାର୍ଥୀ ଦେଲେ ମମତା



କୋଲକାତା, ୨୮।୨: ପଶ୍ଚିମବଙ୍ଗର ୫ଟି ରାଜ୍ୟ ସଭା ଆସନ ପାଇଁ ଶୁକ୍ରବାର ତୃଣମୂଳ କଂଗ୍ରେସ ନିଜର ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ଦଳ ଏଥର ପ୍ରଶାସନିକ ଅଭିଜ୍ଞତା, ଆଇନଗତ ଜ୍ଞାନ ଏବଂ ଗ୍ଲାମରର ଏକ ଅଭିନବ ମିଶ୍ରଣ କରିଛି। ତୃଣମୂଳ କଂଗ୍ରେସ ପକ୍ଷରୁ ଘୋଷଣା କରାଯାଇଥିବା ୪ ଜଣ ପ୍ରାର୍ଥୀ ହେଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବର୍ତ୍ତମାନ ରାଜ୍ୟ ମନ୍ତ୍ରୀ ବାବୁଲ ସୁପ୍ରିୟୋ, ପୂର୍ବତନ ପଶ୍ଚିମବଙ୍ଗ ପୋଲିସ ମହାନିର୍ଦ୍ଦେଶକ ରାଜୀବ କୁମାର, ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ମେନକା ଗୁରସ୍ୱାମୀ ଓ ବଙ୍ଗଳା ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ କୋୟଲ ମଲ୍ଲିକା। ପଶ୍ଚିମବଙ୍ଗ ବିଧାନସଭାରେ ତୃଣମୂଳ କଂଗ୍ରେସର ଭାରି ବହୁମତ ରହିଛି। ଏଣୁ ୫ଟି ଆସନ ମଧ୍ୟରୁ ୪ଟିରେ ଟିଏମସି ଏବଂ ଗୋଟିଏରେ ବିଜେପି ସହଜରେ ବିଜୟୀ ହେବାର ସମ୍ଭାବନା ରହିଛି। ସୁବ୍ରତ ବକ୍ସି, ଋତବ୍ରତ ବାନାର୍ଜୀ ଏବଂ ସାକେତ ଗୋଖଲେଙ୍କ କାର୍ଯ୍ୟକାଳ ଶେଷ ହେଉଥିବା ବେଳେ ମୌସମ ବେନଜିର ନୂର କଂଗ୍ରେସରେ ଯୋଗ ଦେବା ପାଇଁ ଇସ୍ତଫା ଦେଇଥିବାରୁ ଏହି ଆସନଗୁଡ଼ିକ ଖାଲି ପଡ଼ିଛି।

## କୋର୍ଟଙ୍କ ରାୟକୁ ସ୍ୱାଗତ କଲେ ଆନ୍ନା



ନୂଆଦିଲ୍ଲୀ, ୨୮।୨: ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟ ପୂର୍ବତନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଏବଂ ଆମ ଆଦମୀ ପାର୍ଟି ସଂଯୋଜକ ଅରବିନ୍ଦ କେଜ୍ରିୱାଲ୍‌ଙ୍କ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୋର୍ଟ ଅରବିନ୍ଦ କେଜ୍ରିୱାଲ୍, ମନୀଷ ସିସୋଦିଆ ଏବଂ ଅନ୍ୟ ୨୩ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମଦ ଦୁର୍ନୀତି ମାମଲାରେ ଦୋଷମୁକ୍ତ ହେବା ପରେ କେଜ୍ରିୱାଲ୍ ଭାବପ୍ରବଣ ଦେଖାଦେଇଥିଲେ। ସେ ବିଚାରପତିମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏକ ସାମ୍ବାଦିକ ସମ୍ମିଳନୀ ସମୟରେ କେଜ୍ରିୱାଲ୍ ଭାଜପାକୁ କଡ଼ା ସମାଲୋଚନା କରିଥିଲେ। ସାମାଜିକ କର୍ମୀ ଆନ୍ନା ହଜାରେ ମଧ୍ୟ ଅରବିନ୍ଦ କେଜ୍ରିୱାଲ୍‌ଙ୍କ ସମ୍ପର୍କରେ କୋର୍ଟର ନିଷ୍ପତ୍ତି ଉପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆନ୍ନା ହଜାରେ କହିଛନ୍ତି,ଆମର ଦେଶ ଏହାର ନ୍ୟାୟିକ ଏବଂ ସୁରକ୍ଷା ବ୍ୟବସ୍ଥା ବଳରେ ଚାଲିଥାଏ। ବିଭିନ୍ନ ଦଳ, ଜାତି, ଧର୍ମ ଏବଂ ସମ୍ପ୍ରଦାୟ ସହିତ ଏତେ ବଡ଼ ରାଷ୍ଟ୍ର ହେବା ସତ୍ତ୍ୱେ, ଏହା ନ୍ୟାୟପାଳିକାକୁ ଧନ୍ୟବାଦ ଦେଇ ସୁଗମ ଭାବରେ କାର୍ଯ୍ୟ କରେ। ଏହା ବିନା, ଅରାଜକତା ଏବଂ ଅଶାନ୍ତି ବ୍ୟାପିବ। ମୁଁ ପୂର୍ବରୁ କେଜ୍ରିୱାଲ୍‌ଙ୍କ ବିଷୟରେ ଯାହା କହିଥିଲି, ନ୍ୟାୟପାଳିକା ଏପର୍ଯ୍ୟନ୍ତ କୌଣସି ନିର୍ଦ୍ଦେଶ ଦେଇ ନ ଥିଲା। ବର୍ତ୍ତମାନ ନ୍ୟାୟପାଳିକା ରାୟ ଦେଇଛି ଯେ, କେଜ୍ରିୱାଲ୍ ଦୋଷୀ ନୁହଁନ୍ତି, ଏହାକୁ ଗ୍ରହଣ କରାଯିବା ଉଚିତ। ଭାଜପା ବିରୋଧରେ କେଜ୍ରିୱାଲ୍‌ଙ୍କ ଅଭିଯୋଗ ସମ୍ପର୍କରେ ଆନ୍ନା କହିଛନ୍ତି ଯେ, ଏହା ତାଙ୍କର ବିଷୟ ଏବଂ ମୋ ସହିତ ଏହାର କୌଣସି ସମ୍ପର୍କ ନାହିଁ।

କେଜ୍ରିୱାଲ୍‌ଙ୍କୁ ସେ କ'ଣ ବାର୍ତ୍ତା ଦେବାକୁ ଚାହାଁନ୍ତି ବୋଲି ପଚରାଯିବାରୁ ଆନ୍ନା ହଜାରେ କହିଥିଲେ,ସମାଜ ଏବଂ ଦେଶର କଲ୍ୟାଣ ପାଇଁ ଯାହା କରିପାରୁଛ ତାହା କରିଚାଲ। ନିଜ ବିଷୟରେ, ସରକାର ବିଷୟରେ କିମ୍ବା ଦଳ ବିଷୟରେ ଚିନ୍ତା କରନାହିଁ; ସମାଜର କଲ୍ୟାଣ ଉପରେ ଧ୍ୟାନ ଦିଅ। ଦେଶକୁ ଆଗକୁ ନିଅ। ଦେଶର ସ୍ୱାଧୀନତା ପାଇଁ ଲକ୍ଷ ଲକ୍ଷ ଲୋକଙ୍କ ଦ୍ୱାରା ଦିଆଯାଇଥିବା ବିଶାଳ ବଳିଦାନକୁ ମନେ ରଖ।

## ଇରାନ-ଇସ୍ରାଏଲ ଯୁଦ୍ଧରେ ଭାରତର କ୍ଷତି




ନୂଆଦିଲ୍ଲୀ,୨୮।୨: ଇରାନ ଏବଂ ଇସ୍ରାଏଲ ମଧ୍ୟରେ ପୁଣି ଥରେ ଉତ୍ତେଜନା ବୃଦ୍ଧି ପାଇଛି। ଏହି ଯୁଦ୍ଧ ଯୋଗୁ ଭାରତ ଉପରେ ଗୁରୁତ୍ତର ପ୍ରଭାବ ପଡ଼ିବ ଏବଂ ଏହା ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର କ୍ଷତିଗ୍ରସ୍ତ ହେବାକୁ ଯାଉଛି। ଦୁଇ ଦେଶ ମଧ୍ୟରେ ଏକ ଶତାବ୍ଦୀ ପୁରୁଣା ବାଣିଜ୍ୟ ଏବଂ ସାଂସ୍କୃତିକ ସମ୍ପର୍କ ରହିଛି। ବର୍ତ୍ତମାନ ବିଶ୍ୱର ଧ୍ୟାନ ରାଜନୈତିକ ଉତ୍ତେଜନା ଉପରେ କେନ୍ଦ୍ରିତ ହୋଇଥିଲେ ମଧ୍ୟ, ବାସ୍ତବତା ହେଉଛି ଯେ ଇରାନ ଏହାର ଅନେକ ଅତ୍ୟାବଶ୍ୟକ ଆବଶ୍ୟକତା ପାଇଁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଭାରତ ଉପରେ ନିର୍ଭର କରେ। ଦୁଇ ଦେଶ ମଧ୍ୟରେ ସମ୍ପର୍କ କେବଳ କୂଟନୀତି ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଖାଦ୍ୟ, ପୋଷାକ ଏବଂ ଜୀବନଶୈଳୀ ସମେତ ସାଧାରଣ ଲୋକଙ୍କ ଜୀବନରେ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୁଏ। ଇରାନରୁ ଭାରତର ସର୍ବାଧିକ ଆମଦାନୀ ହେଉଛି ଅଶୋଧିତ ତେଲ। ଭାରତ ଇରାନରୁ ପିସ୍ତା ଏବଂ ଖଜୁର ଭଳି ଶୁଖିଲା ଫଳ, କିଛି ରାସାୟନିକ ପଦାର୍ଥ, ପେଟ୍ରୋକେମିକାଲ ଉତ୍ପାଦ ଏବଂ କାଚପାତ୍ର ମଧ୍ୟ ଆମଦାନୀ କରେ। ୧୯୪୭ ମସିହାର ବିଭାଜନ ପୂର୍ବରୁ, ଭାରତ ଏବଂ ଇରାନ ଭୌଗୋଳିକ ଦୃଷ୍ଟିରୁ ନିକଟତର ଥିଲେ। ପାକିସ୍ତାନ ସୃଷ୍ଟି ହେବା ପରେ ସିଧାସଳଖ ସ୍ଥଳଭାଗ ସମ୍ପର୍କ ବିଚ୍ଛିନ୍ନ ହୋଇଥିଲା, କିନ୍ତୁ ୧୯୫୦ ମସିହାରେ ସେମାନେ ଆନୁଷ୍ଠାନିକ କୂଟନୈତିକ ସମ୍ପର୍କ ସ୍ଥାପନ କରିଥିଲେ। ୧୯୭୪ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଇରାନ ଗସ୍ତ ପରେ ଦ୍ୱିପାକ୍ଷିକ ବାଣିଜ୍ୟ ନୂତନ ଗତି ପାଇଥିଲା।

ଯେତେବେଳେ ଭାରତ-ଆମେରିକା ପରମାଣୁ ଚୁକ୍ତି ଉପରେ ଆଲୋଚନା ଆରମ୍ଭ ହୋଇଥିଲା ଏବଂ ଆମେରିକା ଇରାନ ଉପରେ ପ୍ରତିବନ୍ଧକ ଲଗାଇଥିଲା, ସେତେବେଳେ ଦୁଇ ଦେଶ ମଧ୍ୟରେ କିଛି ଦୂରତା ଥିଲା। ଏହା ସତ୍ତ୍ୱେ, ପାରସ୍ପରିକ ସମ୍ପର୍କ କେବେ ବି ବନ୍ଦ ହୋଇନଥିଲା। ଦୁଇ ଦେଶ ଡଲାର ପରିବର୍ତ୍ତେ ଟଙ୍କା ଏବଂ ରିଆଲରେ ମଧ୍ୟ ବାଣିଜ୍ୟ କରୁଥିଲେ। ଆଜି, ଶକ୍ତି ସୁରକ୍ଷା, ଔଷଧ, ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଖଣି ଭଳି ଅନେକ ପ୍ରମୁଖ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି ପାଇବାରେ ଲାଗିଛି।

ବାଣିଜ୍ୟକୁ ସୁଗମ କରିବା ପାଇଁ, ଭାରତ ଇରାନର ଚାବାହାର ବନ୍ଦରରେ ବହୁ ପରିମାଣରେ ନିବେଶ କରୁଛି। ଏହି ପ୍ରକଳ୍ପ ମଧ୍ୟ ଏସିଆ ଏବଂ ଆଫଗାନିସ୍ତାନକୁ ସାମଗ୍ରୀ ପରିବହନ ପାଇଁ ଏକ ପ୍ରମୁଖ କୂଟନୈତିକ ପଥ। ଯଦିଓ ଦୁଇ ଦେଶ ମଧ୍ୟରେ କୌଣସି ଆନୁଷ୍ଠାନିକ ସାମରିକ ମେଣ୍ଟ ନାହିଁ, ସେମାନେ ଆତଙ୍କବାଦକୁ ମୁକାବିଲା କରିବା ଏବଂ ନିୟମିତ ଭାବରେ ଗୁପ୍ତ ସୂଚନା ଆଦାନପ୍ରଦାନ କରିବା ଉପରେ ସ୍ପଷ୍ଟ ଦୃଷ୍ଟିକୋଣ ବାଣ୍ଟିଥାନ୍ତି।

ଆନ୍ତର୍ଜାତୀୟ କୂଟନୀତିର ଜଟିଳତା ବାହାରେ, ଏହି ଦୁଇ ଦେଶର ପ୍ରକୃତ ଶକ୍ତି ସେମାନଙ୍କର ଐତିହାସିକ ସମ୍ପର୍କ ମଧ୍ୟରେ ରହିଛି। ଭାରତର ପ୍ରାଚୀନ ସାହିତ୍ୟ ଏବଂ ପ୍ରଶାସନିକ ଅଭ୍ୟାସ ଉପରେ ପାର୍ସୀ ଭାଷାର ଗଭୀର ପ୍ରଭାବ ରହିଛି। ଭାରତୀୟ ଉପମହାଦେଶରେ ସୁଫିବାଦର ପ୍ରସାର ପାଇଁ ଇରାନ ମୁଖ୍ୟତଃ ଦାୟୀ। ଇତିହାସ ସାକ୍ଷୀ ଅଛି ଯେ ଅନେକ ମହାନ ସୁଫି ସନ୍ଥ ଇରାନରୁ ଭାରତ ଯାତ୍ରା କରିଥିଲେ।

## ମର୍ମନ୍ତୁଦ ଦୁର୍ଘଟଣା

## ଚାଲିଗଲା ୬ ଯାତ୍ରୀଙ୍କ ଜୀବନ




ରାଜସ୍ଥାନ, ୨୮।୨: ରାଜସ୍ଥାନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଦୁଇ ଶିଶୁ ଏବଂ ଜଣେ ମହିଳାଙ୍କ ସମେତ ଛଅ ଜଣଙ୍କର ମୃତ୍ୟୁ ହୋଇଛି। ବାଲୋତ୍ରା ଜିଲ୍ଲାରେ ସନ୍ଧ୍ୟାରେ ଗୋଟିଏ ସ୍ଲିପର ବସ୍ ସହ ଗୋଟିଏ ଟ୍ରଲର ଧକ୍କା ହୋଇଥିଲା। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ, ବସର ଗୋଟିଏ ପାର୍ଶ୍ୱ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହି ଦୁର୍ଘଟଣାରେ ଛଅ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ବାଲୋତ୍ରା ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଛି। ବାଲୋତ୍ରା ଏସପି କହିଛନ୍ତି, 'ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୧୦୮ ଆମ୍ବୁଲାନ୍ସ ସାହାଯ୍ୟରେ ଆହତମାନଙ୍କୁ ବାଲୋତ୍ରାର ନାହାଟା ହସ୍ପିଟାଲରେ ଭର୍ତ୍ତି କରିଥିଲା। ଦୁର୍ଘଟଣା ପରେ ରାଜପଥରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା, ଉଭୟ ପାର୍ଶ୍ୱରେ ଅନେକ ଯାନବାହାନ ଅଟକି ରହିଥିଲା। ପୋଲିସ ଏବଂ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ହସ୍ପିଟାଲରେ ପହଞ୍ଚି ଆହାତଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ଏହି ଦୁର୍ଘଟଣାରେ ଦୁଇ ଶିଶୁ ଏବଂ ଜଣେ ମହିଳାଙ୍କ ସମେତ ଛଅ ଜଣଙ୍କର ମୃତ୍ୟୁ ହୋଇଛି। ମୃତଦେହ ଗୁଡ଼ିକୁ ବାଲୋତ୍ରାର ନାହାଟା ହସ୍ପିଟାଲରେ ରଖାଯାଇଛି। ବାଲୋତ୍ରା ହସ୍ପିଟାଲର ପିଏମଓ ସନ୍ଦୀପ ଦେୱାତଙ୍କ ସୂଚନା ଅନୁଯାୟୀ, ଦୁର୍ଘଟଣାରେ ୯ ଜଣ ଆହତ ହୋଇଛନ୍ତି। ଚାରି ଜଣଙ୍କୁ ଗୁରୁତର ଅବସ୍ଥାରେ ଯୋଧପୁରକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ପାଞ୍ଚ ଜଣଙ୍କର କଲ୍ୟାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ଜାରି ରହିଛି। ଏହି ଘଟଣାକୁ ନେଇ ନାଗୌର ସାଂସଦ ହନୁମାନ ବେନିୱାଲ ଶୋକ ପ୍ରକାଶ କରିଛନ୍ତି। ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି,ବାଲୋତ୍ରା ଜିଲ୍ଲାର କଲ୍ୟାଣପୁର ନିକଟରେ ଏକ ଘରୋଇ ବସ୍ ନିୟନ୍ତ୍ରଣ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିବାର ଦୁଃଖଦ ଖବର ମିଳିଛି, ଯାହା ଫଳରେ କିଛି ଯାତ୍ରୀଙ୍କ ମୃତ୍ୟୁ ହୋଇଛି ଏବଂ ଅନେକ ଆହତ ହୋଇଛନ୍ତି।

## ୩୨୫ ଟଙ୍କା ଆୟରେ ସ୍ତ୍ରୀଙ୍କୁ ୧୦ ହଜାର ଭରଣପୋଷଣ



ନୂଆଦିଲ୍ଲୀ, ୨୮।୨: ସୁପ୍ରିମକୋର୍ଟଙ୍କ ବଡ଼ ନିଷ୍ପତ୍ତି। ସ୍ତ୍ରୀଙ୍କୁ ସ୍ୱାମୀ ଦେବେ ୧୦ ହଜାର ଟଙ୍କା ଭରଣପୋଷଣ। ସ୍ୱାମୀଙ୍କ ରୋଜଗାର କିନ୍ତୁ ମାତ୍ର ୩୨୫ ଟଙ୍କା। ଶୁକ୍ରବାର ସୁପ୍ରିମକୋର୍ଟ ଭରଣପୋଷଣ ସମ୍ପର୍କିତ ଏକ ମାମଲାର ଶୁଣାଣି କରିଥିଲେ। ଏହି ସମୟରେ, ସ୍ୱାମୀ କୋର୍ଟକୁ କହିଥିଲେ ଯେ ସେ ଦୈନିକ ମାତ୍ର ୩୨୫ ଟଙ୍କା ରୋଜଗାର କରନ୍ତି, ଯାହାର ଉତ୍ତରରେ ସୁପ୍ରିମକୋର୍ଟ କହିଥିଲେ ଯେ ଏହା ହୋଇପାରିବ ନାହିଁ। ଆମେ ତାଙ୍କୁ ପ୍ରତି ମାସରେ ୧୦ ହଜାର ଟଙ୍କା ଭରଣପୋଷଣ ଦେବାକୁ ନିର୍ଦ୍ଦେଶ ଦେବୁ।

ଫେବୃଆରୀ ୧୬ ରେ ଦିଆଯାଇଥିବା ଏକ ବିସ୍ତୃତ ରାୟରେ, ବିଚାରପତି ସ୍ୱରନ କାନ୍ତ ଶର୍ମା ପତ୍ନୀଙ୍କ ଆବେଦନକୁ ଗ୍ରହଣ କରିଥିଲେ। ଘରୋଇ ହିଂସାରୁ ମହିଳା ସୁରକ୍ଷା ଆଇନ ଅଧୀନରେ ମାଜିଷ୍ଟ୍ରେଟ୍ ଏବଂ ଆପିଲେଟ୍ କୋର୍ଟଙ୍କ ଆଦେଶକୁ ଖାରଜ କରିଥିଲେ। ଯାହା ତାଙ୍କୁ ମଧ୍ୟବର୍ତ୍ତୀକାଳୀନ ଭରଣପୋଷଣ ପାଇଁ ମନା କରାଯାଇଥିଲା। ସ୍ୱାମୀଙ୍କ ଯୁକ୍ତି ଉପରେ ଯେ ସ୍ତ୍ରୀ ବସି ଭରଣପୋଷଣ ଦାବି କରିପାରିବେ ନାହିଁ ବୋଲି କହିଥିଲେ କୋର୍ଟ। କୋର୍ଟ କହିଛନ୍ତି ଯେ ଜଣେ ଗୃହିଣୀ ବସି ରହେନି। ବରଂ ଏପରି କାମ କରନ୍ତି ଯାହା ରୋଜଗାରକ୍ଷମ ସଦସ୍ୟ ଭଲ ଭାବରେ କାମ କରିପାରିବେ। ଏହି ସମୟରେ, ପୂର୍ବ ଦିନ ଏକ ବୈବାହିକ ବିବାଦରେ ଭରଣପୋଷଣ ସମ୍ପର୍କିତ ଅନ୍ୟ ଏକ ମାମଲାର ଶୁଣାଣି ସମୟରେ, ଦିଲ୍ଲୀ ହାଇକୋର୍ଟ ମତ ଦେଇଥିଲେ ଯେ ରୋଜଗାରକ୍ଷମ ବ୍ୟକ୍ତି ଜଣେ ଅସହାୟ ବ୍ୟକ୍ତି ବୋଲି ଧାରଣା ଘରୋଇ ସହାୟକଙ୍କ ଭୁଲ ବୁଝାମଣାକୁ ପ୍ରତିଫଳିତ କରେ। ୱେବସାଇଟ୍ ଇଟ୍ ବାର୍ ଆଣ୍ଡ୍ ବେଞ୍ଚ ଅନୁଯାୟୀ, ସ୍ୱାମୀଙ୍କ ଓକିଲ କହିଛନ୍ତି ଯେ ସେ ଏହା ଦେଇପାରିବେ ନାହିଁ। ମୋ କାର୍ଯ୍ୟାଳୟରେ ମୋର ସହକର୍ମୀମାନେ ଏକ ସତ୍ୟପାଠ ଦାଖଲ କରିବାକୁ ପ୍ରସ୍ତୁତ। ଏହା ହେଉଛି ମୁଁ ରୋଜଗାର କରୁଥିବା ପରିମାଣ।

ସ୍ୱାମୀଙ୍କ ଯୁକ୍ତି ଶୁଣିବା ପରେ, କୋର୍ଟ କହିଲେ ଯେ ତୁମେ ତୁମ ସ୍ତ୍ରୀଙ୍କୁ ନିଜ ପାଖରେ ରଖ। ସେ ତୁମ ଏବଂ ତୁମର ପିଲାମାନଙ୍କ ପାଇଁ ରୋଷେଇ କରିବେ। ସ୍ୱାମୀଙ୍କ ଓକିଲ ଉତ୍ତରରେ କହିଥିଲେ ଯେ, ସେ ମୋ ବାପାମାଆଙ୍କ ବିରୁଦ୍ଧରେ ମଧ୍ୟ ଅଭିଯୋଗ କରିଛନ୍ତି। ମୁଁ ଜାଣିନାହିଁ ଯେ ବିବାହ ସଫଳ ହେବ କି ନାହିଁ। "ତା'ପରେ କୋର୍ଟ କହିଲେ, "ଆମେ କମ୍ପାନୀକୁ ଡାକିବୁ ଯିଏ ବହୁତ କମ୍ ଟଙ୍କା ଦେଉଛି। ସେମାନଙ୍କୁ ଏକ ସତ୍ୟପାଠ ଦାଖଲ କରିବାକୁ ଦିଅ।" ସ୍ୱାମୀଙ୍କ ଓକିଲ ରାଜି ହୋଇ କହିଲେ, "ହଁ, ଏହା ଅନ୍ୟ କର୍ମଚାରୀମାନଙ୍କ ପାଇଁ ମଧ୍ୟ ଭଲ ହେବ।" ମାମଲାର ଶୁଣାଣି ଶେଷ ହେବା ପରେ, କୋର୍ଟ ଶେଷରେ ନିର୍ଦ୍ଦେଶ ସଂରକ୍ଷିତ ରଖିଛନ୍ତି।

## ଧରାପଡ଼ିଲା ଡିଜିଟାଲ୍ ଆରେଷ୍ଟ ସିଣ୍ଡିକେଟ୍

### ୬ ରାଜ୍ୟରେ ସିବିଆଇ ଚଢ଼ାଉ, ୩ ଗିରଫ




ନଗପୁର, ୨୮।୨: ଦେଶରେ ବଢୁଥିବା ଡିଜିଟାଲ ଆରେଷ୍ଟ ଘଟଣା ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏପର୍ଯ୍ୟନ୍ତ ସବୁଠାରୁ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସଂସ୍ଥା ଛଅଟି ରାଜ୍ୟରେ ଏକକାଳୀନ ଚଢାଉ କରି କେରଳର ଜଣେ ବୃଦ୍ଧଙ୍କଠାରୁ ୧ କୋଟି ୮୬ ଲକ୍ଷ ଠକେଇ କରିଥିବା ଏକ ନେଟୱାର୍କର ପର୍ଦ୍ଦାଫାସ୍ କରିଛି। ଏହି ଅଭିଯାନ ସମୟରେ, ସିବିଆଇ ନାଗପୁର, ଗୋଆ ଏବଂ ବେଙ୍ଗାଲୁରୁରୁ ତିନି ଜଣ ପ୍ରମୁଖ ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିଛି। ନଗପୁରର ମହମ୍ମଦ ମୁସ୍ତାକ, ସେ ଏକ ଜାଲ କମ୍ପାନି ଚଳାଉଥିଲେ। ସେ ଜାଲିଆତି କରି କଳା ଟଙ୍କା ଧଳା କରିବା ପାଇଁ ତାଙ୍କ କମ୍ପାନିର ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରିଥିଲେ। ତାଙ୍କ ନିକଟରୁ ବହୁ ସଂଖ୍ୟକ ଡେବିଟ୍ କାର୍ଡ ଏବଂ ଡିଜିଟାଲ୍ ଡିଭାଇସ୍ ଜବତ କରାଯାଇଥିଲା। ଗୋଆର ବ୍ଲେସିନ୍ ଜାକବ୍ ଆବ୍ରାହମ୍, ସେ ଏକ ମ୍ୟୁଲ୍ ଆକାଉଣ୍ଟ୍ (ମନି ଲଣ୍ଡରିଂ ପାଇଁ ବ୍ୟବହୃତ ଏକ ଆକାଉଣ୍ଟ) ର ପରିଚାଳକ ବୋଲି ସନ୍ଦେହ କରାଯାଉଛି। ସେ କ୍ରିପ୍ଟୋକରେନ୍ସି ବ୍ୟବହାର କରି ଟଙ୍କା କାରବାରରେ ମଧ୍ୟ ଜଡିତ ଥିବା କୁହାଯାଉଛି। ବେଙ୍ଗାଲୁରୁର ମହମ୍ମଦ ଜୁନୈଦ, ସେ ନକଲି ସିମ୍ କାର୍ଡ ବ୍ୟବହାର କରି ଏଭଳି କାର୍ଯ୍ୟ କରୁଥିଲେ। ସେ ଲୋକମାନଙ୍କୁ ୫ଜି ସିମ୍ ଅପଗ୍ରେଡ୍ କରିବାର ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରୁଥିଲେ, ତାପରେ ସେମାନଙ୍କର କେୱାଇସି ଡକ୍ୟୁମେଣ୍ଟର ଅପବ୍ୟବହାର କରୁଥିଲେ ତଥା ଏହି ସିମ୍ କାର୍ଡଗୁଡ଼ିକୁ ସାଇବର ଅପରାଧ ପାଇଁ ବ୍ୟବହାର କରୁଥିଲେ। ସିବିଆଇ ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ, କେରଳ, ତେଲେଙ୍ଗାନା ଏବଂ ଦିଲ୍ଲୀରେ ଏକକାଳୀନ ଚଢ଼ାଉ କରିଥିଲା।

### ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ

# ଚାଲିଗଲା ୨୩ ଜଣଙ୍କ ଜୀବନ, ୯ ଗୁରୁତର




ଭେଟ୍‌ଲାପାଲେମ୍,୨୮।୨: ଆନ୍ଧ୍ର ପ୍ରଦେଶର କାକିନାଡା ଜିଲ୍ଲାରେ ଆଜି ଶ୍ରୀ ସୂର୍ଯ୍ୟା ଫାୟାରକ୍ରାକର୍ସ କଂପ୍ଲେକ୍ସ ନାମକ ଏକ ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ ଘଟିବା ଫଳରେ ଏଥିରେ ୨୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ସମରଲକୋଟା ମଣ୍ଡଳ ଅଧୀନ ଭେଟ୍‌ଲାପାଲେମ୍ ଗାଁରେ ହୋଇଥିବା ଏହି ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ମୃତଦେହଗୁଡ଼ିକ ଛିଟିକି ଯାଇ ନିକଟବର୍ତ୍ତୀ ଧାନ କ୍ଷେତରେ ପଡ଼ିଥିବା ସ୍ଥାନୀୟ ପୁଲିସ୍ ପକ୍ଷରୁ କୁହାଯାଇଛି। ଘଟଣା ଘଟିବା ପରେ ଉକ୍ତ କାରଖାନାର ମାଲିକ କୁଆଡ଼େ ଫେରାର୍ ହୋଇଯାଇଛନ୍ତି।

ଖବର ପାଇ ଘଟଣାସ୍ଥଳରେ ଆନ୍ଧ୍ରପ୍ରଦେଶ ଗୃହମନ୍ତ୍ରୀ ବଙ୍ଗାଲାପୁଡ଼ି ଅନିଥା ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ନିଆଁ କିପରି ଲାଗିଲା ଓ ବିସ୍ଫୋରଣ କିପରି ହେଲା ତା' ଜାଣିବା ପାଇଁ ତଦନ୍ତ ଜାରି ରହିଛି। କାକିନାଡା ସରକାରୀ ଜେନେରାଲ ହସ୍ପିଟାଲକୁ ୭ ଜଣ ଆସି ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ଶରୀରର ୯୦ରୁ ୧୦୦ ଭାଗ ପୋଡ଼ିଯାଇଥିବା ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ସୂଚନା ଦେଇଛନ୍ତି। ତେଣୁ ଘଟଣାରେ ମୃତ୍ୟୁ ସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ମୃତକଙ୍କ ମଧ୍ୟରୁ ୯ ମହିଳାଙ୍କ ସମେତ ୨୦ ଜଣ ଶ୍ରମିକ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ବିସ୍ଫୋରଣରେ ଅନେକ କର୍ମଚାରୀ ପ୍ରାଣ ହରାଇଥିବାରୁ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ଲୋକଙ୍କ ସକାଶେ ୨୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏହାଛଡ଼ା ସମସ୍ତ ମୃତାହତଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି ନାଇଡୁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ସେହିପରି ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ ହୋଇଛି ଓ ଜଣେ ବି ଦୋଷୀକୁ କ୍ଷମା କରାଯିବ ନାହିଁ ବୋଲି ମଧ୍ୟ ନାଇଡୁ ଭରସା ଦେଇ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଆହତ ହୋଇଥିବା ଶ୍ରମିକମାନଙ୍କ ପିଲାଙ୍କୁ ଆବାସିକ ସ୍କୁଲ୍‌ରେ ମାଗଣାରେ ପାଠ ପଢ଼ାଯିବାର ବ୍ୟବସ୍ଥା ହେବ। ଯେଉଁମାନେ ଘର ହରାଇଛନ୍ତି, ସେମାନଙ୍କ ପାଇଁ ସରକାର ନୂଆ ଘର ତିଆରି କରିବେ। ଅନ୍ୟପକ୍ଷରେ ଏହି ଦୁଃଖଦ ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏଥିସହ ସେମାନେ ପୀଡ଼ିତ ପରିବାରମାନଙ୍କୁ ସମବେଦନା ଜ୍ଞାପନ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ ମଧ୍ୟ କାମନା କରିଛନ୍ତି।

# ବିଜେପି କର୍ମୀଙ୍କ ଘର ଉପରେ ବୋମା ମାଡ଼



କୋଲକାତା,୨୮।୨(ସଂଚାର ବ୍ୟୁରୋ): ଇସ୍ପାତ ନଗରୀ ଦୁର୍ଗାପୁରରେ ଜଣେ ବିଜେପି କର୍ମୀଙ୍କ ଘର ସାମ୍ନାରେ ବୋମା ଫିଙ୍ଗାଯାଇଥିଲା। ଶୁକ୍ରବାର ରାତି ପ୍ରାୟ ୯ଟା ସମୟରେ ଇସ୍ପାତ ନଗରୀର ରାଣା ପ୍ରତାପ ରୋଡ୍ ଅଞ୍ଚଳରେ ଏହି ଘଟଣା ଘଟିଛି। ଦୁର୍ଗାପୁର ପୂର୍ବ ୧ ନମ୍ବର ମଣ୍ଡଳର ସାଧାରଣ ସମ୍ପାଦକ ଶାଶ୍ୱତୀ ଗିରି ସେହି ଅଞ୍ଚଳରେ ରୁହନ୍ତି। ଅଜଣା ଦୁର୍ବୃତ୍ତମାନେ ତାଙ୍କ ଘର ଆଗରେ ବୋମା ଫିଙ୍ଗି ପଳାଇଥିବା ଅଭିଯୋଗ ହୋଇଛି। ଜୋରଦାର ଶବ୍ଦ ପରିବାରକୁ ଭୟଭୀତ କରିଥିଲା। ଖବର ପାଇ ଦୁର୍ଗାପୁର ଥାନାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପରିବାରର ବରିଷ୍ଠ ସଦସ୍ୟା ରୀନା ନନ୍ଦୀ କହିଛନ୍ତି ଯେ ତାଙ୍କ ଝିଅ ଜଣେ ବିଜେପି ସଦସ୍ୟ ଏବଂ ଦଳୀୟ କର୍ମୀମାନେ ପ୍ରାୟତଃ ଘରକୁ ଯିବା ଆସିବା କରନ୍ତି। ତେବେ, ଆକ୍ରମଣର କାରଣ ପାଇଁ ସେମାନେ ବୁଝିପାରୁ ନାହାଁନ୍ତି। ସେମାନେ ଏହି ଘଟଣାରେ କିଏ ସମ୍ପୃକ୍ତ ତାହା ମଧ୍ୟ ଜାଣିନାହାଁନ୍ତି। ଶନିବାର ବିଜେପି ଜିଲ୍ଲା ଉପାଧ୍ୟକ୍ଷ ଚନ୍ଦ୍ରଶେଖର ବାନାର୍ଜୀ କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ବିଜେପି କର୍ମୀମାନଙ୍କୁ ଭୟଭୀତ କରିବା କୌଣସି ଲାଭ ଦେବ ନାହିଁ। ତେବେ, ସ୍ଥାନୀୟ ତୃଣମୂଳ ନେତା ରାଜୀବ ଘୋଷ ଏହି ଅଭିଯୋଗଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ଖଣ୍ଡନ କରି ଦାବି କରିଛନ୍ତି ଯେ ସେ ଜାଣି ନଥିଲେ ଯେ ଶାଶ୍ୱତୀ ଗିରି ଜଣେ ବିଜେପି ସଦସ୍ୟା। ବିଜେପି ନେତ୍ରୀ ଶାଶ୍ୱତୀ ଗିରି ଦୋଷୀମାନଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି ଏବଂ ପରିବାରର ସୁରକ୍ଷା ସୁନିଶ୍ଚିତ କରିବାକୁ ଅପିଲ୍ କରିଛନ୍ତି।

# ଟ୍ରିବ୍ୟୁନାଲଙ୍କ ଗସ୍ତକୁ ଗଡ଼ଗଡ଼ିଆରେ ବିରୋଧ

- ମହାନଦୀ ବଞ୍ଚାଅ ଆନ୍ଦୋଳନର ସତ୍ୟାଗ୍ରହ
- ଅନ୍ତରୀଣ ରାୟ ଦେବାକୁ ଦାବି




କଟକ,୨୮।୨(ସଂଚାର ବ୍ୟୁରୋ): ଆଜି ସକାଳ ୯ଟାରେ ଗଡ଼ଗଡ଼ିଆ ଘାଟଠାରେ ମହାନଦୀ ଟ୍ରିବ୍ୟୁନାଲଙ୍କ ପାରିବାରିକ ବିଳାସମୟ ପିକନିକ ଗସ୍ତ ପ୍ରତିବାଦରେ ଆବାହକ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ମହାନଦୀ ସତ୍ୟାଗ୍ରହ ଆୟୋଜନ କରିଥିଲା ମହାନଦୀ ବଞ୍ଚାଅ ଆନ୍ଦୋଳନ। ସତ୍ୟାଗ୍ରହରେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଯୋଗ ଦେଇ ଓଡ଼ିଶାର ପ୍ରମୁଖ ସମସ୍ୟା ମହାନଦୀ ପାଇଁ ଟ୍ରିବ୍ୟୁନାଲ ଓ କେନ୍ଦ୍ର ସରକାରଙ୍କୁ ନିଦରୁ ଉଠାଇବା ପାଇଁ ରାଜ୍ୟର ପଲ୍ଲୀଠୁ ଦିଲ୍ଲୀ ପର୍ଯ୍ୟନ୍ତ ଲଢ଼େଇ ଜୋରଦାର କରିବାକୁ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ଚିତ୍ରଶିଳ୍ପୀ ରବି ରଥ ମହାନଦୀର ବର୍ତ୍ତମାନ ସ୍ଥିତିକୁ ଦେଖି ଉଦ୍‌ବେଗ ପ୍ରକାଶ କରିବା ସହ ତୂଳୀ ଓ କ୍ୟାନଭାସରେ ଅଭିନବ ପ୍ରତିବାଦ ପାଇଁ ପ୍ରସ୍ତାବ ଦେଇଥିଲେ। ବାରବାଟୀ କଟକ ବିଧାୟିକା ତଥା ଆପୋଷ ସମାଧାନ ପାଇଁ ସରକାରଙ୍କ ଦ୍ୱାରା ଗଠିତ କମିଟିର ସଦସ୍ୟ ସୋଫିଆ ଫିର୍ଦୋଷ ଟ୍ରିବ୍ୟୁନାଲ ଗସ୍ତ ସମ୍ପର୍କରେ ସୂଚନା ପାଇନାହାନ୍ତି ବୋଲି କହିବା ସହ ଓଡ଼ିଶାର ଜୀବନରେଖା ମହାନଦୀର ଜଳ ପ୍ରବାହ ପାଇଁ ସେ କଟକବାସୀଙ୍କୁ ପ୍ରତିବାଦ ପାଇଁ ଆହ୍ୱାନ ଦେଇଥିଲେ। ମହାନଦୀ ଟ୍ରିବ୍ୟୁନାଲ ଫେବ୍ରୁଆରୀ ୨୬ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଓଡ଼ିଶା ଗସ୍ତରେ ଆସିଛନ୍ତି। ପୂର୍ବରୁ ମଧ୍ୟ ୨୦୨୩ରେ ଟ୍ରିବ୍ୟୁନାଲର ଓଡ଼ିଶା ଗସ୍ତ ପାଇଁ ରାଜ୍ୟ ରାଜକୋଷରୁ ୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ମହାନଦୀ ଟ୍ରିବ୍ୟୁନାଲଙ୍କ ଗସ୍ତ ପିକନିକ ପାଇଁ ନୁହେଁ, ପ୍ରଣୟର ମାଙ୍ଗଳିକ ବୋଲି ଏଜି ପୀତାମ୍ବର ଆଚାର୍ଯ୍ୟଙ୍କ ବୟାନ ଦୁର୍ଭାଗ୍ୟଜନକ ବୋଲି ସୁଦର୍ଶନ ଦାସ କହିଛନ୍ତି। ସେ କହିଛନ୍ତି ଯେ ଟ୍ରିବ୍ୟୁନାଲ ଗସ୍ତକୁ ପିକନିକ କହିବାର କାରଣ ଏହାର ୧୦ ଜଣ ସଦସ୍ୟଙ୍କ ଭିତରୁ ୪ ଜଣ ହେଉଛନ୍ତି ସଦସ୍ୟଙ୍କ ପରିବାର ଲୋକ ଓ ହୀରାକୁଦକୁ ଛାଡ଼ିଦେଲେ ଅନ୍ୟ ସ୍ଥାନଗୁଡ଼ିକ ମହାନଦୀର ସ୍ଥିତି ଆକଳନ ପାଇଁ ନୁହେଁ।

## ଗାଡି ଧକ୍କାରେ ୪ ମହିଳାଙ୍କ ମୃତ୍ୟୁ



କୋଲକାତା, ୨୮।୨(ସଂଚାର ବ୍ୟୁରୋ): ଶନିବାର ସକାଳେ ହାସିମାରା-ଜୟଗାଁ ଏସୀଆନ ୪୮ ନମ୍ବର ରାଜପଥରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ ବେପରୁଆ ଗାଡି ଧକ୍କାରେ ଚାରି ଜଣ ମହିଳା ଚା' ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଆଉ ତିନି ଜଣ ଆହତ ହୋଇଛନ୍ତି। ସମସ୍ତ ମୃତକ ବର୍ଣ୍ଣବାଡି ଚା' ବଗିଚାର ବାସିନ୍ଦା। ବର୍ତ୍ତମାନ, ବର୍ଣ୍ଣବାଡି ଚା' ବଗିଚା ବନ୍ଦ ଅଛି। ତେଣୁ, ମହିଳାମାନେ ଏଦିନ ସକାଳେ ଅସ୍ଥାୟୀ କର୍ମଚାରୀ ଭାବରେ ବିଚ୍ ଚା' ବଗିଚାରେ କାମ କରିବାକୁ ଯାଉଥିଲେ। ସେମାନେ ସମସ୍ତେ ସାଇକେଲ ଚଳାଇ ଯାଉଥିଲେ। ତା'ପରେ ହାସିମାରା ରାଜପଥ ଅଞ୍ଚଳରେ ଦୁର୍ଘଟଣା ଘଟିଥିଲା। ହାସିମାରାରୁ ଜୟଗାଁ ଆସୁଥିବା ଏକ ଗାଡି ଦ୍ରୁତ ଗତିରେ ସାତ ଜଣ ମହିଳା ଶ୍ରମିକଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଚାରି ଜଣ ମହିଳା ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଆହତ ତିନି ଜଣ ମହିଳାଙ୍କ ମଧ୍ୟରୁ ଜଣଙ୍କୁ ଉଦ୍ଧାର କରାଯାଇ ଉତ୍ତରବଙ୍ଗ ମେଡିକାଲ କଲେଜ ହସ୍ପିଟାଲକୁ ପଠାଯାଇଥିଲା। ବାକି ଦୁଇ ଆହତ ମହିଳାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଆଳୁ ବଣ୍ଡକୁ ନେଇ ବିକ୍ଷୋଭ, କ୍ଷୁବ୍ଧ ଚାଷୀ

କୋଲକାତା, ୨୮।୨(ସଂଚାର ବ୍ୟୁରୋ): ଶନିବାର ସକାଳେ ଚାଷୀମାନେ ଆଳୁ ବଣ୍ଡ ନ ପାଇ ରାସ୍ତାରେ ବସି ପଡ଼ିଲେ। ଗଛ ଡାଳ ଫିଙ୍ଗି ରାସ୍ତା ଅବରୋଧ ହୋଇଥିଲା। ବିଏସ୍‌ଏଫ୍ ଗାଡ଼ି ମଧ୍ୟ ଫସି ଯାଇଥିଲା। ପରେ, ସୈନିକମାନେ ଗାଡ଼ିରୁ ଓହ୍ଲାଇ ନିଜେ ରାସ୍ତାରୁ ଗଛ ଡାଳ ହଟାଇ ଦେଇଥିଲେ ଏବଂ ରାସ୍ତାରେ ବସିଥିବା ଚାଷୀମାନଙ୍କୁ ହସ୍ତାନ୍ତର କରିଥିଲେ। ଏହାକୁ ନେଇ ବିଏସ୍‌ଏଫ୍ ସହିତ ଯୁକ୍ତିତର୍କ ହୋଇଥିଲା। କିନ୍ତୁ, ବିଏସ୍‌ଏଫ୍ ଗାଡ଼ି ଯିବା ମାତ୍ରେ ସେମାନେ ପୁଣି ରାସ୍ତାରେ ବସି ପଡ଼ିଥିଲେ। ଚାଷୀମାନଙ୍କର ଏକ ଅଂଶ ପୋଲିସକୁ ଠେଲାପେଲା କରି ଶୀତଳ ଭଣ୍ଡାର ଭିତରକୁ



ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ଦେଖାଯାଇଥିଲା। ଶୀତଳ ଭଣ୍ଡାରର ଗେଟକୁ ବଳପୂର୍ବକ ଅବରୋଧ କରାଯାଇଥିଲା। ଫଳସ୍ୱରୂପ, ସେମାନଙ୍କ ମଧ୍ୟରୁ ଅନେକ କାନ୍ଥ ଡେଇଁ ଶୀତଳ ଭଣ୍ଡାର ଭିତରକୁ ପ୍ରବେଶ କରିଥିଲେ। ଆଳୁ ବଣ୍ଡ ନେବାକୁ ଆସିଥିବା ଜଣେ ଚାଷୀ କହିଛନ୍ତି ଯେ ଏବେ ମୁଣ୍ଡ ପିଛା ଶହେ ପ୍ୟାକେଟ ଆଳୁ ପାଇଁ ବଣ୍ଡ ଦିଆଯାଉଛି, ଯାହା ସମସ୍ୟାକୁ ବୃଦ୍ଧି କରୁଛି।

## ହାଓଡାରେ ପ୍ରମୋଟରଙ୍କ ହତ୍ୟାରେ ମୁହଁ ଖୋଲିଲେ ଫିରହାଦ

କୋଲକାତା,୨୮।୨(ସଂଚାର ବ୍ୟୁରୋ): ଉତ୍ତର ହାଓଡାର ପିଲଖାନାରେ ଜଣେ ପ୍ରମୋଟରଙ୍କୁ ରାସ୍ତାରେ ଗୁଳି କରି ହତ୍ୟା କରାଯାଇଛି। ଏହି ହତ୍ୟା ମାମଲାରେ ରାଜନୈତିକ ଉତ୍ତେଜନା ବୃଦ୍ଧି ପାଉଛି। ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ହାରୁନ ଖାନଙ୍କ ତୃଣମୂଳ ସମ୍ପର୍କକୁ ନେଇ ପ୍ରଶ୍ନ ଉଠିଛି। ହାରୁନ ଖାନଙ୍କ ଉତ୍ତର ହାଓଡା ବିଧାୟକ ଗୌତମ ଚୌଧୁରୀଙ୍କ ସହିତ ଅନେକ ଫଟୋ ସୋସିଆଲ ମିଡିଆରେ ପ୍ରକାଶ ପାଇଛି। ହାରୁନ ଏବଂ ରୋହିତ, ଶଫିକ ଖାନ ନାମକ ପ୍ରମୋଟରଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ସେମାନଙ୍କୁ ଖସିଯିବାରେ ସାହାଯ୍ୟ କରିବା ଅଭିଯୋଗରେ ତିନି ଜଣଙ୍କୁ ଗିରଫ କରାଯାଇଛି। ତେବେ, ହାରୁନ ଏବଂ ରୋହିତ ଏବେ ବି ଫେରାର ଅଛନ୍ତି। ଏହାକୁ ନେଇ ପ୍ରଶ୍ନ ଉଠିଛି। ଏଥର, ରାଜ୍ୟ ମନ୍ତ୍ରୀ ଫିରହାଦ ହାକିମ ପିଲଖାନା ଘଟଣା ବିଷୟରେ ମୁହଁ ଖୋଲିଛନ୍ତି। ସେ କହିଛନ୍ତି ଯେ ପୋଲିସ ଅଧିକ ସକ୍ରିୟ ହେବା ଉଚିତ। ଅନ୍ୟପକ୍ଷରେ, ସେ ନ୍ୟାୟପାଳିକାକୁ ନିବେଦନ କରିଛନ୍ତି ଯେ ଅସ୍ତ୍ରଶସ୍ତ୍ର ମାମଲାରେ ଗିରଫ ହେଉଥିବା ବ୍ୟକ୍ତିଙ୍କୁ ସହଜରେ ଜାମିନ ନମିଳୁ। ପୋଲିସକୁ ଅଧିକ ସକ୍ରିୟ କରିବା ପାଇଁ ଫିରହାଦଙ୍କ ବାର୍ତ୍ତାକୁ ନେଇ କଟାକ୍ଷ କରିଛି ବିଜେପି।

# ମେରୁଦଣ୍ଡ ଆଘାତ ଚିକିତ୍ସା କେନ୍ଦ୍ର ହେବ ଉତ୍କର୍ଷ କେନ୍ଦ୍ର: ସ୍ୱାସ୍ଥ୍ୟମନ୍ତ୍ରୀ



କଟକ,୨୮।୨(ସଂଚାର ବ୍ୟୁରୋ): କଟକ ଏସସିବି ମେଡିକାଲ କଲେଜ ହସ୍ପିଟାଲ ଆଂଚଳିକ ମେରୁଦଣ୍ଡ ଆଘାତ ଚିକିତ୍ସା କେନ୍ଦ୍ରର ରୌପ୍ୟ ଜୟନ୍ତୀ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ୨୫ ବର୍ଷ ଧରି ଏହି କେନ୍ଦ୍ର ରୋଗୀ ସେବା, ପୁନର୍ବାସ ଓ ଆଧୁନିକ ଚିକିତ୍ସା ସେବା ପ୍ରଦାନ ଦିଗରେ ଏକ ମାଇଲଖୁଂଟ ଭାବେ ଛିଡାହୋଇଛି । ମେରୁଦଣ୍ଡ ଆଘାତପ୍ରାପ୍ତ ରୋଗୀଙ୍କ ପାଇଁ ଏହି କେନ୍ଦ୍ର ଏକ ଆଶାର ପ୍ରଦୀପ ଭାବେ କାର୍ଯ୍ୟ କରୁଛି ଏବଂ ଆଗାମୀ ଦିନରେ ଏହା ଆଧୁନିକ ସୁବିଧା ଯୋଗଇଦେବାକୁ ପ୍ରତିବଦ୍ଧ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ଏହି କେନ୍ଦ୍ରକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ପାଇଁ ପ୍ରଚେଷ୍ଟା କରାଯିବା ସହ ବିଭିନ୍ନ ପ୍ରତିଷ୍ଠାନ ନିଜର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ଏହି କେନ୍ଦ୍ରକୁ ଅଧିକରୁ ଅଧିକ ସହାୟତା ପ୍ରଦାନ ପାଇଁ ପ୍ରଚେଷ୍ଟା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏଥିସହ ଏହି କେନ୍ଦ୍ରର ୱେବସାଇଟ କରିବା ନିମନ୍ତେ ମଧ୍ୟ କାର୍ଯ୍ୟ ହାତକୁ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । କଟକ ଲୋକସଭା ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ ଆଂଚଳିକ ମେରୁଦଣ୍ଡ ଆଘାତ ଚିକିତ୍ସା କେନ୍ଦ୍ରର ଉତରୋତ୍ତର ଉନ୍ନତି କାମନା କରିବା ସହ ଏହି କେନ୍ଦ୍ର ନିମନ୍ତେ ଜଣେ ଉତ୍ସର୍ଗୀକୃତ ନିର୍ଦ୍ଦେଶକ ନିଯୁକ୍ତ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଓଲଟପୁରସ୍ଥିତ ଏସି ଭି ନିରତାରର ନିର୍ଦ୍ଦେଶକ ଶ୍ରୀ ପତିତପାବନ ମହାନ୍ତି ମେରୁଦଣ୍ଡ ଆଘାତପ୍ରାପ୍ତ ରୋଗୀଙ୍କ ନିମନ୍ତେ ଏହି କେନ୍ଦ୍ର ନୂତନ ଆଶା ଓ ବିଶ୍ୱାସ ସଂଚାର କରିଛି ବୋଲି କହିଥିଲେ । ଆଚଳିକ ମେରୁଦଣ୍ଡ ଆଘାତ ଚିକିତ୍ସା କେନ୍ଦ୍ରର ନିର୍ଦ୍ଦେଶକ ତଥା ଅସ୍ଥିଶଲ୍ୟ ବିଭାଗୀୟ ମୁଖ୍ୟ ପ୍ରଫେସର ଡଃ ନିର୍ମଳ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ଗତ ୨୫ ବର୍ଷ ମଧ୍ୟରେ ଏହି ଅନୁଷ୍ଠାନ ୩୮୮୩୦୭ ରୋଗୀଙ୍କୁ ଚିକିତ୍ସା ପରାମର୍ଶ ପ୍ରଦାନ କରିଥିବାବେଳେ ୬୪୨୧୧୧ ଜଣ ରୋଗୀଙ୍କୁ ଫିଜିଓଥେରାପି ସେବା ପ୍ରଦାନ କରିଛି । ସେହିପରି ୧୧୩୬୮୬ ରୋଗୀଙ୍କୁ ବୃତ୍ତିଗତ ଚାପରୁ ମୁକ୍ତି ପାଇଁ ପରାମର୍ଶ, ୪୬୧୯୯ ରୋଗୀଙ୍କୁ ସହାୟକ ଉପକରଣ ବଣ୍ଟନ କରି ସୁସ୍ଥ ଜୀବନ ଅତିବାହିତ କରିବାର ସୁଯୋଗ ପ୍ରଦାନ କରିଛି । ଆଂଚଳିକ ମେରୁଦଣ୍ଡ ଆଘାତ ଚିକିତ୍ସା କେନ୍ଦ୍ରର ଆସିଷ୍ଟାଣ୍ଟ ପ୍ରଫେସର ଡଃ ଭବାନୀ ଶଙ୍କର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ୩୦ ଜଣ ରୋଗୀଙ୍କୁ ହୁଇଲ ଚେୟାର ତଥା ଯନ୍ତ୍ରଚାଳିତ ତିନିଚକିଆ ଯାନ ପ୍ରଦାନ କରାଯାଇଛି ଏଥିସହ କେନ୍ଦ୍ରର ପ୍ରତିଷ୍ଠାତା ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା । ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କରକମଳରେ ଅନୁଷ୍ଠାନର ସ୍ମରଣିକା ଉନ୍ମୋଚିତ ହୋଇଥିଲା । ଦିବ୍ୟାଙ୍ଗ ରୋଗୀମାନେ ଏହି ଅବସରରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାଗଣା...

ସୁରକ୍ଷିତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ବିକାଶ କରୁଛନ୍ତି। କ୍ୟାନ୍ସର ଭଳି ଅନେକ ଜଟିଳ ରୋଗର ଔଷଧକୁ ଶସ୍ତା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ କର୍କଟ ରୋଗର ମୁକାବିଲା ନିମନ୍ତେ ୨୦୨୬-୨୭ ବଜେଟ୍‌ରେ 'ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା କାର୍ଯ୍ୟକ୍ରମ' ଘୋଷଣା କରାଯାଇଛି। ଏଥିରେ ବ୍ୟାପକ କମ୍ୟୁନିଟି ଆୱାରନେସ୍ ସହ ଗାଁଗହଳିରେ ସ୍କ୍ରିନିଂ, ମୋବାଇଲ୍ କ୍ୟାମ୍ପ ଜରିଆରେ ପଦକ୍ଷେପ ନିଆଯାଇ ଆଗୁଆ ଚିକିତ୍ସା ବ୍ୟବସ୍ଥା କରାଯିବ। ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ଭାବେ ୧୨୧ଟି କର୍କଟ ଚିକିତ୍ସା ପ୍ୟାକେଜ୍ ମଧ୍ୟ କରାଯାଉଛି ବୋଲି ଶ୍ରୀ ମାଝୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଜରୁରୀକାଳୀନ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ୨୮ଟି ନୂଆ ୧୦୮ ଆମ୍ବୁଲାନ୍ସର ଲୋକାର୍ପଣ ମଧ୍ୟ କରିଛନ୍ତି। ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ୪୦୦ଟି ଆମ୍ବୁଲାନ୍ସ ଲୋକାର୍ପିତ ହୋଇଥିଲା। ଏବେ ୪୨୮ଟି ନୂଆ ଆମ୍ବୁଲାନ୍ସ ରାଜ୍ୟବାସୀଙ୍କୁ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ର ସହ ଯୋଡ଼ିହେଲା। ଏଥିପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ୧୧୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଏହି ନୂଆ ଆମ୍ବୁଲାନ୍ସଗୁଡ଼ିକ ରାଜ୍ୟବାସୀଙ୍କୁ ଜରୁରୀକାଳୀନ ସେବା ଯୋଗାଇଦେଇ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଆହୁରି ମଜବୁତ୍ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପୋଷଣ କରିଛନ୍ତି।

କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ଝିଅମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଏହି ଟୀକାକରଣ ଅଭିଯାନ ପ୍ରଧାନମନ୍ତ୍ରୀ ଆରମ୍ଭ କରିଛନ୍ତି। ଏହି ଅଭିଯାନ ପ୍ରଧାନମନ୍ତ୍ରୀଙ୍କ 'ସୁସ୍ଥ ନାରୀ, ସଶକ୍ତ ଭାରତ' ଲକ୍ଷ୍ୟ ହାସଲକୁ ଆହୁରି ଗତି ଦେବ। ସର୍ଭିକାଲ୍ କ୍ୟାନ୍ସରକୁ ରୋକିବା ପାଇଁ ଏହି ଟୀକାର ବଜାର ମୂଲ୍ୟ ୪ ହଜାର ଟଙ୍କା ହୋଇଥିବା ବେଳେ ଏହା ଆମ ଝିଅମାନଙ୍କୁ ମାଗଣାରେ ଦିଆଯିବାର ପ୍ରଧାନମନ୍ତ୍ରୀ କରିଛନ୍ତି ବୋଲି ଡ. ମହାଲିଙ୍ଗ କହିଛନ୍ତି। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତି ଏସ୍ ସ୍ୱାଗତ ଭାଷଣ ଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ବୃନ୍ଦା ଡି ମଧ୍ୟ ଉପସ୍ଥିତ ଥିଲେ।

### ମଧ୍ୟପ୍ରାଚ୍ୟରେ...

ରିଭୋଲ୍ୟୁସନରୀ ଗାର୍ଡ ବେସକୁ ଲକ୍ଷ୍ୟ କରି ପକାଯାଇଥିଲା, କିନ୍ତୁ ଏହା ସ୍କୁଲ ଉପରେ ପଡ଼ିଥିଲା। ଫଳରେ ସ୍କୁଲ କୋଠା ଧ୍ୱଂସାବଶେଷରେ ପରିଣତ ହୋଇଥିଲା ଓ ଆଖପାଖ ଅଞ୍ଚଳ ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ସେହିପରି ଇସ୍ରାଏଲ ପକ୍ଷରୁ ଇରାନ୍ ରାଜଧାନୀ ତେହେରାନ ସମେତ ଅନେକ ସହର ଉପରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଇରାନ୍‌ର ପ୍ରତିରକ୍ଷା ମନ୍ତ୍ରୀ ହମୀର ହତାମୀ ମଧ୍ୟ ଆକ୍ରମଣରେ ମୃତ୍ୟୁବରଣ କରିଥିବା କୁହାଯାଉଛି।

ଶନିବାର ସକାଳେ ତେହେରାନ୍‌ରେ ଭୀଷଣ ବୋମା ବିସ୍ଫୋରଣ ଶବ୍ଦ ଶୁଭିଥିଲା। ଏନେଇ ଇସ୍ରାଏଲ୍ ପକ୍ଷରୁ କ୍ରମାଗତ ଆକ୍ରମଣ କରାଯାଉଥିବା କୁହାଯାଇଥିଲା। ତେବେ ଏହା କେବଳ ଇରାନ୍‌କୁ ଚୁପ୍ କରିବା ଓ ଇସ୍ରାଏଲ୍ ଉପରେ କୌଣସି ବିପଦ ନାହିଁ ବୋଲି ପ୍ରମାଣିତ କରିବା ସକାଶେ ଉଦ୍ଦିଷ୍ଟ ଥିବା ଦେଶର ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଜ୍ କହିଥିଲେ। ଏଥିସହ ଇସ୍ରାଏଲ୍ ପକ୍ଷରୁ କ୍ଷେପଣାସ୍ତ୍ର ଆକ୍ରମଣ କରାଯିବା ନେଇ ଘୋଷଣା କରାଯିବା ସହ ସାଇରନ୍ ବାଜିଉଠିଥିଲା। ଫଳତଃ ଦେଶରେ ଜରୁରୀକାଳୀନ ପରିସ୍ଥିତି ଜାରି ହୋଇଥିଲା। ଅବଶ୍ୟ ଏହି ପରିପ୍ରେକ୍ଷୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନ୍‌ରେ ତାଙ୍କ ସେନା ପକ୍ଷରୁ ଆକ୍ରମଣ କରାଯାଉଥିବା ଦାବି କରିଛନ୍ତି। ସେ କହିଛନ୍ତି ଯେ ଇରାନ୍‌ରେ ଶାସନ କ୍ଷମତା ବଦଳିବା ଦରକାର। ଏଥିସହ ଇରାନ୍ ଆମେରିକା ଉପରେ ଆକ୍ରମଣ କରିବା ପାଇଁ ତା'ର ପରମାଣୁ ଶକ୍ତି ବୃଦ୍ଧି କରୁଥିବା ନେଇ ଏକ ସୋସିଆଲ୍ ମିଡିଆରେ ଜାରି ଏକ ଭିଡିଓରେ ଟ୍ରମ୍ପ୍ ଦାବି କରିଛନ୍ତି।

ଅନ୍ୟପକ୍ଷରେ ଇରାନ୍ ଓ ଇସ୍ରାଏଲ୍ ମଧ୍ୟରେ ସମ୍ମୁଖ ଯୁଦ୍ଧ ଆରମ୍ଭ ହେବା ପରେ ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି। ଇରାନ ପ୍ରତିଶୋଧ ନେବାକୁ ଯାଇ ୭ଟି ଦେଶରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ପାଲଟା ଆକ୍ରମଣ କରିଛି। ଏସବୁର ପ୍ରଭାବ ବିମାନ ସେବା ଉପରେ ସ୍ପଷ୍ଟ ପଡ଼ିଥିବାର ଦେଖିବାକୁ ମିଳୁଛି। ଏହି ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏୟାର ଇଣ୍ଡିଆ ମଧ୍ୟପ୍ରାଚ୍ୟକୁ ସମସ୍ତ ବିମାନ ଉଡ଼ାଣକୁ ସ୍ଥଗିତ ରଖିଛି। ଏହି ନିଷ୍ପତ୍ତି ଏକ ସତର୍କତାମୂଳକ ପଦକ୍ଷେପ ଭାବେ ନିଆଯାଇଛି ବୋଲି ସୋସିଆଲ୍ ମିଡିଆ 'ଏକ୍ସ'ରେ ସଂସ୍ଥା ପକ୍ଷରୁ କୁହାଯାଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ ତେହେରାନ୍ କୌଣସି ପ୍ରକାର ଯୁଦ୍ଧବିରତି ପ୍ରସ୍ତାବକୁ ଗ୍ରହଣ କରିବ ବୋଲି ସୂଚନା ଦେଇନାହିଁ। ସେହିପରି ପରିସ୍ଥିତିର ଗୁରୁତ୍ୱକୁ ଅନୁଭବ କରି ଜାତିସଂଘ ସୁରକ୍ଷା ପରିଷଦ ପକ୍ଷରୁ ଜରୁରୀକାଳୀନ ବୈଠକ ମଧ୍ୟ ଆହୂତ ହୋଇଛି।

### ମିଶ୍ରର...

ମିଶ୍ରଙ୍କୁ ତୃତୀୟ ପ୍ରାର୍ଥୀ ଭାବେ ଚୟନ କରିଛନ୍ତି ନବୀନ। ଅଙ୍କ ଦୃଷ୍ଟିରୁ ତାଙ୍କ ବିଜୟ ଏକପ୍ରକାର ନିଶ୍ଚିତ। ଡାକ୍ତର ଦଢେଶ୍ୱର ହୋତାଙ୍କୁ କମନ ପ୍ରାର୍ଥୀ ଭାବେ ଘୋଷଣା କରି ସବୁ ଦଳର ସମର୍ଥନ ଲୋଡ଼ିଛନ୍ତି ନବୀନ। ଅନ୍ୟ ଦଳ ବି ତାଙ୍କୁ ସମର୍ଥନ କରିବେ ବୋଲି ନବୀନ ଆଶାବାଦୀ ଥିବା କହିଛନ୍ତି। ନବୀନଙ୍କ ନିକଟରେ ଉଭୟ ସଂତୃପ୍ତ ଓ ଦଢେଶ୍ୱର କୃତଜ୍ଞତା ଜ୍ଞାପନ କରିଛନ୍ତି। ସେହିପରି ଦଳର ବିଧାୟକ, ବରିଷ୍ଠ ନେତୃତ୍ୱ ନିକଟରେ କୃତଜ୍ଞ ଜ୍ଞାପନ କରି ସମସ୍ତଙ୍କୁ ଭେଟିବା ନେଇ ସଂତୃପ୍ତ କହିଛନ୍ତି। ପ୍ରାର୍ଥୀ ଭାବେ ଚୟନ ପୂର୍ବରୁ ସଂତୃପ୍ତଙ୍କୁ ଗୁରୁମନ୍ତ୍ର ଦେଇ ନବୀନ କହିଥିଲେ ନିଷ୍ଠାର ସହ କାମ କରିବାକୁ। ସେହିପରି ନବୀନଙ୍କ ଦ୍ୱାରା ନାଁ ଘୋଷଣା ହେବା ପରେ ସମସ୍ତଙ୍କୁ ଭେଟି ସହଯୋଗ ଲୋଡ଼ିବା ନେଇ ଡାକ୍ତର ଦଢେଶ୍ୱର ହୋତା କହିଛନ୍ତି। ସବୁ ଦଳର ନେତାଙ୍କୁ ବ୍ୟକ୍ତିଗତ ଭାବେ ଭେଟି ସେ ସହଯୋଗ ମାଗିବେ। ନବୀନଙ୍କ ନିଷ୍ପତ୍ତି ସବୁ ସମୟରେ ସମସ୍ତଙ୍କୁ ଚକିତ କରିଥାଏ। ବିଜେଡି ଚତୁର୍ଥ ପ୍ରାର୍ଥୀ ନ ଦେବା ନେଇ ଯେଉଁ ଆଲୋଚନା ହେଉଥିଲା, ସେଥିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ନବୀନ। ତାଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ସହଯୋଗ ପାଇଁ ଅନ୍ୟ ଦଳକୁ ନିବେଦନ କରିଛନ୍ତି ବିଜେଡିର ନେତା ଓ ବିଧାୟକ।

### ବୁମେରାଂ...

ଚାଲିଥିଲେ। ହେଲେ ଆଜି ବିଜେଡି ତା'ର ଦ୍ୱିତୀୟ ପ୍ରାର୍ଥୀ ଘୋଷଣା କରି ବିଜେପିକୁ ଏକପ୍ରକାର ଅକଳରେ ପକାଇ ଦେଇଛି। ବିଜେଡିର ଦ୍ୱିତୀୟ ପ୍ରାର୍ଥୀଙ୍କୁ କଂଗ୍ରେସ ସମର୍ଥନ କରିଥିବା ବେଳେ ଡାକ୍ତର ହୋତା ମଧ୍ୟ ତାଙ୍କୁ ସମର୍ଥନ ପାଇଁ ସବୁ ଦଳକୁ ନିବେଦନ କରିଛନ୍ତି। ଏଭଳି ସ୍ଥିତିରେ ବିଜେପି କ'ଣ କରିବ, ତା' ଉପରେ ସମସ୍ତଙ୍କ ନଜର। କାରଣ ବିଜେପି ଯଦି ପ୍ରଥମେ ତା'ର ତୃତୀୟ ପ୍ରାର୍ଥୀ ଘୋଷଣା କରିଥାନ୍ତା, ତେବେ ବିଜେଡିକୁ ସମର୍ଥନ ପାଇଁ କହିପାରିଥାନ୍ତା। ହେଲେ ସେ ସୁଯୋଗ ଏବେ ଆଉ ନାହିଁ।

ଅନ୍ୟ ପକ୍ଷରେ କଂଗ୍ରେସ ସହ ବିଜେଡିର ଆଲୋଚନା ଗୁପ୍ତ ରହିବା ଓ ପ୍ରାର୍ଥୀ ଘୋଷଣା ପରେ ଏହା ପଦାକୁ ଆସିବା ଏବେ ବିଜେପିକୁ ଆହୁରି ଅଡୁଆରେ ପକାଇ ଦେଇଛି। ବିଜେପି ଯଦି ବିଜେଡି ମନୋନୀତ ପ୍ରାର୍ଥୀଙ୍କୁ ଭୋଟ ଦେବ, ତେବେ ତାହା କଂଗ୍ରେସକୁ ସମର୍ଥନ କଲା ଭଳି ହେବ। ଯଦି ବି ସମର୍ଥନ ନ କରିବ, ତେବେ ତୃତୀୟ ପ୍ରାର୍ଥୀ ଛିଡ଼ା କରିବାକୁ ପଡ଼ିବ। ହେଲେ ଯଦି କ୍ରସ ଭୋଟିଂ ନହୁଏ, ତେବେ ବିଜେଡିର ବଳକା ଭୋଟ ସହ କଂଗ୍ରେସ, ସିପିଏମ୍‌ର ଭୋଟ ମିଶିଲେ ଡାକ୍ତର ହୋତାଙ୍କ ବିଜୟ ଏକପ୍ରକାର ନିଶ୍ଚିତ।

ଏଭଳି ସ୍ଥିତିରେ ସମସ୍ତଙ୍କ ନଜର ଏବେ ବିଜେପି ଉପରେ। ବିଶେଷକରି ବିଜେପିର କର୍ମୀମାନେ ନେତାଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିଛନ୍ତି। କେଉଁ ଗଣିତ ଆଧାରରେ ନେତାମାନେ ତୃତୀୟ ପ୍ରାର୍ଥୀଙ୍କୁ ଜିତାଇବେ ବୋଲି କହିଥିଲେ ଓ ଏବେ କ'ଣ କରିବେ କର୍ମୀମାନେ ତାହାକୁ ଅପେକ୍ଷା କରିଥିବା ବେଳେ ସାରା ରାଜ୍ୟର ନଜର ବି ବିଜେପିର ପ୍ରାର୍ଥୀ ଘୋଷଣା ଉପରେ ରହିଛି।

### ଗୁଣିଗାରେଡ଼ି...

ଜବା ଗୁଣିଗାରେଡ଼ି କରି ତାଙ୍କ ପରିବାରରେ ଅଶାନ୍ତି ସୃଷ୍ଟି କରୁଥିବା ସନ୍ଦେହ କରି ଜୁଗୁ ଏପରି ନାରକୀୟ କାଣ୍ଡ ଘଟାଇଛି ବୋଲି ପୁଲିସ୍ ନିକଟରେ ସ୍ୱୀକାର କରିଥିବା ଜଣାପଡ଼ିଛି। ଏନେଇ ଖବର ପାଇବା ପରେ ଘଟଣାସ୍ଥଳରେ ପୁଲିସ ଓ ସାଇଣ୍ଟିଫିକ ଟିମ ପହଞ୍ଚି ଅଧିକ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

### ଯୁବପିଢ଼ିକୁ...

କେବଳ ଭାରୀ ଶିଳ୍ପ ମଧ୍ୟରେ ସୀମିତ ନ ରହି ଏହାକୁ କୃଷି, ପର୍ଯ୍ୟଟନ ଓ ଏମଏସଏମଇ କ୍ଷେତ୍ରରେ ମଧ୍ୟ ସମ୍ପ୍ରସାରିତ କରିବା ପାଇଁ ଆମର ଲକ୍ଷ୍ୟ ରହିଛି। ଜିଲ୍ଲାରେ ଥିବା ପାଖାପାଖି ୨ ଲକ୍ଷ ହେକ୍ଟର ଚାଷ ଜମିକୁ ଆଧାର କରି ଆଗ୍ରୋ-ଇଣ୍ଡଷ୍ଟ୍ରିର ପ୍ରସାର କରାଯିବା ଦରକାର। ସେହିପରି ଟିକରପଡ଼ାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ତାଳଚେର-ଅନୁଗୁଳର ହୋଟେଲ ଶିଳ୍ପକୁ ନେଇ ଏକ ଅତ୍ୟାଧୁନିକ ପର୍ଯ୍ୟଟନ ହବ୍ ତିଆରି କରିବାର ଯୋଜନା ହେବା ଦରକାର।

ସ୍ଥାନୀୟ ଯୁବପିଢ଼ିଙ୍କୁ କେବଳ ଚାକିରି ପଛରେ ନ ଧାଇଁ ନିଜେ ମାଲିକ ବା 'ୱେଲଥ୍ କ୍ରିଏଟର' ଭାବେ ଗଢ଼ି ତୋଳିବା ଆମର ମୂଳ ଉଦ୍ଦେଶ୍ୟ ହେବା ଦରକାର। ଏଥିପାଇଁ ଅନୁଗୁଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ସଂଘର ସହଯୋଗରେ ଜିଲ୍ଲାରେ ଏକ ଅତ୍ୟାଧୁନିକ ବ୍ୟାବସାୟିକ ବାତାବରଣ ପ୍ରସ୍ତୁତ କରାଯିବାର ଆବଶ୍ୟକତା ରହିଛି। ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ଓ ୨୦୪୭ର 'ବିକଶିତ ଭାରତ' ଲକ୍ଷ୍ୟ ହାସଲ କରିବାରେ ଅନୁଗୁଳର ଭୂମିକା ନିର୍ଣ୍ଣାୟକ ହେବ। ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ପରିମଳ ଓ ରୋଜଗାରକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଏକ ସମୃଦ୍ଧ ଅନୁଗୋଳ ଗଠନ କରାଯିବ। ସମୃଦ୍ଧ ଅନୁଗୁଳ ହିଁ ବିକଶିତ ଓଡ଼ିଶା ଓ ଏକ ସଶକ୍ତ ଭାରତ ଗଠନର ଅସଲ ମୂଳଦୁଆ ସାଜିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଉପସ୍ଥିତ ଥିଲେ।

### ବିଭିନ୍ନ...

ମଗାଯାଇଥିଲା । ଅଦ୍ୟାବଧି ୧୩ଟି ଜିଲ୍ଲାରୁ ଏହି ସମ୍ପର୍କିତ ସୂଚନା ମିଳିସାରିଛି। ପ୍ରାପ୍ତ ରିପୋର୍ଟଗୁଡ଼ିକର ତାଲିକା ଉପରେ ବିଧାୟକ ଓ ସାଂସଦ ଏବଂ ସାଧାରଣ ଜନତାଙ୍କ ମତ ନିଆଯାଇଥିଲା। ତଦନୁସାରେ, ଏହି ବିଷୟରେ ବିଭିନ୍ନ ନୂତନ ପ୍ରସ୍ତାବଗୁଡ଼ିକ ମଧ୍ୟ ପ୍ରାପ୍ତ ହୋଇଛି। ତେବେ ପୂର୍ବରୁ ପ୍ରଦାନ କରାଯାଇଥିବା ରିପୋର୍ଟର ପୁନଃପରୀକ୍ଷଣ କରି ନୂତନ ପ୍ରସ୍ତାବ ସହ ସପ୍ତାହକ ମଧ୍ୟରେ ବିଭାଗକୁ ପଠାଇବାକୁ ଡ. ପାଢ଼ୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଖୁବ୍‌ଶୀଘ୍ର ଏ ସମ୍ପର୍କିତ ରିପୋର୍ଟ ପ୍ରସ୍ତୁତ କରାଯାଇ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ରାଜସ୍ୱ ସଚିବ ଡ. ପାଢ଼ୀ ସୂଚନା ଦେଇଛନ୍ତି।

### ସୁସ୍ଥ...

ବିଶେଷଜ୍ଞ ପ୍ରଫେସର ଡା. ଦଢେଶ୍ୱର ହୋତାଙ୍କ ପରି ଜଣେ ଯୋଗ୍ୟ ମିଳିତ ପ୍ରାର୍ଥୀ ଦିଆଯିବା ସ୍ୱାଗତଯୋଗ୍ୟ ବୋଲି ପିସିସି ସଭାପତି କହିଛନ୍ତି। ଏକ ପ୍ରେସ ବିବୃତ୍ତି ଜରିଆରେ ସେ କହିଛନ୍ତି ଯେ ଘୋଡ଼ାବେପାର ରୋକିବା ପାଇଁ ତଥା ଏକ ସୁସ୍ଥ ରାଜନୈତିକ ପରମ୍ପରା ସୃଷ୍ଟି କରିବା ଦିଗରେ ପଦକ୍ଷେପସ୍ୱରୂପ ଗତ ସୋମବାର ନବୀନବାବୁଙ୍କ ସହ ଏନେଇ ତାଙ୍କର ଆଲୋଚନା ହୋଇଥିଲା। ସୁଖର କଥା ଉଭୟ ଦଳ ପ୍ରସ୍ତୁତ କରିଥିବା ସମ୍ଭାବ୍ୟ ପ୍ରାର୍ଥୀ ତାଲିକାରେ ଡା. ହୋତାଙ୍କ ନାମ କମନ୍ ରହିଥିଲା। ତେଣୁ ସାମ୍ପ୍ରତିକ ରାଜନୈତିକ ବାତାବରଣ ପ୍ରେକ୍ଷୀରେ ତାଙ୍କ ପରି ଜଣେ ବିଦ୍ୱାନଙ୍କୁ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ମିଳିତ ପ୍ରାର୍ଥୀ କରାଯିବାରେ ଅସୁବିଧା ନାହିଁ। ତେବେ ଏହା ଦୁଇ ଦଳ ମଧ୍ୟରେ କୌଣସି ସ୍ଥାୟୀ ବୁଝାମଣା ନୁହେଁ ବୋଲି ଭକ୍ତ ସ୍ପଷ୍ଟ କରିଦେଇଛନ୍ତି।

### ଦାୟିତ୍ୱବାନ...

ଇଣ୍ଟେଲ ଇଣ୍ଡିଆ ସହଯୋଗରେ ଆରମ୍ଭ ହୋଇଥିବା ଦାୟିତ୍ୱବାନ ଏଆଇ ସଂକଳ୍ପ ଅଭିଯାନ ନାଗରିକମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତାର ନୈତିକ, ସମାବେଶୀ ଓ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ପାଇଁ ପ୍ରତିବଦ୍ଧ ହେବାକୁ ଆମନ୍ତ୍ରଣ କରିଥିଲା। ଯେଉଁ ଅଂଶଗ୍ରହଣକାରୀମାନେ ପ୍ରତିଶ୍ରୁତି ପୂରଣ କରନ୍ତି, ସେମାନଙ୍କୁ ଏକ ଡିଜିଟାଲ୍ ବ୍ୟାଜ୍ ଓ ଏକ ସଂଗଠିତ ଏଆଇ ଶିକ୍ଷା ପ୍ରାପ୍ତିର ସୁଯୋଗ ପ୍ରଦାନ କରେ। ଏହି ପଦକ୍ଷେପଟି ଉଭୟ ପ୍ରତୀକାତ୍ମକ ଏବଂ ବ୍ୟାବହାରିକ, କାରଣ ଏହା ଉଦ୍ଦେଶ୍ୟକୁ ଶିକ୍ଷା ସହ ସଂଯୋଗ କରେ।

ଏ ସମ୍ପର୍କରେ ଗଣମାଧ୍ୟମକୁ ସମ୍ବୋଧନ କରି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାକୁ ଦେଶ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି କହିଥିଲେ। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୁବ ଭାରତୀୟଙ୍କୁ ଦାୟିତ୍ୱପୂର୍ଣ୍ଣ ଭାବରେ କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରିବାକୁ ପ୍ରେରଣା ଦେବା ଚିନ୍ତାଧାରା ଉପରେ ଗୁରୁତ୍ୱାରୋପ କରିଥିଲେ। ଦେଶର କଲେଜଗୁଡ଼ିକୁ ଏହି ଅଭିଯାନ ସହ ଯୋଡ଼ାଯାଉଛି, ଅଧ୍ୟାପକମାନଙ୍କୁ ଅର୍ଥପୂର୍ଣ୍ଣ ଓ ସୂଚନାପ୍ରଦ ଆଲୋଚନାର ନେତୃତ୍ୱ ନେବା ପାଇଁ ଉତ୍ସାହିତ କରାଯାଉଛି ଏବଂ ଛାତ୍ରଛାତ୍ରୀମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତାକୁ ଏକ ସହଜ ରାସ୍ତା ଭାବେ ନୁହେଁ, ବରଂ ସାମାଜିକ ମଙ୍ଗଳ ପାଇଁ ଏକ ପ୍ରଭାବଶାଳୀ ଉପକରଣ ଭାବେ ଦେଖିବାକୁ ଅନୁରୋଧ କରାଯାଉଛି। ସେ ୨,୫୦,୦୦୦ରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ପ୍ରଶଂସା କରି କହିଥିଲେ ଯେ ଭାରତର ଦୃଷ୍ଟିକୋଣ ସ୍ପଷ୍ଟ -କୃତ୍ରିମ ବୁଦ୍ଧିମତ୍ତାକୁ ଏହାର ପ୍ରକୃତ ଭାବନା ସହ ଦାୟିତ୍ୱପୂର୍ଣ୍ଣ ଭାବରେ ଗ୍ରହଣ କରିବାକୁ ପଡ଼ିବ।

### ସାର୍...

ସହ କେଉଁ ଆଧାରରେ ତାଙ୍କୁ ପ୍ରାର୍ଥୀ କରାଗଲା ବୋଲି ନବୀନଙ୍କୁ ପ୍ରଶ୍ନ କରିଥିଲେ ପ୍ରଭାତ। ଦଳ ପାଇଁ ପରିଶ୍ରମ କରିଥିବା, ଲଢ଼ିଥିବା ନେତାଙ୍କୁ କାହିଁକି ପ୍ରାର୍ଥୀ କରାଗଲାନି ବୋଲି ସେ ପଚାରିଛନ୍ତି। ଆଉ ଦଳୀୟ ନେତାଙ୍କ ସମ୍ମୁଖରେ ନବୀନଙ୍କ ସହ ତାଙ୍କର ଉଚ୍ଚବାଚ ବି ହୋଇଛି। ରାତି ରାତି ଅନିଦ୍ରା ରହି ଦଳ ପାଇଁ କାମ କରିଥିବା ନେତାଙ୍କୁ ଟିକେଟ ନ ଦେଇ ଦଳର ୪ ହଜାର କୋଟି ନେଇ ଯାଇଥିବା କହି ପରୋକ୍ଷରେ ସଂତୃପ୍ତଙ୍କୁ ଇଙ୍ଗିତ କରିଛନ୍ତି ପ୍ରଭାତ।

ଏଥିସହ ବାହାର ରାଜ୍ୟରେ ବିଜେଡିର ଆକାଉଣ୍ଟ କାହିଁକି ରଖାଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି। ପାର୍ଟି ଫଣ୍ଡ ଉପରେ ଦଳର ସବୁ କର୍ମୀଙ୍କ ଅଧିକାର ଅଛି। ତା'ର ସୁରକ୍ଷା କରିବା ଆମର ଦାୟିତ୍ୱ ବୋଲି କହିଛନ୍ତି ପ୍ରଭାତ। ତେବେ ନବୀନଙ୍କ ଉପସ୍ଥିତିରେ ବିଶୃଙ୍ଖଳିତ ଆଚରଣ ଓ ଦଳବିରୋଧୀ ବକ୍ତବ୍ୟ ପ୍ରଭାତଙ୍କୁ ମହଙ୍ଗା ପଡ଼ିଲା। ପାର୍ଟିରୁ ନିଲମ୍ବନ ନୁହେଁ, ଏକାଥରକେ ବିଜେଡିରୁ ବହିଷ୍କୃତ ହେଲେ ପ୍ରଭାତ ବିଶ୍ୱାଳ। ତାଙ୍କ ବକ୍ତବ୍ୟ ଓ ଆଚରଣକୁ ନେଇ ବେଶ ଖପ୍ପା ଥିଲେ ଦଳ ସଭାପତି। ଆଉ ପ୍ରଭାତଙ୍କୁ ଆଜି ଦଳରୁ ବିଦା କରିଛନ୍ତି ନବୀନ ପଟ୍ଟନାୟକ। ପ୍ରଭାତ ୨୦୦୪ରେ ସ୍ୱାଧୀନ ପ୍ରାର୍ଥୀ ଭାବେ କଟକ ସଦରରୁ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ପରେ ସେ ବିଜେଡିରେ ମିଶିଥିଲେ। ୨୦୦୯ ଏବଂ ୨୦୧୪ରେ ବିଜେଡି ଟିକେଟରୁ କଟକ ଚୌଦ୍ୱାରରୁ ନିର୍ବାଚନ ଲଢ଼ି କ୍ରମାଗତ ବିଧାନସଭା ଯାଇଥିଲେ। ସେ ଦଳର ସଂଗଠନରେ ଅନେକ ପଦରେ ରହି କାମ କରିଛନ୍ତି। ତେବେ ଚିଟ୍‌ଫଣ୍ଡ ଦୁର୍ନୀତିରେ ବିବାଦ ଘେରରେ ରହିଥିଲେ ପ୍ରଭାତ। ତାଙ୍କ ଘରେ ସିବିଆଇ ରେଡ୍ ହୋଇଥିଲା ଓ ସେ ଗିରଫ ମଧ୍ୟ ହୋଇଥିଲେ। ସେତେବେଳେ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିଲା ଓ ପରେ ଏହି ଆଦେଶ ହଟାଇ ନିଆଯାଇଥିଲା। ୨୦୧୯ ନିର୍ବାଚନ ପୂର୍ବରୁ ତାଙ୍କ ପୁଅ ସୌଭିକ ବିଶ୍ୱାଳ ବିଜେଡିରେ ପ୍ରାର୍ଥୀ ହୋଇଥିଲେ। ୨୦୨୪ରେ ପାର୍ଟି ବିରୋଧୀ ଲହର ସତ୍ତ୍ୱେ ବି ସୌଭିକ ନିର୍ବାଚନ ଜିତିଥିଲେ।

## ବିଲୁଆ ଆକ୍ରମଣରେ ୬ରୁ ଊର୍ଦ୍ଧ୍ୱ ଆହତ



କାକଟପୁର/ଅସ୍ତରଙ୍ଗ, ୨୮।୨ (ସଂଚାର ବ୍ୟୁରୋ): ପାଗଳା ବିଲୁଆ ଆତଙ୍କ ଲୋକଙ୍କୁ ଭୟଭୀତ କରିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ମୁଦୁଗଲ ଓ ବିଜିପୁର ଅଂଚଳରେ ବିଲୁଆ ଆକ୍ରମଣରେ ୬ ଜଣରୁ ଊର୍ଦ୍ଧ୍ୱ ଆହତ ହେବା ସହ ଗୃହପାଳିତ ପଶୁମାନେ ଆକ୍ରମଣ ଶିକାର ହୋଇଛନ୍ତି। ଆହତ ବ୍ୟକ୍ତିଙ୍କ ମଧ୍ୟରେ ମୁଦୁଗଲ ଗ୍ରାମର ସୀତାରାଣୀ ନାୟକ, ବିଜିପୁର ଗ୍ରାମର ପାଣ୍ଡବ ସ୍ୱାଇଁ, ଶରତ ସ୍ୱାଇଁ, ହରି ସାହୁ, ପ୍ରଫୁଲ୍ଲ ବେହେରାଙ୍କ ସମେତ ଅନ୍ୟମାନେ ବିଲୁଆ ଆକ୍ରମଣ ଶିକାର ହୋଇ ନିକଟସ୍ଥ ଅସ୍ତରଙ୍ଗ, ବାଙ୍ଗୁରିଗାଁ ଓ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହୋଇଛନ୍ତି। ପାଗଳା ବିଲୁଆଙ୍କ ଏଭଳି ଉତ୍ପାତ ଦେଖି ବିଭିନ୍ନ ଗ୍ରାମରେ ତାଟି କବାଟ ପଡି ଯାଉଛି। ଅନେକ ସମୟରେ ଛୋଟ ପିଲା ଆକ୍ରମଣ ଶିକାର ହେବାର ନଜିର ରହିଛି। ବନ ବିଭାଗ ତୁରନ୍ତ ଏହି ବିଲୁଆକୁ କାବୁ କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି।

## ଡକାୟତି ଯୋଜନା ପଣ୍ଡ, ୫ ଗିରଫ



ନବରଙ୍ଗପୁର, ୨୮।୨ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ପୁଲିସକୁ ସଫଳତା। ଜଙ୍ଗଲ ମଧ୍ୟରେ ଡକାୟତି ଉଦ୍ୟମ ଯୋଜନା ପଣ୍ଡ। ପାଟ୍ରୋଲିଂ ବେଳେ ଧରା ପଡିଲେ ୫ ଡକାୟତ । ଏନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ନବରଙ୍ଗପୁର ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ସୂଚନା ଅନୁସାରେ ନବରଙ୍ଗପୁର ଜିଲ୍ଲାରେ ଗତ ୨୨ ଓ ୨୩ ତାରିଖ ରାତିରେ ଲଗାତାର ଦୁଇଟି ଡକାୟତି ଘଟଣା ଘଟିଥିଲା ଏବଂ ଏହି ଦୁଇଟି ଘଟଣାରେ ଡକାୟତମାନେ ପାଖାପାଖି ଏକ କୋଟି ଟଙ୍କାର ସମ୍ପତ୍ତି ଲୁଟି ନେଇଥିଲେ। ତାହା ମଧ୍ୟରେ ୭୨ ଲକ୍ଷ ଟଙ୍କାର ନଗଦ ରାଶି ସୁନା ଗହଣା ଓ ରୁପା ରହିଛି ରହିଛି। ଦୁଇଟି ଲଗାତାର ଡକାୟତି ଘଟଣା ଜିଲ୍ଲା ପୋଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଥିଲେ। ଯାହାକୁ ନେଇ ପୋଲିସ ସକ୍ରିୟ ହୋଇ ଦୁଇ ଡକାୟତି ଗ୍ୟାଙ୍ଗର ସଦସ୍ୟଙ୍କୁ ଧରିବା ପାଇଁ ଜାଲ ବିଛାଇ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିଥିବା ବେଳେ ଠିକ ଏହି ସମୟରେ ଏକ ଡକାୟତ ଗ୍ୟାଙ୍ଗ ପୁଣି ଥରେ ଅନ୍ୟ ଡକାୟତର ଯୋଜନା କରୁଥିବା ବେଳେ ମଇଦଲପୁର ଥାନା ଅନ୍ତର୍ଗତ ସେମେଲା ଜଙ୍ଗଲରୁ ଏମାନଙ୍କୁ ଠାବ କରି ଗିରଫ କରିଛି। ଏହିମାନଙ୍କ ନିକଟରୁ ଗୋଟିଏ ବଲେରା, ଗୋଟିଏ ବାଇକ, ପାଞ୍ଚଟି ମୋବାଇଲ ଫୋନ, ଦୁଇଟି ସ୍କୃଡ୍ରାଇଭର, ଆଇରନ ପାଇପ ଦୁଇ ଖଣ୍ଡ, ଆଇରନ ରୋଡ଼ ଦୁଇଖଣ୍ଡ, ତାର କାଟିୱା ପ୍ଲାସ, ଫେସ ମାସ୍କ, ମଙ୍କିକ୍ୟାପ ଏୟାର ବ୍ୟାଗ ଇତ୍ୟାଦି ଜବତ କରିଛି।ପାଞ୍ଚ ଜଣକୁ ଆଜି କୋର୍ଟ ଚାଲାଣ କରାଯାଇଛି ।

## ଦୁଷ୍କର୍ମକାରୀକୁ ସଶ୍ରମ କାରାଦଣ୍ଡ

ସୁନ୍ଦରଗଡ଼, ୨୮।୨ (ସଂଚାର ବ୍ୟୁରୋ): ଆଜି ଏକ ଉଲ୍ଲେଖନୀୟ ରାୟରେ, ମାନ୍ୟବର ଅତିରିକ୍ତ ଜିଲ୍ଲା ବିଚାରପତି-ସହ-ପ୍ରିଜାଇଡିଂ ଅଧିକାରୀ, ସ୍ୱତନ୍ତ୍ର କୋର୍ଟ (ପକ୍ସୋ ଆଇନ), ସୁନ୍ଦରଗଡ଼ ଶ୍ରୀ ଜ୍ଞାନ ରଞ୍ଜନ ପଟ୍ଟନାୟକ, ଲେଫ୍ରିପଡ଼ା ପିଏସ୍ କେସ୍ ନମ୍ବର-୦୬/୨୦୧୬ ରେ ୩୭୬(୨)(ଆଇ) ଆଇପିସି ୮/ ସହିତ ଧାରା-୦୪ ପକ୍ସୋ ଆଇନ ଅନୁଯାୟୀ ଅଭିଯୁକ୍ତ-ଅରୁଣ କଲେଟଙ୍କୁ ଥାନା -ଲେଫ୍ରିପଡ଼ା ଦୋଷୀ ସାବ୍ୟସ୍ତ କରିଛନ୍ତି। ମାନ୍ୟବର କୋର୍ଟ ଦୋଷୀକୁ ୧୦ ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଏବଂ ୨୦,୦୦୦ ଟଙ୍କା ଜରିମାନା ଦଣ୍ଡ ଦେଇଛନ୍ତି। ଲେଫ୍ରିପଡ଼ାର ତତ୍କାଳୀନ ଓଆଇସି ଜଗଦୀଶ ବାରା ମାମଲାର ତଦନ୍ତ କରିଥିଲେ ଏବଂ ସୂକ୍ଷ୍ମ ତଦନ୍ତ, ପ୍ରମାଣର ଉପଯୁକ୍ତ ସଂଗ୍ରହ ଏବଂ ବିଚାରର ତଦାରଖ ଯୋଗୁଁ... ମାମଲାଟି ଦୋଷୀ ସାବ୍ୟସ୍ତ ହୋଇଥିଲା। ମାମଲାର ବିଚାର ପୂର୍ବତନ ସ୍ୱତନ୍ତ୍ର ସରକାରୀ ଓକିଲ ଶ୍ରୀ ଦେବାଶିଷ ମିଶ୍ର ଏବଂ ଶ୍ରୀ ପ୍ରଭାତ ନନ୍ଦ ବର୍ତ୍ତମାନର ଏସ୍ପିପିଙ୍କ ଦ୍ୱାରା କରାଯାଇଥିଲା।

## ଅମୃତଭଣ୍ଡା ଗଛ ପାଇଁ ହଣାକଟା ମାମଲାରେ ବର୍ଷେ ଜେଲ୍‌ଦଣ୍ଡ

ନୀଳଗିରି, ୨୮।୨ (ସଂଚାର ବ୍ୟୁରୋ): କୋଭିଡ଼ ମହାମାରୀ ସମୟରେ ହୋଇଥିବା କାଳବୈଶାଖୀ ବେଳେ ଆଜବେଷ୍ଟସ ଉପରେ ଅମୃତଭଣ୍ଡା ଗଛ ଗଡ଼ିଯିବାରୁ ପରିବାର ଭିତରେ ହଣାକଟା ହୋଇଥିଲା। ଏହି ଘଟଣାରେ ଆଜି ରାୟ ପ୍ରକାଶ ପାଇଛି। ପରିବାରର ଉଭୟ ଏତଲାକାରୀଙ୍କୁ ୧ବର୍ଷ ଜେଲ ଦଣ୍ଡ ସହ ୧ହଜାର ଟଙ୍କା ଲେଖାଏଁ ଜୋରିମାନା ନିର୍ଦ୍ଦେଶ ହେବା ଘଟଣା ହଟଚମଟ ସୃଷ୍ଟି କରିଛି। ସୂଚନା ଯୋଗ୍ୟ ୨୦୨୧ ମସିହା ମେ ୨୭ରେ ଔପଦା ଥାନା ପାଟପୁର ଗାଁର ସନ୍ତୋଷ ନାୟକଙ୍କ ଘର ଆଜବେଷ୍ଟସ ଉପରେ ଝଡ଼ବାତ୍ୟାରେ ଏକ ଅମୃତଭଣ୍ଡା ଗଛ ପଡ଼ି ଯାଇଥିଲା। ଏନେଇ ସନ୍ତୋଷ ଉପୁଡ଼ି ପଡ଼ିଥିବା ଗଛକୁ ଆଡ଼େଇ ଦେଇ ଅମୃତଭଣ୍ଡା ସବୁ ତାଙ୍କ ଦାଦାଙ୍କ ଘର ସମ୍ମୁଖରେ ରଖି ଆସିଥିଲେ। ଏହି ଘଟଣା ଦେଖି ଦାଦା ଜୟନ୍ତ ନାୟକ ଓ ଖୁଡ଼ୀ ସରସ୍ୱତୀ ଉକ୍ତ ଗଛକୁ ଆଡ଼େଇ ପୁନର୍ବାର ସେହି ସ୍ଥାନରେ ନେଇ ଗଛ ଓ ଅମୃତଭଣ୍ଡା ରଖି ଆସିଥିଲେ। ଏଥିରେ ସନ୍ତୋଷ ପ୍ରତିବାଦ କରିବାରୁ ତାଙ୍କୁ ଦାଦା ଖୁଡ଼ୀ ଠେଙ୍ଗାରେ ଆକ୍ରମଣ କରି ଲହୁଲୁହାଣ କରି ଦେଇଥିଲେ। ସେପଟେ ଦାଦା ଜୟନ୍ତ ଓ ତାଙ୍କ ପରିବାରକୁ ପୁତୁରା ସନ୍ତୋଷ ନାୟକ କଟୁରୀ ଚୋଟ ମାରିଥିବା ଏତଲା ଦିଆଯାଇଥିଲା।

## ନଟାବୁଦାରୁ ନବଜାତ ଶିଶୁକନ୍ୟା ଉଦ୍ଧାର

ବାରିପଦା, ୨୮।୨ (ସଂଚାର ବ୍ୟୁରୋ): ନବଜାତ ଶିଶୁକନ୍ୟାକୁ ନଟାବୁଦାରୁ ଉଦ୍ଧାର କଲେ ଆଶାକର୍ମୀ । ଏହିଭଳି ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଅଛି ମୟୁରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ ଅନ୍ତର୍ଗତ ଝିଙ୍କିରିଆ ଗ୍ରାମରେ । ଆଜି ସକାଳୁ ଉକ୍ତ ଗ୍ରାମର ଆଶାକର୍ମୀ ସାବିତ୍ରୀମଣି ଜେନାଙ୍କ ଝିଆରୀ ଘର ପଛପଟକୁ ଯାଇଥିବା ସମୟରେ ନଟା ବୁଦା ଭିତରୁ ଏକ ଶିଶୁର କାନ୍ଦ ଶୁଣିବାକୁ ପାଇଥିଲେ । ଏ କଥା ଆସି ଘରେ କହିବାରୁ ସାବିତ୍ରୀ ସେଠାକୁ ଯାଇ ଦେଖିଲେ ଏକ ନବଜାତ ଶିଶୁ କନ୍ୟା ପଡିରହିଛି । ତାକୁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ କିସାନତାଣ୍ଡି ଡାକ୍ତରଖାନାକୁ ଆଣିଥିଲେ । ଶିଶୁକନ୍ୟାର ଦେହରେ କ୍ଷତବିକ୍ଷତ ଚିହ୍ନ ଦେଖିବାକୁ ମିଳିଛି । ଚିକିତ୍ସା ପରେ ଶିଶୁଟି ସୁସ୍ଥ ଥିବାର ଜଣାପଡିଅଛି । ଶିଶୁଟିକୁ ଜିଲ୍ଲା ଶିଶୁ ବିକାଶ କେନ୍ଦ୍ରକୁ ହସ୍ତାନ୍ତର କରାଯାଇଅଛି ।

**ତାରିଣିଗଡ଼ା ଯୁବତୀଙ୍କ ମୃତ୍ୟୁ ଘଟଣା**

# ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ କରାଯିବ କି ଛାନଭିନ ?

ପାରାଦୀପ, ୨୮।୨ (ସଂଚାର ବ୍ୟୁରୋ): ଗୋଟେ ହତ୍ୟା ଓ ଧର୍ଷଣ ଘଟଣାର ମେଡିକାଲ ବ୍ୟବଚ୍ଛେଦ ରିପୋର୍ଟ ତଦନ୍ତର ମୂଳ ଆଧାର ବୋଲି ଜଣା ଯାଇଥାଏ। କିନ୍ତୁ ପାରାଦୀପ ତାରିଣିଗଡା ଯୁବତୀ ମୃତ୍ୟୁ ଘଟଣାରେ ବ୍ୟବଚ୍ଛେଦ ରିପୋର୍ଟ ଗୋଟିଏ କଥା କହୁଥିଲା ବେଳେ ପୁଲିସର ତଦନ୍ତର ଦିଗ ସେ ଦିଗକୁ ଛୁଇଁ ପାରିନାହିଁ। ପାରାଦୀପ ତାରେଣୀଗଡ଼ା ବହୁ ଚର୍ଚ୍ଚିତ ଚାରି ମାହଲା ଛାତ ତଳୁ ଯୁବତୀଙ୍କ ଶବ ମିଳିବା ନେଇ ଗତକାଲି ଏହାର ଖୁଲାସା କରିଥିଲେ ନିଜେ ଜଗତସିଂହପୁର ଏସ୍‌ପି ଅଙ୍କିତ କୁମାର ବର୍ମା। ମାତ୍ର କେଇ ଘଣ୍ଟା ମଧ୍ୟରେ ପୁଲିସ ତାର ଦାୟିତ୍ୱକୁ ସୁଚାରୁରୂପେ ତୁଲାଇ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାରୁ ସେ ତାଙ୍କ ଟିମକୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି।



ବାସ୍ତବିକ ଜଣେ ଅପରିଚିତ ଯୁବତୀର ଠିକଣା ଖୋଜିବା ଓ ସେଥିରେ ଘଟିଥିବା ଘଟଣାକୁ ପର୍ଦ୍ଦାଫାସ କରିବା ପୁଲିସ ପାଇଁ ଥିଲା ଅନେକ ଚ୍ୟାଲେଞ୍ଜ। କିନ୍ତୁ ଚାରି ମାହଲା ଛାତ ଉପରୁ ଯୁବତୀ ତଳେ ପଡ଼ିବା ଓ ବ୍ୟବଚ୍ଛେଦ ରିପୋର୍ଟରେ ତାଙ୍କ ଶରିରର ହାଡ଼ ସେମିତି କିଛି ଭାଙ୍ଗି ନଥିବା ଆସିଥିବା ବେଳେ ଏବେ ଏହାକୁ ନେଇ ବଡ ବିସ୍ମୟ ସୃଷ୍ଟି ହୋଇଛି। ପ୍ରକୃତରେ ଯୁବତୀ ତଳେ ପଡି ମରିଛନ୍ତି ନା ତାଙ୍କୁ ମାରି ତଳେ ଆଣି ପକାଇ ଦିଆଯାଇଛି, ତାକୁ ନେଇ ଏବେ ତଦନ୍ତ

**ତଦନ୍ତରେ ବାଟ ଓଗାଳିଲା ସିସି ଟିଭି**

ହେବାର ଆବଶ୍ୟକ ଅଛି। ଯୁବତୀଙ୍କ ଶରୀର ଓ ଅଭିଯୁକ୍ତ ଶୁଭମର ଶରୀରକୁ ଅନୁଧ୍ୟାନ କଲେ ଶୁଭମ ଯୁବତୀଙ୍କୁ କୋଠା ଉପରୁ ଏକା ଆଣି ପାରିବ ନାହିଁ ତାହା ସହଜେ ଅନୁମେୟ। ତେବେ ଶୁଭମ ସହ ଆଉ କିଏ କିଏ ସାମିଲ ହୋଇଥିଲେ, ଯୁବତୀଙ୍କୁ ଦୁଷ୍କର୍ମ କରାଯାଇଥିବା ପୁଲିସ କହିଥିବା ବେଳେ ଏହା ଦୁଷ୍କର୍ମ ନା ଗଣଦୁଷ୍କର୍ମ ତାହା ମଧ୍ୟ ଏବେ ଦୃଷ୍ଟି ଆଢୁଆଳକୁ ଚାଲି ଯାଇଛି।

ପ୍ରଥମେ ଖୁଣ୍ଟିଆ ନିବାସର ମାଲିକ ପୁଲିସକୁ ସିସିଟିଭିର ହାର୍ଡଡିସ୍କ ପାସୱାର୍ଡ ନଦେବା ଓ ପରବର୍ତ୍ତୀ ଅବସ୍ଥାରେ ପୁଲିସ ଏହାକୁ ଏକ୍ସପୋର୍ଟଙ୍କ ଦ୍ୱାରା ନଖୋଲିବା ଓ ଶେଷରେ ଏହା ଖରାପ ଥିଲା ଏଥିରେ କିଛି ରେକର୍ଡ ହୋଇ ନଥିବା କହିବା ମଧ୍ୟ ଅନେକ କଥାକୁ ଇଙ୍ଗିତ କରିଥିବା ଆଲୋଚନା ହେଉଛି। ଯେଉଁ କାଳ କୋଠାରୀରେ କାଳ ରାତିର କଳା କାହାଣୀ ଘଟି ଏତେ ବଡ଼ ଅପରାଧ ଘଟିଲା, ସେହି କୋଠାର ସିସିଟିଭି ଖରାପ ଥିଲା ନା ଯୁବତୀଙ୍କୁ ହତ୍ୟା ପରେ ତଳେ ପକାଇ ଆତ୍ମହତ୍ୟାର ରୂପ ଦେବା ପୂର୍ବରୁ ତାକୁ ଖରାପ କରି ଦିଆଗଲା ତାହା ମଧ୍ୟ ତଦନ୍ତ ହେବା ନିହାତି ଆବଶ୍ୟକ।

# ଗୋଟିଏ କାମ ପାଇଁ ଲାଗିଛି ଦୁଇଟି ଫଳକ

**ଡ୍ରେନ କାମକୁ ନେଇ ବିଜେଡ଼ି, ବିଜେପି ଛକାପଞ୍ଝା**






ଆନନ୍ଦପୁର, ୨୮।୨ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ୍ ଅନ୍ତର୍ଗତ ସାଇଁକୁଳ ଗ୍ରାମର ମହାଦେବ ସାହିର ମହାଦେବ ମନ୍ଦିର ଠାରୁ କ୍ଷୀର ବାଟି ପର୍ଯ୍ୟନ୍ତ ନୂତନ ଡ୍ରେନ ନିର୍ମାଣ ପାଇଁ ଆର୍ଥିକ ବର୍ଷ ୨୦୨୫/୨୦୨୬ର ପଂଚାୟତ ସମିତି ଘସିପୁରା ପକ୍ଷରୁ ଅଟକଳ ମୂଲ୍ୟ ତିନି ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ତେବେ ସରକାରଙ୍କ ନିୟମ ଅନୁଯାୟୀ କାର୍ଯ୍ୟ ଆରମ୍ଭ ପୂର୍ବରୁ ସୂଚନା ଫଳକ ଲଗାଯିବା ନିୟମ ରହିଛି। ହେଲେ ଏଠାରେ ଦେଖିବାକୁ ମିଳୁଛି ଗୋଟିଏ କାମ ପାଇଁ ଦୁଇ ଦୁଇଟି ଫଳକ। ଗୋଟିଏ ସୂଚନା ଫଳକରେ ସମସ୍ତ ପ୍ରକାରର ବିବରଣୀ ଉଲ୍ଲେଖ ଥିବା ବେଳେ ଅନ୍ୟଟି କେବଳ ନିର୍ମାଣ କରି ସେମିତି ଛାଡ଼ି ଦିଆଯାଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି।

ଡ୍ରେନ ନିର୍ମାଣକୁ ନେଇ ଦୁଇ ଗୋଷ୍ଠି ମଧ୍ୟରେ ଚାଲିଛି ଛକାପଞ୍ଝା। ତିନି ଲକ୍ଷ ଟଙ୍କା ବ୍ୟୟରେ ଡ୍ରେନ ନିର୍ମାଣ କାମ ହେବାକୁ ଯାଉଛି। କାମଟି ଯନ୍ତ୍ରୀଙ୍କ ନାମରେ ରେକର୍ଡ ହୋଇଥିବା ସତ୍ତ୍ୱେ, ଏହାକୁ ନେଇ ଦୁଇ ଗୋଷ୍ଠି ମଧ୍ୟରେ ଆରମ୍ଭ ହୋଇଛି ଦାୟିତ୍ୱ ନେବାର ଦୌଡ଼। ଫଳସ୍ୱରୂପ, ଏକ ସ୍ଥାନରେ ଲାଗିଥିବାରୁ ଦୁଇଟି ସୂଚନା ଫଳକ ଗ୍ରାମବାସୀଙ୍କ ମଧ୍ୟରେ ସୃଷ୍ଟି ହୋଇଛି ଦ୍ୱନ୍ଦ୍ୱ ଓ ଅସନ୍ତୋଷ। କିଏ ଅସଲି କାମ କରୁଛି? କାହା ମାଧ୍ୟମରେ ଅର୍ଥ ବିନିଯୋଗ ହେଉଛି? ସେନେଇ ଉଠୁଛି ଗଭୀର ପ୍ରଶ୍ନ। ଏହି ଘଟଣାକୁ ଗୁରୁତ୍ୱ ଦେଇ ବିଡ଼ିଓ ହସ୍ତକ୍ଷେପ କରିଥିବା କୁହାଯାଉଛି। କିନ୍ତୁ ଏପର୍ଯ୍ୟନ୍ତ ମଧ୍ୟ ଦୁଇ ଗୋଷ୍ଠି ମଧ୍ୟରେ ସମ୍ମତି ହୋଇନଥିବାରୁ ସମସ୍ୟାର ସମାଧାନ ହୋଇପାରିନାହିଁ।

ଗ୍ରାମବାସୀମାନେ ଦାବି କରିଛନ୍ତି ଯେ, ପ୍ରଶାସନ ତୁରନ୍ତ ସ୍ପଷ୍ଟ କରନ୍ତୁ କାମର ଅସଲି ଦାୟିତ୍ୱ କାହା ପାଖରେ ଅଛି ଓ ଅନିୟମିତତା ରୋକିବା ପାଇଁ କଠୋର ପଦକ୍ଷେପ ନିଆଯାଉ। ତେବେ ଏହି ବିଷୟରେ ଯନ୍ତ୍ରୀ ସସ୍ମିତା ହେମ୍ବ୍ରମଙ୍କୁ ପଚାରିବାରୁ ସେ କହିଛନ୍ତି ଦୁଇ ଗୋଷ୍ଠିଙ୍କୁ ନେଇ ଆଲୋଚନା ହେବ ପରେ କାର୍ଯ୍ୟ ଆରମ୍ଭ ହେବ। ସେଥିରେ କୌଣସି ଅସୁବିଧା ନାହିଁ। ତେବେ ଦେଖିବାକୁ ବାକି ରହିଲା କେବେ ଦୁଇ ଗୋଷ୍ଠି ଙ୍କୁ ନେଇ ଆଲୋଚନା କରାଯାଇ ଏବଂ କାମ ଆରମ୍ଭ କରାଯାଉଛି।

## ଚତୁର୍ଥ ଦିନରେ ଶ୍ରୀହରି ସୂତାକଳରେ ଧାରଣା

ସୁନ୍ଦରଗଡ଼, ୨୮।୨ (ସଂଚାର ବ୍ୟୁରୋ): ଅଶୋକ ସିନ୍ଥେଟିକ ମଜଦୁର ସଙ୍ଘ ତରଫରୁ କିରେଇ ସ୍ଥିତ ଶ୍ରୀହରି ସ୍ପିନର୍ସ ଶ୍ରମିକ ମାନେ ବୁଧବାର ଠାରୁ ଆରମ୍ଭ କରିଥିବା କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆଜି ଚତୁର୍ଥ ଦିନରେ ପହଞ୍ଚିଛି। ଆନ୍ଦୋଳନକାରୀ ଶ୍ରମିକମାନେ ନିଜର ଏଗାର ଦଫା ଦାବୀ ପୂରଣ ନହେବା ଯାଏ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ସୂଚନା ଦେଇଛନ୍ତି। ଗତକାଲି ଶ୍ରମିକ ମାନଙ୍କ ଏହି ଆନ୍ଦୋଳନକୁ ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ ସମର୍ଥନ ଜଣାଇ ଶ୍ରମିକ ମାନଙ୍କ ଦାବୀ ଯଥାର୍ଥ ରହିଛି ବୋଲି କହିଥିଲେ। ଏହି କମ୍ପାନୀର କର୍ତ୍ତୃପକ୍ଷ ଓ ଶ୍ରମ ବିଭାଗ ସହ ବିଧାୟକ ଫୋନ୍ ଯୋଗେ କଥା ହୋଇଥିଲେ। ଆଜି ଏହାର କୌଣସି ସମାଧାନ ବାହାରି ନଥିବାରୁ ଶ୍ରମିକ ମାନେ କାର୍ଯ୍ୟବନ୍ଦ କରି ଆନ୍ଦୋଳନରେ ବସିଛନ୍ତି। ଏହି ଆନ୍ଦୋଳନରେ ୩୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ସାମିଲ ଅଛନ୍ତି।



## ବିଜେଡି ଛାଡି ବିଜେପିରେ ମିଶିଲେ ବଡକଇଁଚି ଗ୍ରାମପଞ୍ଚାୟତର ସମିତିସଭ୍ୟ



ଯାଜପୁର ରୋଡ଼, ୨୮।୨(ସଂଚାର ବ୍ୟୁରୋ): ଶାସକ ବିଜେପିର ଦେଢବର୍ଷରୁ ଊର୍ଦ୍ଧ୍ୱ ସୁଶାସନରେ ଅନୁପ୍ରାଣିତ ହୋଇ ବିଜେପି ଆଡକୁ ଢଳୁଛନ୍ତି ଅନ୍ୟଦଳର ପଂଚାୟତ ପ୍ରତିନିଧି ଏବଂ କର୍ମୀ । ଗତ କିଛିଦିନ ହେବ ଅନେକ କର୍ମୀ ଏବଂ ପ୍ରତିନିଧି କୋରେଇ ବିଜେପିରେ ସାମିଲ ହୋଇଥିବାବେଳେ ଆଜି ବ୍ୟାସନଗର ସ୍ଥିତ କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ବାସଭବନରେ ଏକ ମିଶ୍ରଣ ପର୍ବରେ ରସୁଲପୁର ବ୍ଲକ୍ ଅନ୍ତର୍ଗତ ବଡକଇଁଚି ଗ୍ରାମପଂଚାୟତର ବିଧାୟକଙ୍କ ପ୍ରତିନିଧି ପ୍ରହଲ୍ଲାଦ ପଣ୍ଡା, ଶଶିଭୂଷଣ ସାହୁ, ପ୍ରକାଶ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ମିଶ୍ରଣ ପର୍ବରେ କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରସୁଲପୁର ବ୍ଲକ୍ ବଡକଇଁଚି ଗ୍ରାମ ପଂଚାୟତର ସମିତି ସଭ୍ୟ ସୌମ୍ୟରଞ୍ଜନ ରାଉତ, ପୂର୍ବତନ ସରପଂଚ ଗିରିଜା ପଟ୍ଟନାୟକଙ୍କ ସମେତ ପାଖାପାଖି ତିନି ଶହ ଲୋକ ବିଜେପିରେ ସାମିଲ ହୋଇଥିଲେ। ସମସ୍ତ ଆଗନ୍ତୁକ ବଡକଇଁଚି ପଂଚାୟତ ପ୍ରତିନିଧି ଓ କର୍ମୀଙ୍କୁ ବିଧାୟକ ବିଜେପି ଦଳକୁ ସ୍ୱାଗତ କରିବା ସହ ଦଳୀୟ ଟୋପି ଓ ଉତରୀୟ ପକାଇ ଭାରତୀୟ ଜନତା ପାର୍ଟିରେ ସାମିଲ କରାଇଥିଲେ। ଏହି ମିଶ୍ରଣ ପର୍ବ ପରେ କୋରେଇ ବିଜେପି ଆହୁରି ଅଧିକ ଶକ୍ତିଶାଳୀ ହେଲା ଏବଂ ରସୁଲପୁର ବ୍ଲକ୍ ସହିତ ବଡକଇଁଚି ଗ୍ରାମ ପଂଚାୟତରେ ବିଜେପି ସ୍ଥିତି ସୁଦୃଢ ହେଲା ବୋଲି ବିଧାୟକ କହିବା ସହ କୋରେଇ ବିକାଶ ପାଇଁ କରିଥିବା ସଂକଳ୍ପ ନିଶ୍ଚିତ ପୂରଣ କରିବେ ବୋଲି ପ୍ରତିଶୃତି ଦେଇଥିଲେ ।

# କ୍ରୋମ ଭ୍ୟାଲିରେ ବର୍ଦ୍ଧିତ ଟ୍ରକ ଭଡ଼ା ନିଷ୍ପତ୍ତି କାର୍ଯ୍ୟକାରୀ ହେଲାନି

**ଆଲୋଚନାର ୨ ମାସ ବିତିଲା**

**ମନ୍ତ୍ରୀଙ୍କ ନିଷ୍ପତ୍ତିକୁ ପରିବହନ ଠିକାଦାରଙ୍କ ଫୁଁ'**

**ଚିନ୍ତାରେ ଟ୍ରକ ମାଲିକ ସଂଘ**



ଯାଜପୁର, ୨୮।୨ (ସଂଚାର ବ୍ୟୁରୋ): ଯାଜପୁର ଜିଲା ସୁକିନ୍ଦା କ୍ରୋମ ଭ୍ୟାଲିରେ ପ୍ରଚଳିତ ଟ୍ରକ ଭଡ଼ା ବୃଦ୍ଧି ହେଉନି। ଏଥି ଯୋଗୁଁ ଟ୍ରକ ମାଲିକଙ୍କ ଠାରେ ଅସନ୍ତୋଷ ପ୍ରକାଶ ପାଉଥିଲା। ଏହାର ସମାଧାନ ପାଇଁ ସୁକିନ୍ଦା ବିଧାୟକ ତଥା ସମବାୟ, ହସ୍ତତନ୍ତ ଏବଂ ବୟନଶିଳ୍ପ ବିଭାଗ ରଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ଡ଼ଃ ପ୍ରଦୀପ ବଳ ସାମନ୍ତ ଅଣ୍ଟା ଭିଡ଼ିଥିଲେ । ଯାହାଫଳରେ ଗତ ତା.୧୫.୧୦.୦୨୫ରିଖରେ ସୁକିନ୍ଦା କ୍ରୋମ ଭ୍ୟାଲିରେ ଥିବା ସମସ୍ତ ପରିବହନ ଠିକାଦାର, ଗାଡି ମାଲିକ ଓ ସୁକିନ୍ଦା ବିଧାୟକ(ସ୍ୱାଧୀନ)ଙ୍କ ମଧ୍ୟରେ ଏକ ମିଳିତ ଆଲୋଚନା ହୋଇଥିଲା। ମିଳିତ ଆଲୋଚନାରେ ଗତ ତା.୨୪.୧୨.୨୦୨୫ରିଖ ଠାରୁ ସୁକିନ୍ଦା କ୍ରୋମ ଭ୍ୟାଲିରେ ଥିବା ଖଣି ଗୁଡିକରୁ କ୍ରୋମାଇଟ ପରିବହନ ପାଇଁ ୧୦ ଚକିଆ, ୧୨ ଚକିଆ ଏବଂ ୧୪ ଚକିଆ ଟ୍ରକ ଭଡା ବାବଦରେ ପ୍ରଚଳିତ ଦର ଠାରୁ ୧୦ ପ୍ରତିଶତ ଅଧିକ ଦେବା ପାଇଁ ନିଷ୍ପତି ହୋଇଥିଲା। ଏହାକୁ କାର୍ଯ୍ୟକାରି କରିବା ପାଇଁ ସୁକିନ୍ଦା ମିନେରାଲ ଟ୍ରକ ଓନର୍ସ ଆସୋସିଏସନର ସଭାପତି ପତ୍ର ସଂଖ୍ୟା. ଏସ ଏମ ଟିଓ/୩୪୪ ତା ୨୫.୧୨.୨୦୨୫ରେ ସୁକିନ୍ଦା ଖଣି ଅଂଚଳରେ ଥିବା ସମସ୍ତ ପରିବହନ ଠିକାଦାର ମାନଙ୍କୁ ଅବଗତ କରାଯାଇଥିଲା। କିନ୍ତୁ ଦୁଃଖ ଏବଂ ପରିତାପର ବିଷୟ ଏଥି ମଧ୍ୟରେ ନିଷ୍ପତ୍ତିର ୨ ମାସ ବିତିଲା, କିନ୍ତୁ ଭଡ଼ା କାର୍ଯ୍ୟକାରୀ ନ ହେବା ଘଟଣା ଅଧିକ ରହସ୍ୟମୟ ହୋଇଛି । ଯାହାକି ମନ୍ତ୍ରୀଙ୍କ ନିଷ୍ପତ୍ତିକୁ ପରିବହନ ଠିକାଦାର ମାନେ ଫୁ କରି ଉଡାଇଦେବା ଘଟଣା ମଧ୍ୟ ସାଧାରଣରେ ପ୍ରଶ୍ନବାଚୀ ହୋଇଛି।

ତେବେ ନିଷ୍ପତ୍ତି ମୁତାବକ ବର୍ଦ୍ଧିତ ପରିବହନ ଭଡ଼ା କାର୍ଯ୍ୟକାରି ହୋଇ ନ ଥିବାରୁ ଗାଡି ମାଲିକ ମାନଙ୍କ ଆର୍ଥିକସ୍ଥିତି ଦିନକୁ ଦିନ ଭୁଶୁଡି ପଡିଛି। ଏଥି ଯୋଗୁଁ ଗାଡି ମାଲିକମାନେ ଆର୍ଥିକ ଅନଟନ ମଧ୍ୟରେ ଗତି କରିବା ସହିତ ଅନେକ ଗାଡିକୁ ଅର୍ଥ ଲଗାଣକାରୀ ସଂସ୍ଥା ମାନେ ଟାଣି ନେଉଛନ୍ତି। ତେବେ ଗାଡି ମାଲିକମାନେ ପରିବହନ ଠିକାଦାରଙ୍କ ଶୋଷଣର ଶିକାର ହେଉଥିବାରୁ ଏହାର ସମାଧାନ ପାଇଁ ପୁଣି ସେମାନେ ଜିଲାପାଳଙ୍କ ଠାରେ ଗତ ୨୭ ତାରିଖ ଗୁରୁବାର ଲିଖିତ ଅଭିଯୋଗ କରିଛନ୍ତି । ଅପରପକ୍ଷରେ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ବର୍ଦ୍ଧିତ ଦର ଲାଗୁ କରିବା ପାଇଁ କ୍ରୋମାଇଟ ପରିବହନ ଠିକାଦାର ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବାକୁ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ।

ଯଦି ଆଗାମୀ ପନ୍ଦର ଦିନ ମଧ୍ୟରେ ଏହାର କୌଣସି ସମାଧାନ ନ ହୁଏ ତେବେ ଆମ୍ଭେମାନେ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି ସୁକିନ୍ଦା ମିନେରାଲ ଟ୍ରକ ଓନର୍ସ ଆସୋସିଏସନ ଚେତାବନୀ ଦେଇଛନ୍ତି। ଯାହାକୁ ନେଇ ପ୍ରଶାସନର ଚିନ୍ତା ଦ୍ୱିଗୁଣିତ ହୋଇଛି। ଜିଲ୍ଲାପାଳଙ୍କୁ ଦେଇଥିବା ଅଭିଯୋଗର ନକଲ ଯାଜପୁର ଏସପି କାଳିଆପାଣି ଥାନା ଅଧିକାରୀ, କଳିଙ୍ଗନଗର ଅତିରିକ୍ତ ଏସପି ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

# ବିଜେବି ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ



ଖୋର୍ଦ୍ଧା, ୨୮।୨ (ସଂଚାର ବ୍ୟୁରୋ): ବିଜେବି ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଦିବସ ଅବସରରେ ପିଲାମାନଙ୍କ ମଧ୍ୟରେ ଏକ ବିଜ୍ଞାନ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା ସେଥିରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନବୀନ ଓ ସୃଜନଶୀଳ ପ୍ରକଳ୍ପଗୁଡିକ ପ୍ରଦର୍ଶିତ ହୋଇଥିଲା। ଏହା ବ୍ୟତୀତ ପିଲାମାନଙ୍କ ମଧ୍ୟରେ ଶକ୍ତି ସଂରକ୍ଷଣ ଓ ପରିବେଶ ସୁରକ୍ଷାକୁ ଆଧାର କରି ଏକ ଚିତ୍ରାଙ୍କନ ଏବଂ ପିଲାମାନଙ୍କ ମଧ୍ୟରେ ବୈଜ୍ଞାନିକ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଛାତ୍ରଛାତ୍ରୀମାନେ ବିଭିନ୍ନ ବୈଜ୍ଞାନିକ ଭୂମିକାରେ ଅଭିନୟ କରି ସମସ୍ତଙ୍କୁ ଆକର୍ଷିତ କରିଥିଲେ।

ପ୍ରତିଯୋଗିତା ଶେଷରେ ବିଦ୍ୟାଳୟ ସଭାଗୃହରେ ପ୍ରଧାନଶିକ୍ଷକଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ସେନାପତି ତାଙ୍କ ବକ୍ତବ୍ୟ ରେ ସି.ଭି.ରମଣଙ୍କ ଅମୂଲ୍ୟ ଅବଦାନ ସମ୍ବନ୍ଧରେ ଆଲୋଚନା କରି ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ମନସ୍କ ହେବାକୁ ପ୍ରେରଣା ଦେବାସହ, ଜିଜ୍ଞାସା ଓ ପ୍ରୟୋଗମୂଳକ ଶିକ୍ଷା ହେଉଛି ସଫଳତାର ମୂଳମନ୍ତ୍ର ବୋଲି କହିଥିଲେ। ବିଦ୍ୟାଳୟ ର ଶିକ୍ଷକ, ଶିକ୍ଷୟତ୍ରୀ, ବିଭୁ ପ୍ରସାଦ ପଣ୍ଡା,ସବିତା ଦାସ, ରୋଜାଲିନ ରାଉତରାୟ, ପ୍ରିୟଦର୍ଶିନୀ ସାହୁ, ସବୁଜିମା ସାହୁ ଏବଂ ରାହୁଲ ମହାରଣା ସେମାନଙ୍କ ବକ୍ତବ୍ୟରେ ବିଜ୍ଞାନର ଆବଶ୍ୟକତା ଓ ଆଧୁନିକ ଯୁଗରେ ତାହାର ଭୂମିକା ବିଷୟରେ କହିଥିଲେ। ଶେଷରେ ବିଜ୍ଞାନ ପ୍ରଦର୍ଶନୀ, ଚିତ୍ରାଙ୍କନ ଓ ବୈଜ୍ଞାନିକ ବେଶଭୂଷା ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ଥିବା ନବଜାତ ଶିଶୁର ଜୀବନ ବଞ୍ଚାଇଲେ ସମ୍ ଡାକ୍ତର



ଭୁବନେଶ୍ୱର, ୨୮।୨ (ସଂଚାର ବ୍ୟୁରୋ): ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମ ନେଇଥିବା ଏକ କମ୍ ଓଜନର ଶିଶୁ କନ୍ୟାର କ୍ଷୁଦ୍ରାନ୍ତ୍ରର ପ୍ରଥମ ଭାଗ ଅବରୋଧ (ଡ୍ୟୁଓଡେନାଲ୍ ଆଟ୍ରିସିଆ) ହୋଇ ରହିଥିବା ସହ ଡାଉନ୍ ସିଣ୍ଡ୍ରୋମ୍ ଭଳି ସମସ୍ୟା ଥାଇ ମଧ୍ୟ ଏଠାରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ-୧ର ଡାକ୍ତରୀ ଟିମ୍ ଶିଶୁର ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି। ବାଲେଶ୍ୱରରେ ଜନ୍ମ ନେଇଥିବା ୧୧୦୦ ଗ୍ରାମ ଓଜନର ଏହି ୧୫ ଦିନର ଶିଶୁକୁ ଜଟିଳ ସମସ୍ୟା ସହ ସମ୍ ହସ୍ପିଟାଲରେ ଭର୍ତି କରାଯାଇଥିଲା। ଶିଶୁଟିକୁ ଠିକ୍ ଭାବେ ପରୀକ୍ଷା ନିରୀକ୍ଷା କରିବା ପରେ ସମ ହସ୍ପିଟାଲ୍‌ର ଡାକ୍ତରୀ ଟିମ୍ ଅସ୍ତ୍ରୋପଚାର ନେଇ ନିଷ୍ପତି ନେଇଥିଲେ। ଶିଶୁ ଶଲ୍ୟ ବିଭାଗର ମୁଖ୍ୟ ଡାକ୍ତର ଅନ୍ତର୍ଯ୍ୟାମୀ ପ୍ରଧାନ ଏହି ସର୍ଜରୀର ନେତୃତ୍ୱ ନେଇଥିବା ବେଳେ ଅସ୍ତ୍ରୋପଚାର ପରେ ନବଜାତ ଶିଶୁ ଆଇସିୟୁ (ଏନ୍‌ଆଇସିୟୁ)ର ମୁଖ୍ୟ ଡାକ୍ତର ଦେବାଶିଷ ନନ୍ଦଙ୍କ ନେତୃତ୍ୱରେ ଡାକ୍ତର ରତନ ଦାସ, ଡାକ୍ତର ଭଗୀରଥି ମଲ୍ଲିକ ଓ ଡାକ୍ତର ବିଜୟ କୁମାରଙ୍କ ସମେତ ଅନ୍ୟାନ୍ୟ ଟିମ୍ ସଦସ୍ୟ ଶିଶୁଟିର ଯତ୍ନ ନେଇଥିଲେ। ୧୯ ଦିନର ଶିଶୁଟିର ଶରୀରରେ ଏକ୍ସପ୍ଲୋରେଟୋରୀ ଲାପାରୋଟୋମୀ ପ୍ରକ୍ରିୟା ସମ୍ପାଦନ କରାଯାଇଥିବା ବେଳେ ଶିଶୁଟିକୁ ୨୩ ଦିନ ଧରି ଆଇଭି ଫ୍ଲୁଇଡ୍ ମାଧ୍ୟମରେ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯାଇଥିଲା। ଧୀରେ ଧୀରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ପରେ ତାକୁ ପାଟି ବାଟେ ଖାଦ୍ୟ ଦିଆଯାଇଥିଲା ଏବଂ ୫ ଦିନ ପରେ ଶିଶୁଟି ୧୭୦୦ ଗ୍ରାମ ଓଜନରେ ପହଞ୍ଚିଥିଲା। ଏହା ପରେ ତାଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା। ଏନଆଇସିୟୁର ଡାକ୍ତର ଏବଂ ନର୍ସମାନେ ୨୪ ଘଣ୍ଟା ଏହି ଶିଶୁଟିର ଯତ୍ନ ନେଇଥିବା ବେଳେ ଶିଶୁର ପିତାମାତା ହସ୍ପିଟାଲ୍‌କୁ ଏ ନେଇ କୃତଜ୍ଞତା ଜଣାଇଛନ୍ତି।

# ଅଙ୍ଗନବାଡ଼ି କେନ୍ଦ୍ରର ନାହିଁ ଘର, ବିପଦସଂକୁଳ ଅବସ୍ଥାରେ ଚାଲିଛି ପାଠପଢ଼ା



ନୀଳଗିରି, ୨୮।୨ (ସଂଚାର ବ୍ୟୁରୋ): ଔପଦା ବ୍ଲକ ଈଶ୍ୱର ପଞ୍ଚାୟତର ଗୋଟିଏ ରାଜସ୍ୱଗ୍ରାମର ୩ ଗୋଟି ଅଙ୍ଗନବାଡ଼ି କେନ୍ଦ୍ରରେ ଦୀର୍ଘ୨୮ବର୍ଷ ପରେ ବି ସ୍ଥାୟୀ ଘର ନଥିବାରୁ ବିପଦ ସଂକୁଳ ଅବସ୍ଥାରେ କୋମଳମତି ଶିଶୁଙ୍କୁ ନେଇ ଚାଲିଛି ପାଠପଢା, ହେଲେ ଆଜି ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ନୂତନ ଅଙ୍ଗନବାଡ଼ି ଗୃହ ନିର୍ମାଣ ପାଇଁ ଟଙ୍କାଟିଏ ବି ଅନୁଦାନ ରାଶି ଆସିପାରିନାହିଁ। ଗ୍ରାମବାସୀଙ୍କ ପକ୍ଷରୁ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା ପାଇଁ ବାରମ୍ବାର ରାଜନେତା ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଗୁହାରି କରି ଥିଲେ ମଧ୍ୟ ଫଳ ଶୁନ ହୋଇଛି। ବର୍ଷା ଦିନେ ପିଲା ମାନେ ଓଦା, ଶୀତ ଦିନେ ଥରୁ ଥିବାବେଳେ ଖରା ଦିନେ ଟାଣ ଖରାର ଝାଞ୍ଜି ପବନରେ କୋମଳ ମତି ଶିଶୁ ପାଠ ପଢୁଛନ୍ତି। ହେଲେ ପ୍ରଶାସନର ନିଦ ଭାଙ୍ଗୁ ନାହିଁ? ଏଭଳି ଏକ ଅଭାବନୀୟ ଚିତ୍ର ଈଶ୍ୱରପୁର ପଞ୍ଚାୟତର ତରତୁଆ ଗ୍ରାମରେ ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଅନ୍ତର୍ଗତ ତଥା ଔପଦା ବ୍ଲକ ଈଶ୍ୱରପୁର ଗ୍ରାମ ପଞ୍ଚାୟତ ତରତୁଆ ହେଉଛି ରାଜସ୍ୱ ଗ୍ରାମ। ତରତୁଆ ଗ୍ରାମର ୧୨ ନମ୍ବର ୱାର୍ଡ଼ ତରତେଇ ପୋଖରୀ ଆଡ଼ିରେ ଏକ ଚାଳ ଛପର ତଳେ ୧୯୯୮ ମସିହାରେ ପ୍ରଥମେ ଅଙ୍ଗନବାଡ଼ି କେନ୍ଦ୍ର ଆରମ୍ଭ କରାଯାଇଥିଲା। ଏହି ଘରଟି ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ଅଛି। ଏଥିରେ ୧୫ଜଣ ବାଳକ ଓ ୭ ଜଣ ବାଳିକା ମିଶି ସମୁଦାୟ ୨୨ ଜଣ କୋମଳମତି ପିଲା ପାଠପଢୁ ଥିବା କାଗଜ କଲମରେ ଥିବା ବେଳେ ଆଜି ବାସ୍ତବରେ ୧୦ଜଣ କୋମଳ ମତି ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

ଠିକ ସେହି ଭଳି ତରତୁଆ ତଳସାହି ୧୩ ନମ୍ବର ୱାଡରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ସ୍ଥାୟୀ ଘର ନଥିବାରୁ ୨୦୧୦ ମସିହାରୁ ତୁଳସୀ ରାଉତଙ୍କ ଘର ପିଣ୍ଡାରେ ପାଠପଢା ଚାଲିଛି। ଏହି କେନ୍ଦ୍ରରେ ୪ ଜଣ ପିଲା ଥିବା ବେଳେ ହେଲ୍ପର ଭାବେ ସେବତୀ ଜେନା ଏବଂ ଶିକ୍ଷୟତ୍ରୀ ଭାବେ ସରସ୍ୱତୀ ରାଉତ ୨୦୧୯ରୁ ପିଲାଙ୍କୁ ପାଠ ପଢାଇଆସୁଥିଲେ ସୁଦ୍ଧା ସମାସ୍ୟା ସମାଧାନ ରାସ୍ତା କେହି କରୁନଥିବା ଗୁରୁତର ଅଭିଯୋଗ ଆଣିଛନ୍ତି। ଅପରପକ୍ଷରେ ତରତୁଆ ୧୧ ନମ୍ବର ୱାଡ଼ ଉପରସାହି ରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରଟି ସ୍ଥାୟୀ ଗୃହ ନଥିବାରୁ ୨୦୧୦ ମସିହାରୁ ଗ୍ରାମର ଲୋକଙ୍କ ଘରେ ପାଠପଢା ଚାଲିଥିଲା। ୨୦୧୮-୧୯ମସିହାରୁ ଆଜକୁ ୭ ବର୍ଷ ହେବ ଗ୍ରାମବାସୀମାନେ ତଳସାହି ଅଙ୍ଗନୱାଡି ଟି ତୁଳସୀ ରାଉତ ଙ୍କ ଘରେ ଚାଲୁ ଥିବାରୁ ଉପରସାହି ସେଣ୍ଟର ଟି ମଧ୍ୟ ମିଳିତ ଭାବେ ଗୋଟିଏ ଜାଗାରେ ଚାଲିଛି। ଉକ୍ତ ସେଣ୍ଟରରେ ଏବେ ପିଲା ସଂଖ୍ୟା ଖାତାରେ ୧୮ ଥିବା ଜଣାପଡିଛି।

କିନ୍ତୁ ଆଜି ୨ ଗୋଟି କେନ୍ଦ୍ର ଗୋଟିଏ ସ୍ଥାନରେ ମିଳିତ ଭାବେ ଚାଲିଥିବା ବେଳେ ମାତ୍ର୫ଜଣ ପିଲାଙ୍କୁ ଏକ ପିଣ୍ଡାରେ ପାଠଶିକ୍ଷୟତ୍ରୀ ଶ୍ରୀମତି ରାଉତ ପାଠ ପଢ଼ାଉଥିବା ଦେଖିବାକୁ ମିଳିଛି । ଅବଶିଷ୍ଟ ପିଲା କୁଆଡେ ଗଲେ ପଚାରିବାରୁ କେନ୍ଦ୍ରକୁ ଆସି ନଥିଲା ଶିକ୍ଷୟତ୍ରୀ କହିଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ୫ପିଲାଙ୍କୁ ଖାଲି ଆଳୁ ଝୋଳ ଓ ଭାତ ଦିଆ ଯାଇଥିବା ଦେଖିବାକୁ ମିଳିଛି।

### ବିକାଶ ମନ୍ଥନ ୧.୦: ଗଭର୍ଣ୍ଣାନ୍ସ ଇନ୍ ଆକ୍ସନ୍ ଉଦ୍‌ଯାପିତ

# ୨୦ ମାସରେ ବିକାଶର ହିସାବ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ):ଗତ ୨୦ ମାସ ଧରି ରାଜ୍ୟ ସରକାର 'ବିକଶିତ ଓଡ଼ିଶା-ବିକଶିତ ଭାରତ' ଦୃଷ୍ଟିକୋଣକୁ ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ପରିବର୍ତ୍ତନ, ଭିତ୍ତିଭୂମି ସମ୍ପ୍ରସାରଣ ଓ ସାଂସ୍କୃତିକ ପୁନରୁତ୍‌ଥାନ ମାଧ୍ୟମରେ ରୂପାୟନ କରିବା ପାଇଁ ଅଭିଯାନ ଆରମ୍ଭ କରିଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା




### ସମୃଦ୍ଧ ଓଡ଼ିଶା ଗଠନରେ ବିଚାରବିମର୍ଷ ଅତ୍ୟାବଶ୍ୟକ

ଭବନ କନ୍‌ଭେନସନ ସେଣ୍ଟରଠାରେ ଆୟୋଜିତ 'ବିକାଶ ମନ୍ଥନ ୧.୦: ଗଭର୍ଣ୍ଣାନ୍ସ ଇନ୍ ଆକ୍ସନ୍' କାର୍ଯ୍ୟକ୍ରମର ଉଦ୍‌ଯାପନୀରେ ଉଦ୍‌ବୋଧନ ଦେଇ କହିଥିଲେ ଯେ ଦୃଢ଼ ନେତୃତ୍ୱ, ସ୍ପଷ୍ଟ ନୀତି ଓ ସାମୂହିକ ସଙ୍କଳ୍ପ ଦ୍ୱାରା ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ଭାବେ ଉଦୟ ହୋଇପାରିଛି। ଏଭଳି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିବାରୁ ଏହାର ସହଆୟୋଜକ ଓସିଆଇଡିକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ସମୃଦ୍ଧ ଓଡ଼ିଶା ଗଠନରେ ସ୍ପଷ୍ଟ ମାର୍ଗଦର୍ଶନ ପାଇଁ ଏଭଳି ବିଚାରବିମର୍ଶ ଅତ୍ୟନ୍ତ ଜରୁରୀ ବୋଲି ମତ ଦେଇଥିଲେ।

ସେ କହିଥିଲେ ଯେ ଚଳିତ ବର୍ଷ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ୭.୯ ପ୍ରତିଶତ ରହିଛି, ଯାହା ଜାତୀୟ ହାରଠାରୁ ଅଧିକ। ଗତ ୨୦ ମାସରେ ରାଜ୍ୟକୁ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ନିବେଶ ସୁଯୋଗ ସୃଷ୍ଟି କରାଯାଇଛି। ୨ ଲକ୍ଷ ୪୦ ହଜାର କୋଟି ଟଙ୍କାର ୧୦୯ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ ହୋଇଥିବା ବେଳେ ପ୍ରାୟ ୧ ଲକ୍ଷ ୭୬ ହଜାର ନିଯୁକ୍ତି ସୃଷ୍ଟି ହୋଇଛି।

ସେହିପରି ଇଜ୍ ଅଫ୍ ଡୁଇଂ ବିଜନେସ୍ କ୍ଷେତ୍ରରେ ଓଡ଼ିଶା ଜାତୀୟ ସ୍ତରରେ ସ୍ୱୀକୃତି ପାଇଛି। ଇଲେକ୍ଟ୍ରୋନିକ୍ସ, କୃତ୍ରିମ ବୁଦ୍ଧିମତ୍ତା, ଗ୍ଲୋବାଲ୍ କାପାବିଲିଟି ସେଣ୍ଟର୍‌ସ ଓ ସେମିକଣ୍ଡକ୍ଟର କ୍ଷେତ୍ରରେ ନୂତନ ନୀତି ପ୍ରସ୍ତୁତ କରାଯାଇଛି। ଓଡ଼ିଶାକୁ ଏକ ଡିଜିଟାଲ ଓ ଶିଳ୍ପ ଶକ୍ତି କେନ୍ଦ୍ରରେ ପରିଣତ କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ କହିଥିଲେ ଯେ ରାଜ୍ୟର ବଜେଟ ପ୍ରଥମ ଥର ପାଇଁ ୩ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବ। ଭିତ୍ତିଭୂମି ଉନ୍ନତି ପାଇଁ ଚଳିତ ବଜେଟରେ ୭୨ ହଜାର ୧୦୦ କୋଟି ଟଙ୍କାର ପ୍ରାବଧାନ କରାଯାଇଛି, ଯାହା ଜିଏସଡିପିର ୬.୫ ପ୍ରତିଶତ। ବଡ଼ ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ଋଣ ହାର ସବୁଠାରୁ କମ୍ ରହିଥିବା ବେଳେ ଏହା ୧୩.୬ ପ୍ରତିଶତ ରହିଛି, ଯାହା ଏଫ୍‌ଆର୍‌ବିଏମ୍ ସୀମାଠାରୁ ଯଥେଷ୍ଟ କମ୍। 'ସୁଭଦ୍ରା' ଯୋଜନାରେ ଏକ କୋଟିରୁ ଅଧିକ ମହିଳା ଆର୍ଥିକ ସ୍ୱାଧୀନତା ହାସଲ କରିଥିବା ବେଳେ ପ୍ରାୟ ୧୭ ଲକ୍ଷ ମହିଳା ଲକ୍ଷପତି ଦିଦି ହୋଇପାରିଛନ୍ତି। ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ ଫଳରେ ଚାଷୀଙ୍କ ଭରସା ବଢ଼ିଛି। ୨୦୨୪- ୨୫ରେ ରେକର୍ଡ ୯୨.୬୩ ଲକ୍ଷ ମେଟ୍ରିକ ଟନ୍ ଧାନ କିଣାଯାଇଥିବା ବେଳେ ୨୮,୭୧୫ କୋଟି ଟଙ୍କା ପ୍ରଦାନ କରାଯାଇଛି।

ଶିକ୍ଷା କ୍ଷେତ୍ରରେ ୪୫ ହଜାର ଶିଶୁବାଟିକା ଖୋଲାଯାଇଥିବା ବେଳେ ୨୦ ହଜାରରୁ ଅଧିକ ଶିକ୍ଷକ ପଦବୀ ପୂରଣ କରାଯାଇଛି। ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୧୨ ହଜାର କୋଟି ଟଙ୍କା ବ୍ୟୟରେ ୨୨୦୦ଟି ବିଦ୍ୟାଳୟ ସ୍ଥାପନ କରାଯାଉଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ୨୦୨୬- ୨୭ ବର୍ଷ ପାଇଁ ୨୩ ହଜାର ୧୮୨ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଆୟୁଷ୍ମାନ ଭାରତ- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ୧.୦୩ କୋଟି ପରିବାରର ୩.୪୭ କୋଟି ଲୋକ ଉପକୃତ ହେଉଛନ୍ତି। ରାଜ୍ୟର ସମସ୍ତ ଗ୍ରାମକୁ ୨୦୨୭ ମାର୍ଚ୍ଚ ସୁଦ୍ଧା ପାଇପ ପାଣି ଯୋଗାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଭୁବନେଶ୍ୱର- କଟକ- ପୁରୀ- ପାରାଦୀପ ଇକୋନୋମିକ ରିଜିଅନ (ବିସିପିପିଇଆର୍)ର ଅର୍ଥନୀତିକୁ ୨୦୪୭ ସୁଦ୍ଧା ୫୦୦ ବିଲିଅନ ଡଲାର କରିବା ପାଇଁ ଲକ୍ଷ୍ୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସାଂସ୍କୃତିକ କ୍ଷେତ୍ରରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ କର୍ପସ ପାଣ୍ଠି ଗଠନ, ଐତିହ୍ୟ ଗ୍ରାମ ସୁରକ୍ଷା ଓ ବାଲିଯାତ୍ରାକୁ ବିଶ୍ୱ ସ୍ତରରେ ପ୍ରଚାର କରାଯାଉଛି। ୪୮ ବର୍ଷ ପରେ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଅଳଙ୍କାରର ଗଣତିମଣତି କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ।

ଏହି ଦୁଇଦିନିଆ ରାଜ୍ୟସ୍ତରୀୟ ସମ୍ମିଳନୀରେ ୫୦୦ରୁ ଅଧିକ ନୀତି ନିର୍ଦ୍ଧାରକ, ଅଧିକାରୀ ଓ ବିଶେଷଜ୍ଞ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ତଥା ମୁଖ୍ୟ ଶାସନ ସଚିବ ଦେଓ କୁମାର ସିଂ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଓସିଆଇଡି ସଂଗଠନ ସଚିବ ରାଣା ପୃଥ୍ୱୀରାଜ ସିଂହ ଧନ୍ୟବାଦ ଦେଇଥିଲେ।

## ଘର ଆଗରେ ମୃତଦେହ ଛାଡ଼ି ପଳାଇଲେ କମ୍ପାନୀ ମାଲିକ

ମାଲକାନଗିରି,୨୮।୨(ସଂଚାର ବ୍ୟୁରୋ):ଘର ଆଗରେ ମୃତଦେହ ଛାଡ଼ି ପଳାଇଲେ କମ୍ପାନୀ ମାଲିକ। ଏନେଇ ଥାନାରେ ଏତଲା ଦିଆଯାଇଛି। ମାଲକାନଗିରି ଜିଲ୍ଲାର କାଲିମେଳା ଅଞ୍ଚଳରେ ଏହାକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଛି। ଦାଦନ ଖଟିବାକୁ କର୍ଣ୍ଣାଟକ ଯାଇଥିବା ଜନୈକ ଶ୍ରମିକଙ୍କ ମୃତଦେହ ବିଳମ୍ବିତ ରାତିରେ ଘର ସମ୍ମୁଖରେ ଛାଡ଼ି କମ୍ପାନୀ ମାଲିକ ପଳାଇଯାଇଛନ୍ତି। ମୃତକ ଜଣଙ୍କ କାଲିମେଳା ଥାନା ଅନ୍ତର୍ଗତ ଆମ୍ବାଗୁଡ଼ା ଗାଁର ପଦିଆ ମାଡ଼ି ବୋଲି ଜଣାପଡ଼ିଛି। ସେ ୪ ମାସ ପୂର୍ବରୁ କର୍ଣ୍ଣାଟକର ରାଘବେନ୍ଦ୍ର ବୋରୱେଲ ନାମକ ଏକ ଘରୋଇ କମ୍ପାନୀରେ କାମ କରିବାକୁ ଯାଇଥିଲେ। ସେଠାରେ ମାସିକ ୧୨ ହଜାର ଟଙ୍କା ମଜୁରି ଆଶାରେ ସେ ଦାଦନ ଯାଇଥିଲେ।

ତେବେ ଗତ ଗୁରୁବାର କାମ କରୁଥିବା ସମୟରେ ଅଚାନକ ତାଙ୍କ ଛାତିରେ ଏକ ରଡ୍ ପଶିଯବାରୁ ଘଟଣାସ୍ଥଳରେ ହିଁ ପଦିଆଙ୍କ ମୃତ୍ୟୁ ହୋଇଯାଇଥିଲା। ତେବେ ଆଶ୍ଚର୍ଯ୍ୟର କଥା ଯେ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କୌଣସି ସୂଚନା ନ ଦେଇ ନିଜେ କମ୍ପାନୀ ମାଲିକ ଜି. କିଶନ ରାଓ ଓ ତାଙ୍କର କେତେକ କର୍ମଚାରୀ ଅଧରାତିରେ ପଦିଆଙ୍କ ମୃତଦେହକୁ ଘର ଆଗରେ ପକାଇଦେଇ ପଳାଇ ଯାଇଥିବା ଅଭିଯୋଗ ହୋଇଛି। ପୁଲିସ ମୃତଦେହ ଜବତ କରିବା ସହ ପୋଷ୍ଟମର୍ଟମ କରି ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ତଦନ୍ତ ଆରମ୍ଭ କରିଛି। ତେବେ କମ୍ପାନୀ ମାଲିକଙ୍କ ଏପରି ସମ୍ବେଦନହୀନ ଆଚରଣକୁ ସ୍ଥାନୀୟ ଅଞ୍ଚଳରେ ନିନ୍ଦା କରାଯାଉଛି। ସେହିପରି ତୁରନ୍ତ କମ୍ପାନୀ ମାଲିକ ପଦିଆଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବା ସକାଶେ ବି ଦାବି ହେଉଛି।

## ଖଣ୍ଡା ଧରି ରିଲ୍ସ, ବନ୍ଧାହେଲେ ୩ ଯୁବକ



ଅନୁଗୁଳ,୨୮।୨(ସଂଚାର ବ୍ୟୁରୋ):ମହଙ୍ଗା ପଡ଼ିଲା ଖଣ୍ଡା ଧରି ରିଲ୍ସ ବନାଇବା। ବନ୍ଧା ହୋଇଛନ୍ତି ୩ ଯୁବକ। ଅନୁଗୁଳ ଜିଲ୍ଲା ସୁନାକେରଜେଙ୍ଗ କ୍ରିକେଟ ପଡ଼ିଆରେ କେତେକ ଯୁବକ ଖଣ୍ଡା ଓ ଭୁଜାଲି ଧରି ସୁଶାନ୍ତ ନାୟକ ନାମକ ଯୁବକଙ୍କଙ୍କ ଜନ୍ମଦିନ ପାଳିଥିଲେ। ଖଣ୍ଡା ଧରିବା ସହ ଅଶ୍ଳୀଳ ଭାଷା ବ୍ୟବହାର କରି ସେମାନେ ଧମକପୂର୍ଣ୍ଣ ଡାଏଲଗ୍ ବି ମାରିଥିଲେ। ତେବେ ସେମାନଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହା ଉପରେ ସ୍ଥାନୀୟ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୁଲିସ ଏପରି ଏକ ରିଲ୍ସର ତଦନ୍ତ କରି ଏହି ମାମଲାରେ ସୁଶାନ୍ତ ନାୟକ, ରୋହନ ନାୟକ ଓ ସୁଧାଂଶୁ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ସେମାନଙ୍କ ନିକଟରୁ ମାରଣାସ୍ତ୍ର ମଧ୍ୟ ଜବତ କରାଯାଇଛି।

## ହାଶିଶ ତେଲ ଜବତ ଘଟଣାର ପର୍ଦ୍ଦାଫାସ୍ ମାଷ୍ଟରମାଇଣ୍ଡ ସମେତ ୭ ଗିରଫ



କୋରାପୁଟ,୨୮।୨(ସଂଚାର ବ୍ୟୁରୋ):ହାଶିଶ ତେଲ ଜବତ ଘଟଣାରେ ଦୀର୍ଘ ସମୟ ଧରି ଚାଲିଥିବା ହାଶିଶ ତେଲ ତସ୍କରୀ ଘଟଣାରେ ପୁଲିସ ୭ ଜଣଙ୍କୁ ଗିରଫ କରିଛି। ଏନେଇ ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଡିଆଇଜି କନଓ୍ୱାର ବିଶାଳ ସିଂ ସୂଚନା ଦେଇଛନ୍ତି। ତାଙ୍କ ସହ ଏସପି ରୋହିତ ବର୍ମା ଉପସ୍ଥିତ ଥିଲେ। ତେବେ ଘଟଣାର ମାଷ୍ଟରମାଇଣ୍ଡ ଭାବେ କେରଳର ଏଲେନ ଜୟରାଜ (୩୩)ର ନାମ ସାମ୍ନାକୁ ଆସିଛି। ତା' ବିରୋଧରେ ପୂର୍ବରୁ ଗୁରୁତର ଅପରାଧ ଓ ଏନ୍‌ଡିପିଏସ ଆଇନ ମାମଲା ରହିଛି। ଏହି ମାମଲାରେ ଅଦ୍ୟାବଧି ପୁଲିସ କରିଥିବା ତଦନ୍ତ ଅନୁସାରେ, ଅଭିଯୁକ୍ତମାନେ ବହୁ ପରିମାଣରେ ଗଞ୍ଜେଇ ସଂଗ୍ରହ କରି ସେସବୁକୁ ଉଚ୍ଚ ପ୍ରଯୁକ୍ତି ମାଧ୍ୟମରେ ମଲ୍ଟି-ଷ୍ଟେଜ ଏକ୍ସଟ୍ରାକ୍ସନ ପ୍ରକ୍ରିୟାରେ ହାଶିଶ ତେଲ ପ୍ରସ୍ତୁତ କରୁଥିଲେ। ଏହି କାମ ପାଇଁ ଗୁପ୍ତ ଲ୍ୟାବ ସେଟଅପ କରାଯାଇଥିବା ବେଳେ ପ୍ରେସର କୁକର, ପାଇପ, ଡ୍ରମ ଓ ଇସୋପ୍ରୋପିଲ ଆଲକୋହଲ ପରି ରାସାୟନିକ ପଦାର୍ଥ ବ୍ୟବହାର ହେଉଛି। ଫର୍ମେଣ୍ଟେସନ, ଡିଷ୍ଟିଲେସନ ଓ ନିୟନ୍ତ୍ରିତ ତାପ ପ୍ରକ୍ରିୟାରେ ଉଚ୍ଚ ଶୁଦ୍ଧତାର ତେଲ ପ୍ରସ୍ତୁତ କରାଯାଉଥିଲା। ଏହି ଘଟଣାରେ ମାଷ୍ଟରମାଇଣ୍ଡ ଜୟରାଜ (୩୩) ସହ କେରଳର କିରଣ ଡି (୩୩), ଆନନ୍ଦ ରାଜ (୨୮), ବିଥୁ ବି. (୩୪) ସିଣ୍ଡିକେଟ ସଦସ୍ୟ ଭାବେ ମାଲକାନଗିରିର ଲଇଚନ ଖିଲ୍ଲା (୨୫) ଓ କୋରାପୁଟର ସାଧୁ ପାଙ୍ଗି (୪୫), ସ୍ଥାନୀୟ ଲଜିଷ୍ଟିକ୍ସ ସହଯୋଗୀ ଭାବେ ଲକ୍ଷ୍ମଣ ଖିଲ (୨୩) କାମ କରୁଥିବା ଶ୍ରୀ ସିଂହ କହିଛନ୍ତି। ଗିରଫ ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଇନ୍ଦ୍ରାବତୀରେ ଡଙ୍ଗା ବୁଡ଼ି: ଜଣେ ନିଖୋଜ



ଥୁଆମୂଳ ରାମପୁର,୨୮।୨(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ମାଛ ଧରିବାକୁ ଯାଇଥିବା ବେଳେ ଭାରସାମ୍ୟ ହରାଇ ଏକ ଦେଶୀ ଡଙ୍ଗା ଓଲଟି ପଡ଼ିବାରୁ ଜଣେ ବ୍ୟକ୍ତି ନିଖୋଜ ହୋଇଯାଇଛନ୍ତି। ତେବେ ଦୁଇ ଜଣ ସୌଭାଗ୍ୟବଶତଃ ପହଁରି ପହଁରି କୂଳରେ ପହଞ୍ଚିଛନ୍ତି। ନିଖୋଜ ହୋଇଯାଇଥିବା ବ୍ୟକ୍ତି ଜଣଙ୍କ ହେଉଛନ୍ତି ବ୍ରାହ୍ମଣୀ ଚଞ୍ଚରା ଗ୍ରାମର ହର ବେହେରୁକ୍ (୪୫)। ମିଳିଥିବା ସୂଚନାନୁଯାୟୀ, ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସମୟରେ ବ୍ରାହ୍ମଣୀ ଚଞ୍ଚରା ଗ୍ରାମର ଶ୍ରୀ ବେହେରୁଙ୍କ ସହ ରବି ପୂଝାରୀ (୪୫) ଓ ଚନ୍ଦ୍ର ବେହେରା (୩୨) ଏକ ଦେଶୀ ଡଙ୍ଗା ସାହାଯ୍ୟରେ ସିକାଡୁଜି ଗାଁ ନିକଟସ୍ଥ ଜୁରଘାଟରୁ ମାଛ ଧରିବା ପାଇଁ ଜଳଭଣ୍ଡାର ଭିତରକୁ ଯାଇଥିଲେ। ତେବେ ଗଭୀର ଜଳରାଶି ମଧ୍ୟରେ ହଠାତ୍ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏହି ସମୟରେ ରବି ଓ ଚନ୍ଦ୍ର ଜୀବନ ବିକଳରେ ପହଁରି ପହଁରି କୂଳକୁ ଆସିବାରେ ସକ୍ଷମ ହୋଇଥିବା ବେଳେ ଶ୍ରୀ ବେହେରୁକ୍ ନିଖୋଜ ହୋଇଯାଇଥିଲେ। ଘଟଣା ସମ୍ପର୍କରେ ରବି ଓ ଚନ୍ଦ୍ର ସୂଚନା ଦେବା ପରେ ଗ୍ରାମବାସୀ ତୁରନ୍ତ ସ୍ଥାନୀୟ ପ୍ରଶାସନ, ଥୁଆମୂଳ ରାମପୁର ଥାନା ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଓ ଅଗ୍ନିଶମ ବିଭାଗର ଓଡ୍ରାଫ ଟିମ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଶ୍ରୀ ବେହରୁକ୍‌ଙ୍କର କୌଣସି ଖୋଜ୍‌ଖବର ମିଳିପାରିନାହିଁ।

## ଗାଁ ଦାଣ୍ଡରେ ଗୃହରକ୍ଷୀଙ୍କୁ ମାଡ଼ମାରି ୨ଗିରଫ

ନୟାଗଡ଼,୨୮।୨(ସଂଚାର ବ୍ୟୁରୋ): ଗାଁ ଦାଣ୍ଡରେ ଜନୈକ ଗୃହରକ୍ଷୀଙ୍କୁ ମାଡ଼ ମାରିଥିବା ଅଭିଯୋଗରେ ସ୍ଥାନୀୟ ପୁଲିସ୍ ଦୁଇ ଜଣଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଶରଣକୁଳ ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣାରେ ଅନ୍ୟ ଦୁଇ ଜଣ ଫେରାର୍ ଥିବା ପୁଲିସ୍ କହିଛି। ମିଳିଥିବା ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଅନ୍ତର୍ଗତ ପୁଆଣିଆ ଗାଁର ସୁଶାନ୍ତ କୁମାର ସାହୁ ଗୃହରକ୍ଷୀ ଭାବେ କାର୍ଯ୍ୟ କରୁଛନ୍ତି। ତେବେ ଗତ ୨୩ ତାରିଖରେ ସେ ଗାଁରେ ହେଉଥିବା ଡ୍ରାମା ରିହର୍ସାଲ ଦେଖିବାକୁ ଯାଇଥିଲେ। ସେଠାରେ ସେ ଡ୍ରାମା ଦେଖୁଥିବା ସମୟରେ ଏହା ଭଲ ହେଉନଥିବା କହିଥିଲେ। ସୁଶାନ୍ତଙ୍କ ଏପରି ପ୍ରତିକ୍ରିୟାରେ ଗାଁର ଦୁଇ ଜଣ ଯୁବକ କାହ୍ନୁ ମହାପାତ୍ର ଓ ଦୀପୁ ମହାପାତ୍ର ଦୁଇ ଜଣ ସହଯୋଗୀଙ୍କ ସହ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ସେମାନେ ସୁଶାନ୍ତଙ୍କୁ ଗାଁ ଦାଣ୍ଡରେ ଦଉଡ଼ିରେ ବାନ୍ଧି ମାଡ଼ ମାରିଥିଲେ। ତେବେ ପରେ ଆପୋଷ ବୁଝାମଣା ପାଇଁ ଗାଁ ସଭାପତି ଉଦ୍ୟମ କରିଥିଲେ ହେଁ ଏହାକୁ ସୁଶାନ୍ତ ବିରୋଧ କରିଥିଲେ। ଫଳରେ ଉକ୍ତ ଯୁବକମାନେ ସେଠାରେ ମଧ୍ୟ ସୁଶାନ୍ତଙ୍କୁ ମାଡ଼ ମାରିଥିଲେ। ଏନେଇ ଶରଣକୁଳ ଥାନାରେ ସୁଶାନ୍ତ ଲିଖିତ ଅଭିଯୋଗ କରିବା ପରେ ଏହାକୁ ଆଧାର କରି ପୁଲିସ୍ ଦୁଇ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଦୁଇ ଜଣ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି।

● ହଷ୍ଟେଲରେ ର୍‍ୟାଗିଂ ଅଭିଯୋଗ

## ଛାତ୍ରଙ୍କୁ ଆଣ୍ଠେଇଦେଲେ, ମାଡ଼ ବି ମାରିଲେ

ମୟୂରଭଞ୍ଜ,୨୮।୨(ସଂଚାର ବ୍ୟୁରୋ): ହଷ୍ଟେଲରୁ ଆସିଛି ର୍‍ୟାଗିଂ ଭଳି ସାଙ୍ଘାତିକ ଅଭିଯୋଗ। ୩ ଜଣ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ସେମାନଙ୍କ ଉପର କ୍ଲାସ୍‌ର କେତେକ ଛାତ୍ର ର୍‍ୟାଗିଂ କରିଥିବା ଅଭିଯୋଗ ହୋଇଛି। ଉକ୍ତ ଛାତ୍ରମାନେ ହଷ୍ଟେଲ ପଛ ପାଖରେ ଖେଳୁଥିବାରୁ ସେମାନଙ୍କୁ ନିର୍ଯାତନା ଦିଆଯାଇଛି। ମିଳିଥିବା ସୂଚନାନୁସାରେ, ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଏପରି ଅଭିଯୋଗ ଆସିଛି। ୩ ଜଣ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ନବମ ଶ୍ରେଣୀରେ ପଢୁଥିବା ଦୁଇ ଜଣ ଛାତ୍ର ହଷ୍ଟେଲ ବାହାରେ ଆଣ୍ଠେଇଦେଇଥିଲେ। ଉକ୍ତ ସମୟର ଭିଡିଓ ବି ଭାଇରାଲ୍ ହୋଇଛି। ଭିଡିଓ ଦେଖିବା ପରେ ରାତିରେ ବିଦ୍ୟାଳୟରେ ଅଭିଭାବକମାନେ ପହଞ୍ଚିବା ସହ ଏନେଇ କେତେକ ସାଙ୍ଘାତିକ ଖୁଲାସା କରିଛନ୍ତି। ସେମାନଙ୍କ କହିବା କଥା ଯେ, ୨ ଜଣ ଛାତ୍ର ନୁହଁନ୍ତି ବରଂ ୮ରୁ ୯ ଜଣ ଛାତ୍ରଙ୍କୁ ଉକ୍ତ ନବମ ଶ୍ରେଣୀର ଛାତ୍ରମାନେ ହଷ୍ଟେଲରେ ଆଣ୍ଠେଇ ଦେବା ସହ ମାଡ଼ ମାରିଛନ୍ତି।

## ରାଜ୍ୟରେ ବଢୁଛି ତାପମାତ୍ରା



ଭୁବନେଶ୍ୱର, ୨୮।୨ (ସଂଚାର ବ୍ୟୁରୋ) : ଗ୍ରୀଷ୍ମ ନଆସୁଣୁ ଖରା ତାଉ ଦେଖାଇଲାଣି। ରାଜ୍ୟରେ ବଢୁଛି ତାପମାତ୍ରା। ପାଣିପାଗ ବିଭାଗ ପୂର୍ବାନୁମାନ କରିଛି, ରାଜ୍ୟରେ ଏବେ କୌଣସି ପାଣିପାଗ ସିଷ୍ଟମ ନାହିଁ। ପାଗ ଶୁଖିଲା ରହିବ। ଫଳରେ ଆଗକୁ ଖରା ପ୍ରକୋପ ଆହୁରି ବଢ଼ିପାରେ। ଗତକାଲି ଝାରସୁଗୁଡ଼ାରେ ତାପମାତ୍ରା ୩୭ ଡିଗ୍ରୀ ସେଲସିୟସ୍ ଛୁଇଁଥିଲା। ଯାହାକି ସ୍ୱାଭାବିକଠାରୁ ୩ ଡିଗ୍ରୀ ଅଧିକ ରହିଥିଲା। ରାଜ୍ୟର ୬ଟି ସ୍ଥାନରେ ଏବେ ପାରଦ ୩୫ ଡିଗ୍ରୀ ଉପରେ ରହିଛି। ଆସନ୍ତା ସପ୍ତାହରେ ତାପମାତ୍ରା ୨-୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ସମ୍ଭାବନା ରହିଛି।

## ବଲାଙ୍ଗିର ପୂର୍ତ୍ତ ବିଭାଗ ପଛର ଷଡ଼ଯନ୍ତ୍ର

● ସାମିଲ ଅଛନ୍ତି ଉପକୃତ ଠିକାଦାର
● ବିନା ଟେଣ୍ଡରରେ କରୁଥିଲେ କାମ

ବଲାଙ୍ଗିର,୨୮।୨(ସଂଚାର ବ୍ୟୁରୋ): ଗତ କିଛି ଦିନ ହେଲା ବଲାଙ୍ଗିର ପୂର୍ତ୍ତ ବିଭାଗ ଆଉ କିଛି ସି' କ୍ଲାସ ଠିକାଦାରଙ୍କ ମଧ୍ୟରେ ଝଗଡ଼ା ଲାଗିଥିଲା, ଯାହାପାଇଁ ଗତ ୨୧ ତାରିଖରେ ବଲାଙ୍ଗିର ଟାଉନ ଥାନାରେ ଏଫ୍‌ଆଇଆର୍ ଦିଆଯାଇଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ (ଏସଇ) ଓ ସମସ୍ତ କର୍ମଚାରୀ ଠିକାଦାର ପ୍ରେମରଞ୍ଜନ ପାଣିଗ୍ରାହୀଙ୍କ ନାଁରେ ଏଫ୍‌ଆଇଆର ଦେଇଥିଲେ। ଉକ୍ତ ଏଫ୍‌ଆଇଆରରେ ମହିଳା ଅଧିକାରୀଙ୍କୁ ଅଭଦ୍ର ବ୍ୟବହାର ସହ ଜାତିଆଣ ଟିପ୍ପଣୀ ଦେଇଥିବା ଭଳି ଅଭିଯୋଗ ଥିଲା। ନିଜକୁ ବଞ୍ଚାଇବା ପାଇଁ ପ୍ରେମ ରଞ୍ଜନ ପାଣିଗ୍ରାହୀ ମଧ୍ୟ ପୂର୍ତ୍ତ ବିଭାଗ ନାଁରେ ପାଲଟା ଏଫ୍‌ଆଇଆର ଦେଇଥିଲେ।

ତେବେ ଏସବୁ ପଛରେ କିଏ ରହିଛି, ତାହା ଜାଣିବା ଦରକାର। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ତଦନ୍ତରୁ ଜଣାପଡିଲା ଯେ ପ୍ରେମ ରଞ୍ଜନ ପାଣିଗ୍ରାହୀ, ସଜ୍ଜନ ଆଚାର୍ଯ୍ୟ, ଯୋଗୀ, ପ୍ରଦୋଷ ପାଣିଗ୍ରାହୀ ଓ ଜୟକୃଷ୍ଣ ପଟ୍ଟନାୟକ ଏସବୁ ପଛରେ ରହିଛନ୍ତି। ଆର୍ଯ୍ୟୁବେଦିକ କଲେଜରେ ପ୍ରେମ ରଞ୍ଜନ ପାଣିଗ୍ରାହୀ ଓ ଯୋଗୀ ମନ ଇଚ୍ଛା ବିଭାଗ ଅଜାଣତରେ କାମ କରୁଥିଲେ। ପୂର୍ତ୍ତ ବିଭାଗ ସେମାନଙ୍କୁ ତାଗିଦ କରିବା ସହ ସବୁ କାମ ଅନଲାଇନ୍‌ରେ ଟେଣ୍ଡର ଜରିଆରେ କରିଥିଲା। ଅଭିଯୋଗ ହେଉଥିଲା ଯେ ପ୍ରେମ ରଞ୍ଜନ ପାଣିଗ୍ରାହୀ କଲେଜରେ ଜୋର ଜବରଦସ୍ତି କାମ କରୁଥିଲା। ଏସବୁ ପରେ ଜନୈକ ଠିକାଦାର ଏସଡିଓ ଓ ଜେଇଙ୍କୁ ଖରାପ ବ୍ୟବହାର କରୁଥିଲା ଏବଂ ଉପକୃତ ଠିକାଦାରଙ୍କୁ ନେଇ ପୂର୍ତ୍ତ ବିଭାଗ ନାଁରେ ଷଡଯନ୍ତ୍ର ରଚୁଥିଲା। ଏସବୁର ପରିଣାମ ହେଉଛି ସେମାନଙ୍କ ସହ ପୂର୍ତ୍ତ ବିଭାଗର କଥା କଟାକଟି ଆଉ ଝଗଡ଼ା। ଅଭିଯୋଗ ହେଉଛି ଯେ ବଲାଙ୍ଗିରରେ ଏମାନେ ବହୁତ ଦିନ ଧରି ଏମିତି ଡରାଇ ଧମକାଇ କାମ କରୁଥିଲେ ଆଉ ସେସବୁ ନ ହେବା ପରେ ପୂର୍ତ୍ତ ବିଭାଗକୁ ବଦନାମ କରୁଛନ୍ତି। ଏବେ ମାମଲା କୋର୍ଟରେ ବିଚାରାଧୀନ ରହିଛି। ଆଗକୁ ଏହାର ସମାଧାନ ହେବ ଓ ଦୋଷୀ କି ପ୍ରକାର ଦଣ୍ଡ ପାଇବ, ତା' ଆଗାମୀ ଦିନରେ ହିଁ ଜଣାପଡ଼ିବ।

## କର୍ପୋରେଟ୍ ଟାଇକୁନ ସଂତୃପ୍ତ ମିଶ୍ର ସେବାକୁ ବ୍ରତ କରିଛନ୍ତି ଡାକ୍ତର ହୋତା



ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ): ସବୁ କଳ୍ପନାଜଳ୍ପନାର ଅବସାନ ଘଟାଇ ଆଜି ନବୀନ ପଟ୍ଟନାୟକ ଡକ୍ଟର ସଂତୃପ୍ତ ମିଶ୍ର ଓ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କୁ ବିଜେଡିରୁ ରାଜ୍ୟସଭା ପ୍ରାର୍ଥୀ ଭାବେ ଘୋଷାଣା କରିଛନ୍ତି। ଜଣେ କର୍ପୋରେଟ ୱାର୍ଲ୍ଡ ଟାଇକୁନ ଓ ଆଉ ଜଣେ ଚିକିତ୍ସା ବିଜ୍ଞାନରେ ଖ୍ୟାତନାମା ଚେହେରା।

ସଂତୃପ୍ତ ମିଶ୍ର ଏବେ ନବୀନଙ୍କ ରାଜନୈତିକ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଏଥିସହ ସେ ଦଳର ରାଜନୈତିକ ବ୍ୟାପାର କମିଟି (ପିଏସି)ର ସଦସ୍ୟ ବି ଅଛନ୍ତି। ଗତ ସାଧାରଣ ନିର୍ବାଚନରେ କଟକ ଲୋକସଭା ସାଂସଦ ପ୍ରାର୍ଥୀ ହୋଇଥିଲେ ସଂତୃପ୍ତ। କର୍ପୋରେଟ ଜଗତରୁ ରାଜନୀତିକୁ ଆସିଥିବା ଡକ୍ଟର ସଂତୃପ୍ତ ମିଶ୍ର ବିର୍ଲା ଗ୍ରୁପର ମାନବ ସମ୍ବଳ ବିଭାଗର ସିଇଓ ପରି ପ୍ରତିଷ୍ଠିତ ପଦବୀରେ କାର୍ଯ୍ୟ କରିଛନ୍ତି। ବୁର୍ଲାରେ ଜନ୍ମଗ୍ରହଣ କରିଥିବା ସଂତୃପ୍ତ କଟକର ସେକେଣ୍ଡାରି ବୋର୍ଡ ସ୍କୁଲର ଛାତ୍ର। ସେ ପଲିଟିକ୍ସ ଆଣ୍ଡ ପର୍ସୋନେଲ ମ୍ୟାନେଜମେଣ୍ଟ ଓ ଆଇଆରରେ ଉତ୍କଳ ବିଶ୍ୱବିଦ୍ୟାଳୟ ସମେତ ମୁମ୍ବାଇର ଟାଟା ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସରୁ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଆଷ୍ଟନ ବିଜନେସ ସ୍କୁଲରୁ ପବ୍ଲିକ ଆଡମିନିଷ୍ଟ୍ରେସନ ଓ ଇଣ୍ଡଷ୍ଟ୍ରିଆଲ ରିଲେସନ୍ସରେ ସେ ଡକ୍ଟରେଟ ବି କରିଛନ୍ତି। ଇଂଲଣ୍ଡର ଆଷ୍ଟନ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ଭାବେ ତାଙ୍କୁ ହନୋରି କାଉସା ଡକ୍ଟର ଅଫ୍ ସାଇନ୍ସ ଡିଗ୍ରୀରେ ବି ସମ୍ମାନିତ କରାଯାଇଛି। ରାୟଗଡ଼ାର ଜେକେ ପେପରରୁ ତାଙ୍କର କର୍ପୋରେଟ ଜଗତ ସହ ସମ୍ପର୍କ ଆରମ୍ଭ ହୋଇଥିଲା। ଏହାପରେ ସେ ଆଦିତ୍ୟ ବିର୍ଲା ଗ୍ରୁପ୍ ସହ ଯୋଡ଼ି ହୋଇଥିଲେ। ରାଉରକେଲା ଏନଆଇଟି ଓ ଏକ୍ସଆଇଏମ ଭୁବନେଶ୍ୱରର ବୋର୍ଡ ଅଫ୍ ଗଭର୍ଣ୍ଣରର ସଦସ୍ୟ ଭାବେ ବି ଦାୟିତ୍ୱ ନିର୍ବାହ କରିଥିଲେ ସଂତୃପ୍ତ। ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ସେ ଏକାମ୍ର ପ୍ରକଳ୍ପ ଉପଦେଷ୍ଟା କମିଟିର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ।

ସେହିପରି ଡାକ୍ତର ଦଣ୍ଡେଶ୍ୱର ହୋତା ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଭାବେ କାର୍ଯ୍ୟ କରିଛନ୍ତି। ୟୁରୋଲୋଜି ବିଭାଗରେ କ୍ୟାପିଟାଲ ହସ୍ପିଟାଲରେ ମଧ୍ୟ କାର୍ଯ୍ୟ କରିସାରିଛନ୍ତି ସେ। ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ଥିବା ଡାକ୍ତର ଟିମର ମୁଖ୍ୟ ମଧ୍ୟ ଥିଲେ ଡାକ୍ତର ହୋତା। ଡାକ୍ତର ଦଣ୍ଡେଶ୍ୱର ହୋତା ଜଣେ ବରିଷ୍ଠ ୟୁରୋଲୋଜିଷ୍ଟ। ମୂତ୍ର ରୋଗ ଓ କିଡନୀ ପ୍ରତିରୋପଣ କ୍ଷେତ୍ରରେ ଚାରି ଦଶନ୍ଧିର ଅଭିଜ୍ଞତା ରହିଛି। ସେ କଟକ ଏସସିବି ମେଡିକାଲ କଲେଜରୁ ଏମବିବିଏସ ଓ ଏମଏସ କରିଛନ୍ତି। ଏହାପରେ ଚଣ୍ଡୀଗଡ଼ର ପିଜିଆଇଏମଇଆରରୁ ୟୁରୋଲେଜିରେ ପିଜି କରିଥିଲେ। ଏସସିବି ମେଡିକାଲ କଲେଜର ୟୁରୋଲୋଜି ମୁଖ୍ୟ ଭାବେ ବି ସେ କାର୍ଯ୍ୟ କରିଛନ୍ତି। ସେଠାରେ ସେ ପ୍ରଫେସର, ପ୍ରିନ୍ସିପାଲ ଓ ଡିନ୍ ବି ଥିଲେ। ୨୦୨୩ ମାର୍ଚ୍ଚରେ ତାଙ୍କୁ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଭାବେ ଦାୟିତ୍ୱ ଦେଇଥିଲେ ତତ୍କାଳୀନ ରାଜ୍ୟପାଳ। ତାଙ୍କ ସମୟରେ ଏସସିବି ମେଡିକାଲ କଲେଜରେ ଲିଭର ପ୍ରତିରୋପଣ ୟୁନିଟ୍ ଆରମ୍ଭ ହୋଇଥିଲା।

### ଅପରେସନ ସାଇବର କବଚ

# ୨୧୧୬୨ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ, ୨୭୩ ଗିରଫ

ଭୁବନେଶ୍ୱର,୨୮।୨(ସଂଚାର ବ୍ୟୁରୋ): ସାଇବର ଅପରାଧ ଉପରେ ଲଗାମ ଲଗାଇବା ସକାଶେ ରାଜ୍ୟରେ ଚାଲିଥିବା ବିଶେଷ ଅଭିଯାନ 'ଅପରେସନ ସାଇବର କବଚ'ରେ ଆଜି ମୋଟ ୨୧୧୬୨ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିବା ବେଳେ ଏ ସମ୍ପର୍କିତ ୬୯୬ଟି ସାଇବର ମାମଲା, ଏଟିଏମ୍ ଟଙ୍କା ଉଠାଣ ସମ୍ପର୍କିତ ୩୧ଟି, ଚେକ୍ ଟଙ୍କା ଉଠାଣ ସମ୍ପର୍କିତ ୨୫ଟି ଓ ନକଲି ସିମ୍/ପିଓଏସ୍ ଯାଞ୍ଚ ସମ୍ପର୍କିତ ୧୫ଟି ମାମଲା ରୁଜୁ ହୋଇଛି। ଏଥିସହ ୨୭୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ନୂଆ ମାମଲା ଓ ୧୪୫ଟି ପୁରୁଣା ଏଫ୍‌ଆଇଆର୍ ସହ ସମ୍ପୃକ୍ତ ୪୮୬୦ ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି।

ଏହି ବିଶେଷ ଅଭିଯାନରେ କଟକ ଜିଲ୍ଲା ପୁଲିସ ୫୦ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ସମ୍ପୃକ୍ତ ୨ଟି ଓ ନକଲି ସିମ୍/ପିଓଏସ୍ ସମ୍ପୃକ୍ତ ଗୋଟିଏ ମାମଲା ରୁଜୁ କରିଥିବା ବେଳେ ନୂଆ ମାମଲା ଓ ୨ଟି ପୁରୁଣା ଏଫ୍‌ଆଇଆର୍ ସହ ସମ୍ପୃକ୍ତ ୧୦ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ସେହିପରି ଜଗତସିଂହପୁର ଜିଲ୍ଲା ପୁଲିସ ୧୦୫ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ଗୋଟିଏ ମାମଲା ରୁଜୁ କରି ଜଣଙ୍କୁ ନୋଟିସ୍ ଜାରି କରିଛି। ଯାଜପୁର ଜିଲ୍ଲା ପୁଲିସ ୯୮ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୩ଟି ମାମଲା ରୁଜୁ କରିବା ସହ ନୂଆ ମାମଲା ଓ ଗୋଟିଏ ପୁରୁଣା ଏଫ୍‌ଆଇଆର୍ ସମ୍ପୃକ୍ତ ୨୬ ଜଣଙ୍କୁ, ପୁରୀ ଜିଲ୍ଲା ପୁଲିସ ୧୮୯ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୬ଟି ମାମଲା, ବରଗଡ଼ ଜିଲ୍ଲା ପୁଲିସ ୮୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ସମ୍ପୃକ୍ତ ଗୋଟିଏ ଓ ନକଲି ସିମ୍/ପିଓଏସ୍ ସମ୍ପୃକ୍ତ ଗୋଟିଏ ମାମଲା ରୁଜୁ କରି ୩ ଜଣଙ୍କୁ ଗିରଫ କରିଥିବା ବେଳେ ୭ ଜଣଙ୍କୁ ନୋଟିସ୍, ଝାରସୁଗୁଡ଼ା ଜିଲ୍ଲା ପୁଲିସ ୧୬୫ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ମାମଲା ରୁଜୁ କରି ୮ ଜଣଙ୍କୁ ଆଇନଗତ ନୋଟିସ୍, ସମ୍ବଲପୁର ଜିଲ୍ଲା ପୁଲିସ ୧୫୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ୧୨ ଜଣଙ୍କୁ ନୋଟିସ୍, ସୁବର୍ଣ୍ଣପୁର ଜିଲ୍ଲା ପୁଲିସ ଗୋଟିଏ ମାମଲା ରୁଜୁ କରି ୭ ଜଣଙ୍କୁ ଆଇନଗତ ନୋଟିସ୍, କେନ୍ଦୁଝର ଜିଲ୍ଲା ପୁଲିସ ୧୩୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୬ଟି ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିବା ସହ ୩ ଜଣଙ୍କୁ ନୋଟିସ୍, ରାଉରକେଲା ଜିଲ୍ଲା ପୁଲିସ ୫୦ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨୬ଟି ମାମଲା ରୁଜୁ କରି ୨୩ ଜଣଙ୍କୁ ନୋଟିସ୍, ସୁନ୍ଦରଗଡ଼ ଜିଲ୍ଲା ପୁଲିସ ୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୩ଟି ମାମଲା ରୁଜୁ କରି ୩ ଜଣଙ୍କୁ ନୋଟିସ୍, ବାଲେଶ୍ୱର ଜିଲ୍ଲା ପୁଲିସ ୬୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୪ଟି ମାମଲା ରୁଜୁ କରି ୧୫ ଜଣଙ୍କୁ ନୋଟିସ୍, କଟକ (ୟୁପିଡି) ଜିଲ୍ଲା ପୁଲିସ ୧୩୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ଗୋଟିଏ ମାମଲା ରୁଜୁ କରି ୨୦ ଜଣଙ୍କୁ ଆଇନଗତ ନୋଟିସ୍, ଗଞ୍ଜାମ ଜିଲ୍ଲା ପୁଲିସ ୨୮ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ଗୋଟିଏ ମାମଲା ରୁଜୁ କରି ୪ ଜଣଙ୍କୁ ଗିରଫ କରିଥିବା ବେଳେ ୧୨ ଜଣଙ୍କୁ ନୋଟିସ୍ ଜାରି କରିଛି।

ଏହାଛଡ଼ା ଅନୁଗୁଳ ଜିଲ୍ଲା ପୁଲିସ ୫୫ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ସମ୍ପୃକ୍ତ ୧୨ଟି, ଏଟିଏମ୍ ଟଙ୍କା ଉଠାଣ ସମ୍ପୃକ୍ତ ଗୋଟିଏ ଏବଂ ଚେକ୍ ଟଙ୍କା ଉଠାଣ ସମ୍ପୃକ୍ତ ୨ଟି ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ୫୭ ଜଣଙ୍କୁ ଆଇନଗତ ନୋଟିସ୍, ମାଲକାନଗିରି ଜିଲ୍ଲା ପୁଲିସ ୧୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ଗୋଟିଏ ମାମଲା ରୁଜୁ କରି ୩ ଜଣଙ୍କୁ ନୋଟିସ୍, କେନ୍ଦ୍ରାପଡ଼ା ଜିଲ୍ଲା ପୁଲିସ ୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ, ଖୋର୍ଦ୍ଧା ଜିଲ୍ଲା ପୁଲିସ ଏଟିଏମ୍ ଟଙ୍କା ଉଠାଣ ସମ୍ପୃକ୍ତ ୨ଟି ମାମଲା ରୁଜୁ କରି ୨ ଜଣଙ୍କୁ ନୋଟିସ୍, ନୟାଗଡ଼ ଜିଲ୍ଲା ପୁଲିସ ୨୧୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨୩୮ ଜଣଙ୍କୁ ଆଇନଗତ ନୋଟିସ୍, ଭଦ୍ରକ ଜିଲ୍ଲା ପୁଲିସ ୧୩୯ଟି ଓ ମୟୂରଭଞ୍ଜ ଜିଲ୍ଲା ପୁଲିସ ୧୦୫ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଥିବା ବେଳେ ମୟୂରଭଞ୍ଜରେ ୧୨ ଜଣଙ୍କୁ ନୋଟିସ୍, ଭୁବନେଶ୍ୱର (ୟୁପିଡି) ଜିଲ୍ଲା ପୁଲିସ ୩୭୮ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ଗୋଟିଏ ପୁରୁଣା ଏଫ୍‌ଆଇଆର୍ ସମ୍ପୃକ୍ତ ଜଣଙ୍କୁ ନୋଟିସ୍ ଜାରି କରିଛି। ବ୍ରହ୍ମପୁର ଜିଲ୍ଲା ପୋଲିସ ୯୦ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ପୁରୁଣା ଏଫ୍‌ଆଇଆର୍ ସମ୍ପୃକ୍ତ ଜଣଙ୍କୁ ଗିରଫ କରିଥିବା ବେଳେ ବୌଦ୍ଧ ଜିଲ୍ଲା ପୁଲିସ ୧୫୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧୫୨ ଜଣଙ୍କୁ ନୋଟିସ୍ ଜାରି କରିଛି।



ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

### ୧୬୦ ବର୍ଷ ପରେ

# ଇଷ୍ଟ୍ ଇଣ୍ଡିଆ କମ୍ପାନିରେ ପୁଣି ତାଲା

ଲଣ୍ଡନ, ୨୮।୨: ଇଷ୍ଟ୍ ଇଣ୍ଡିଆ କମ୍ପାନି ଭାରତକୁ ବ୍ୟବସାୟ କରିବାକୁ ଆସିଥିଲା। ସେହି କମ୍ପାନି ଜରିଆରେ ବ୍ରିଟିଶମାନେ ଭାରତକୁ ଶାସନ କରିଥିଲେ। ୧୮୫୭ର ସିପାହୀ ବିଦ୍ରୋହ ପରେ କମ୍ପାନିରେ ପ୍ରଥମ ଥର ପାଇଁ ତାଲା ପଡ଼ିଥିଲା। ଏହାର ୧୬୦ ବର୍ଷରୁ ଅଧିକ ସମୟ ପରେ ପୁଣି ଥରେ ସେହି କମ୍ପାନି ବନ୍ଦ ହୋଇଛି। ଇଷ୍ଟ୍ ଇଣ୍ଡିଆ କମ୍ପାନିର ପୁନରୁଦ୍ଧାର କରିବା ଲାଗି ଭାରତୀୟ ଉଦ୍ୟୋଗୀ ସଞ୍ଜୀବ ମେହେଟ୍ଟା କିଛି ଅଂଶଧନକାରୀଙ୍କଠାରୁ କମ୍ପାନିକୁ କିଣିଥିଲେ। ୨୦୧୦ରେ ସେ ଲଣ୍ଡନରେ ତାହାକୁ ଏକ ବିଳାସପୂର୍ଣ୍ଣ ଖାଦ୍ୟ ଓ ପାନୀୟ ବ୍ରାଣ୍ଡ୍ ଭାବେ ଉପସ୍ଥାପନ କରିଥିଲେ। କମ୍ପାନି ଷ୍ଟୋର୍‌ରେ ଚା, ଚକୋଲେଟ୍ ଓ ଅନ୍ୟାନ୍ୟ ବିଳାସପୂର୍ଣ୍ଣ ସାମଗ୍ରୀ ବିକ୍ରି ହେଉଥିଲା। ତେବେ କମ୍ପାନି ଗ୍ରାହକଙ୍କ ଦ୍ୱାରା ବିଶେଷ ଆଦୃତ ହୋଇନଥିଲା। ଏହାର ଷ୍ଟୋର୍‌ରୁ ଜିନିଷ ଶେଷ ହୋଇଯାଇଥିଲା। ଇଷ୍ଟ ଇଣ୍ଡିଆ କମ୍ପାନି ସମେତ ମେହେଟ୍ଟାଙ୍କ ଅନ୍ୟ କମ୍ପାନିଗୁଡ଼ିକ ବନ୍ଦ ବନ୍ଦ ହୋଇଛି। କମ୍ପାନିଗୁଡ଼ିକୁ ବନ୍ଦ କରିବାକୁ ଗତବର୍ଷ ଅକ୍ଟୋବରରେ ଲିକ୍ୱିଡେଟର ନିଯୁକ୍ତ କରାଯାଇଥିଲା। ଏହି ସଂସ୍ଥାକୁ ବ୍ରିଟିଶ ଭର୍ଜିନ ଆଇଲ୍ୟାଣ୍ଡ୍‌ରେ ପଞ୍ଜିକୃତ କରାଯାଇଥିଲା। ମୁମ୍ବାଇର ଏକ ଗୁଜରାଟୀ ପରିବାରରେ ଜନ୍ମ ହୋଇଥିବା ସଞ୍ଜୀବଙ୍କ ଜେଜେବାପା ବେଲଜିୟମରେ ହୀରା ବ୍ୟବସାୟ କରୁଥିଲେ। ମୁମ୍ବାଇରେ ପାଠପଢ଼ା ଶେଷ କରିବା ପରେ ସେ ଆମେରିକା ପଢ଼ିବାକୁ ଯାଇଥିଲେ। ସେଠାରେ ସେ ନିଜ ବାପାଙ୍କ ହୀରା ବ୍ୟବସାୟରେ ଯୋଗଦେଇଥିଲେ। ୧୧୯୮୯ରେ ସେ ଲଣ୍ଡନ ଚାଲିଯାଇଥିଲେ। ସୋଭିଏତ ୟୁନିୟନରେ ଔଷଧ ବିକ୍ରି କରୁଥିବା ତାଙ୍କ ଶ୍ୱଶୁର ୨୦୦୦ ମସିହା ବେଳକୁ ତାଙ୍କୁ ନିଜ ବ୍ୟବସାୟ ଆରମ୍ଭ କରିବାରେ ସାହାଯ୍ୟ କରିଥିଲେ।

ଅତୀତରେ ଇଷ୍ଟ ଇଣ୍ଡିଆ କମ୍ପାନି ଭାରତୀୟଙ୍କୁ ଅକଥନୀୟ ନିର୍ଯ୍ୟାତନା ଓ ଶୋଷଣ ଲାଗି କୁଖ୍ୟାତି ହାସଲ କରିଥିଲା। ବିଦ୍ରୋହ ପରେ କମ୍ପାନି ନିଜର ଅସ୍ତିତ୍ୱ ହରାଇଥିଲା। ଉନବିଂଶ ଶତାବ୍ଦୀ ଆରମ୍ଭ ବେଳକୁ ଭାରତରେ ଇଷ୍ଟ୍ ଇଣ୍ଡିଆ କମ୍ପାନିର ୨,୫୦,୦୦୦ରୁ ଅଧିକ ନିଜସ୍ୱ ସୈନିକ ଥିଲେ। ଅତୀତର ଇଷ୍ଟ୍ ଇଣ୍ଡିଆ କମ୍ପାନି ଭାରତୀୟ ଇତିହାସରେ ଏକ ବଡ଼ କଳାଦାଗ ହୋଇରହିଛି। କମ୍ପାନି କ୍ରୀତଦାସ ବିନିମୟରେ ଲିପ୍ତ ଥିବା ଅଭିଯୋଗ ରହିଛି। କିନ୍ତୁ ଦେଢ଼ ଶତାବ୍ଦୀ ପରେ ଉକ୍ତ କମ୍ପାନିକୁ କିଣି ତାହାକୁ ପୁନରୁଦ୍ଧାର କରିବାକୁ ସଞ୍ଜୀବ କରିଥିବା ଉଦ୍ୟମ ବିଫଳ ହୋଇଛି। ଏଥର ନିରବରେ କମ୍ପାନିରେ ତାଲା ପଡ଼ିଯାଇଛି। ତୃତୀୟ ଥର ପୁନରୁଦ୍ଧାରର କୌଣସି ସମ୍ଭାବନା ବି ଦେଖାଯାଉନାହିଁ।






## ଟ୍ରମ୍ପଙ୍କ ୫୦% ଟାରିଫ୍ ସତ୍ତ୍ୱେ ଅର୍ଥବ୍ୟବସ୍ଥା ମଜଭୁତ

ନୂଆଦିଲ୍ଲୀ,୨୮।୨: ଆର୍ଥିକବର୍ଷ ୨୦୨୫-୨୬ର ତୃତୀୟ ତ୍ରୟମାସରେ ଭାରତର ବାସ୍ତବ ଜିଡିପି ଅଭିବୃଦ୍ଧି ରହିଛି ୭.୮%। ପରିସଂଖ୍ୟାନ ଏବଂ ଯୋଜନା କାର୍ଯ୍ୟାନ୍ୱୟନ ମନ୍ତ୍ରାଳୟ ପକ୍ଷରୁ ଆଜି ଜାରି ହୋଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ଏଥର ଜିଡିପିର ଗଣନା ମୂଳ ବର୍ଷ ୨୦୧୧-୧୨ ବଦଳରେ ୨୦୨୨-୨୩ ଆଧାରରେ କରାଯାଇଛି। ସଂଶୋଧିତ ସିରିଜ୍ ଅନୁସାରେ, ୨୦୨୫-୨୬ ଆର୍ଥିକବର୍ଷ ଅକ୍ଟୋବର-ଡିସେମ୍ବର ତ୍ରୟମାସରେ ଭାରତୀୟ ଅର୍ଥନୀତି ୭.୮% ହାରରେ ବଢ଼ିଛି, ଯାହାକି ପୂର୍ବ ଆର୍ଥିକବର୍ଷ ସମାନ ତ୍ରୟମାସରେ ଥିଲା ୭.୪%। ଏହି ନୂଆ ସିରିଜ୍ ହିସାବରେ ଆଲୋଚ୍ୟ ତ୍ରୟମାସରେ ବାସ୍ତବ ଜିଡିପି ୮୪.୫୪ ଲକ୍ଷ କୋଟି ଟଙ୍କା ରହିଛି, ଯାହା ଗତ ଆର୍ଥିକବର୍ଷ ସମାନ ତ୍ରୟମାସରେ ୭୮.୪୧ ଲକ୍ଷ କୋଟି ଟଙ୍କା ଥିଲା। ସରକାର ସମ୍ପୂର୍ଣ୍ଣ ଆର୍ଥିକବର୍ଷ ୨୦୨୫-୨୬ ପାଇଁ ଜିଡିପି ଅଭିବୃଦ୍ଧି ଅନୁମାନକୁ ବଢ଼ାଇ ୭.୬% କରିଦେଇଛନ୍ତି, ଯାହା ପୂର୍ବ ଆର୍ଥିକବର୍ଷ ଥିଲା ୭.୧%। ୨୦୨୫-୨୬ରେ ବାସ୍ତବ ଜିଡିପି ଅଭବୃଦ୍ଧି ଅନୁମାନ ୭.୬% ଥିବାବେଳେ ନୋମିନାଲ ଜିଡିପି ୮.୬% ବଢ଼ିବା ନେଇ ଆକଳନ କରାଯାଇଛି। ଦ୍ୱିତୀୟ ତ୍ରୟମାସର ୮.୪% ଏବଂ ତୃତୀୟ ତ୍ରୟମାସର ୭.୮% ଅଭିବୃଦ୍ଧିକୁ ଆଖିଆଗରେ ରଖି ଏହି ଅନୁମାନ କରାଯାଇଛି। ୨୦୨୩-୨୪ରେ ୭.୨% ଏବଂ ୨୦୨୪-୨୫ରେ ୭.୧%ର ବାସ୍ତବ ଜିଡିପି ଅଭିବୃଦ୍ଧି ରହିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲଗାଯାଇଥିବା ୫୦% ଟାରିଫ୍ ପରେ ଏହି ତ୍ରୟମାସିକ ରିପୋର୍ଟ ପ୍ରକାଶ ପାଇଛି। ଏଥିରୁ ଜଣାପଡ଼ିଛି ଟ୍ରମ୍ପ ଟାରିଫ୍ ସତ୍ତ୍ୱେ ଭାରତୀୟ ଅର୍ଥବ୍ୟବସ୍ଥା ମଜଭୁତ ରହିଛି। ବିଶ୍ୱ ଅନିଶ୍ଚିତତା ସତ୍ତ୍ୱେ ଭାରତର ୭.୮% ଅଭିବୃଦ୍ଧି ହାର ଏହା ଦର୍ଶାଉଛି ଯେ, ଘରୋଇ ଚାହିଦା ଏବଂ ବିନିର୍ମାଣ କ୍ଷେତ୍ରରେ ଦୃଢ଼ତା ବଜାୟ ରହିଛି। ପ୍ରକାଶଯୋଗ୍ୟ, ଜିଡିପିର ନୂଆ ସିରିଜ୍ରେ ୨୦୨୨-୨୩କୁ ମୂଳବର୍ଷ ଭାବେ ଗ୍ରହଣ କରାଯାଇଛି। ଆର୍ଥିକ ଅନୁମାନକୁ ଅଧିକ ସଠିକ୍ କରିବା ଲାଗି ଏଥିରେ ଏବେ ଜିଏସ୍ଟି ନେଟ୍ୱର୍କ, ଇ-ଯାନ ଡାଟାବେସ୍ ଏବଂ ଘରେ କାର୍ଯ୍ୟ କରୁଥିବା ରୋଷେୟା, ଡ୍ରାଇଭର ଓ ଘରୋଇ ସହାୟକଙ୍କ ସେବା ସହ ଜଡିତ ଡାଟାକୁ ସାମିଲ କରାଯାଇଛି। ମନ୍ତ୍ରାଳୟ ପ୍ରଦତ୍ତ ତଥ୍ୟ ଅନୁସାରେ, ଅର୍ଥବ୍ୟବସ୍ଥାକୁ ବିନିର୍ମାଣ କ୍ଷେତ୍ରର ଯୋଗଦାନ ଉଲ୍ଲେଖନୀୟ ରହିଛି। ବାଣିଜ୍ୟ, ମରାମତି, ହୋଟେଲ, ପରିବହନ, ଯୋଗାଯୋଗ ଏବଂ ସେବା ସମ୍ବନ୍ଧୀୟ କ୍ଷେତ୍ରଠାରୁ ପ୍ରସାରଣ ଏବଂ ଭଣ୍ଡାରଣ ଆଦି ବର୍ଗରେ ସ୍ଥାୟୀ ମୂଲ୍ୟରେ ଅଭିବୃଦ୍ଧି ୧୦.୧% ରହିଛି।

**ତୃତୀୟ ତ୍ରୟମାସରେ ଜିଡିପି ଅଭିବୃଦ୍ଧି ୭.୮%**

### ସୁନାରେଟ୍‌ରେ ବଡ଼ ବିସ୍ଫୋରଣ

# ଯୁଦ୍ଧ ଭିତରେ ୨୩ହଜାର ବଢ଼ିଯିବ ଦର !



ନୂଆଦିଲ୍ଲୀ,୨୮।୨: ଆମେରିକା ଇରାନ ଉପରେ ଆକ୍ରମଣ କରିଛି। ଏହି ସମୟରେ, ଇସ୍ରାଏଲ ମଧ୍ୟ ମଧ୍ୟପ୍ରାଚ୍ୟ ଦେଶ ବିରୋଧରେ କ୍ଷେପଣାସ୍ତ୍ର ଆକ୍ରମଣ କରିଛି। ଇରାନ ଆକ୍ରମଣ କରି ପ୍ରତିଶୋଧ ନେଇଛି। ଫଳସ୍ୱରୂପ, ଭୂରାଜନୈତିକ ଉତ୍ତେଜନା ପୁଣି ଥରେ ବୃଦ୍ଧି ପାଉଛି, ଯାହା ଆଗାମୀ ଦିନରେ ସୁନା ଏବଂ ରୂପା ମୂଲ୍ୟରେ ବୃଦ୍ଧି ପାଇପାରେ। ବିଶେଷଜ୍ଞମାନେ ଭବିଷ୍ୟବାଣୀ କରିଛନ୍ତି ଯେ ସୋମବାର ବଜାର ଖୋଲିବା ସମୟରେ ଭାରତରେ ସୁନା ଏବଂ ରୂପା ମୂଲ୍ୟ ବୃଦ୍ଧି ପାଇବାର ସମ୍ଭାବନା ରହିଛି।

ଉଲ୍ଲେଖଯୋଗ୍ୟ, ଯୁଦ୍ଧର ଛାୟା ତଳେ, ଦେଶର ଫ୍ୟୁଚର୍ସ ବଜାରରେ ସୁନାର ମୂଲ୍ୟ ପ୍ରାୟ ୨୩,୦୦୦ ଟଙ୍କା କିମ୍ବା ୧୫% ବୃଦ୍ଧି ପାଇପାରେ। ଏହି ସମୟରେ, ରୂପା ମୂଲ୍ୟ ପୁଣି ଥରେ ୩ ଲକ୍ଷ ଟଙ୍କା ଅତିକ୍ରମ କରିପାରେ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ଯୁଦ୍ଧ ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହେ, ତେବେ ଆହୁରି ମୂଲ୍ୟ ବୃଦ୍ଧି ଆଶା କରାଯାଇପାରେ। ଆସନ୍ତୁ ଆମେ ବର୍ଣ୍ଣନା କରିବା ଯେ ଆଗାମୀ ଦିନରେ ସୁନା ଏବଂ ରୂପା ମୂଲ୍ୟ କେଉଁ ସ୍ତରକୁ ପହଞ୍ଚିପାରେ।

କେଡିଆ ଆଡଭାଇଜରିର ନିର୍ଦ୍ଦେଶକ ଅଜୟ କେଡିଆଙ୍କ ଅନୁଯାୟୀ, ୟୁଏଇ-ଇରାନ ଉତ୍ତେଜନା ଯୋଗୁଁ ମାର୍ଚ୍ଚ ମାସର ପ୍ରାରମ୍ଭିକ ବ୍ୟବସାୟ ଦିନଗୁଡ଼ିକରେ ସୁନା ମୂଲ୍ୟ ବର୍ତ୍ତମାନର ସ୍ତରରୁ ୧୫% ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ସେ ବ୍ୟାଖ୍ୟା କରିଛନ୍ତି ଯେ ସୁନା ପାଇଁ ଏକ ନୂତନ ଟ୍ରିଗର ସୃଷ୍ଟି ହୋଇଛି। ଫଳସ୍ୱରୂପ, ଆଗାମୀ ଦିନରେ ସୁନା ମୂଲ୍ୟ ୧.୮୫ ଲକ୍ଷ ପର୍ଯ୍ୟନ୍ତ ପହଞ୍ଚିପାରେ, ଯାହା ବର୍ତ୍ତମାନର ସ୍ତର ଅପେକ୍ଷା ୨୩,୦୦୦ ଅଧିକ। ଏହି ସମୟରେ, କମୋଡିଟି ବିଶେଷଜ୍ଞ ଅନୁଜ ଗୁପ୍ତାଙ୍କ ଅନୁଯାୟୀ, ସୋମବାର ସୁନା ମୂଲ୍ୟ 10% ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଏହାର ଅର୍ଥ ସୁନା ମୂଲ୍ୟ ୧.୭୫ ଲକ୍ଷ ଅତିକ୍ରମ କରିପାରେ।

କେଡିଆ କହିଛନ୍ତି ଯେ ରୂପା ମୂଲ୍ୟ ମଧ୍ୟ ବୃଦ୍ଧି ପାଇପାରେ। ସେ ରୂପା ପାଇଁ ଏକ ଲକ୍ଷ୍ୟ ଦେଇଥିଲେ, କହିଥିଲେ ଯେ ଧଳା ସୁନା କିମ୍ବା ରୂପା ୩.୨୦ ଲକ୍ଷ ପର୍ଯ୍ୟନ୍ତ ପହଞ୍ଚିପାରେ। ଗୁପ୍ତା ଆହୁରି ମଧ୍ୟ କହିଛନ୍ତି ଯେ ରୂପା ମୂଲ୍ୟ ୨.୯୦ରୁ ୩ ଲକ୍ଷ ପର୍ଯ୍ୟନ୍ତ ପହଞ୍ଚିପାରେ, ଯାହା ବର୍ତ୍ତମାନର ସ୍ତର ଅପେକ୍ଷା ୨୦,୦୦୦ରୁ ୪୦,୦୦୦ ଅଧିକ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଟ୍ରମ୍ପ ଇରାନର ସମସ୍ତ ପରମାଣୁ ପ୍ଲାଣ୍ଟକୁ ନଷ୍ଟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ କିଛି ସମୟ ଲାଗିପାରେ। ଏହି ସମୟରେ, ଇରାନ ୟୁଏଇରେ ଏକ ଆମେରିକୀୟ ଏୟାରବେସ ଉପରେ ଆକ୍ରମଣ କରିଛି।

ଯଦି ଆମେ ବର୍ତ୍ତମାନ ସମୟ ବିଷୟରେ କଥା ହେବା, ତେବେ ଦେଶର ଫ୍ୟୁଚର୍ସ ବଜାରରେ ସୁନାର ମୂଲ୍ୟ ୨,୩୯୫ ଟଙ୍କା ବୃଦ୍ଧି ସହିତ ବନ୍ଦ ହୋଇଛି ଏବଂ ମୂଲ୍ୟ ପ୍ରତି ଦଶ ଗ୍ରାମ ୨,୬୨,୧୦୪ ଟଙ୍କାରେ ପହଞ୍ଚିଛି। ତଥାପି, ଜାନୁଆରୀ ୨୯ ତାରିଖରେ ସୁନାର ମୂଲ୍ୟ ପ୍ରତି ଦଶ ଗ୍ରାମ ୧,୯୩,୦୯୬ଟଙ୍କା ଜୀବନର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ଅନ୍ୟପକ୍ଷରେ, ରୂପାର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ଶୁକ୍ରବାର ଦିନ ରୂପାର ମୂଲ୍ୟ ପ୍ରତି କିଲୋଗ୍ରାମ ୧୪,୬୯୧ ଟଙ୍କା ବୃଦ୍ଧି ପାଇଛି। ଯାହା ପରେ ରୂପାର ମୂଲ୍ୟ କିଲୋଗ୍ରାମ ପିଛା ୨,୮୨,୬୪୪ ଟଙ୍କାରେ ବନ୍ଦ ହୋଇଥିଲା। ବିଶେଷଜ୍ଞଙ୍କ ଅନୁସାରେ, ରୂପାର ମୂଲ୍ୟ ଜୀବନର ସର୍ବୋଚ୍ଚ ସ୍ତରରେ ୪.୨୦ ଲକ୍ଷ ଟଙ୍କାରେ ପହଞ୍ଚିଥିଲା।

# ମାର୍ଚ୍ଚ ପହିଲାରୁ ଟ୍ରେନ୍ ଟିକେଟ୍, ଏଲ୍‌ପିଜି, ସିମ୍ ଓ ୟୁପିଆଇରେ ବଡ଼ ପରିବର୍ତ୍ତନ

ନୂଆଦିଲ୍ଲୀ ୨୮।୨: ପ୍ରତି ମାସର ଆରମ୍ଭରୁ ହୁଏ ଆର୍ଥିକ ପରିବର୍ତ୍ତନ । ହାଣ୍ଡିଶାଳରୁ ଆରମ୍ଭ କରି ହୁଏ ଆମୁଳ ଚୂଳ ପରିବର୍ତ୍ତନ । ଯାହା ଲୋକଙ୍କ ମାସିକ ଖର୍ଚ୍ଚକୁ ପ୍ରଭାବିତ କରେ । ମାର୍ଚ୍ଚ ୨୦୨୬ରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ମଧ୍ୟ ଘଟୁଛି । ଯେଉଁଥିରେ ଏଲପିଜି ଗ୍ୟାସଠାରୁ ଆରମ୍ଭ କରି ସିମ୍ କାର୍ଡ ଏବଂ ରେଳ ଟିକେଟ ନିୟମ ଅନ୍ତର୍ଭୁକ୍ତ। ଏହି ପରିବର୍ତ୍ତନଗୁଡ଼ିକ ସିଧାସଳଖ ଆପଣଙ୍କ ପକେଟକୁ ପ୍ରଭାବିତ କରିପାରିବ। ଆସନ୍ତୁ ଜାଣିବା ଆସନ୍ତା ମାସରୁ କେଉଁ ନିୟମ ପରିବର୍ତ୍ତନ ହେଉଛି। ପ୍ରତି ମାସ ଆରମ୍ଭରେ ଏଲପିଜି ମୂଲ୍ୟ ପରିବର୍ତ୍ତନ ହୁଏ। କିଛି ସମୟ ଧରି, କେବଳ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟରେ ପରିବର୍ତ୍ତନ ଦେଖାଯାଇଛି। ଏଲପିଜି ସିଲିଣ୍ଡର ମୂଲ୍ୟ ସ୍ଥିର ରହିଛି। ଗତ ମାସରେ, କମ୍ପାନୀଗୁଡ଼ିକ ୧୯ କିଲୋଗ୍ରାମ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟ ପ୍ରାୟ ୪୯ ବୃଦ୍ଧି କରିଥିଲେ। ଏହି ମାସରେ ମଧ୍ୟ ଏକ ପରିବର୍ତ୍ତନ ଆଶା କରାଯାଉଛି। ସାଧାରଣ ଏବଂ ପ୍ଲାଟଫର୍ମ ଟିକେଟ ବୁକିଂ ପାଇଁ ନିୟମ ୧ ମାର୍ଚ୍ଚ, ୨୦୨୬ରୁ ପରିବର୍ତ୍ତନ ହେବାକୁ ଯାଉଛି। ପୁରୁଣା ଭାରତୀୟ ରେଳବାଇ ୟୁଟିଏସ ଆପ୍ ୧ ମାର୍ଚ୍ଚରୁ ବନ୍ଦ ହୋଇଯିବ, ଏହାକୁ ନୂତନ ରେଲ୍‌ୱାନ ଆପ୍ ସହିତ ବଦଳାଇ ଦିଆଯିବ। ସାଧାରଣ ଟିକେଟ୍, ପ୍ଲାଟଫର୍ମ ଟିକେଟ୍ ଏବଂ ସ୍ଥାନୀୟ ଯାତ୍ରା ସହିତ ଜଡିତ ସବୁକିଛି ଏହି ନୂତନ ଆପ୍ ରେ ଉପଲବ୍ଧ ହେବ। ଡିଜିଟାଲ୍ ଠକେଇକୁ ରୋକିବା ପାଇଁ ସରକାର ମାର୍ଚ୍ଚ ୧ ତାରିଖରୁ ଏକ ନୂତନ ସିମ୍ ବାଇଣ୍ଡିଂ ନିୟମ ଲାଗୁ କରିବାକୁ ଯାଉଛନ୍ତି। ଏହି ନିୟମ ଅନୁଯାୟୀ, ହ୍ୱାଟ୍ସଆପ୍, ଟେଲିଗ୍ରାମ ଏବଂ ସିଗନାଲ ଭଳି ଆପ୍ ଏବେ ସିଧାସଳଖ ଆପଣଙ୍କ ସିମ୍ ସହିତ ଲିଙ୍କ୍ ହୋଇଯିବ। ଯଦି ଆପଣ ଆପଣଙ୍କ ଫୋନରୁ ସିମ୍ କାଢ଼ିଦିଅନ୍ତି, ତେବେ ଏହି ଆପ୍ସଗୁଡ଼ିକ ତୁରନ୍ତ କାମ କରିବା ବନ୍ଦ କରିଦେବେ। ଆପଣ ସିମ୍ ବିନା ଏହି ଆପ୍ସଗୁଡ଼ିକୁ ପରିଚାଳନା କରିପାରିବେ ନାହିଁ, ଏପରିକି ୱାଇଫାଇ କିମ୍ବା ଅନ୍ୟ କୌଣସି ନେଟୱାର୍କ ମାଧ୍ୟମରେ ମଧ୍ୟ। ମାର୍ଚ୍ଚ ୧ ତାରିଖରୁ ଡିଜିଟାଲ୍ ପେମେଣ୍ଟ ସିଷ୍ଟମରେ ସୁରକ୍ଷା ଆହୁରି ସୁଦୃଢ଼ କରାଯିବ। ବଡ଼ ପରିମାଣର ଅନଲାଇନ୍ ଟ୍ରାନ୍ସଫର ଆଉ କେବଳ ୟୁପିଆଇ ପିନ ସହିତ କରାଯିବ ନାହିଁ, ବରଂ ବ୍ୟାଙ୍କଗୁଡ଼ିକ ଉଚ୍ଚ-ମୂଲ୍ୟ କାରବାର ପାଇଁ ଅତିରିକ୍ତ ବାୟୋମେଟ୍ରିକ୍ସ କିମ୍ବା ମଲ୍ଟି-ଫ୍ୟାକ୍ଟର ପ୍ରମାଣୀକରଣକୁ ମଧ୍ୟ ବାଧ୍ୟତାମୂଳକ କରିବେ। ନିୟମ ଦେଶର ପ୍ରମୁଖ ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ମାର୍ଚ୍ଚ ୧ ତାରିଖ, ୨୦୨୬ ଠାରୁ ସର୍ବନିମ୍ନ ବାଲାନ୍ସ ଆବଶ୍ୟକତାରେ ପରିବର୍ତ୍ତନ କାର୍ଯ୍ୟକାରୀ କରୁଛନ୍ତି। ପୂର୍ବରୁ, ଗୋଟିଏ ଦିନରେ କମ୍ ବାଲାନ୍ସ ପାଇଁ ଜରିମାନା ଲାଗୁ କରାଯାଉଥିଲା, କିନ୍ତୁ ବର୍ତ୍ତମାନ ହାରାହାରି ମାସିକ ବାଲାନ୍ସ ଆଧାରରେ ଜରିମାନା ଲାଗୁ କରାଯିବ। ପେଟ୍ରୋଲିୟମ ବିତରକମାନେ ପ୍ରତି ମାସର ପ୍ରଥମ ତାରିଖରେ ବିମାନରେ ବ୍ୟବହୃତ ଏୟାର ଟରବାଇନ୍ ଇନ୍ଧନ (ଏଟିଏଫ) ସହିତ ସିଏନଜି ଏବଂ ପିଏନଜିର ମୂଲ୍ୟ ସଂଶୋଧନ କରନ୍ତି। ଏହି ନିୟମଗୁଡ଼ିକ ମାର୍ଚ୍ଚ ୧ ତାରିଖରୁ ପରିବର୍ତ୍ତନ ହେବାର ଆଶା କରାଯାଉଛି।






## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୫,୭୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୨,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୫,୭୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୨,୮୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୫,୭୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୨,୮୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୫,୯୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୨,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୭,୦୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୪,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୫,୭୮୦ ଓ ୧,୪୨,୮୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୯୨ ଟଙ୍କା ୬୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୮୭.୬୭ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୭ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି ।

## ବିମାନରେ ଝୁଲି ଝୁଲି ଗାଁ ପରିକ୍ରମା କରି ଭୋଗ ଖାଉଛନ୍ତି ରାଧା ଗୋବିନ୍ଦ



**କାକଟପୁର /ଅସ୍ତରଙ୍ଗ,୨୮।୨ (ସଂଚାର ବ୍ୟୁରୋ):** ଋତୁରାଜ ବସନ୍ତର ଆଗମନରେ ଫୁଲେଇ ଫଗୁଣ ଧରା ପୃଷ୍ଠକୁ ଅବତରଣ କରିଛି। ସବୁଜ ଗଛ ପତ୍ର ସହିତ ଶିମିଳିଫୁଲର ନାଲି ଓଢଣୀରେ ସଜେଇ ହୋଇଛି ପ୍ରକୃତି ରାଣୀ । ପ୍ରକୃତି କୁ ସ୍ୱାଗତ କରିବା ପାଇଁ ଫଗୁଣ ନେଇ ଆସିଛି ରଙ୍ଗର ପର୍ବ ଦୋଳଯାତ୍ରା ଓ ହୋଲି । ବିମାନରେ ବସିଛନ୍ତି ଶ୍ରୀ ରାଧା, ଶ୍ରୀ କୃଷ୍ଣ । ଘରକୁ ଘର ବୁଲୁଛନ୍ତି ଠାକୁର ଓ ଭକ୍ତଙ୍କ ହାତକୁ ଭୋଗ ଖାଇ ଗାଁ ଓ ସାହି ପରିକ୍ରମା କରୁଛନ୍ତି ଯୁଗଳ କିଶୋର ରାଧା ମୋହନ।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଂଚାୟତ ରିଶୋଲ ଅଞ୍ଚଳ ଦୋଳ ବିମାନ ଗାଁ ଗାଁ ବୁଲିବା ସହ ଦେବୀ ନଦୀ ପାର ହୋଇ ନଈଗୁଆଁ, ଖଣ୍ଡାସାହି ଗ୍ରାମରେ ପରିକ୍ରମା କରୁଛନ୍ତି। ସେହିପରି ବରାଙ୍ଗ, ନଗର, ଶିଶୁଅ, ଅସ୍ତରଙ୍ଗ, ଝାଡ଼ଲିଙ୍ଗ, ନୂଆଗଡ ଦୋଳ ବିମାନ ମଧ ଗାଁ ଗାଁ ବୁଲି ପୂଜା ପାଉଛନ୍ତି।କିଏ ଫଗୁ ରଙ୍ଗରେ ରଙ୍ଗୀନ ହୋଇଛି ତ ଆଉ କିଏ ପ୍ରସାଦ ବାଣ୍ଟି ପୁଣ୍ୟ ଅର୍ଜନ କରୁଛି। ଗାଁ ଗାଁରେ ସମସ୍ତେ ଶ୍ରୀରାଧା, ଶ୍ରୀକୃଷ୍ଣ ଙ୍କ ଭକ୍ତି ରସରେ ବୁଡି ଯାଇଛନ୍ତି। ପରମ୍ପରା ମୁତାବକ ଭୋଗପରେ ବିମାନରେ ବସୀ ଭକ୍ତକୁ ଦର୍ଶନ ଦେଉଛନ୍ତି ରାଧା ମାଧବ। ବର୍ଷକ ପରେ ମନ୍ଦିରରୁ ବାହାରପ୍ରାଙ୍ଗଣ କୁ ବାହାରି ଭକ୍ତଙ୍କ ପାଖକୁ ଆସିଛନ୍ତି ଠାକୁର । ଭକ୍ତ ପରିବାର ପକ୍ଷରୁ ପଇଡ଼,ଲିଆ,ଉଖୁଡା ପ୍ରଭୃତି ଠାକୁରଙ୍କୁ ଭୋଗ ଅର୍ପଣ କରାଯାଇଥାଏ। ଆଉ ଏହି ମହାମିଳନ ପର୍ବରେ ଭକ୍ତ ଆଉ ଭଗବାନ ଏକାକାର ହୋଇଯାଇଛନ୍ତି ।

ଦୋଳ ପାଇଁ ପ୍ରାଚୀ ଉପତ୍ୟକା ଏବେ ଚଳଚଞ୍ଚଳ ହୋଇ ଉଠିଛି। ଭାଇଚାରା ବାର୍ତ୍ତା ନେଇ ଗୋଷ୍ଠି ଗୋଷ୍ଠି ବା ବ୍ୟକ୍ତି ବ୍ୟକ୍ତି ମଧରେ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ କରିବା ପାଇଁ ଏହି ପର୍ବ ଗ୍ରାମର ପିଲା ଠାରୁ ବୁଢା ଯାଏଁ ସଭିଙ୍କ ମନରେ ଭରି ଦେଇଛି ଆନନ୍ଦ ଉଲ୍ଲାସ । ପ୍ରତି ଗାଁରେ ଜମାଣ ଠାରୁ ହରୀହର ଭେଟ ପର୍ଯ୍ୟନ୍ତ ୩ ଦିନ ଧରି ଗାଁ ମାନଙ୍କ ରେ ଉତ୍ସବ ପରିବେଶ ଲାଗି ରହିଥାଏ।ହରିବୋଲ,ହୁଳହୁଳି,ଶଙ୍ଖନାଦ,ଭଜନ କୀର୍ତ୍ତନରେ ଗାଁଦାଣ୍ଡ ଉଛୁଳି ପଡୁଥିବା ବେଳେ ଦୋଳ ବିମାନ କୁ କାନ୍ଧେଇ ଗାଁ ଗାଁ ବୁଲି ଦୋଳ ବିମାନ ପୂଜା ସହ ଦୋଳ ଉତ୍ସବ ପାଇଁ ସବୁ ଗାଁ ଏବେ ଉତ୍ସବମୁଖର ହୋଇଉଠିଛି ।

### ପୁଲିସ ବିଭାଗର ଦୁଇ ଯୋଜନା ଦିଗହରା

# କୋମାରେ 'ଆମ ପୁଲିସ ଓ ମହିଳା ଶିଶୁ ଡେସ୍କ'

**କାକଟପୁର/ଅସ୍ତରଙ୍ଗ,୨୮।୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକଟି ୧୫ଟି ପଂଚାୟତ କୁ ନେଇ ଗଠିତ ହୋଇଥିବା ବେଳେ ଆଇନି ଶୃଙ୍ଖଳା ପାଇଁ ୩ ଟି ଥାନା କାକଟପୁର, ଅସ୍ତରଙ୍ଗ ଓ ନୂଆଗଡ ସାମୁଦ୍ରିକ ଥାନା ଅଂଚଳରେ ରହିଛି। କିନ୍ତୁ ଆମ ପୁଲିସ ଓ ମହିଳା ଶିଶୁ ଡେସ୍କ କୋମାରେ ଥିବା ଦେଖିବାକୁ ମିଳିଛି।

ରାଜ୍ୟ ପୁଲିସ ବିଭାଗ ପୁଲିସ କୁ ଗତିଶୀଳ କରିବା ଓ ସାଧାରଣ ଲୋକଙ୍କ ଆସ୍ଥା ଭାଜନ ହେବା ନେଇ ଆମ ପୁଲିସ ସମିତି ଗଠନ କରାଯାଇଥିଲା। ଏହି ଆମ ପୁଲିସ ସମିତିର ସଦସ୍ୟ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଥାନା ଅଧିକାରୀଙ୍କୁ ନେଇ ସାଧାରଣ ଲୋକଙ୍କ ଉପସ୍ଥିତ ରେ ବୈଠକ କରାଯିବ। ଯାହା ଦ୍ୱାରା କି ପୁଲିସ ତୁରନ୍ତ ଅସାମାଜିକ କାର୍ଯ୍ୟ କଳାପ ସୃଷ୍ଟି ହେଲେ ଜାଣି ପାରିବ। ଆମ ପୁଲିସ ବୈଠକ ଦ୍ୱାରା ପୁଲିସ ସାଧାରଣ ଲୋକଙ୍କର ନିକଟତର ହେବା ସହ ଆସ୍ଥା ଭାଜନ ମଧ୍ୟ ହୋଇପାରିବ। ସାଧାରଣ ଲୋକ ପୁଲିସ କୁ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିବା ସହ ସୂଚନା ମଧ୍ୟ ଦେଇପାରିବେ। ଯଦ୍ୱାରା କି ପୁଲିସ ଅପରାଧ ନିୟନ୍ତ୍ରଣ କରି ପାରିବ। ଥାନା ଅଞ୍ଚଳରେ କୌଣସି ଗଣ୍ଡଗୋଳ ହେଲେ ପୁଲିସ ତୁରନ୍ତ ଖବର ପାଇପାରିବ ଓ ଖବର ଦେଇଥିବା ବ୍ୟକ୍ତି ଙ୍କ ନାମ ଗୋପନ ରଖାଯିବ। ଏହାକୁ ଆଧାର କରି ରାଜ୍ୟ ପୁଲିସ ଆମ ପୁଲିସ ସମିତି ଥାନାରେ ଗଠନ କରିବା ପାଇଁ ପରାମର୍ଶ ଦେଲେ। ପରାମର୍ଶ ଅନୁଯାୟୀ ଆମ ପୁଲିସ ଗଠନ କରାଗଲା। ଆମ ପୁଲିସ ସମିତି ବୈଠକ ହୋଇଥିଲା। କିନ୍ତୁ ସେହି ବୈଠକ କେବଳ ବାକ୍ୟ ରେ ଥିଲା, କିନ୍ତୁ ତାହା କାର୍ଯ୍ୟ ରେ ହେଉନାହିଁ, ନା ଅଛି କଡା ପାଟ୍ରୋଲିଂ ନା ଚୋରା ମଦ ବ୍ୟବସାୟ ରୋକିବା। ପୁଲିସ ନିକଟତର ହେବା ପରିବର୍ତ୍ତେ ସମ୍ପୂର୍ଣ୍ଣ ଦୂରେଇ ଗଲା। ସାଧାରଣ ଲୋକଙ୍କ ଆସ୍ଥା ଭାଜନ ହୋଇ ପାରିଲା ନାହିଁ। ଅସ୍ତରଙ୍ଗ ଥାନାରେ କାର୍ଯ୍ୟରତ ଏଏସଆଇଙ୍କ ବ୍ୟବହାର ରେ ଜନସାଧାରଣ ଅତିଷ୍ଠ।ଯାହା ଫଳରେ ଅସ୍ତରଙ୍ଗ ଥାନା ଅଂଚଳରେ ଗ୍ରାମାଞ୍ଚଳ ଠୁ ଆରମ୍ଭ କରି ବଜାର ପର୍ଯ୍ୟନ୍ତ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ଘଟିଲା। ଏହାକୁ ନିୟନ୍ତ୍ରଣ କରିବା ରେ ପୁଲିସ ସମ୍ପୂର୍ଣ୍ଣ ବିଫଳ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଅସ୍ତରଙ୍ଗ ଥାନା ଅଂଚଳରେ ବିଭିନ୍ନ ମନ୍ଦିର ରୁ ଗୋଟିଏ ପରେ ଗୋଟିଏ ଚୋରି, ଦିନ ଦ୍ୱିପ୍ରହର ରେ କଳା ପଲସର ନାବାଳିକା ଙ୍କୁ କଳା ମୁଖା ଧାରୀ ଙ୍କ ଆକ୍ରମଣ ଯାହା ସାଧାରଣ ଲୋକଙ୍କୁ ଭୟଭୀତ କରିଛି।




**ଜନ ଗହଳି ସ୍ଥାନରେ ମହିଳା ସମସ୍ୟା ବୁଝିବାକୁ ଯାଉଛନ୍ତି ପୁରୁଷ ପୁଲିସ**

**ସାଧାରଣ ଜନତାଙ୍କୁ ନାଲି ଆଖି ଦେଖାଉଛନ୍ତି ଏଏସଆଇ**

ସେହିପରି ପ୍ରତ୍ୟେକ ଥାନାରେ ମହିଳା ଶିଶୁ ଡେସ୍କ ଖୋଲାଗଲା। ଏହି ମହିଳା ଶିଶୁ ଡେସ୍କରେ ଜଣେ ପୁଲିସ ଅଧିକାରିଣୀ ଦାୟିତ୍ୱରେ ରହିଲେ। ମହିଳା ଓ ଶିଶୁଙ୍କୁ ଏହି ଅଧିକାରିଣୀ ସାଦା ପୋଷାକ ପରିଧାନ କରି ପଚରାଉଚରା କରିବାର ବ୍ୟବସ୍ଥା ମଧ୍ୟ ସ୍ଥିର କରାଗଲା। ଶିଶୁ ଥାନା ଭିତରକୁ ନ ଯିବା ପାଇଁ ନିୟମ ରହିଲା। ଏଥିପାଇଁ ଥାନାରେ ମହିଳା ଶିଶୁ ଡେସ୍କ ପ୍ରକୋଷ୍ଠ ଖୋଲାଯିବା ସହ ଅଧିକାରିଣୀ ନିଯୁକ୍ତି ପାଇଲେ। ଆନୁଷଙ୍ଗିକ ରେଜିଷ୍ଟର ମଧ୍ୟ ଖୋଲାଗଲା। କିନ୍ତୁ ଏହା କାର୍ଯ୍ୟକ୍ଷମ ହେଲା ନାହିଁ। ମହିଳା ଶିଶୁ ଡେସ୍କ ପରିବର୍ତ୍ତେ ଶିଶୁଙ୍କୁ ଥାନାକୁ ଡାକି ମହିଳା ପୁଲିସ ପରିବର୍ତ୍ତେ ପୁରୁଷ ପୋଲିସ ପଚାରିଲେ ଏମିତି କି ମହିଳା ଙ୍କୁ ମହିଳା ପୁଲିସ ପରିବର୍ତ୍ତେ ବିଭିନ୍ନ ଘଟଣା ପୁରୁଷ ପୁଲିସ ପଚାରୁଥିବା ନଜିର ରହିଛି। ରାଜ୍ୟ ପୁଲିସ ବିଭାଗ, ସାଧାରଣ ଜନତା ଙ୍କ ହିତ ପାଇଁ ଯୋଜନା ପ୍ରସ୍ତୁତ କଲେ। ଯୋଜନା ଦ୍ୱାରା ପୁଲିସ ଲୋକଙ୍କର ଆସ୍ଥା ଭାଜନ ହେବା ସହ ଜନତାଙ୍କର ନିକଟତର ହୋଇପାରିବ। ଯାହା ଦ୍ୱାରା କି ପୁଲିସ ଅନାୟାସ ରେ ଅପରାଧ କୁ ନିୟନ୍ତ୍ରଣ କରିପାରିବ। କିନ୍ତୁ ଏହି ଯୋଜନା ଅସ୍ତରଙ୍ଗ ଥାନାରେ କିଛି କର୍ମଚାରୀଙ୍କ ପାଇଁ ଦିଗହରା ପାଲଟିଛି। ଆମ ପୁଲିସ ଓ ମହିଳା ଶିଶୁ ଡେସ୍କ କେବଳ କାଗଜ ପତ୍ରରେ ସୀମିତ ରହିଛି।

ଏ ସମ୍ପର୍କ ରେ ପୁଲିସ ଉଚ୍ଚ ଅଧିକାରୀ ଅବଗତ ଅଛନ୍ତି ତ ? କହିବାକୁ ଗଲେ ଆମ ପୁଲିସ ଅସ୍ତରଙ୍ଗ ଥାନା ରେ କିଛି ଦିନ ତଳେ ହୋଇଥିଲା ପୁନର୍ବାର ଶୁକ୍ରବାର ଦିନ ନୂଆ ଥାନା ଅଧିକାରିଣୀ ବୈଠକ କରିଛନ୍ତି।କିନ୍ତୁ କୌଣସି ପଂଚାୟତ ରେ ହୋଇଥିବା ନଜିର ନାହିଁ। କିପରି ଭାବେ ସାଧାରଣ ଲୋକଙ୍କ ସହ ସମ୍ପର୍କ ଯୋଡିବ ପୁଲିସ। ପରିସ୍ଥିତି କେବେ ସୁଧୁରୁଚି ତାକୁ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଗଲାଣି।

## ବାଲିବନ୍ଧ ନିର୍ମାଣ ପାଇଁ ସହଯୋଗର ହାତ ବଢ଼େଇଲେ ସଞ୍ଜୟ

**ସୁନ୍ଦରଗଡ଼,୨୮।୨ (ସଂଚାର ବ୍ୟୁରୋ):** ବିଭିନ୍ନ ସମୟରେ ଅନେକ ସହାୟତା, ବେକାରୀ ଯୁବକଙ୍କୁ ଅନେକ କର୍ମକ୍ଷେତ୍ରରେ ନିଯୁକ୍ତି, ବିଭିନ୍ନ ସମାଜ ପାଇଁ ମଙ୍ଗଳକାରୀ କାର୍ଯ୍ୟକରି ଆସୁଥିବା ସୁନ୍ଦରଗଡ଼ ଜୟ ଜଗନ୍ନାଥ ଟ୍ରକ ସଙ୍ଘ ସଭାପତି ତଥା ସମାଜସେବୀ ସଞ୍ଜୟ ନନ୍ଦ କିଭଳି ଆଗାମୀ ଗ୍ରୀଷ୍ମଦିନରେ ଜଳକଷ୍ଟରୁ ମୁକ୍ତି ପାଇବେ ସେଥିପାଇଁ ପ୍ରତିବର୍ଷ ଭଳି ଇବ ନଦୀ ଉପରେ ଅସ୍ଥାୟୀ ବାଲିବନ୍ଧ ନିର୍ମାଣ ପାଇଁ ଆଜି ଶୁଭ ଦେଇ ଏହାର କାର୍ଯ୍ୟ ଆରମ୍ଭ କରିଛନ୍ତି।



ସୂଚନାଯୋଗ୍ୟ ଯେ ଉପରମୁଣ୍ଡ ଛତିଶଗଡ ରେ ବିଭିନ୍ନ ଜଳସେଚନ ପ୍ରକଳ୍ପ ଦ୍ୱାରା ଗ୍ରୀଷ୍ମଦିନରେ ଇବ ନଦୀ ସମ୍ପୂର୍ଣ୍ଣ ଶୁଖିଲା ପଡିଯାଏ। ପାଣି ପାଇଁ ଅଞ୍ଚଳବାସୀ ନାହିଁ ନଥିବା ଅସୁବିଧା ଭୋଗ କରନ୍ତି। ଆଗରୁ କେତେଥର ପ୍ରଶାସନ ଏହି ବାଲିବନ୍ଧ ନିର୍ମାଣ କରୁଥିଲେ। ଏବେ କିଛି ବର୍ଷ ହେଇଯିବ ସୁନ୍ଦରଗଡ଼ ସହରବାସୀ ଓ ଆଖପାଖ ଅଞ୍ଚଳ କିଭଳି ଗ୍ରୀଷ୍ମଋତୁରେ ଜଳସଙ୍କଟରୁ ମୁକ୍ତି ପାଇବେ ସେନେଇ ସମାଜସେବୀ ସଞ୍ଜୟ ନନ୍ଦ ନିଜ ଖର୍ଚ୍ଚରେ ବାଲିବନ୍ଧ ନିର୍ମାଣ କରି ଆସୁଛନ୍ତି। ଆଜି ଟାଙ୍ଗରଘାଟ ଠାରୁ ଇବନଦୀ ଆରଖଣ୍ଡି ପର୍ଯ୍ୟନ୍ତ ଏହି ବାଲିବନ୍ଧ ନିର୍ମାଣର ଶୁଭ ଦେଇ ଏହାର କାର୍ଯ୍ୟ ଆରମ୍ଭ କରିଛନ୍ତି।

## ଜିଲ୍ଲା ପୁଲିସ ଓ ଏନଟିପିସି ଦର୍ଲିପାଲି ପକ୍ଷରୁ ହେଲମେଟ୍ ବଣ୍ଟନ ଅଭିଯାନ



**ସୁନ୍ଦରଗଡ଼,୨୮।୨(ସଂଚାର ବ୍ୟୁରୋ):** ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସୁରକ୍ଷିତ ଗାଡି ଚାଳନା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ସଡ଼କ ସୁରକ୍ଷା ଉପରେ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏନଟିପିସି ଦର୍ଲିପାଲି ସୁନ୍ଦରଗଡ଼ ଜିଲ୍ଲା ପୋଲିସ ସହିତ ମିଳିତ ଭାବରେ ସଡ଼କ ସୁରକ୍ଷା ସଚେତନତା ସପ୍ତାହର ଅଂଶ ଭାବରେ ଦର୍ଲିପାଲି ଗ୍ରାମରେ ଏକ ଦୁର୍ଘଟଣା ହେଲମେଟ୍ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରିଥିଲା।

ଏହି କାର୍ଯ୍ୟକ୍ରମ ମାନବ ସମ୍ବଳ ମୁଖ୍ୟ ସଂଜିତ ମିଞ୍ଜ, ଏଜିଏମ (ଆର ଏଣ୍ଡ ଆର)ସମୀର ଭଞ୍ଜ, ଏବଂ ଦର୍ଲିପାଲି ଗ୍ରାମର ସରପଞ୍ଚ ଗୋବିନ୍ଦ କୁମୁରାଙ୍କ ଉପସ୍ଥିତିରେ ଜିଲ୍ଲା ପୋଲିସ ପ୍ରଶାସନ ଏବଂ ଏନଟିପିସି ଦର୍ଲିପାଲିର ଅଧିକାରୀ ମାନଙ୍କ ସହିତ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସୁରକ୍ଷା ସାମଗ୍ରୀର ନିରନ୍ତର ବ୍ୟବହାରକୁ ଉତ୍ସାହିତ କରିବା ଏବଂ ଦାୟିତ୍ୱପୂର୍ଣ୍ଣ ରାସ୍ତା ଆଚରଣକୁ ପ୍ରୋତ୍ସାହିତ କରିବା ପାଇଁ ଦୁଇ ଚକିଆ ଯାନ ବ୍ୟବହାରକାରୀଙ୍କୁ ଦୁର୍ଘଟଣା ହେଲମେଟ୍ ବଣ୍ଟନ କରା ଯାଇଥିଲା। ଜିଲ୍ଲା ପୋଲିସ ଦଳ ହେଲମେଟ୍ ବ୍ୟବହାର, ଟ୍ରାଫିକ ନିୟମ ପାଳନ ଏବଂ ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ନିରାପଦ ଗାଡି ଚାଳନା ଅଭ୍ୟାସର ଗୁରୁତ୍ୱ ଉପରେ ଆଲୋକପାତ କରି ଏକ ସଚେତନତା ଅଧିବେଶନ ମଧ୍ୟ ଆୟୋଜନ କରିଥିଲା। ଏହି ପଦକ୍ଷେପ ସ୍ଥାନୀୟ ପ୍ରଶାସନ ଏବଂ ଅଂଶୀଦାରମାନଙ୍କ ସହିତ ସହଯୋଗିତାମୂଳକ ସମ୍ପର୍କ ମାଧ୍ୟମରେ ଏନଟିପିସି ଦର୍ଲିପାଲିର ସମ୍ପ୍ରଦାୟ ସୁରକ୍ଷା ଏବଂ ଜନସଚେତନତା ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ସ୍ପଷ୍ଟ କରେ। ଏହିପରି ପ୍ରୟାସ ଏନଟିପିସିର ବ୍ୟାପକ ସିଏସଆର ପ୍ରୟାସର ଏକ ଅଂଶ ଯାହା ଏହାର କାର୍ଯ୍ୟକ୍ଷମ କ୍ଷେତ୍ରରେ ସୁରକ୍ଷିତ ସମ୍ପ୍ରଦାୟକୁ ପ୍ରୋତ୍ସାହିତ କରିବା ଏବଂ ଜୀବନର ଗୁଣବତ୍ତା ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖା ଯାଇଛି।

## ଗ୍ରୀଷ୍ମ ପ୍ରବାହ ପରିଚାଳନା ସଚେତନତା କାର୍ଯ୍ୟକ୍ରମ

**ଅଂଶୁଘାତ ମୁକାବିଲା ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆହ୍ୱାନ**

**ବାରିପଦା,୨୮।୨ (ସଂଚାର ବ୍ୟୁରୋ):** ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଭୁବନେଶ୍ୱର ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ମୟୁରଭଞ୍ଜ ମିଳିତ ଆନୁକୂଲ୍ୟରେ ତକତପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଦ୍ୱାରା ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ନାରାୟଣ ପ୍ରସାଦ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି ।

ପ୍ରାରମ୍ଭରେ ଆସିଷ୍ଟାଣ୍ଟ ପ୍ରଫେସର ରାଇମଣି ମାରାଣ୍ଡି ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ. ତତ୍ପରେ ଅଧ୍ୟକ୍ଷ ଡ଼. ବେହେରା ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପମାନ ବୃଦ୍ଧି ସଙ୍ଗେ ସଙ୍ଗେ ଅଂଶୁଘାତର ମୁକାବିଲା ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆହ୍ୱାନ ଓ ଏଥିପାଇଁ ସଠିକ ଯୋଜନା ପ୍ରସ୍ତୁତ, ଯୋଜନାର ସଫଳ ରୂପାୟନ, ପରିବେଶର ସୁରକ୍ଷା, ସରଳ ଜୀବନଯାପନ, କାର୍ବନ୍ ନିର୍ଗମନ ହ୍ରାସ, ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ, ବିଭାଗୀୟ ସମନ୍ୱୟ ସହିତ ବ୍ୟାପକ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ।




ସେହିପରି ଉତ୍ତପ୍ତ ବିଶ୍ୱ ନୁହଁ ବରଂ ଶୀତଳ, ନିର୍ମଳ ଓ ସୁସ୍ଥ ବିଶ୍ୱ ଜୀବନକୁ ପୂର୍ଣ୍ଣାଙ୍ଗ ଓ ସୁନ୍ଦର କରିଥାଏ ଏବଂ ଏଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଡିପିଓ ଜଗବନ୍ଧୁ ମହାନ୍ତି ନିଜ ବକ୍ତବ୍ୟରେ କହିଥିଲେ. ନିଜେ ସଚେତନ ହେବା ଓ ଅନ୍ୟମାନଙ୍କୁ ସଚେତନ କରିବା ସଙ୍ଗେ ସଙ୍ଗେ ଜିଜ୍ଞାସା, ପରିଶ୍ରମ, କଳ୍ପନା, ସୃଜନଶୀଳତା, ବୈଜ୍ଞାନିକ ମନୋଭାବ ଓ ଅଭିନବ ଜ୍ଞାନ କୌଶଳର ଉଦ୍ଭାବନ ଉପରେ ଗୁରୁତ୍ୱ ଦେଇ ଭବିଷ୍ୟତ ପୃଥିବୀର ସଫଳ ଦାୟାଦ ଓ ନବନିର୍ମାଣର ରୂପକାର ହୋଇ ଆଗାମୀ ଦିନରେ ଆସୁଥିବା ସବୁଯାକ ପ୍ରତିବନ୍ଧକ ଓ ଆହ୍ୱାନ ସବୁକୁ ଛାତ୍ରଛାତ୍ରୀମାନେ ସମାଧାନ କରି ପାରିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ ।

ଏହି ଅବସରରେ ମାଷ୍ଟର ଟ୍ରେନର ଭାବରେ ଜିଲ୍ଲା ଚିକିତ୍ସାଳୟର ଡାକ୍ତର ବିଭୂଦତ୍ତ ଦାସ ଓ ଡାକ୍ତର ଜ୍ଞାନେନ୍ଦ୍ର ମହାନ୍ତି ହିଟ୍ ୱେଭ, ହିଟ୍ ଷ୍ଟ୍ରୋକ୍, ହିଟ୍ ଇଲନେସ୍, ହିଟ୍ କ୍ରାମ୍ପ ଆଦି ବିଷୟରେ ବର୍ଣ୍ଣନା କରିବା ସହିତ ଏହାର ପ୍ରତିକାର ଓ ପ୍ରାଥମିକ ଚିକିତ୍ସା ବିଷୟରେ ବ୍ୟାପକ ଭାବେ ବୁଝାଇଥିଲେ । ପ୍ରଫେସର ଡା. ଅନାମ ଚରଣ ରାଉଳ ଅଂଶୁଘାତ ସମ୍ବନ୍ଧୀୟ ସରକାରଙ୍କ ନିୟମାବଳୀର ପାଳନ ଓ ସଚେତନତା ବାର୍ତ୍ତା ପ୍ରଚାର ଉପରେ ଗୁରୁତ୍ୱ ଦେଇଥିଲେ।

## ଗାଁ ମୁରବୀ ଙ୍କ ପରଲୋକ

**ଆନନ୍ଦପୁର,୨୮।୨(ସଂଚାର ବ୍ୟୁରୋ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଟୋଲଙ୍କପଡା ଗ୍ରାମର ପ୍ରଖ୍ୟାତ ସମାଜସେବୀ ଓ ଗାଁର ମୁରବୀ ବ୍ୟକ୍ତି ଭାଗବତ ବାରିକ (୭୮)ଙ୍କ ପରଲୋକ ଘଟିଛି। ତାଙ୍କ ଦେହାନ୍ତ ସମ୍ବାଦ ପ୍ରଚାର ପାଇବା ସହିତ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଦୀର୍ଘଦିନ ଧରି କ୍ୟାନ୍ସର ରୋଗରେ ପୀଡ଼ିତ ଥିଲେ। ପ୍ରଥମେ କଟକ ବଡ଼ ମେଡିକାଲରେ କଟକରେ ଚିକିତ୍ସାଧୀନ ରହିଥିଲେ, କିନ୍ତୁ ସ୍ୱାସ୍ଥ୍ୟରେ ସୁଧାର ନ ଆସିବାରୁ ପରେ ଘରୋଇ ଚିକିତ୍ସା ଚାଲିଥିଲା। ଶୁକ୍ରବାର ରାତିରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ସ୍ୱର୍ଗତ ବାରିକ ପଞ୍ଚାୟତର ବିଭିନ୍ନ ସାମାଜିକ ସଂଗଠନ ସହ ଜଡିତ ରହି ମଠ ଓ ମନ୍ଦିର ନିର୍ମାଣରେ ଅଗ୍ରଗାମୀ ଭୂମିକା ନେଇଥିଲେ। ଟୋଲଙ୍କପଡା ହାଇସ୍କୁଲର ସେ ଅନନ୍ୟ ପ୍ରତିଷ୍ଠାତା ଭାବେ ପରିଚିତ ଥିଲେ। ତାଙ୍କ ସମାଜସେବାମୂଳକ କାର୍ଯ୍ୟ ଅଞ୍ଚଳବାସୀଙ୍କ ମନରେ ସଦା ସ୍ମରଣୀୟ ରହିବ। ମୃତ୍ୟୁଶଯ୍ୟା ନିକଟରେ ଭାଇପୁତ୍ର, ପୁତ୍ରବଧୂ, ନାତି-ନାତୁଣୀ ସହିତ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମୃତକଙ୍କ ନିବାସସ୍ଥାନକୁ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇ ଶେଷ ଦର୍ଶନ କରିଥିଲେ।

## ସାଂସ୍କୃତିକ କାର୍ଯ୍ୟକ୍ରମରେ କନ୍ଧମାଳ ଚମ୍ପିଅନ

**ଫୁଲବାଣୀ,୨୮।୨(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାର ଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଭାରତ ସରକାର ଶାଖା ମାଇ ଭାରତ ଫୁଲବାଣୀ ଓ ୧୨୭ ସି ଆର ପି ଏଫ ବାଲିଗୁଡା ମିଳିତ ଆନୁକୂଲ୍ୟରେ ୧୭ତମ ଆଦିବାସୀ ଯୁବ ଭାବ ବିନିମୟ କାର୍ଯ୍ୟକ୍ରମ ର ସ୍ୱାଗତ ସମ୍ବଦ୍ଧନା କାର୍ଯ୍ୟକ୍ରମ ସ୍ଥାନୀୟ ସାମ୍ବାଦିକ ଭବନ ଫୁଲବାଣୀ ଠାରେ ଅନୁଷ୍ଠିତ ହୋଇ ଯାଇ ଅଛି ଅନୁଷ୍ଠିତ କାର୍ଯ୍ୟକ୍ରମ କୁ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଅଧିକାରୀ ଶିବ ଶଙ୍କର ବେହେରା ଯୋଗ ଦେ ଇ ଥିବା ବେଳେ ସନମାନିତ ଅତିଥି ଭାବରେ ସନ୍ତୋଷ କୁମାର ବେହେରା ଏବଂ ମାଇ ଭାରତ ଫୁଲବାଣୀ ର,ସହ କର୍ମୀ ସତ୍ୟବାନ୍ ଦଳବେହେରା,ପ୍ରମୁଖ ଯୋଗ ଦେ ଇ ଥିଲେ । ଏହି କାର୍ଯ୍ୟକ୍ରମ ପାଇଁ ବାଲିଗୁଡା ବ୍ଲକ ର ୨୦ ଜଣ ଭାଇ ଓ ଭଉଣୀ ମାନେ ଯାତ୍ରା କରିଥିଲେ। ଏସ କ ଟ ଭାବରେ ୧୨୭ସି ଆର ପିଫ ବାଲିଗୁଡା ର ଲେଙ୍କା ସୁନିତା, ଡି ନାଗରା ସାଥିରେ ଯାତ୍ରା କରିଥିଲେ । ଏହି କାର୍ଯ୍ୟକ୍ରମ ଟି ଗୌତମ ବୁଦ୍ଧ ନଗର ଉତ୍ତର ପ୍ରଦେଶ ଠାରେ ଅନୁଷ୍ଠିତ ହୋଇ ଥିଲା ଏବଂ ଏଥିରେ ଓଡିଶା, ଛତିଶଗଡ, ଝାଡ଼ଖଣ୍ଡ, ମହାରାଷ୍ଟ୍ର,ମଧପ୍ରଦେଶ, ଉତ୍ତର ପ୍ରଦେଶ ର ଆଦିବାସି ଭାଇ ଓ ଭଉଣୀମାନେ ଅଂଶ ଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ଅନୁଷ୍ଠିତ କାର୍ଯ୍ୟକ୍ରମ ର ମୁଖ୍ୟ ଲକ୍ଷ ଓ ଉଦେଶ୍ୟ ବିଷୟରେ ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରି ଥିଲେ ଏବଂ ସାଂକୃତିକ କାର୍ଯ୍ୟକ୍ରମ ରେ ପ୍ରଥମ ସ୍ଥାନ ଅଧିକାର କରି କନ୍ଧମାଳ ର ଗୌରବ ଅର୍ଜନ କରିଥିବାରୁ ଶୁଭେଚ୍ଛା ଜଣେଇ ଥିଲେ । ବୈଠକ ରେ ମାଇ ଭାରତ ଫୁଲବାଣୀ ର ସହ କର୍ମୀ ସତ୍ୟବାନ ଦଳବେହେରା ମୁଖ୍ୟ ଅତିଥି ସନମାନିତ ଅତିଥି ଓ ଉପସ୍ଥିତ ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ମିନତୀ ପ୍ରଧାନ ଧନ୍ୟବାଦ ଦେଇ ସଭା ସାଙ୍ଗ କରି ଥିଲେ ।



## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**କେନ୍ଦ୍ରାପଡା,୨୮।୨(ସଂଚାର ବ୍ୟୁରୋ):** ରାଜ୍ୟର ଅନ୍ୟତମ ପୁରୁଣା ବାଳିକା ବିଦ୍ୟାଳୟ ଭାବେ ପରିଚିତ କେନ୍ଦ୍ରାପଡାର ଫେଜର ବାଳିକା ଉପ୍ରା ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ସରଳା ମିଶ୍ରଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ସିଆରସିସି ସଦାଶିବ ସାହୁଙ୍କ ଆୟୋଜିତ ଏକ ସଭାରେ ମଣ୍ଡଳ ଶିକ୍ଷା ଅଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ, ସାହିତ୍ୟିକ ଡ଼ ବାସୁଦେବ ଦାସ, କୈଳାସ ଚନ୍ଦ୍ର ତରାଇ, ରାଧାନାଥ ମିଶ୍ର, ହିରଣ୍ୟ କୁମାରବାରିକ, ରଂଜନ କୁମାର ରାଉତରାୟ ପ୍ରମୁଖ ଉତିଥି ଭାବେ ଯୋଗ ଦେଇ ଶ୍ରୀମତୀ ମିଶ୍ରଙ୍କୁ ଉତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଆଦର୍ଶ, ମିଷ୍ଟଭାଷୀ ଓ ସରଳ ଜୀବନ ଯାପନ ସଂପର୍କରେ ଆଲୋଚନା କରିଥିଲେ। ଏଥି ସହିତ ତାଙ୍କର ଅବସର କାଳୀନ ଜୀବନ ନିରୋଗ ଓ ସୁଖ ଶାନ୍ତିରେ ଅତିବାହିତ ହେବାପାଇଁ କାମନା କରା ଯାଇଥିଲା ।




## ଧାନ ଚାଷୀ ଦଲାଲଙ୍କ ଚକ୍ରରେ ପଡ଼ି ଠକେଇର ଶିକାର

**ଧାମନଗର,୨୮।୨(ସଂଚାର ବ୍ୟୁରୋ):** ସରକାରୀ ଧାନ ମଣ୍ଡିରେ ସମୟରେ ଧାନ କ୍ରୟ ନ ହେବାରୁ ଧାମନଗର ଅଞ୍ଚଳର ଚାଷୀମାନେ ଦଲାଲି ଚକ୍ରରେ ପଡ଼ି ଠକେଇର ଶିକାର ହୋଇଥିବା ଘଟଣା ସାମ୍ନାକୁ ଆସିଛି। ପାଖାପାଖି ୫୦ରୁ ଅଧିକ ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରିନଥିବାରୁ ବାଧ ହୋଇ ମଧ୍ୟସ୍ଥଙ୍କ ମାଧ୍ୟମରେ ଧାନ ଦେଇଥିବାବେଳେ ବେପାରୀ ଧାନ ନେଇ ଟଙ୍କା ନଦେଇ ଫେରାର ହୋଇଯାଇଥିବା ଅଭିଯୋଗ ଧାମନଗର ଥାନାରେ ହୋଇଛି। ଅଭିଯୋଗ ଅନୁଯାୟୀ, ବାଲେସ୍ୱର ଜିଲ୍ଲା ଭୋଗରାଇ ଥାନା ଅଧୀନ ମୁଣ୍ଡାବଣିଆ ଗ୍ରାମର ଉମାକାନ୍ତ ସାମାଲଙ୍କ ପୁଅ ହରିଶ ଚନ୍ଦ୍ର ସାମାଲ ଧାମନଗର ଅଞ୍ଚଳର ବିଭିନ୍ନ ଚାଷୀଙ୍କ ଠାରୁ ଗତ ୨ରୁ ୩ ମାସ ମଧରେ ଧାନ ସଂଗ୍ରହ କରିଥିଲେ। ସେ ପ୍ରାୟ ୧୩୪ ଟନ ଧାନ ନେଇଥିବାବେଳେ ତାହାର ମୂଲ୍ୟ ପାଖାପାଖି ୨୫ ଲକ୍ଷ ଟଙ୍କା ହେବ ବୋଲି ଚାଷୀମାନେ ଦାବି କରିଛନ୍ତି। କିନ୍ତୁ ଧାନ ନେବା ପରେ ଟଙ୍କା ପ୍ରଦାନ ନକରି ସେ ଫେରାର ହୋଇଯାଇଥିବା ନେଇ ଧାମନଗର ଥାନାରେ ଲିଖିତ ଅଭିଯୋଗ ଦାଖଲ ହୋଇଛି।

ଚାଷୀ ଆଶୋକ କରଙ୍କ କହିବା ଅନୁଯାୟୀ, ସେ ୭ ଲକ୍ଷ ୩୨ ହଜାର ଟଙ୍କା ମୂଲ୍ୟର ଧାନ ଦେଇଥିଲେ। ସେକ ଜାବିର, ସେକ କାଦର, ସେକ ଗୋଲାମ ମୁର୍ତ୍ତୁଜା, ସେକ ପାଉ, ସେକ ଜୁଲୁ, ସେକ ଚନ୍ଦା, ସେକ ସଫି, ସେକ କଲୋ, ସେକ ଗୋଲାମ ଘୋଷ, ସେକ ଏସହାନ, ସେକ ମୌସୁମୀ, ସେକ କଲିମୁଦ୍ଦିନ, ସେକ ଜୁଲଫୁକାର, ସେକ ସିଦ୍ଦିକ, ଚିନ୍ତା ମଳିକ, ଶରତ ବରାଳ, ବିନୋଦ ସାହୁ, ସେକ ତାର ମହମ୍ମଦ, ଚୁନୁଲାଲ ଗୁପ୍ତା ସହ ଅନେକ ଚାଷୀ ଏହି ଘଟଣାରେ ପୀଡ଼ିତ ହୋଇଥିବା ଜଣାପଡ଼ିଛି।ଚାଷୀମାନଙ୍କ ଅଭିଯୋଗ ଯେ, ସରକାରୀ ମଣ୍ଡିରେ ଧାନ ଉଠାଣ ବିଳମ୍ବ ଓ ଟୋକେନ ସମସ୍ୟା ଯୋଗୁଁ ସେମାନେ ବାଧ ହୋଇ ଦଲାଲ ମାଧ୍ୟମରେ ବାଲେଶ୍ୱର ଅଞ୍ଚଳର ହରିଶ ଚନ୍ଦ୍ର ସାମାଲ ପ୍ରଥମେ ଧାମନଗର ଅଞ୍ଚଳର ସେକ ସୁରଜ (ମିଡିଏଟର) ମାଧ୍ୟମରେ ୨ ରୁ ୩ ଗାଡି ଚାଷୀଙ୍କ ଠାରୁ ଧାନ ନେଇ ଟଙ୍କା ଦେଇଥିଲା। ଏଣୁ ଚାଷୀଙ୍କ ବିଶ୍ୱାସ ପାଇଁ ୧୯୦୦ ଟଙ୍କା ହିସାବର ଧାନ ଦେଇଥିଲେ। ପରେ ବହୁ ସଂଖ୍ୟାର ଧାନ ନେଇ ଆଉ କୌଣସି ସମ୍ପର୍କ କରିନଥିଲା କି ଫୋନ୍ ଉଠାଇନଥିଲା। ଏବେ ଧାନର ଟଙ୍କା ନମିଳିବାରୁ ଚାଷୀମାନେ ଆର୍ଥିକ ସମସ୍ୟାରେ ପଡ଼ିଛନ୍ତି। ଏହି ସମ୍ପର୍କରେ ଧାମନଗର ଥାନା କେସ୍ ନମ୍ବର ୮୯/୨୬ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଅଧିକ ତଦନ୍ତ ପାଇଁ ଏଏସଆଇ ନରେନ୍ଦ୍ର କୁମାର ରାଉତ ଦାୟିତ୍ୱ ଦେଇଥିବା ବେଳେ ଗରିବ ଚାଷୀଙ୍କ ଟଙ୍କା ଯଥାଶୀଘ୍ର ଆଦାୟ କରାଯିବ ବୋଲି ଥାନା ଅଧିକାରୀ ସୁଭ୍ରଜିତ ଦାସ ଆମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।




## ନରହରିପୁରରେ ପୋଲ ନିର୍ମାଣକୁ ନେଇ ବଢୁଛି ଅସନ୍ତୋଷ

### ବିବାଦ ନତୁଟିବା ଆଗରୁ କାମ ଆରମ୍ଭ କଲେ ଏସଡିଓ ଓ ଠିକାଦାର

**ଧାମନଗର,୨୮।୨(ସଂଚାର ବ୍ୟୁରୋ):** ଧାମନଗର ବ୍ଲକ ଭଗସାହୀ ପଞ୍ଚାୟତ ଅନ୍ତର୍ଗତ ନରହରିପୁର ଠାରେ କଣ୍ଡିଆ ନଦୀ ଉପରେ ଚାଲିଥିବା ପୋଲ ନିର୍ମାଣ କାର୍ଯ୍ୟ ଏବେ ବିବାଦ ଘେରକୁ ଚାଲିଆସିଛି। ପୋଲର ପ୍ରକୃତ ସ୍ଥାନ ନିରୂପଣ କୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଥିବା ବେଳେ, ସ୍ଥାନୀୟ ଲୋକଙ୍କ ସହମତି ବିନା ଆର ,ଡି ବିଭାଗ କାମ ଆରମ୍ଭ କରିବା ଜନ ଅସନ୍ତୋଷକୁ ତୀବ୍ର କରିଛି। ସୁଚନା ଥାଉକି ପ୍ରାୟ ୮ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ପୋଲ ନିର୍ମାଣ ପାଇଁ ଯୋଜନା ହୋଇଛି। ମାତ୍ର ପୋଲଟି ନରହରିପୁର-ଫଳପୁର ଠାରେ ହେବ ନା ସେଠାରୁ ୧୦୦ ମିଟର ଦୂରରେ ହେବ, ସେ ନେଇ ଗ୍ରାମବାସୀଙ୍କ ମଧ୍ୟରେ ମତଭେଦ ରହିଛି। ଏହି ସ୍ଥାନ ବିବାଦକୁ ନେଇ ଦୁଇ ଦିନ ତଳେ ଶାସକ ଦଳର ଦୁଇ ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା, ଯେଉଁଥିରେ ୨୦ରୁ ଅଧିକ ଲୋକ ଆହତ ହୋଇ ଏବେ ବି ଚିକିତ୍ସିତ ହେଉଛନ୍ତି। ପୋଲିସ ମଧ୍ୟ ଏହି ମାମଲାରେ ତଦନ୍ତ ଜାରି ରଖିଛି। ଏଭଳି ଏକ ସମ୍ବେଦନଶୀଳ ସ୍ଥିତିରେ ସମାଧାନର ବାଟ ବାହାର କରିବା ପରିବର୍ତ୍ତେ, ଆର .ଡି ବିଭାଗୀୟ ଏସଡିଓ ରଞ୍ଜନ ନାୟକ ଓ ସମ୍ପୃକ୍ତ ଠିକାଦାର ଏକପାଖିଆ ଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି। ଉଭୟ ପକ୍ଷ ଙ୍କୁ ଡକାଇ ଆଲୋଚନା ମାଧ୍ୟମରେ ସ୍ଥାନ ନିରୂପଣ କରିବା ପାଇଁ ସ୍ଥାନୀୟ ଲୋକେ ଅନୁରୋଧ କରିଥିଲେ ସୁଦ୍ଧା ଏସଡିଓ ଏହାକୁ କର୍ଣ୍ଣପାତ କରୁନାହାନ୍ତି।ଉପରୁ ନିର୍ଦ୍ଦେଶ ଅଛି, ସେହି ଅନୁସାରେ କାମ ହେବ, ମୋତେ କିଛି ପଚାରନ୍ତୁ ନାହିଁ" - ଏଭଳି ରୁକ୍ଷ ଜବାବ ଦେଇ ଏସଡିଓ ନିଜ ଦାୟିତ୍ୱ ରୁ ଖସି ଯାଉଥିବା ଅଭିଯୋଗ ହେଉଛି।ଏସଡିଓ ଓ ଠିକାଦାରଙ୍କ ଏହି ମନ୍‌ମାନି କାର୍ଯ୍ୟ ଯୋଗୁଁ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମବାସୀଙ୍କ କହିବା କଥା ଯେ, ଯଦି ଉଚିତ୍ ସ୍ଥାନରେ ପୋଲ ନିର୍ମାଣ ନହୁଏ, ତେବେ ଏହା ଭବିଷ୍ୟତରେ କୌଣସି କାମରେ ଆସିବ ନାହିଁ। ଏହି ଘଟଣାରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଉଭୟ ପକ୍ଷଙ୍କ ସହମତିରେ ଉଚିତ୍ ସ୍ଥାନରେ କାର୍ଯ୍ୟ ଆରମ୍ଭ କରିବାକୁ ଦାବି ଜୋର ଧରିଛି। ନଚେତ ଆଗାମୀ ଦିନରେ ଏହା ଏକ ବଡ଼ ଧରଣର ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି। ସୁଚନା ଥାଉକି ଏହି ପୋଲ ନିର୍ମାଣ ର ସ୍ଥାନ ନିରୂପଣ ପାଇଁ ନରହରିପୁର ଗ୍ରାମ ରୁ ମହିଳା ଓ ପୁରୁଷ ମାନେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ କୁ ଭେଟି ସମାଧାନ ପାଇଁ ଅନୁରୋଧ କରିଥିଲେ ,ମନ୍ତ୍ରୀ ମଧ୍ୟ ଉଭୟଙ୍କୁ ବସାଇ ନିଷ୍ପତି ନେବାକୁ ପରାମର୍ଶ ଦେଇଥିଲେ,ମାତ୍ର ଆଜି ଠାରୁ ବିବାଦୀୟ ସ୍ଥାନରେ ପୋଲ ନିର୍ମାଣ ପାଇଁ ମାପଚୁପ ଆରମ୍ଭ ହୋଇଚି।

## ଜିଲ୍ଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳିତ

**ବାରିପଦା,୨୮।୨(ସଂଚାର ବ୍ୟୁରୋ):** ବାରିପଦା ସହର ଅନ୍ତର୍ଗତ ତକତପୁର ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଜିଲ୍ଲା ବିଜ୍ଞାନ କେନ୍ଦ୍ର ଏବଂ ପ୍ଲାନେଟେରିୟମ ଠାରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳନ ଉପଲକ୍ଷେ ବକ୍ତୃତା ଏବଂ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ର ଛାତ୍ର ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ନବମ ରୁ ଦ୍ୱାଦଶ ଶ୍ରେଣୀ ବରିଷ୍ଠ ବର୍ଗ କୁଇଜ ପ୍ରତିଯୋଗିତା ରେ ଓଏଭି, ବେତନଟୀ ର ଦିବ୍ୟାଂଶୀ ଦାସ, ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାରିପଦା ର ସ୍ମୃତିରେଖା ପୂର୍ତ୍ତି, ଓଏଭି, ଚାନ୍ଦୁଆ ର ଅନନ୍ୟା ପାଣିଗ୍ରାହୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଛନ୍ତି ।




ସେହିପରି ଷଷ୍ଠ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କନିଷ୍ଠ ବର୍ଗ କୁଇଜ ପ୍ରତିଯୋଗିତା ରେ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଲକ୍ଷ୍ମୀପୋଷିର ଦିବ୍ୟାସିନୀ ଦାସ,ଓଏଭି,ବାରିପଦା ର ବିବେକ କୁମାର ସୋ, ଓଏଭି, ବେତନଟୀ ର ଲକ୍ଷ୍ମୀପ୍ରିୟା ଜେନା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଛନ୍ତି । ସେହିପରି କୁଇଜ ପ୍ରତିଯୋଗିତା ରେ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାରିପଦା ର ସ୍ମୃତିରେଖା ପୂର୍ତ୍ତି, ଓଏଭି, ବେତନଟୀ ର ଦିବ୍ୟାଂଶୀ ଦାସ,ଓଏଭି, ଚାନ୍ଦୁଆ ର ଅନନ୍ୟା ପାଣିଗ୍ରାହୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଛନ୍ତି । ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଙ୍କ ସଂଯୋଜନା ରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ସମ୍ମାନିତ ଅତିଥିଭାବେ ଜିଲ୍ଲା ସମଗ୍ର ଶିକ୍ଷା ପ୍ରକଳ୍ପ କାର୍ଯ୍ୟାଳୟ,ବାରିପଦା ର ବାଳିକା ସଂଯୋଜକ ପ୍ରଫୁଲ୍ଲ ବାରିକ, ଉକ୍ତ ପ୍ଲାନେଟେରିୟମ ର ସହକାରୀ କ୍ୟୁରେଟର ଶତାବ୍ଦୀ ଷଡ଼ଙ୍ଗୀ ଓ ବିଜ୍ଞାନ ପ୍ରଦର୍ଶକ ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର, ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ପ୍ରତିଯୋଗୀମାନେ ଗାଇଡ଼ଶିକ୍ଷକ ଙ୍କ ନେତୃତ୍ୱରେ ଯୋଗ ଦେଇଥିଲେ । ବିଚାରକ ଭାବେ ବରିଷ୍ଠ ଶିକ୍ଷକ ନିଗମାନନ୍ଦ ମହାପାତ୍ର, ଶିଶିର କୁମାର ନାୟକ, ଶିକ୍ଷକ ସୁବ୍ରତ କୁମାର ଆଚାର୍ଯ୍ୟ,ଶିକ୍ଷୟିତ୍ରୀ ଅତସୀ କୁଣ୍ଡୁ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପ୍ଲାନେଟେରିୟମର ସମସ୍ତ ସଦସ୍ୟ, ଶିକ୍ଷକମାନେ ସହଯୋଗ କରିଥିଲେ ।







# ବର୍ଷକର ଛୁଆ ଖାଇପାରିବେ କି ଲୁଣ ଓ ଚିନି ?

ଛୋଟପିଲାଙ୍କ ଡାଏଟକୁ ନେଇ ବାପା, ମା' ସବୁବେଳେ ଦ୍ୱନ୍ଦ୍ୱରେ ରହିଥା'ନ୍ତି। ଖାସ୍ କରି ସେତେବେଳେ ଯେତେବେଳେ ପ୍ରଥମ ଥର ପାଇଁ ସନ୍ତାନ ଜନ୍ମ କରିଥା'ନ୍ତି ବାପା,ମା'। ଛୋଟ ଛୁଆ ତ ଶୀଘ୍ର ଖାଇବେନି , ବୁଲାଇ ବୁଲାଇ ଖୁଆଇଲା ବେଳକୁ ଘଣ୍ଟା ଘଣ୍ଟା ସମୟ ଲାଗିଯାଏ। ପିଲା କେମିତି ସଅଳ ଖାଇବ ଏହା ଚିନ୍ତା କରି ବାପା,ମା' ଖାଦ୍ୟରେ ଅଳ୍ପ ଲୁଣ ଏବଂ ଚିନିର ବ୍ୟବହାର କରନ୍ତି। କିଛି ଲୋକ ୬ ମାସ ପରେ ସେମାନଙ୍କ ଶିଶୁକୁ ଲୁଣ ଏବଂ ଚିନି ଖାଇବାକୁ ଦେବା ଆରମ୍ଭ କରିଦିଅନ୍ତି। କିନ୍ତୁ ଶିଶୁ ବିଶେଷଜ୍ଞମାନେ ଏପରି କରିବାକୁ ମନା କରନ୍ତି। ଶିଶୁରୋଗ ବିଶେଷଜ୍ଞ ଏବଂ ସ୍ତ୍ରୀରୋଗ ବିଶେଷଜ୍ଞଙ୍କ ଅନୁସାରେ, ୧ ବର୍ଷ ବୟସ ପୂର୍ବରୁ ପିଲାମାନଙ୍କୁ ଲୁଣ ଏବଂ ଚିନି ଖାଇବାକୁ ଦେବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। କାରଣ ଜନ୍ମ ପରେ ପିଲାଙ୍କ ଶରୀର ଏବଂ କିଡନି ଧୀରେ ଧୀରେ ବିକଶିତ ହୁଏ। ଏପରି ପରିସ୍ଥିତିରେ ଅଧିକ ସୋଡିୟମ୍ ସେମାନଙ୍କ ଶରୀର ଉପରେ ଚାପ ପକାଇପାରେ ଏବଂ କ୍ଷତି ପହଞ୍ଚାଇପାରେ। ତେବେ ଆସନ୍ତୁ ଜାଣିବା ବର୍ଷେ ପୂର୍ବରୁ ପିଲାମାନଙ୍କୁ କାହିଁକି ଲୁଣ ଦିଆଯିବା ଉଚିତ୍ ନୁହେଁ ଏବଂ ଏହା ଶିଶୁର ଶରୀରରେ କ'ଣ କ୍ଷତି କରିପାରେ ? ଛୋଟ ପିଲାମାନଙ୍କର ବୃକକ୍ ସମ୍ପୂର୍ଣ୍ଣ ବିକଶିତ ହୋଇନଥାଏ। ଯଦି ପିଲାଟି ଲୁଣ ଖାଏ ତେବେ ବୃକକ୍ ଉପରେ ଅଧିକ ଚାପ ପଡ଼େ। କମ୍ ବୟସରୁ ଅଧିକ ଲୁଣ ଖାଇବା ଅଭ୍ୟାସ ଭବିଷ୍ୟତରେ ଉଚ୍ଚ ରକ୍ତଚାପର ସମ୍ଭାବନାକୁ ବୃଦ୍ଧି କରିପାରେ। ଗବେଷଣାରୁ ଜଣାପଡ଼ିଛି ଯେ ପିଲାଦିନର ଖାଦ୍ୟପେୟ ବଡ଼ ହେଲେ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଏ। ଛୋଟ ପିଲାମାନଙ୍କର ଶରୀରରେ ଜଳ ସନ୍ତୁଳନ ଶୀଘ୍ର ବିଗିଡ଼ିପାରେ। ଅଧିକ ଲୁଣ ଖାଇବାକୁ ଦେବା ଦ୍ୱାରା ଶରୀରରେ ପାଣିର ଆବଶ୍ୟକତା ବଢ଼ିଯାଏ ଏବଂ ଡିହାଇଡ୍ରେସନ୍ ହେବାର ଆଶଙ୍କା ରହିପାରେ। ଯଦି ପିଲାଟି ଆରମ୍ଭରୁ ଲୁଣିଆ ଖାଦ୍ୟ ଖାଇବାରେ ଅଭ୍ୟସ୍ତ ହୋଇଯାଏ ଭବିଷ୍ୟତରେ ମଧ୍ୟ ଲୁଣିଆ ଖାଦ୍ୟ ଖାଇବାକୁ ହିଁ ପସନ୍ଦ କରେ। ବିଶେଷଜ୍ଞମାନେ କୁହନ୍ତି ଯେ ୧ ବର୍ଷ ପର୍ଯ୍ୟନ୍ତ ଆପଣଙ୍କ ଶିଶୁକୁ ଲୁଣ ଦେବାର ଆବଶ୍ୟକତା ନାହିଁ। ତଥାପି ୬ ମାସ ପରେ ବିନା ଲୁଣରେ ଖାଦ୍ୟ ଖାଇବା ଆରମ୍ଭ କରିପାରିବେ। ଆପଣ ଦଲିଆ, ଖେଚୁଡ଼ି, କିମ୍ବା ଚକଟା ପନିପରିବା ଶିଶୁଙ୍କୁ ଖାଇବାକୁ ଦେଇପାରିବେ। ଏହି ବୟସରେ ଯେତେ ଫିକା ଖାଦ୍ୟ ଖାଇବ ଶରୀରକୁ ସେତେ ଭଲ। ଏହାଛଡ଼ା ପିଲାଙ୍କ ଖାଦ୍ୟରେ ଚିନି ମିଶାଇବା ମଧ୍ୟ କ୍ଷତିକାରକ ହୋଇପାରେ। ଖାସ୍ କରି ସେତେବେଳେ ଯେତେବେଳେ ଶିଶୁ ମା'କ୍ଷୀର ସେବନ ବନ୍ଦ କରିଥାଏ। ଶିଶୁ ଅବସ୍ଥା ବହୁତ ଗୁରୁତ୍ୱପୂର୍ଣ୍ଣ କାରଣ ଏହି ସମୟ ଭବିଷ୍ୟତର ଖାଦ୍ୟ,ପାନୀୟ ଉପରେ ନିର୍ଭର କରେ। ଶିଶୁଙ୍କ ଆହାରରେ ଚିନି ମିଶାଇବା ଦ୍ୱାରା ଦାନ୍ତ ଖରାପ ହେବାର ସମସ୍ୟା ବଢ଼େ। ଭବିଷ୍ୟତରେ ମଧୁମେହର ସମସ୍ୟା ସୃଷ୍ଟି ହୁଏ। ବର୍ଷେରୁ ଦେଢ଼ବର୍ଷ ଭିତରେ ଶିଶୁଙ୍କୁ ଖାଦ୍ୟରେ ଲୁଣ ଏବଂ ଚିନି ଦେବା ଆଦୌ ଠିକ୍ ନୁହେଁ।

# ଖରାବେଳେ ଖାଇସାରି ଶୋଇବା ସ୍ୱାସ୍ଥ୍ୟ ପାଇଁ ହାନି



ସ୍ୱାସ୍ଥ୍ୟ ପାଇଁ ନିଦ୍ରା, ଖାଦ୍ୟ ଭଳି ଅପରିହାର୍ଯ୍ୟ। ଏକ ସୁସ୍ଥ ଶରୀରର ଅଧିକାରୀ ହେବାକୁ ହେଲେ ୬ରୁ ୭ ଘଣ୍ଟା ଶୋଇବା ନିହାତି ଦରକାର। ଅନିଦ୍ରା ସମସ୍ୟା ହେଲେ ଆମ ଶରୀରକୁ ଅନେକ ସମସ୍ୟା ଘୋଟିଆସେ । ତେଣୁ ଶୋଇବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଦିନବେଳା ଶୋଇବା କେତେ ଜରୁରି ?

ଅନେକଙ୍କର ଅଭ୍ୟାସ ଥାଏ ସେମାନେ ଦ୍ୱିପହର ସମୟରେ ଖାଇସାରିବା ପରେ ଟିକେ ଶୋଇପଡ଼ିବାକୁ ଭଲ ପାଆନ୍ତି। ଶୋଇପଡ଼ିଲେ କାଳେ ଭାରି ଆରାମ ଲାଗେ। ଜଣେ ଜଣେ ତ ଦିନରେ ୩ରୁ ୪ ଘଣ୍ଟା ଶୋଇପଡ଼ନ୍ତି। ହେଲେ ଏହା କ'ଣ ଆମ ଶରୀର ପାଇଁ ଜୁରି, ହିତକର, ତାହା ଜାଣିବା ଜରୁରି। ଆୟୁର୍ବେଦରେ ଦ୍ୱିପହରରେ ଶୋଇବାକୁ ବାରଣ କରାଯାଇଛି। ଏହା ପଛରେ ଏକାଧିକ କାରଣ ରହିଛି।

ଆମ ଶରୀର ବାତ୍ତ, ପିତ୍ତ ଓ କଫର ସନ୍ତୁଳନ ରକ୍ଷା କରି ଚାଲେ। ଆୟୁର୍ବେଦ ଅନୁସାରେ ଦିନବେଳା ଶୋଇଲେ ଶରୀରରେ କଫ ମାତ୍ରା ବଢ଼ିଥାଏ। ଫଳରେ ଶରୀରରେ ଥଣ୍ଡା, କା ଭଳି ସମସ୍ୟା ଦେଖାଯାଏ। ଆଳସ୍ୟ ଧୀରେ ଧୀରେ ମାଡ଼ିବସେ। ଅନ୍ୟପଟେ ଆୟୁର୍ବେଦ ଏକଥା ବି କହୁଛି, ଯେ ଗ୍ରୀଷ୍ମ ଋତୁରେ ଦିନରେ ହାଲକା ନିଦ ନେବା ଅନେକ ସମୟରେ ଶରୀର ପାଇଁ ଜରୁରି ହୋଇଥାଏ। ତେବେ ଯଦି ଦିନରେ ଶୋଇବା ଉଚିତ ନୁହେଁ ତାହେଲେ ଏହାର ବଦଳରେ ଆଉ କ'ଣ କରିବା ଦରକାର ଯାହାଦ୍ୱାରା ଶରୀରର ଥକ୍କାପଣ ଦୂରେଇ ଯାଇପାରିବ ?

ଦିନରେ ପାୱାର ନାପ୍‌କୁ ଗ୍ରହଣ କରନ୍ତୁ।ଏହାର ଅର୍ଥ ଯଦି ଲଗାତାର କାମ କରି ଥକ୍କା ଲଗେ ତାହେଲେ ତଳେ ଶବାସନରେ କିଛି ସମୟ ଶୋଇବେ। ଯଦି ଅଫିସରେ ଥାଆନ୍ତି ତାହେଲେ ନିଜ ସିଟରେ ସିଧା ହୋଇ ମୁଣ୍ଡକୁ ରିଲାକ୍ସ ମୋଡରେ ରଖି ଆଖି ବୁଜି ଆରାମ କରନ୍ତୁ, ଯେପରି ଚାରିପଟର କୌଣସି ଶବ୍ଦ ଆପଣଙ୍କୁ ପ୍ରଭାବିତ କରୁନଥିବ। ଫଳରେ ଆପଣଙ୍କ ଥକ୍କାପଣ ଦୂରେଇବା ସହ ପୁଣିଥରେ କାମ କରିବାକୁ ଏନର୍ଜେଟିକ୍ ଲାଗିବ। ଏହାକୁ କୁହାଯାଏ 'ନିଷ୍ପନ୍ଦ ଭାବ'। ଦ୍ୱିପହର ଶୋଇବାକୁ ଆୟୁର୍ବେଦ ସେମାନଙ୍କ ପାଇଁ ଉଚିତ ବୋଲି କହେ ଯେଉଁମାନେ ଅତ୍ୟଧିକ ଥକ୍କା ଅନୁଭବ କରନ୍ତି। କିନ୍ତୁ ଏ ବିଶ୍ରାମର ସମୟ ୩୦ରୁ ୬୦ ମିନିଟ୍ ଭିତରେ ହେବା ଦରକାର। ତା'ଠାରୁ ଅଧିକ ନୁହେଁ। ତେବେ ଦିନରେ ବିଶ୍ରାମ ନେବାକୁ ସବୁଠାରୁ ସଠିକ୍ ଶବ୍ଦ ହେଉଛି ସଚେତନ ବିଶ୍ରାମ , ଆଖିବୁଜି ବିଶ୍ରାମ ନେଉଥିବେ କିନ୍ତୁ ଗଭୀର ନିଦ୍ରାକୁ ଯାଉନଥିବେ। ଏଥିପାଇଁ ଯୋଗ ଆସନରେ ବସିବାକୁ ପଡ଼ିବ। ଚତୁଃପାର୍ଶ୍ୱର ଧ୍ୟାନ ଥିବ। ୧୫ ମିନିଟର ଯୋଗଆସନ ୮ ଘଣ୍ଟାର ଗାଢ଼ ନିଦ ସହ ସମାନ। ତେଣୁ ଦ୍ୱିପହରେ ଶୋଇବା ବ୍ୟକ୍ତିଙ୍କ ଉପରେ ନିର୍ଭର କରେ। ସମୟ ସ୍ଥିତି ସହ ଏହାକୁ ସଠିକ ଭାବେ ଗ୍ରହଣ କଲେ ଶରୀର ଠିକ୍ ରୁହେ ନଚେତ୍ ଆଳସ୍ୟ ଆବୋରି ବସେ।



# ଡାଳିମ୍ବ ଚୋପାରେ ଚା' ବନାଇ ପିଅନ୍ତୁ

ଡାଳିମ୍ବ ରସଯୁକ୍ତ ମଞ୍ଜିରେ ଭରପୁର ଥାଏ। ଏହା ଯେମିତି ସ୍ୱାଦିଷ୍ଟ ଲାଗିଥାଏ ଠିକ୍ ସେହିପରି ଭାବେ ଏଥିରେ ଲାଭକାରୀ ଗୁଣ ମଧ୍ୟ ଭରପୁର ରହିଛି। ଡାଳିମ୍ବରେ ପୋଷକ ତତ୍ତ୍ୱ ରହିଥାଏ ଯାହା ଶରୀରରେ ରକ୍ତ ବଢ଼ାଇଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଡାଳିମ୍ବ ଖାଇ ଶରୀରର ଦୁର୍ବଳତାକୁ ଦୂର କରାଯାଇପାରିବ। ଡାଳିମ୍ବ ରସ ମଧ୍ୟ ଅନେକ ରୋଗ ଭଲ କରିବାରେ ପ୍ରଭାବଶାଳୀ ହୋଇଥାଏ। ଯଦି ଆପଣ ଡାଳିମ୍ବ ଖାଉଛନ୍ତି ତେବେ ଏଥିରେ ଥିବା ଗୁଣ ମଧ୍ୟ ଜାଣି ରଖନ୍ତୁ। ଏଥିରେ ଡାଏଟାରୀ ଫାଇବର, ଜିଙ୍କ, ପୋଟାସିୟମ୍ ଏବଂ ଓମେଗା -6 ଫ୍ୟାଟି ଏସିଡ୍ ମିଳିଥାଏ। ଡାଳିମ୍ବରେ ଭଲ ପରିମାଣର ଆଇରନ୍ ମଧ୍ୟ ଥାଏ।

ସାଧାରଣତଃ ଆମେ ଡାଳିମ୍ବ ଖାଇସାରିବା ପରେ ଏହାର ଚୋପାକୁ ଫିଙ୍ଗି ଦେଇଥାଉ। କିନ୍ତୁ କେବଳ ଡାଳିମ୍ବ ନୁହେଁ ଏହାର ଚୋପା ମଧ୍ୟ ଆମ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ଆମେ ଡାଳିମ୍ବ ଚୋପାକୁ ଅଳିଆ ବୋଲି ଭାବି ଫିଙ୍ଗି ଦେଉ କିନ୍ତୁ ଏହାର ଚୋପାରେ ପ୍ରସ୍ତୁତି ଚା' ପିଇବା ଦ୍ୱାରା ମୋଟାପଣ ହ୍ରାସ କରାଯିବା ସହିତ ଶରୀରରୁ ହାଇ କୋଲେଷ୍ଟ୍ରଲକୁ ହ୍ରାସ ମଧ୍ୟ କରାଯାଇପାରିବ।

ଡାଳିମ୍ବ ଚୋପା ବାହାର କରି ଲୋକେ ଏହାର ମଞ୍ଜିକୁ ଖାଇଥାନ୍ତି। ଡାଳିମ୍ବ ଜୁସ୍ ପିଇବା ପାଇଁ ମଧ୍ୟ ଲୋକମାନେ ଏହାର ଚୋପାକୁ ଛଡ଼ାଇଥାନ୍ତି। ଡାଳିମ୍ବ ଚୋପାକୁ ସାଧାରଣତଃ ଲୋକମାନେ ଫୋପାଡ଼ି ଦିଅନ୍ତି। କିନ୍ତୁ ଯଦି ଆପଣ ଡାଳିମ୍ବ ଚୋପାର ଉପକାରିତା ବିଷୟରେ ଜାଣିବେ ଏହାକୁ ଫୋପାଡ଼ିବା ପରିବର୍ତ୍ତେ ଭଲ ଭାବେ ବ୍ୟବହାର କରିପାରିବେ। ଯାହା ତ୍ୱଚା ପାଇଁ ମଧ୍ୟ ଲାଭକାରୀ ବୋଲି ପ୍ରମାଣିତ ହୋଇଛି। ତେବେ ଡାଳିମ୍ବ ଚୋପାରୁ ଚା' କିପରି ପ୍ରସ୍ତୁତ କରାଯାଏ ଏବଂ ଏହାର ଉପକାରିତା ସମ୍ପର୍କରେ ଆସନ୍ତୁ ଜାଣିବା।

ଚା' ତିଆରି କରିବା ପାଇଁ ଡାଳିମ୍ବ ଚୋପାକୁ ନେଇ ସଫା ପାଣିରେ ଧୋଇ ଦିଅନ୍ତୁ। ପରେ ଚୋପାକୁ ଛୋଟ ଛୋଟ ଖଣ୍ଡ କରି କାଟିଦିଅନ୍ତୁ। ଡାଳିମ୍ବ ଚୋପାକୁ ଖରାରେ ଶୁଖାନ୍ତୁ। ଚୋପା ଶୁଖିଗଲେ ସେଗୁଡ଼ିକୁ ଗ୍ରାଇଣ୍ଡିଂ କରି ପାଉଡର ତିଆରି କରନ୍ତୁ। ଏହାକୁ ଏକ ଡବାରେ ଭରି ନିଅନ୍ତୁ। ଏବେ ଚା' ତିଆରି କରିବା ସମୟରେ ଡାଳିମ୍ବ ଚୋପାକୁ ସେହି ପାଣିରେ ପକାଇ ଫୁଟାନ୍ତୁ। ପରେ ସେଥିରେ ମହୁ ଏବଂ ଲେମ୍ବୁ ରସ ମିଶାନ୍ତୁ। ଏହାକୁ ଛାଣିବା ପରେ ଚା' ପରି ଗରମ ଗରମ ପିଅନ୍ତୁ।

**ହାର୍ଟକୁ ସୁସ୍ଥ ରଖେ :** ଡାଳିମ୍ବ ଚୋପା ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଥାଏ ତେଣୁ ଏହା ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଡାଳିମ୍ବ ଚୋପା ବ୍ୟବହାର କରି କୋଲେଷ୍ଟ୍ରଲ ହ୍ରାସ କରାଯାଇପାରିବ। ଯେଉଁଥିପାଇଁ ହୃଦଘାତର ଆଶଙ୍କା କମିଯାଏ।

**ରୋଗ ପ୍ରତିରୋଧକ ଶକ୍ତି ମଜବୁତ କରେ :** ଡାଳିମ୍ବରେ ଭିଟାମିନ୍ ଏବଂ ଅନ୍ୟାନ୍ୟ ଜରୁରୀ ପୋଷକ ତତ୍ତ୍ୱ ମିଳିଥାଏ ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ। ଏହି ଚା' ପିଇବା ଦ୍ୱାରା ଆପଣ ଅନେକ ରୋଗରୁ ବଞ୍ଚି ପାରିବେ। ଡାଳିମ୍ବରେ ପଲିଫେନୋଲ୍ସ ଥାଏ ଯାହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

**ଓଜନ ହ୍ରାସ କରେ :** ଡାଳିମ୍ବ ଚୋପା ଚା' ଓଜନ ହ୍ରାସ କରିବାରେ ଲାଭଦାୟକ ପ୍ରମାଣିତ। ମେଦବହୁଳତାର ଶିକାର ହୋଇଥିବା ଲୋକମାନେ ଦିନକୁ ଥରେ ଡାଳିମ୍ବ ଚୋପା ଚା' ପିଇବା ଉଚିତ୍। ଏହି ଚା' ପିଇବା ଦ୍ୱାରା ଶରୀରରେ ଜମା ହୋଇଥିବା ଏକ୍ସଟ୍ରା ଫ୍ୟାଟ୍ କମିଯାଏ।

**ଆଲଜାଇମର ବିପଦ କମାଏ :** ଡାଳିମ୍ବ ଚୋପାରେ ଏମିତି ତତ୍ତ୍ୱ ଥାଏ ଯାହା ଆଲଜାଇମର ବିପଦକୁ ହ୍ରାସ କରିଥାଏ। ଅନେକ ଅଧ୍ୟୟନରେ ଜଣାପଡିଛି ଯେ ଡାଳିମ୍ବ ଚୋପାରେ ଆଣ୍ଟି-ନ୍ୟୁରୋଡିଜେନେରେଟିଭ୍ ତତ୍ତ୍ୱ ଥାଏ ଯାହା ଆଲଜାଇମର ପରି ସମସ୍ୟାର ଆଶଙ୍କାକୁ କମାଏ।

# ଜୀବନଶୈଳୀ ବଢ଼ାଉଛି କୋଲେଷ୍ଟେରଲ୍



କୋଲେଷ୍ଟେରଲ୍ ହେଉଛି ରକ୍ତରେ ଦେଖାଯାଉଥିବା ମହମ ପରି ପଦାର୍ଥ। ଶରୀରରେ ସୁସ୍ଥ କୋଷିକାର ନିର୍ମାଣ ପାଇଁ ଏହାର ଆବଶ୍ୟକତା ରହିଥାଏ। କିନ୍ତୁ ସୁସ୍ଥ ରହିବା ପାଇଁ ଏହି କୋଲେଷ୍ଟେରଲ୍ ନିୟନ୍ତ୍ରଣରେ ରହିବା ଖୁବ୍ ଜରୁରି। ନଚେତ୍ ବଢୁଥିବା କୋଲୋଷ୍ଟେରଲ୍ ସ୍ତର ହୃଦରୋଗର ଆଶଙ୍କା ବଢାଇପାରେ। ଚାଲନ୍ତୁ ଦେଖିବା ନିୟମିତ ଜୀବନଶୈଳୀରେ କେଉଁ ଦିଗଗୁଡ଼ିକ ଆମ କୋଲେଷ୍ଟେରଲ୍କୁ ବଢାଇବାରେ ସାହାଯ୍ୟ କରିଥାଏ।

**ଫାଇବର କମ୍ ଖାଇବା :** ଶରୀର ପାଇଁ ଫାଇବର ଖୁବ୍ ଜରୁରି। ଏହାର ଅଭାବ ଅନେକ ରୋଗର କାରଣ ହୋଇପାରେ। ଏପରିକି କୋଲେଷ୍ଟେରଲ୍ ମଧ୍ୟ ବଢାଇପାରେ। ସେଥିପାଇଁ ଡାଏଟ୍ରେ ଭରପୂର ମାତ୍ରାରେ କୋଲେଷ୍ଟେରଲ୍ ସାମିଲ୍ କରିବା ଦରକାର। ନିୟମିତ ୨୦ରୁ ୩୦ ଗ୍ରାମ୍ ଫାଇବର ଶରୀର ପାଇଁ ଜରୁରି।

**ପ୍ୟାକେଜ୍ ଖାଦ୍ୟ ଖାଇବା :** ଆଜିକାଲି ପ୍ରାୟ ଲୋକ ସ୍ନାକ୍ସ, ସକାଳ ଟିଫିନ୍ରେ ପ୍ୟାକେଜ୍ଡ ଖାଦ୍ୟ ଖାଇବାକୁ ପସନ୍ଦ କରୁଛନ୍ତି। କିନ୍ତୁ ଜାଣନ୍ତି କି ଏହା ଶରୀର ପାଇଁ କେତେ କ୍ଷତିକାରକ। ଏପରିକି କୋଲେଷ୍ଟେରଲ୍ ବଢ଼ିବାର ଅନ୍ୟତମ କାରଣ ମଧ୍ୟ। ପ୍ୟାକେଟ୍ ଖାଦ୍ୟ ଅଧିକ କ୍ୟାଲୋରୀ ଯୁକ୍ତ, ଯାହା ଓଜନ ବଢାଇଥାଏ। ଏଥିରେ ଥିବା ସାଚ୍ୟୁରେଟେଡ୍ ଫ୍ୟାଟ୍ କୋଲେଷ୍ଟେରଲ୍ ବଢାଇବାର ପ୍ରମୁଖ କାରଣ ସାଜିଥାଏ।

**ସୋୟାଠାରୁ ଦୂରେଇ ରହିବା :** ପ୍ରାୟ ଲୋକ ସୋୟା ଜାତୀୟ ଉତ୍ପାଦଠାରୁ ଦୂରେଇ ରହିଥାନ୍ତି, ଯାହାକି ଶରୀର ପାଇଁ ଖୁବ୍ ଜରୁରି। ସୋୟାରେ ମହଜୁଦ୍ ତତ୍ତ୍ୱ ଆମ ଶରୀର ପାଇଁ ଖୁବ୍ ଜରୁରି। ସୋୟାରେ ଥିବା ଫାଇଟୋଏଷ୍ଟ୍ରେଜେନ୍ କୋଲେଷ୍ଟେରଲ୍ ଅବଶୋଷଣକୁ ରୋକିଥାଏ। ଏଥିସହିତ ଏଲ୍ଡିଏଲ୍ କୋଲେଷ୍ଟେରଲ୍କୁ କମ୍ କରିଥାଏ।

**ଅଧିକ ଡାଏରୀ ଉତ୍ପାଦ :** ଡାଏରୀ ଉତ୍ପାଦ ଶରୀର ପାଇଁ ଆବଶ୍ୟକ। ଏଥିରୁ ଶରୀରକୁ ପର୍ଯ୍ୟାପ୍ତ ମାତ୍ରାରେ କ୍ୟାଲସିୟମ୍ ଓ ପ୍ରୋଟିନ୍ ମିଳିଥାଏ। କିନ୍ତୁ ଅଧିକ କୋଲେଷ୍ଟେରଲ୍ ଥିବା ବ୍ୟକ୍ତି ଡାଏରୀ ଉତ୍ପାଦଠାରୁ ଦୂରେଇ ରହିବା ଜରୁରି। ପନୀରରେ ସାଚ୍ୟୁରେଟେଡ୍ ଫ୍ୟାଟ୍ ଅଧିକ ରହିଥାଏ, ଯାହା କୋଲେଷ୍ଟେରଲ୍ ସ୍ତର ବଢାଇବା ସହ ଧମନୀକୁ ସଙ୍କୁଚିତ କରିଥାଏ।

**ଅଧିକ ମାଂସ ଓ ଛଣା ଖାଦ୍ୟ :** ଖାଇବା ମାଂସରେ ଅଧିକ ପରିମାଣର କ୍ୟାଲୋରୀ ରହିଥାଏ। ତେଣୁ ଯେଉଁମାନଙ୍କଠାରେ ଅଧିକ କୋଲେଷ୍ଟେରଲ୍ ସମସ୍ୟା ରହିଥିବ ସେମାନେ ଏହି ଖାଦ୍ୟଠାରୁ ଦୂରେଇ ରହିବା ଜରୁରି। ଯଦିଓ ନିରାମିଶ ଖାଉଥାନ୍ତି, ତେବେ କମ୍ ଖାଇବା ଉଚିତ୍। ସେହିପରି କୌଣସି ଛଣାଛଣି ଖାଦ୍ୟ ମଧ୍ୟ କୋଲେଷ୍ଟେରଲ୍ ବଢାଇବାର ପ୍ରମୁଖ କାରଣ ହୋଇପାରେ। ତେଣୁ ଏସବୁ ଖାଦ୍ୟଠାରୁ ଦୂରେଇ ରହିବା ଭଲ ହେବ।

## ପାନୀୟ ଜଳ ଓ ବିଦ୍ୟୁତ ସମସ୍ୟା ସମାଧାନ ନିମନ୍ତେ ପ୍ରଶାସନ ନିକଟରେ ଦାବି



କନ୍ଧମାଳ,୨୮।୨ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର କ. ନୂଆଗାଁ ବ୍ଲକ ଅନ୍ତର୍ଗତ ସାରଙ୍ଗଡ଼ ପଞ୍ଚାୟତର ସାସିପଦର ନିକଟସ୍ଥ କଲମା ସାହିରେ ଦୀର୍ଘ ୧୦ ବର୍ଷ ଧରି ପାନୀୟ ଜଳ ଓ ବିଦ୍ୟୁତ ସମସ୍ୟାର ଲାଗି ରହିଛି। ସାହିରେ ବସବାସ କରୁଥିବା ଚାରି ପରିବାର ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଦୈନିକ ଜୀବନ ରେ ଦୁଃଖକଷ୍ଟ ଭୋଗୁଛନ୍ତି। ପାଣି ପାଇଁ ଦୂର ଅଞ୍ଚଳକୁ ଯିବାକୁ ପଡୁଥିବା ବେଳେ ବିଦ୍ୟୁତ ନଥିବାରୁ ଡିବିରି ଆଲୋକରେ ରାତି କାଟୁଛନ୍ତି। ଏହାର ପ୍ରଭାବ ଶିଶୁମାନଙ୍କ ପାଠପଢ଼ା ଓ ସାଧାରଣ ଜୀବନରେ ପଡୁଛି। ସମସ୍ୟାର ଶୀଘ୍ର ସମାଧାନ ପାଇଁ ପ୍ରଶାସନଙ୍କ ହସ୍ତକ୍ଷେପ ପାଇଁ ଅଜିତ ପ୍ରଧାନ, ନିଳାମ୍ବର ପ୍ରଧାନ, ଲୋଚନ ବିନ୍ଧାଣି, ସନ୍ଧି ପ୍ରଧାନ, ବାବୁଲା ପ୍ରଧାନ, ଜଗନ୍ନାଥ ପ୍ରଧାନ ଦାବି କରିଛନ୍ତି।

### ଯଶୋଦା ଆଶ୍ରମରୁ ଶିଶୁ ବିକ୍ରି ଘଟଣାକୁ ନେଇ ଉଠିଛି ବଡ଼ ପ୍ରଶ୍ନ

# ସିଡବ୍ଲ୍ୟୁସିର ଏତଲା ପରେ ତଦନ୍ତ ଆରମ୍ଭ



କଳାହାଣ୍ଡି, ୨୮।୨(ସଂଚାର ବ୍ୟୁରୋ): ଅସହାୟ ଶିଶୁଙ୍କ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଶିଶୁ ବିକ୍ରି ଭଳି ଘଟଣାକୁ ରୋକିବା ପାଇଁ ପୋଷ୍ୟ ଗ୍ରହଣର ବିଧିବଦ୍ଧ ବ୍ୟବସ୍ଥା ବି ରହିଛି। କିନ୍ତୁ ସରକାରୀ ନିୟମକାନୁନକୁ ଜଳାଞ୍ଜଳି ଦେଇ ଅସହାୟ ଶିଶୁଙ୍କୁ ଥଇଥାନ କରାଯାଉଥିବା ଆଶ୍ରମରୁ ଶିଶୁଙ୍କୁ ବାହାରେ ହସ୍ତାନ୍ତର କରିଦିଆଯାଉଛି। ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ଯଶୋଦା ଆଶ୍ରମରେ। ଏନେଇ ନେଇ ସୂଚନା ପାଇ ଶିଶୁ ମଙ୍ଗଳ ସମିତି ବା ସିଡବ୍ଲ୍ୟୁସି ପକ୍ଷରୁ ଭବାନୀପାଟଣା ଟାଉନ୍ ଥାନାରେ ଏତଲା ଦିଆଯାଇଥିବା ବେଳେ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, ଯଶୋଦା ଆଶ୍ରମ ସ୍ଥିତ ପୋଷ୍ୟସନ୍ତାନ ସଂସ୍ଥାରୁ ଜଣେ ଶିଶୁକୁ ସେଠାକାର ପୋଷ୍ୟସନ୍ତାନ ଦାୟିତ୍ୱରେ ଥିବା କର୍ମଚାରୀମାନେ ଭବାନୀପାଟଣା ଇରିଗେସନ୍ କଲୋନିସ୍ଥିତ ଜଣେ ବ୍ୟକ୍ତିଙ୍କୁ ହସ୍ତାନ୍ତର କରିଦେଇଥିବା ନେଇ ଜଣାପଡ଼ିଥିଲା। ତେବେ କୌଣସି ଶିଶୁକୁ ପୋଷ୍ୟ ଭାବେ ସ୍ଥାନାନ୍ତର କରାଯିବା ପୂର୍ବରୁ ସରକାରଙ୍କ ପ୍ରଦତ୍ତ ନିୟମର ଅନୁପାଳନ କରାଯିବା ଆବଶ୍ୟକ ରହିଥାଏ। କେବଳ ସେତିକି ନୁହେଁ ବରଂ ଶିଶୁକୁ ଯେଉଁ ଅଭିଭାବକଙ୍କୁ ହସ୍ତାନ୍ତର କରାଯିବ ସେମାନଙ୍କ ସମ୍ପର୍କରେ ଛାନ୍‌ଭିନ୍ ସହିତ ଏକ ସୋସିଆଲ୍ ଷ୍ଟଡି ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ। ଏହାପରେ 'କାରା' ଦ୍ୱାରା ନିର୍ଦ୍ଧାରିତ ସ୍ୱତନ୍ତ୍ର ପୋଷ୍ୟ ନିୟମର ଅନୁପାଳନ ହେବା ପରେ ଜିଲ୍ଲା ମାଜିଷ୍ଟ୍ରେଟ ତାକୁ ମଞ୍ଜୁର କରିଥାନ୍ତି ଓ ତାହା ପରେ ଯାଇ ଶିଶୁକୁ ନୂତନ ଅଭିଭାବକଙ୍କୁ ହସ୍ତାନ୍ତର କରାଯାଏ। କିନ୍ତୁ ଏହି ଘଟଣାରେ ଆଶ୍ରମର କର୍ମଚାରୀ ଶିଶୁ ମଙ୍ଗଳ ସମିତିରେ ଉକ୍ତ ଶିଶୁକୁ ଉପସ୍ଥାପନ କରାଯାଇ ନଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗକୁ ବି କୌଣସି ସୂଚନା ପ୍ରଦାନ କରାଯାଇନଥିଲା। ଯାହାକି କିଶୋର ନ୍ୟାୟ ଅଧିନିୟମ ୨୦୧୫ର ଧାରା ୮୦କୁ ମଧ୍ୟ ଉଲଂଘନ କରୁଥିବା ଅଭିଯୋଗ ହୋଇଛି। ଆଶ୍ରମ କର୍ତ୍ତୃପକ୍ଷ ଲୁଚାଚୋରାରେ ଉକ୍ତ ଶିଶୁକୁ କାହିଁକି ହସ୍ତାନ୍ତର କଲେ ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛିକ୍କୁ ସେପଟେ, ଟଙ୍କା ଲୋଭରେ ଆଇନଗତ ପ୍ରକ୍ରିୟା ଏଡ଼ାଇ ଶିଶୁଟିକୁ ବିକ୍ରି କରିଦିଆଯାଇଥିବା ନେଇ ମଧ୍ୟ ଅଭିଯୋଗ ହେଉଛି।ତମାମ୍ ଘଟଣା ପରେ ଶିଶୁ ମଙ୍ଗଳ ସମିତିର କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚି ଶିଶୁକୁ ଉଦ୍ଧାର କରିବା ପରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ହସ୍ତାନ୍ତର କରିବା ସହ ଥାନାରେ ଏତଲା କରିଥିଲେ।

## ନିଶାଡିଙ୍କ ଦୌରାତ୍ମ୍ୟ ବୃଦ୍ଧି ପ୍ରତିବାଦରେ ମହିଳା ମହାସଂଘର ଲିଖିତ ଅଭିଯୋଗ



ବାଲିକୁଦା,୨୮।୨(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ ଅନ୍ତର୍ଗତ ସଂଗ୍ରାମପୁର ଗ୍ରାମ ପଞ୍ଚାୟତରେ ଅବାଧ ନିଶା ଦ୍ରବ୍ୟ ବିକ୍ରି ଓ ନିଶାଡ଼ୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ସଂଗ୍ରାମପୁର ଗ୍ରାମ ପଞ୍ଚାୟତ ମହିଳା ମହାସଂଘ ପକ୍ଷରୁ ଶତାଧିକ ମହିଳା ବାଲିକୁଦା ଥାନାର ର ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କୁ ଭେଟି ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁସାରେ, ଗ୍ରାମ ପଞ୍ଚାୟତର ନାଲୋ ଛକ, ଖମ୍ବାକୁଳ ବଡଦାଣ୍ଡ ଛକ, ହାଡ଼ିଆପଦା ଗ୍ରାମେଶ୍ୱର ମନ୍ଦିର ପ୍ରାଙ୍ଗଣ, ସଂଗ୍ରାମପୁର ବେଲବଣ ମଠ ପ୍ରାଙ୍ଗଣ, ଗହିରିପଡ଼ା ନାଳ ପୋଲ, ଆଙ୍କୋ ଗ୍ରାମର କଣ୍ଟୁଣିଆ ଛକ ସହିତ ବିଭିନ୍ନ ସ୍ଥାନରେ ବେଆଇନୀ ନିଶା କାରବାର ଚାଲିଥିବାରୁ ଅଞ୍ଚଳର ପରିବେଶ ଦିନକୁ ଦିନ ଅଶାନ୍ତ ହେଉଛି। ଏହାର ପ୍ରଭାବରେ ଅନେକ ଯୁବକ ପଥଭ୍ରଷ୍ଟ ହୋଇ ସମାଜବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ମହିଳାମାନେ ନିଜେ ଅସୁରକ୍ଷିତ ମଣିବା ସହିତ ପିଲାମାନଙ୍କୁ ସ୍କୁଲ-କଲେଜକୁ ପଠାଇବାରେ ଭୟଭୀତ ହେଉଥିବା କହିଛନ୍ତି। ଏହି ପରିସ୍ଥିତିରେ ତୁରନ୍ତ ଚୋରା ନିଶା ଦ୍ରବ୍ୟ ବେପାରୀ ଓ ନିଶାଡ଼ୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ମହିଳା ମହାସଂଘ ଦାବି କରିଛି।ଏନେଇ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ପ୍ରତିକ୍ରିୟାରେ କହିଛନ୍ତି ଯେ, ଏହି ଘଟଣା ସମ୍ପର୍କରେ ପୋଲିସ ସଚେତନ ଅଛି ଏବଂ ପ୍ରମାଣ ମିଳିଲେ ସାର୍ବଜନୀନ ସ୍ଥାନରେ ନିଶା ସେବନ କରି ବିଶୃଙ୍ଖଳା ସୃଷ୍ଟି କରୁଥିବା ଯୁବକ ଓ ବେଆଇନୀ ନିଶା କାରବାରରେ ଲିପ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନଅନୁଯାୟୀ କଡ଼ା ପଦକ୍ଷେପ ଗ୍ରହଣ କରାଯିବ।

## ୧୫ ଶ୍ରମିକଙ୍କୁ ଉଦ୍ଧାର କଲା ସୋନପୁର ପୁଲିସ



ସୁବର୍ଣ୍ଣପୁର,୨୮।୨(ସଂଚାର ବ୍ୟୁରୋ): ଗତ ୨୦୨୫ ମସିହା ନଭେମ୍ବର ମାସରେ, ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ଥାନାର ନାଗପାଲି ଗ୍ରାମ ର ଦେବାରଚନ ମେଘାନି ଓ ୬ ଜଣ ବ୍ୟକ୍ତି ଓ ବଲାଙ୍ଗିର ଜିଲ୍ଲାର ଲୁଇସିଙ୍ଗା ଥାନା ର ଫାସଡ ଗ୍ରାମର ସୁଦାମ ଦାସ ଓ ଅନ୍ୟ ୭ ଜଣ ବ୍ୟକ୍ତି ଗୋଟିଏ ଇଟା କାରଖାନାକୁ କାମ କରିବା ପାଇଁ ତେଲେଙ୍ଗାନା ରାଜ୍ୟର ମଞ୍ଚେରିଆଲ ଅଞ୍ଚଳକୁ ଯାଇଥିଲେ। ସେଠାରେ ଇଟା ଭାଟିରେ କାମ କରିବା ସମୟରେ ତାଙ୍କୁ ଉପଯୁକ୍ତ ପାରିଶ୍ରମିକ ନ ମିଳିବା ଓ ବିଭିନ୍ନ ଅତ୍ୟାଚାର ପାଉଥିବା ଦର୍ଶାଇ ଉକ୍ତ ବ୍ୟକ୍ତି ମାନେ କୁଞ୍ଜ ଭାରତୀଙ୍କ ତରଫରୁ ମାନ୍ୟବର ହାଇକୋର୍ଟ ଓଡିଶା ଙ୍କ ଦ୍ୱାରସ୍ଥ ହୋଇଥିଲେ। ମାନ୍ୟବର କୋର୍ଟ ଡବ୍ଲୁପି(ସି) ନଂ.୩୫୩୮, ୨୦୨୬ ଅନୁସାରେ ସେମାନଙ୍କୁ ଉଦ୍ଧାର ଓ ଉପଯୁକ୍ତ ପଦକ୍ଷେପ ନେବାକୁ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲ୍ଲା ପୋଲିସର ଆଇଏଏଚ୍‌ଟିୟୁ ସେଲ୍ ତୁରନ୍ତ ଜିଲ୍ଲା ଶ୍ରମ ଅଧିକାରୀ ଙ୍କ ସହ ମିଶି ସେଠାରେ ଫଶୀ ରହିଥିବା ଲୋକମାନଙ୍କ ସହ ଯୋଗାଯୋଗ କରିଥିଲେ। ତେଲେଙ୍ଗାନା ରାଜ୍ୟରେ ଅବସ୍ଥିତ ଓଡ଼ିଶା ସରକାରଙ୍କ ଯୋଗାଯୋଗ ଅଫିସରଙ୍କ ସହାୟତା ରେ, ଫସିରହିଥିବା ଲୋକମାନେ କାମ କରୁଥିବା ସ୍ଥାନକୁ ଠାବ କରି ତାଙ୍କୁ ସେହି ଇଟା କାରଖାନାରୁ ଉଦ୍ଧାର କରଯାଇଥିଲା। ଗତକାଲି ତା ୨୭.୦୨.୨୦୨୬ ରେ ସମସ୍ତ ୧୫ ଜଣ (୦୭ ଜଣ ସୁବର୍ଣ୍ଣପୁର ଓ ୦୮ ଜଣ ବଲାଙ୍ଗିର ଜିଲ୍ଲାର ଅଞ୍ଚଳର) ଙ୍କୁ ଉଦ୍ଧାର କରାଯାଇ ରେଳଗାଡି ଯୋଗେ ସୁବର୍ଣ୍ଣପୁର କୁ ଆଜି ଅଣାଯାଇଛି। ସମସ୍ତ ଲୋକମାନଙ୍କୁ ଡଏଲ୍‌ଓ, ସୁବର୍ଣ୍ଣପୁର, ଡଏଲ୍‌ଓ ବଲାଙ୍ଗିର ଏବଂ ପୋଲିସ ବିଭାଗର ଅଫିସର ଙ୍କ ସାମନାରେ ସେମାନଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସେମାନେ ଯେଉଁ ଅଭିଯୋଗ କରିବେ ଏହାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନିଆଯିବ।

## କଲେଜର ପ୍ରତିଷ୍ଠାତା ସଭାପତିଙ୍କ ପରଲୋକ



ବାଲିପାଟଣା,୨୮।୨ (ସଂଚାର ବ୍ୟୁରୋ): ବାଲିପାଟଣା ବ୍ଲକ ସ୍ଥିତ ଓଡ଼ଖଣ୍ଡ କନୀଷ୍ଟ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ତଥା ଶିକ୍ଷାବିତ୍ ଡାକ୍ତର ଦେବେନ୍ଦ୍ର କୁମାର ସାମନ୍ତରାୟଙ୍କର ଗତ ୨୫ ତାରିଖ ଦିନ ବାର୍ଦ୍ଧକ୍ୟ ଜନିତ ମୃତ୍ୟୁ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ, ବର୍ତ୍ତମାନର ଅଧ୍ୟକ୍ଷା ସାଗରିକା ମହାନ୍ତି ତଥା କଲେଜ କର୍ମଚାରୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ସାମନ୍ତରାୟଙ୍କ ବାସଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିବା ସହିତ ଶୋକାକୁଳ ପରିବାରକୁ ସାନ୍ତ୍ୱନା ଦେଇଥିଲେ।

## ଜିଲ୍ଲାସ୍ତରୀୟ କୃଷକ ସମ୍ବାଦ ବଜେଟ



ସୁବର୍ଣ୍ଣପୁର,୨୮।୨(ସଂଚାର ବ୍ୟୁରୋ): ଜିଲ୍ଲା ସ୍ତରୀୟ କୃଷକ ସମ୍ବାଦ ବଜେଟ - ୨୦୨୬ ଉପରେ ସୁବର୍ଣ୍ଣପୁର ଜିଲ୍ଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ କହିଥିଲେ ଯେ, ଓଡ଼ିଶା ସରକାରଙ୍କ ୨୦୨୬ - ୨୭ ସମଗ୍ର ରାଜ୍ୟ ବଜେଟ ୩.୧୦ ଲକ୍ଷ୍ୟ କୋଟି ଛୁଇଁଛି ଚଳିତ ବର୍ଷ। ଏଥିରେ କୃଷି ଓ କୃଷକ ସମ୍ପର୍କିତ ବଜେଟ ଏକ ଲକ୍ଷ ୬୩ ହଜାର କୋଟି ରହିଛି। ଏହା ଗ୍ରାମୀଣ କୃଷି ଉତ୍ପାଦନକୁ ଦୀର୍ଘକାଳୀନ ଭିତ୍ତିରେ ଶକ୍ତିଶାଳୀ କରିବ ବୋଲି ସେ କହିଥିଲେ। ରାଜ୍ୟ କୃଷକ ବଜେଟ ସମ୍ପର୍କିତ ବକ୍ତା ସରୋଜ ସାହୁ, ଜିଲ୍ଲା ସଭାପତି ବେଣୁଧର ଦାଶ, କୃଷକ ମୋର୍ଚ୍ଚା ସଭାପତି ଅଶୋକ ପୃଷ୍ଟି, ବରିଷ୍ଠ ନେତା ପ୍ରମୋଦ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

## ରାଜ୍ୟସ୍ତରୀୟ ଡୁମାଳ ବିକାଶ ସମାବେଶ ପ୍ରସ୍ତୁତି ବୈଠକ



ସୁବର୍ଣ୍ଣପୁର,୨୮।୨(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ଅନ୍ତର୍ଗତ ହରଡ଼ଖୋଲ ଠାରେ ପ୍ରତିଷ୍ଠାତା ସଭାପତି ଦେବାର୍ଚ୍ଚନ ଚାଉଳିଆଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବ ରାଜ୍ୟ ସମ୍ପାଦକ କୃତ୍ତିବାସ ପଲିଆ ବୈଠକ ର ଆଭିମୁଖ୍ୟ ଉପରେ ସମ୍ୟକ ଧାରଣା ଦେଇଥିବାବେଳେ ବିଭିନ୍ନ ଆଲୋଚନାରେ ଜାତିର ଐତିହ୍ୟ, ସଂସ୍କୃତି, ପରମ୍ପରା, କୃଷି, ଗୋପାଳନ, ଶିକ୍ଷା, ଅର୍ଥନୈତିକ ବିକାଶ, ରାଜନୈତିକ ଅଧିକାର, ସାମ୍ବିଧାନିକ ଅଧିକାର, ସାମାଜିକ ସଂସ୍କାର, ନିଶା ନିବାରଣ, ଯୌତୁକ ପ୍ରଥା ବିଲୋପ, ନାରୀ ନିର୍ଯ୍ୟାତନା, ରକ୍ତଦାନ, ସେବା, ସମର୍ପଣ, ସହଯୋଗ ଓ ସୁରକ୍ଷା ଉପରେ ସମାଜର ବିକାଶ କିପରି ହୋଇପାରିବ ବୋଲି ମତ ରଖିଥିଲେ। ବିଭିନ୍ନ ଆଲୋଚନାରେ ଦୟା ସାଗର ମେଣ୍ଡଲି, ଅକ୍ରୁର କଳତା, ଶମ୍ଭୁ ଗିରି, ନିରଞ୍ଜନ ଗିରି, ହୃଷିକେଶ ପ୍ରଧାନ, ଉମେଶ ପ୍ରଧାନ, ଉଦୟ ନାଥ ପ୍ରଧାନ, ସରୋଜ କୁମାର ଦଳବେହେରା, ସରୋଜ ମେସ୍ବା, ମୋହନ କର୍ମୀ, ଗଦାଧର ମହାଖୁଡ଼, ଚତୁର୍ଭୁଜ ବେହେରା, ତାରିଣୀ ପ୍ରସାଦ କର୍ଣ୍ଣ, ପ୍ରେରମାନନ୍ଦ ପ୍ରଧାନ, ବିପିନ ଜେନା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଆସନ୍ତା ମାର୍ଚ୍ଚ ୮ ତାରିଖ ରବିବାର ଦିନ ବୌଦ୍ଧ ଜିଲ୍ଲା ଜଗତୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ପ୍ରଥମ ରାଜ୍ୟ ସ୍ତରୀୟ ଡୁମାଳ ବିକାଶ ସମାବେଶ ଆୟୋଜନ କରିବା ପାଇଁ ସ୍ଥିର କରାଯାଇ ଏକ ଆୟୋଜନ କମିଟି ଗଠନ କରାଯାଇ ମୁଖ୍ୟ ଆବାହକ ଭାବେ ଦେବାର୍ଚ୍ଚନ ଚାଉଳିଆ, ମୁଖ୍ୟ ସଂଯୋଜକ ଭାବେ କୃତ୍ତିବାସ ପଲିଆ, ଆବାହକ ମଣ୍ଡଳୀ ସଦସ୍ୟ ଭାବେ ବିଶିକେଶନ ପ୍ରଧାନ, ଉଦୟ ନାଥ ପ୍ରଧାନ, ଦୟାସାଗର ମେଣ୍ଡଲି, ପରମାନନ୍ଦ ପ୍ରଧାନ, ହୃଷିକେଶ ପ୍ରଧାନ, ଉମେଶ ପ୍ରଧାନ ସହ ସଂଯୋଜକ ଭାବେ ଶମ୍ଭୁ ଗିରି, ସରୋଜ ମେସ୍ବା, ନାରାୟଣ ଦନ୍ତା, ସୁଦର୍ଶନ ମହାଖୁଡ଼ଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି।

## ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳନ

ବୈଶିଙ୍ଗା,୨୮।୨(ସଂଚାର ବ୍ୟୁରୋ): ଖୁଣ୍ଟାପୁରସ୍ଥିତ ଶ୍ରୀ ସତ୍ୟସାଇ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ହେମପୁରସ୍ଥିତ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଙ୍କ ପୌରାହିତ୍ୟ ରେ ଝଜାତୀୟ ବିଜ୍ଞାନ ଦିବସଝ ପାଳିତ ହୋଇଯାଇଛି। ବିଜ୍ଞାନ ଶିକ୍ଷୟିତ୍ରୀ ତୃଷ୍ଣା ଦାସ ଏବଂ ରାଜନନ୍ଦିନୀ ପାତ୍ର ଝରମଣ ପ୍ରଭାବଝ ର ଉଦ୍ଭାବନ ସହିତ ଦିବସ ର ତାତ୍ପର୍ଯ୍ୟ ସମ୍ପର୍କ ରେ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷକ ଙ୍କ ସମେତ ଶୁଭସ୍ମିତା ସାମନ୍ତରାୟ, ଶୁଭଲକ୍ଷ୍ମୀ ମାଝୀ, ରାଧୁ ସିଂ, ତୁଷାରକାନ୍ତ ପାତ୍ର, ସ୍ନିଗ୍ଧା ଲେଙ୍କା ପ୍ରମୁଖ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ବୈଜ୍ଞାନିକ ଚେତନାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ମୁକୁନ୍ଦ ସେନାପତି, ଜ୍ୟୋତ୍ସ୍ନାରାଣୀ



ଜେନା, ପ୍ରଭାତୀ ପ୍ରଧାନ, ଜୟଶ୍ରୀ ପାଢ଼ୀ, ସବିତା ବାରିକ, ସଞ୍ଜୁବାଳା ଦାସ, ଜୟନ୍ତୀ ମହାପାତ୍ର ଓ କାମିନୀକାନ୍ତ ମହାପାତ୍ର, ଦିପ୍ତୀଶଙ୍କର ପତି ଓ ଜଗନ୍ନାଥ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଉଭୟ ବିଦ୍ୟାଳୟ ରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ର କୃତି ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା ।

## ପିଡିଏସ ସାମଗ୍ରୀ ବଣ୍ଟନ ପିଇଓଙ୍କୁ ତତ୍ତ୍ୱାବଧାନରେ କରାଯିବାକୁ ନିଷ୍ପତ୍ତି



ସୁବର୍ଣ୍ଣପୁର,୨୮।୨(ସଂଚାର ବ୍ୟୁରୋ): ଉଫୁଲା ଗ୍ରାମ ପଞ୍ଚାୟତ ବୈଠକ ସରପଞ୍ଚ ଶ୍ରୀୟା କର୍ମୀ ଙ୍କ ପୌରହିତ୍ୟ ରେ ଗ୍ରାମ ପଞ୍ଚାୟତ ସଭା ଗୃହ ରେ ଅନୁଷ୍ଠିତ ହୋଇଯାଇଛି। ସମ୍ବିଧାନ ର ୭୩ ତମ ସଂଶୋଧନ ଅନୁସାରେ ତ୍ରିସ୍ତରୀୟ ପଞ୍ଚାୟତ ରାଜ ନିର୍ବାଚିତ ପ୍ରତିନିଧି ଙ୍କ କାର୍ଯ୍ୟକାଳ ପୂର୍ଣ୍ଣ ୫ ବର୍ଷ ଥିବା ସରପଞ୍ଚ ଶ୍ରୀୟା କର୍ମୀ ଉପସ୍ଥିତ ୱାର୍ଡ ମେମ୍ବର ଙ୍କୁ ଅବଗତ କରି ଉଫୁଲା ଗ୍ରାମ ପଞ୍ଚାୟତ ନିର୍ବାଚିତ ସମସ୍ତ ପ୍ରତିନିଧି ଙ୍କ କାର୍ଯ୍ୟକାଳ ପୂର୍ଣ୍ଣ ୫ ବର୍ଷ ରଖିବାକୁ ରାଜ୍ୟ ନିର୍ବାଚନ କମିଶନ ଓ ରାଜ୍ୟ ସରକାର ଙ୍କୁ ଆନୁଷ୍ଠାନିକ ଭାବେ ଜଣାଇବାକୁ ପ୍ରସ୍ତାବ ଆଗତ କରିଥିଲେ। ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ବୀରମହାରାଜପୁର ନିର୍ବାଚନ କୁ ଦୃହି ଦେଇ ଉଫୁଲା ଗ୍ରାମ ପଞ୍ଚାୟତ ଭୋଟର ଓ ନିର୍ବାଚିତ ତ୍ରିସ୍ତରୀୟ ପ୍ରତିନିଧିଙ୍କ ସାମ୍ବିଧାନିକ ଅଧିକାର କ୍ଷୁର୍ଣ୍ଣ ନ କରି ପୁର୍ଣ୍ଣ ୫ ବର୍ଷ କାର୍ଯ୍ୟକାଳ ର ସୁରକ୍ଷା ପାଇଁ ଆଶୁ ପ୍ରଶାସନିକ ପଦକ୍ଷେପ ନେବାକୁ ସରପଞ୍ଚ ଙ୍କୁ ସଭା ଦାୟିତ୍ୱ ପ୍ରଦାନ କଲା। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ପିଡିଏସ ଲାଇସେନ୍ସ ଅଧିକାରୀ କାର୍ତ୍ତିକେଶ୍ୱର ଶତପଥୀ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରାମ ପଞ୍ଚାୟତ ଖାଉଟି ସାମଗ୍ରୀ ଗ୍ରହଣ, ବଣ୍ଟନ, ଆୟବ୍ୟୟ ଉପସ୍ଥାପନ, ଖାଲି ବସ୍ତା ବିକ୍ରି, ବଣ୍ଟନ ସମୟ ନିର୍ଘଣ୍ଟ ବଣ୍ଟନ ପୂର୍ବରୁ ନୋଟିସ ମାଧ୍ୟମରେ ସାର୍ବଜନୀନ କରାଯିବାକୁ ସଭ୍ୟ ସଭ୍ୟା ମତାମତ ରଖିଥିଲେ। ଚଳିତ ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟି ରେ ରଖି ଜଳଛତ୍ର ଓ ନଳକୂଅ ଜରୁରୀ ମରାମତି ଓ ୱାର୍ଡ ମେମ୍ବର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଉପରେ ଗୁରୁତ୍ୱାରୋପ କରାଯାଇ ଥିଲା।

## ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଦିବସ ପାଳିତ



ବୈଶିଙ୍ଗା,୨୮।୨(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ପୁରୁଣିଆ ସ୍ଥିତ ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ବିଜ୍ଞାନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ବିଶିଷ୍ଟ ବୈଜ୍ଞାନିକ ସାର୍ ସି.ଭି. ରମଣଙ୍କ ସ୍ମୃତି ଚାରଣ ପୂର୍ବକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଦ୍ୟା ରଞ୍ଜନ ନାୟକ ସଭାପତିତ୍ୱ କରି ବିଜ୍ଞାନର ଉପଯୋଗିତା ଓ ସାମ୍ପ୍ରତିକ ସମାଜରେ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବିଜ୍ଞାନ ଶିକ୍ଷକ ରାଜେଶ କୁମାର ବେହେରା ସଭା ପରିଚାଳନା କରିବା ସହ ଛାତ୍ରଛାତ୍ରୀମାନଙ୍କୁ ନୂତନ ଉଦ୍ଭାବନ ଦିଗରେ ପ୍ରେରଣା ଯୋଗାଇଥିଲେ।

## ଉଚ୍ଚ ବିଦ୍ୟାଳୟରେ 'ଜାତୀୟ ବିଜ୍ଞାନ ଦିବସ' ପାଳିତ



ବେତନଟୀ,୨୮।୨(ସଂଚାର ବ୍ୟୁରୋ): ଗିଖ ଶନିବାର ଦିନ ପି ଏମ୍ ଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଉକ୍ତ ବିଜ୍ଞାନ ଦିବସ ରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ ଜାତୀୟ ବିଜ୍ଞାନ ଦିବସ ପାଳନ ର ମୂଳ ଲକ୍ଷ୍ୟ - ଛାତ୍ରଛାତ୍ରୀ ମାନଙ୍କ ମଧ୍ୟ ରେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରିବା ବୋଲି କହିଥିଲେ। ପ୍ରତିବର୍ଷ ୨୮ ଫେବୃଆରୀ ଦିନଟିକୁ ଜାତୀୟ ବିଜ୍ଞାନ ଦିବସ ଭାବେ ପାଳନ କରାଯାଏ। ଏହି ଦିନ ମହାନ ବିଜ୍ଞାନୀ ସିଭି ରମନ ଦ୍ୱାରା ଆବିଷ୍କୃତ "ରମନ ପ୍ରଭାବ"କୁ ସ୍ମରଣ କରାଯାଏ। ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ମାନେ ମଧ୍ୟ ବିଜ୍ଞାନ ର ଅବଦାନ ଏବଂ ବିଜ୍ଞାନ କୁ କିପରି ଗଠନମୂଳକ କାର୍ଯ୍ୟ ରେ ଲଗାଇବା ତାହା ଛାତ୍ର ଛାତ୍ରୀ ମାନଙ୍କୁ ଉପଦେଶ ଦେଇଥିଲେ। ଏହି ଦିବସ ରେ ବିଭିନ୍ନ ପ୍ରତିଯୋଗିତା ଯଥା - କୁଇଜ୍, ତର୍କ ଆଦି ହୋଇଥିଲା। କାର୍ଯ୍ୟକ୍ରମ ର ତର୍କ ପ୍ରତିଯୋଗିତାରେ ପ୍ରଥମ ଅଷ୍ଟମ ଶ୍ରେଣୀ ର ଛାତ୍ରୀ ସୁଭାଷିନୀ କିସ୍କୁ, ଦ୍ୱିତୀୟ ସୁଭାଙ୍ଗିନି କିଷ୍କୁ ଏବଂ ତୃତୀୟ ନବମ ଶ୍ରେଣୀ ର ଛାତ୍ର ଜ୍ଞାନରଞ୍ଜନ ମହାନ୍ତ ହୋଇଥିଲେ। କୁଇଜ୍ ପ୍ରତିଯୋଗୀତା ରେ ପ୍ରଥମ ଅଷ୍ଟମ ଶ୍ରେଣୀ ର ଛାତ୍ର ଶୁଭମ୍ ମହାନ୍ତ, ଦ୍ୱିତୀୟ ସୁବ୍ରତ ମହାନ୍ତ ଏବଂ ତୃତୀୟ ସୋଭଲିନ୍ କବାଟ ଙ୍କୁ ପୁରସ୍କୃତ କରାଯାଇଥିଲା।ଏହି ଅବସର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ଚେତନା ଓ ନବ ଆବିଷ୍କାର ପ୍ରତି ଉତ୍ସାହ ସୃଷ୍ଟି କରିଥିଲା।ଶିକ୍ଷୟିତ୍ରୀ ଇତିଶୀ ମନ୍ତ୍ରୀ, ଶିକ୍ଷକ ନିରୋଜ କୁମାର ମହାନ୍ତ, ସୁବୋଧ କୁମାର ସାହୁ, ପ୍ରକାଶ କୁମାର ଗିରି, ହେମନ୍ତ କୁମାର ଦାସ, ଅମରଜ୍ୟୋତି ସ୍ୱାଇଁ, ରାଜକମଳ ସାତୁଆ, ଅଜୟ କୁମାର ବାରିକ୍, ସୌରଭ କୁମାର୍ ନନ୍ଦ, ସୁନିଲ୍ କୁମାର ସାହୁ, ଶିକ୍ଷୟିତ୍ରୀ ମନସ୍ୱିନୀ ପଟ୍ଟନାୟକ, କାପୁରା ସୋରେନ, ଯାଜ୍ଞସେନି ବେହେରା, ମୌସୁମୀ ମଣ୍ଡଳ, ଗାୟତ୍ରୀ ରାଉତ ଓ ଖଗେନ୍ ଚନ୍ଦ୍ର ମହାନ୍ତ, ଅଞ୍ଜଳି ମହାନ୍ତି, ହୃଷୀକେଶ ମହାପାତ୍ର, ହିତେଶ ଗନ୍ତାୟତ ଅଣ ଶିକ୍ଷା କର୍ମଚାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଡାକ୍ତର ଦ୍ୱୈତ୍ୟ ନାରାୟଣ ପାଢ଼ୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସୁବର୍ଣ୍ଣପୁର,୨୮।୨(ସଂଚାର ବ୍ୟୁରୋ): ପ୍ରାୟ ଚାରି ଦଶନ୍ଧି ଧରି ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ସେବା ପ୍ରଦାନ କରିଥିବା ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ଼ାକ୍ତର ଦୈତ୍ୟ ନାରାୟଣ ପାଢ଼ୀ ଫେବୃୟାରୀ ୨୮ ତାରିଖରେ ସରକାରୀ ଚାକିରିରୁ ଅବସର ଗ୍ରହଣ କରୁଥିବା ବେଳେ ୨୭ ତାରିଖ ଅପରାହ୍ନରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ତାଙ୍କୁ ଅବସରକାଳୀନ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଜିଲ୍ଲା ତାଲିମ କେନ୍ଦ୍ରରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ାକ୍ତର ଉଷାରାଣୀ ଦାଶ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକ୍ଷକଙ୍କ ସମେତ ସମସ୍ତ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଡ଼ାକ୍ତର, ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ, ନର୍ସିଂ ଅଧିକାରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏକ ଭାବାବେଗ ପରିବେଶରେ ଉପସ୍ଥିତ ଅଧିକାରୀ ଏବଂ କର୍ମଚାରୀମାନେ ଡ଼ାକ୍ତର ପାଢ଼ୀଙ୍କ କାର୍ଯ୍ୟଦକ୍ଷତା ଏବଂ କର୍ମନିଷ୍ଠ ଭାବର ଭୂୟସୀ ପ୍ରଶଂସା କରିଥିଲେ ଏବଂ ତାଙ୍କ ସୁସ୍ଥ ଓ ସୁଖମୟ ଅବସର ଜୀବନର କାମନା କରିଥିଲେ।

## କ୍ୟାବିନ ପୋଡ଼ିଲେ ଠେଲା ଭାଙ୍ଗିଦେଲେ

ରିଷିଡ଼ା,୨୮।୨(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରିଷିଡ଼ା ତେରେସିଂହା (ଫଟାମୁଣ୍ଡା) ଛକରେ କାଠରେ ତିଆରି ଏକ କ୍ୟାବିନକୁ କେହି ଜଣେ ଦୁର୍ବୃତ୍ତ ପୋଡ଼ିଦେଇଥିବା ଅଭିଯୋଗ ହୋଇଛି। ଫଟାମୁଣ୍ଡାର ଟଙ୍କଧର ରଣା ଏହି କ୍ୟାବିନରେ ତେଜରାତି ସାମଗ୍ରୀ ବିକ୍ରି କରୁଥିଲେ। କ୍ୟାବିନ ପୋଡ଼ିଯିବାରୁ ଭିତରେ ଥିବା ପ୍ରାୟ ୬୦ ହଜାର ଟଙ୍କାର ବିଭିନ୍ନ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ ଏହି ଛକରେ ଥିବା ରିଷିଡ଼ାର ଲମ୍ବୋଦର ରଣାଙ୍କ ଠେଲା ଓ କ୍ୟାବିନକୁ ଗତ ରାତିରେ କେହି ଦୁର୍ବୃତ୍ତ ଓଲଟାଇ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି।



### ଅବ୍ୟବସ୍ଥାରେ ସାପ୍ତାହିକ ହାଟ

## ପରିବା ପାଇଁ ଯିବାକୁ ନାକ ଟେକୁଛନ୍ତି ଲୋକେ



ଗଞ୍ଜାମ,୨୮।୨(ସଂଚାର ବ୍ୟୁରୋ): ଗଞ୍ଜାମ ସହରସ୍ଥିତ କାଳୀମନ୍ଦିର ନିକଟସ୍ଥ କଲେଜ ରୋଡ୍‌ଠାରେ କିଛି ମାସ ହେବ ଶନିବାର ସାପ୍ତାହିକ ହାଟର ଶୁଭାରମ୍ଭ ହୋଇଥିଲା। ବର୍ତ୍ତମାନ ଉକ୍ତ ସାପ୍ତାହିକ ହାଟ ଅବସ୍ଥା ଦେଇ ଗତି କରୁଥିବା ଜଣାପଡ଼ିଛି। ବେପାରୀମାନେ ବସିବାକୁ ଭେଣ୍ଡିଂ ଜୋନ ନିର୍ମାଣ କାର୍ଯ୍ୟ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଛି। ପ୍ରାରମ୍ଭରେ ବଜାରର କିଛି ବେପାରୀଙ୍କୁ ନେଇ ତରବରିଆ ଭାବେ ହାଟ ଆରମ୍ଭ ହେଲା ସତ କିନ୍ତୁ ସେଠାକୁ ଅନ୍ୟ ବେପାରୀମାନେ ସେଠାକୁ ଯାଇ ବେପାର କରିବାକୁ ନାକ ଟେକୁଥିବା ଆଲୋଚନା ହେଉଛି। ଆରମ୍ଭ ହେଲା ବେଳେ ପ୍ରତ୍ୟେକ ଶନିବାର ଅପରାହ୍ନରେ ହାଟ ବସୁଥିବା ବେଳେ କିଛି ଦିନ ସକାଳ ବେଳା ହାଟକୁ ବେପାରୀମାନେ ଯିବାକୁ ଏନ୍‌ଏସି ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇଥିଲା। କିନ୍ତୁ କୌଣସି ପନିପରିବା ବେପାରୀ ନିୟମିତ ଯାଉନାହାନ୍ତି। ଆଉ କିଛି ବେପାରୀଙ୍କ କହିବା ଅନୁସାରେ ହାଟ ପାଇଁ ଉପଯୁକ୍ତ ସ୍ଥାନ ନୁହଁ। ଆଜି ଜଣେ ପରିବା ବେପାରୀ ଯାଇଥିବା ବେଳେ ପୂରା ହାଟ ଖାଁ ଖାଁ ଥିବା ଦେଖିବାକୁ ମିଳିଥିଲା। ଆସ୍ତେ ଆସ୍ତେ ଏହି ଶନିବାର ସାପ୍ତାହିକ ହାଟ ବନ୍ଦ ହେଇଯିବ ବୋଲି ଆଶଙ୍କା ଦେଖା ଦେଇଛି। ଆଜି ଶନିବାର ଅପରାହ୍ନରେ କାଁଭାଁ ପରିବା ବେପାରୀଙ୍କୁ ଛାଡ଼ିଦେଲେ ଅଧିକାଂଶ ଦୋକାନୀ ବଜାରରେ ନିଜ ପସରା ଧରି ବସିଥିବା ଦେଖିବାକୁ ମିଳିଛି। ହାଟ ପାଇଁ ସ୍ଥାନ ନିରୂପଣ ଠିକ୍ ହୋଇ ନ ଥିବା ସହରରେ ଆଲୋଚନା ହେଉଛି।